ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମାର୍ଚ୍ଚ ୨୦୨୧ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଶିବରାତ୍ରୀ ଏବଂ ହୋଲି ଉତ୍ସବ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **କାହାଣୀ ବିଭାଗ** | | **୧୭** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୭ | ଅଶୋକ ବିଶ୍ୱାଳ | ୧୮ |
| ସେଇ ଅନ୍ଧାର ରାତିରେ-୫ | ବିଜୟ କୁମାର ପଣ୍ଡା | ୩୦ |
| ମୁଇଁ ତ ଗରିବ ଛାତ୍ର-୪ | ମହେଶ୍ୱର ସାହୁ | ୩୨ |
| ପ୍ରେମ ଥିଲା ଅଛି ଓ ରହିବ - ୧ | ଦୀପକ ଷଡ଼ଙ୍ଗୀ | ୪୫ |
| କଳା ବାଦଲ | ଅନସୂୟା ପଣ୍ଡା | ୫୩ |
| ପଶ୍ଚାତାପ | ପଲ୍ଲବୀ ଦାସ | ୫୬ |
| ଅଧୁରା | ଝରଣା ବାରିକ | ୬୨ |
| ଚଳନ୍ତି ପ୍ରତିମା | ସୁପ୍ରଭା ବେହେରା | ୬୪ |
| କଙ୍କଡ଼ା | ଲୋପାମୁଦ୍ରା ପରିଡ଼ା | ୬୮ |
| କଣ୍ଢେଇ ମୋହ | ଗଦାଧର ବଳ | ୭୬ |
| ପ୍ରୀତି ପାର୍ବଣ | ଛବିରାଣୀ ପତି | ୮୧ |
| ବିଶେଷ ବ୍ୟକ୍ତିତ୍ୱ | ଦମୟନ୍ତୀ ଜେନା | ୮୬ |
| ପୁତ୍ରପ୍ରାପ୍ତି | ରୁଦ୍ର ନାରାୟଣ ଦାସ | ୯୧ |
| ମୋ ପରିବାର | ବାସନ୍ତୀଲତା ଜେନା | ୯୩ |
| ଦୁଇଟି ଆଲେଖ୍ୟ | ସୁଧାଂଶୁ ଶେଖର ଦ୍ୱିବେଦୀ | ୯୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଅବଶୋଷ ପ୍ରେମ | ଦୁଷ୍ମନ୍ତ ବେହେରା | ୧୦୩ |
| **କବିତା ବିଭାଗ** | | **୧୦୮** |
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୧୦୯ |
| ଯୁଗଯାତ୍ରୀ | ଶିବ ନାରାୟଣ ଦାସ | ୧୧୧ |
| ମନ ଯେବେ କାନ୍ଦି ଉଠେ | ଡଃ ବିମଳ ଷଡ଼ଙ୍ଗୀ | ୧୧୪ |
| ବସୁଧା : ସବୁ ସହିଯାଏ ବୋଲି | ଡଃ ଉଷାରାଣୀ ଦାଶ | ୧୧୮ |
| ସ୍ୱୀକାରୋକ୍ତି | ଡା ନୀଳମାଧବ କର | ୧୨୧ |
| ଶିଳ୍ପୀ ଶିଳାବାଳା | ପ୍ରଣତି ପଣ୍ଡା | ୧୨୩ |
| କହିପାରେନି କି ସହିପାରେନି | ଫାଲ୍ଗୁନୀ ଦାଶ | ୧୨୫ |
| ଜୁଇ | ବିଶ୍ୱଜିତ ନାଥ | ୧୨୭ |
| ପ୍ରଭୁ ତୁମପାଇଁ | ଅମରନାଥ ବାରିକ | ୧୨୮ |
| ଜୀବନ | ଅନନ୍ତ କୁମାର | ୧୨୯ |
| ଚିଠି | ରଶ୍ମୀବାଳା ଶତପଥୀ | ୧୩୦ |
| କବି | ସତ୍ୟରଞ୍ଜନ ଘିଭାଲା | ୧୩୧ |
| ଆଶାର କଳିକା | ସରୋଜିନୀ ମିଶ୍ର | ୧୩୨ |
| ମିଛ ସିନ୍ଦୁର | ସରୋଜ କୁମାର ଜେନା | ୧୩୩ |
| ଦିବ୍ୟାଙ୍ଗ ଆମେରେ | ଚନ୍ଦ୍ରକାନ୍ତ ଜେନା | ୧୩୫ |
| ସଂକଳ୍ପ | ପ୍ରମୋଦ ବେହେରା | ୧୩୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବସନ୍ତର ଅଭିଷେକ | ରାମଚନ୍ଦ୍ର ପ୍ରଧାନ | ୧୩୭ |
| ଏମିତି କଥାକାର | ସୁବ୍ରତ କୁମାର ଜେନା | ୧୩୮ |
| ସୁଖଦୁଃଖ ବେନିଭାଇ | ଅଲେଖ ମେହେର | ୧୪୦ |
| ଫଗୁଣର ରଙ୍ଗ | କୁଞ୍ଜବିହାରୀ ସାହୁ | ୧୪୧ |
| ଝିଅ | ସାଗରିକା ସାହୁ | ୧୪୨ |
| ଝିଅ | ଶୁଭଦର୍ଶିନୀ ଦାଶ | ୧୪୩ |
| କର ନାହିଁ ଆଉ ଟାଣ | ନରେନ୍ଦ୍ର ପ୍ରସାଦ ବେହେରା | ୧୪୪ |
| ଦୁର୍ନୀତି | ମହାଦେବ ନାଗ | ୧୪୬ |
| ବ୍ରହ୍ମାଣ୍ଡ ବିଶ୍ୱବିହାରୀ | ଶାନ୍ତନୁ କୁମାର ରାଉତ | ୧୪୮ |
| ଦୁଃଖ ପରେ ସୁଖ | ଆଶୁତୋଷ ମେହେର | ୧୪୯ |
| ମନମାରୀ | ଦୁଷ୍ମନ୍ତ ବେହେରା | ୧୫୦ |
| ନିଷ୍ଠା | ଜଗନ୍ନାଥ ପ୍ରଧାନ | ୧୫୨ |
| ବସନ୍ତ | ରୋହିତ ସେଠୀ | ୧୫୩ |
| ଅସ୍ତିତ୍ୱ ଯୁଦ୍ଧ | ପ୍ରାଚୀପ୍ରଭା ନନ୍ଦ | ୧୫୪ |
| ପ୍ରେମକାହାଣୀ | ଟୋନିସ୍ ରୋହିଦାସ୍ | ୧୫୬ |
| ଅପେକ୍ଷା | ଜୁୟା ତ୍ରିପାଠୀ | ୧୫୮ |
| ନାରୀ | ପ୍ରଭାସିନୀ ସେନାପତି | ୧୫୯ |
| ନାରୀ | ଦମୟନ୍ତୀ ଜେନା | ୧୬୦ |
| ସ୍ୱାଭିମାନ | ସୁଜାତା ମହାପାତ୍ର | ୧୬୨ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ନିରବତା | ତପନ କୁମାର ସାହୁ | ୧୬୩ |
| ଅବ୍ୟର୍ଥ ଜୀବନ | ହେମନ୍ତ ନାଏକ | ୧୬୪ |
| ଏହା କି ବଡ଼ କଥା | ରଞ୍ଜନ କୁମାର ବ୍ରହ୍ମା | ୧୬୫ |
| ଶୂନ୍ୟସ୍ଥାନ | ଅର୍ଚ୍ଚନା ନାୟକ | ୧୬୭ |
| ଆଲୋକ ଦେଖାଅ ମୋତେ | ପ୍ରତିମା ମେହେର | ୧୬୮ |
| ଭିନ୍ନ ଏକ ନାୟିକା | ରଶ୍ମୀରେଖା ମଲ୍ଲିକ | ୧୭୦ |
| ବସନ୍ତର ଆଗମନ | ଡମ୍ବୁରୁଧର ଦାଶ | ୧୭୧ |
| ମା, ସେ ପରା ମୋ ମା | ରୋହିତ ପଟ୍ଟନାୟକ | ୧୭୨ |
| ଈଶ୍ୱର | ଶାରଦା ପ୍ରସାଦ ପରିଡ଼ା | ୧୭୩ |
| ପେଚା ପିଠିରେ ଦୁଃଖ | ଯିଶୁକ୍ରୀଷ୍ଟ ଦାସ | ୧୭୫ |
| ବିଚ୍ଛେଦ | ଅଜୟ କୁମାର ବେହେରା | ୧୭୭ |
| ମାୟାକର ଭଗ୍ନସ୍ତୁପ | ଲକ୍ଷ୍ମଣ ମହାନ୍ତି | ୧୭୮ |
| ନିହାତି ଅନ୍ତରଙ୍ଗ | ସତ୍ୟବ୍ରତ ସାହୁ | ୧୭୯ |
| ଚାଷୀ | ବ୍ରହ୍ମର୍ଷି ନାଏକ ଯାଦବ | ୧୮୧ |
| ଭାଗ୍ୟ ହାତେ ଡୋରି | ନିରଞ୍ଜନ ସାହୁ | ୧୮୨ |
| ପ୍ରଥମ ପ୍ରେମ | ଦେବାଶିଷ ମହାପାତ୍ର | ୧୮୩ |
| ବିରହୀ ଶ୍ରାବଣୀ | ପ୍ରହ୍ଲାଦ ସାହୁ | ୧୮୬ |
| ମହୁଆ କାହାଣୀ | ଅର୍ଜୁନ ଦାସ | ୧୮୮ |
| ସହୀଦର ଶେଷ କଥା | ଲିଟୁ ନାୟକ | ୧୮୯ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଜୀବନର ସତ୍ୟ | ଅମୀୟ କୁମାର ପଧାନ | ୧୯୦ |
| ମୁଁ ଏକ କ୍ଷୁଦ୍ର ଶୁକ୍ତି | ପ୍ରଦୀପ କୁମାର ଜିଲିକାରା | ୧୯୨ |
| ଜୀବନ ଭଲଲାଗେ ବୋଲି | ମଞ୍ଜୁରାଣୀ ମିଶ୍ର | ୧୯୪ |
| ସମାନ ନୁହନ୍ତି | କୌଶିକ ସାହୁ | ୧୯୭ |
| ଧରଣୀ ବୁକୁ | ଅନନ୍ତ ପଟେଲ | ୧୯୯ |
| ହୃଦୟ ତୁ ହେଲୁ ଏକୁଟିଆ | ପଙ୍କଜ କୁମାର ମଙ୍ଗଳ | ୨୦୦ |
| ମାନିଲେ ଠାକୁର | ଗୌରୀ ପଣ୍ଡା | ୨୦୨ |
| ଓଂ ଅଗ୍ନୟେ ନମଃ | ସେବକ ବସନ୍ତ କୁମାର ମହାପାତ୍ର | ୨୦୩ |
| ବସନ୍ତର ପଲ୍ଲୀ ଗୀତ | ବାଲାଜୀ ସେଠୀ | ୨୦୫ |
| ନୀଳ ସିନ୍ଧୁ | ମିତ୍ରଭାନୁ ବିଶ୍ୱାଳ | ୨୦୬ |
| ଆମ୍ବ ବଉଳ | ବାସନ୍ତୀଲତା ଜେନା | ୨୦୭ |
| ଜାଗ୍ରତ ପ୍ରହରୀ | ଗୁପ୍ତେଶ୍ୱର ଚାନ୍ଦ | ୨୦୯ |
| ପଥଟିଏ | ଭାଗିରଥୀ ଯାନୀ | ୨୧୦ |
| ଦରସିଝା ଜୀବନ | ସ୍ମୃତିରଞ୍ଜନ ପାତ୍ର | ୨୧୨ |
| ରଙ୍ଗ | ନେପାଳ କୁମାର ବେହେରା | ୨୧୩ |
| ହେ ଶୃଙ୍ଖଳା | ନୂତନ କୁମାର ବେହେରା | ୨୧୪ |
| ନିଆଁ ଭିତର ଜୀବନ | ଦୀନବନ୍ଧୁ ବେଜ | ୨୧୬ |
| ଆଉ ଚଳିବନି ଫୁସୁରୁଫାସ | ଶିଶିର କୁମାର ପଣ୍ଡା | ୨୧୭ |
| ଆମ ଗାଁ | ବନ୍ଦନା ନାୟକ | ୨୧୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପ୍ରକୃତି | ଉମାକାନ୍ତ ଦାସ | ୨୨୦ |
| ସୂର୍ଯ୍ୟ | ସରୋଜ ସାହୁ | ୨୨୧ |
| ମୋ ସୁନାଭଉଣୀ ରିଲୁ | ସାଗର ନାୟକ | ୨୨୨ |
| ବାଃରେ ଆଇନ | ରାଧାମୋହନ ପୂଜାହାରୀ | ୨୨୫ |
| ଦୁନିଆଁ | ଡଃ ଆଭାଞ୍ଜଳି ଶତପଥୀ | ୨୨୭ |
| ବାପା : ଦୁଇଟି କବିତା | ପବିତ୍ର ସାହୁ | ୨୩୨ |
| ତିନୋଟି ପ୍ରଶ୍ନ | ସନାତନ ମହାକୁଡ଼ | ୨୩୪ |
| କବିତା ବିରୋଧୀ ସମୟ | ଡଃ ବିଣାପାଣୀ ଦେବତା | ୨୩୫ |
| **ସଂବଲପୁରୀ ବିଭାଗ** | | **୨୩୬** |
| କାହିଁ ନାଇଁ ନ ଶାନ୍ତି | ସତ୍ୟନାରାୟଣ ମିଶ୍ର | ୨୩୭ |
| ଚାଷୀର୍ ମନ୍ | ବିଶ୍ୱନାଥ ଭୁଏ | ୨୪୦ |
| ରେ, ଫଗୁନ୍ | ସନ୍ତୋଷ କୁମାର ଅଦାବର | ୨୪୧ |
| ଏକଲା ଆଏଁ ମୁଇଁ | ସନାତନ ବେହେରା | ୨୪୩ |
| ଓକିଆ ହେବା କାଏଁନ | ସହଦେବ ଧରୁଆ | ୨୪୫ |
| ଦୁଲଭ ଜନମ | ମନୋରଞ୍ଜନ ସୁରୁଜାଳ | ୨୪୭ |
| ଶୀକାରୀ | ଦେବଦତ୍ତ ସନ୍ସ | ୨୪୯ |
| **ପ୍ରବନ୍ଧ ବିଭାଗ** | | **୨୫୧** |
| ଭଗବତ୍ ଜ୍ଞାନ | ସହଦେବ ପ୍ରଧାନ | ୨୫୨ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଚନ୍ଦ୍ରଭାଗା ସ୍ନାନ ଓ ମାଘ ସପ୍ତମୀ | ବାସନ୍ତୀଲତା ଜେନା | ୨୭୦ |
| ଭକ୍ତ ମାଧବ ଦାସ | ନିତ୍ୟ ରଞ୍ଜନ ନନ୍ଦ | ୨୭୩ |
| ପ୍ରହସନ | ଇଂ ବିଦ୍ୟାଧର ପଣ୍ଡା | ୨୭୭ |
| ଷଡ଼ଯନ୍ତ୍ର | ପଙ୍କଜ କୁମାର ପାଣିଗ୍ରାହୀ | ୨୮୩ |
| ପ୍ରେମ ଫଗୁଣର ଫୁଲବନ | ଅଭିମନ୍ୟୁ ବେହେରା | ୨୮୯ |
| ମୁଁ ସେଇଠି | ସାଧନା ମହାଳିକ | ୨୯୫ |
| ବିଶେଷ ସୂଚନା | | ୨୯୭ |


ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ମାର୍ଚ୍ଚ ୨୦୨୧ ମସିହାର ସଂସ୍କରଣ ନେଇ ଆପଣଙ୍କ ନିକଟରେ ଉପସ୍ଥିତ ହୋଇଛି ମୁଁ । ଶୀତ ଦିନର ସମୟ ଗଡ଼ି ଯାଉଛି, ଧିରେ ଧିରେ ଗରମର ପ୍ରଭାବ ଅନୁଭୂତ ହେବାକୁ ଲାଗିଲାଣି । ବିଗତ ବର୍ଷର ଭୟାବହତା ଯଦି ବା କିଛି ମାତ୍ରାରେ କମ ହୋଇ ଆସିଛି, ତଥାପି କରୋନା ଜନିତ ନୂତନ ସଂସ୍କରଣ ସବୁ ମନୁଷ୍ୟ ମନରେ ଭୟ ଜାତ କରିବା ପାଇଁ ଯଥେଷ୍ଟ । ତେଣୁ, ସାବଧାନତା ହିଁ ସବୁଠାରୁ ଶ୍ରେଷ୍ଠ ଉପାୟ । ବର୍ତ୍ତମାନ କୋଭିଡ଼ ସୁରକ୍ଷା ଟୀକା ମଧ୍ୟ ଉପଲବ୍ଧ ହୋଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ ଏବଂ କୋଭିଡ଼ ଯୋଦ୍ଧାମାନଙ୍କୁ ଏହା ଦିଆଯିବା ପରେ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ବୟସ୍କ ସମେତ ପଞ୍ଚଚାଳିଶି ବର୍ଷରୁ ଊର୍ଦ୍ଧ୍ୱ ଏବଂ ଭୟାବହ ବ୍ୟାଧିରେ ପୀଡ଼ିତ ବ୍ୟକ୍ତିଙ୍କୁ ଏହି ଟୀକା ଦିଆଯାଉଛି । ସମ୍ଭବତଃ ଖୁବ୍ ଶୀଘ୍ର ଏହା ସମସ୍ତଙ୍କ ପାଇଁ ଉପଲବ୍ଧ ହୋଇଯିବ । ସମସ୍ତେ ଟୀକା ଗ୍ରହଣ କରିବା ଉଚିତ । ଯଦିଓ ଏହି ଟୀକାକୁ ନେଇ ଅନେକ ଭ୍ରମାତ୍ମକ ତଥ୍ୟ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ହେଉଛି, ତଥାପି ଟୀକା ଆମକୁ ଏହି ରୋଗର ଭୟାବହତାକୁ କିଛି ମାତ୍ରାରେ ସୁରକ୍ଷା ଦେଇ ପାରିବ ସେଥିରେ ସନ୍ଦେହ ନାହିଁ ।

ନୂଆ ନୂଆ ଯେତେବେଳେ ଏହି ଟୀକା ବ୍ୟବହାର ନେଇ ଅନେକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳ୍ପନାଜଳ୍ପନା ଚାଲିଥିଲା ସେଇ ସମୟରେ ଅନେକ ଗଣମାଧ୍ୟମ କିଛି କିଛି ସ୍ଥାନରେ ଘଟିଥିବା ଟୀକାକୁ ନେଇ ବିଭିନ୍ନ ପ୍ରଭାବକୁ ଦୁଷ୍ପ୍ରଚାର କରିଥିଲେ । କାଁଭାଁ କେଉଁଠି କେଉଁଠି ଟିକା ନେବାପରେ ହଠାତ କୌଣସି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ହୋଇଥିବା ଅବନତିକୁ ନେଇ ବହୁଳ ଭାବରେ ପ୍ରଚାର କରାଯାଇ ଲୋକଙ୍କୁ ଭୟଭୀତ କରିବାର ପ୍ରଚେଷ୍ଟା କରାଯାଇଥିଲା । ସେ ଯାହେଉ ବର୍ତ୍ତମାନ ସୁଦ୍ଧା ପ୍ରାୟ ଦୁଇ କୋଟିରୁ ଅଧିକ ଲୋକମାନେ ଏହି ଟୀକା ଗ୍ରହଣ କରି ସାରିଲେଣି । ଏବଂ କେବଳ ଭାରତ ହିଁ ନୁହଁ ବରଂ ବିଶ୍ୱର ପ୍ରାୟ ପଚାଶରୁ ଅଧିକ ଦେଶରେ ଏହା ରପ୍ତାନି ହୋଇ ସେଠାକାର ଅଧିବାସୀଙ୍କୁ ବିଶ୍ୱାସର ସହ ଦିଆଯାଇଛି ।

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଭାରତ ସ୍ୱାବଲମ୍ବନଶୀଳତା ଏବଂ ଆତ୍ମନିର୍ଭର ହେବା ପଥରେ ଆଗେଇଛି । ଭାରତର ବୈଜ୍ଞାନିକ ମାନେ ଗବେଷଣା କରି କୋଭିଡ଼ ଭଳି ଦୁରାରୋଗ୍ୟ ବ୍ୟାଧିର ସୁଫଳପ୍ରଦ ଚିକିତ୍ସା ସମେତ ଟୀକା ଆବିଷ୍କାର କରି ସମଗ୍ର ମାନବଜାତିକୁ ଅବଶ୍ୟମ୍ଭାବୀ ମୃତ୍ୟୁ ମୁଖରୁ ବଞ୍ଚାଇ ପାରିଛନ୍ତି । ଆମ ଦେଶର ଗବେଷଣା ତଥା ମାନବ ସମ୍ବଳକୁ ସବୁବେଳେ ଆମେ ନିଜେ ହିଁ ଅଳ୍ପରେ ଅନୁମାନ କରି ଆସିଛେ । ବର୍ତ୍ତମାନ ସମୟ ଆସିଛି ଆମେ ଗର୍ବ କରିବା ଏବଂ ଆମର ଆତ୍ମ ସ୍ୱାଭିମାନକୁ ଉଚ୍ଚ କରି ଦୃଢ଼ ମନୋବଳ ଏବଂ ନିଷ୍ଠାୟର ସହିତ ପ୍ରକୃତରେ ଆତ୍ମନିର୍ଭର ହେବାକୁ ଚେଷ୍ଟା କରିବା । ପାଖାପାଖି ଶହେ ତିରିଶି କୋଟି ଜନସଂଖ୍ୟା ବିଶିଷ୍ଟ ଭାରତବର୍ଷ ସମୁଦାୟ ବିଶ୍ୱର ଏକମାତ୍ର ଖୋଲା ବଜାର ଯେଉଁଠି ବିଶ୍ୱର ଅନେକ ଦେଶର ବହୁ ରାଷ୍ଟ୍ରୀୟ କମ୍ପାନୀମାନେ ବ୍ୟବସାୟ କରି ଭାରତର ଅର୍ଥନୀତିର ଏକ ବୃହତ ଅଂଶକୁ ନିଜ ଦେଶକୁ ଆମଦାନୀ କରିବାରେ ସଫଳ ହୋଇଛନ୍ତି । ବର୍ତ୍ତମାନ ସମୟ ଆସିଛି, ଆମେ ନିଜେ ଏହି ବିଶ୍ୱସ୍ତରୀୟ ପ୍ରତିସ୍ପର୍ଦ୍ଧାରେ ଅଂଶ ଗ୍ରହଣ କରିବା ଏବଂ ଆମର ଦେଶର ଉତ୍ପାଦକୁ ବିଶ୍ୱ ସ୍ତରରେ ପହଞ୍ଚାଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୈଦେଶିକ ମୁଦ୍ରା ଭଣ୍ଡାରକୁ ସମୃଦ୍ଧ କରିବା ।

କରୋନା କାଳ ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଥିଲା, ଏବଂ ଭାରତୀୟ ଅର୍ଥନୀତି ଏଭଳି ଏକ ଅବସ୍ଥାକୁ ଚାଲିଯାଇଥିଲା ଯେ ସେଥିରୁ ନିସ୍ତାର ପାଇବା ଏକ ରକମ ଅସମ୍ଭବ ବୋଲି ଅନେକ ଗଣମାଧ୍ୟମ ବାରମ୍ବାର ଭ୍ରମାତ୍ମକ ତଥ୍ୟ ସବୁ ଉପସ୍ଥାପନ କରି ଭାରତୀୟ ଗଣତନ୍ତ୍ରର ଚଳିତ ସରକାରଙ୍କୁ ନିନ୍ଦିତ କରିବାକୁ ପଛାଇ ନଥିଲେ । କିନ୍ତୁ ବର୍ତ୍ତମାନ ଯାହା ଦେଖିବାକୁ ମିଳିଛି, ଏହି କରୋନା କାଳରେ ଭାରତର ଲୋକଙ୍କୁ ସ୍ୱାଭିମାନୀ କରିବା ସହ ଦେଶକୁ ଅଧିକ ସମୃଦ୍ଧ କରିଛି । ଯେଉଁ ଉତ୍ସାହ ଉଦ୍ଦୀପନା ସହ ଆମେ ଚୀନ ଦ୍ରବ୍ୟ ବର୍ଜନ କରିବାର ଆହ୍ୱାନ ଦେଉଥିଲେ ସେଇ ସମାନ ଉତ୍ସାହର ସହ ଆମେ ଆମ ଦେଶରେ ନିର୍ମିତ ଦ୍ରବ୍ୟ ଓ ସେବା ସବୁକୁ ସାଦରେ ଗ୍ରହଣ କରିଲେ ଆମ ଦେଶ ଉନ୍ନତି ପଥରେ ଅଗ୍ରସର ହେବ ଏଥିରେ ଦ୍ୱିମତ ନାହିଁ ।

କୃଷକ ମାନଙ୍କ ନାମକୁ ବ୍ୟବହାର କରି ରାଜନୀତି ଖେଳାଉଥିବା କିଛି ମୁଷ୍ଟିମେୟ ସ୍ୱାର୍ଥନ୍ୱେଷୀ ଗୋଷ୍ଠୀ ଅନେକ ଦିନଧରି ଭାରତୀୟ ସରକାରଙ୍କୁ ବିଶ୍ୱ ଦରବାରରେ ନିନ୍ଦିତ କରିବାର କୁଚେଷ୍ଟାରେ ଲାଗି ପଡିଛନ୍ତି । ସେମାନଙ୍କ କୁକର୍ମର ନିଦର୍ଶନ ବିଗତ ଜାନୁଆରୀ ଛବିଶି ତାରିଖରେ ଦିଲ୍ଲୀର ଲାଲକିଲ୍ଲା ଠାରେ ସମଗ୍ର ଦେଶ ସମେତ ବିଶ୍ୱବାସୀ ଦେଖି ସାରିଲେଣି । ଏହାକୁ ପାଥେୟ କରି କିଛି ଗଣମାଧ୍ୟମ ସରକାରଙ୍କ ଲୋକପ୍ରିୟତା ହ୍ରାସ ପାଉଥିବା କଥା ପ୍ରଚାର ବି କରିବାରେ ଲାଗିଛନ୍ତି । କିନ୍ତୁ ସେହିସବୁ ଗଣମାଧ୍ୟମଙ୍କୁ ଉପହାସ କରି ଶାସନତନ୍ତ୍ରରେ ଥିବା ଦଳ ବିଭିନ୍ନ ରାଜ୍ୟରେ ସଂଘଟିତ ବିଭିନ୍ନ ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ହାସଲ କରିବାରେ ଲାଗିଛନ୍ତି । ବର୍ତ୍ତମାନ ପଶ୍ଚିମ ବଙ୍ଗରେ ନିର୍ବାଚନ ପାଇଁ ବିଗୁଲ ବାଜି ସାରିଲାଣି । ଏଥିପାଇଁ ଭାରତୀୟ ଜନତା ପାର୍ଟି ସମେତ ଅନେକ ରାଜନୈତିକ ଦଳ ଅତ୍ୟନ୍ତ ଉତ୍ସାହର ସହ ଲାଗି ପଡିଛନ୍ତି । ଚଳିତ ଶାସକ ତୃଣମୂଳ କଂଗ୍ରେସର କୁଶାସନରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅତିଷ୍ଠ ଲୋକମାନେ ବିଜେପିକୁ ବହୁମତ ଦେଇ ପାରନ୍ତି ବୋଲି ଅନେକ ରାଜନୈତିକ ପଣ୍ଡିତ ମତ ଦେଉଥିବା ବେଳେ ଲୋକଙ୍କ ସମବେଦନା ଜିଣିବା ଲକ୍ଷ୍ୟ ନେଇ ଅନେକ ନାଟକ ମଧ୍ୟ ଏଠାରେ ଦେଖିବାକୁ ମିଳିଛି । ବିଗତ ଦିନରେ ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସର ନେତ୍ରୀ ସୁଶ୍ରୀ ମମତା ବାନାର୍ଜୀ ହଠାତ୍ ନିଜ ଉପରେ ଆକ୍ରମଣ ହୋଇଥିବା କଥା ପ୍ରଚାର କରିବା ସହ ନିଜର ଚିକିତ୍ସିତ ହେଉଥିବା ସମୟର ଫଟୋକୁ ଭାଇରାଲ୍ କରାଇ ବିପକ୍ଷ ଦଳମାନଙ୍କୁ ନିନ୍ଦିତ କରିବା ସହ ବଙ୍ଗାଳର ଝିଅ ବୋଲି ଦର୍ଶାଇ ନିଜ ପ୍ରତି ସହାନୁଭୂତି ଗୋଟାଇବାର ଲକ୍ଷ୍ୟ ରଖିଥିବା ଦେଖାଯାଇଛି । ପ୍ରାରମ୍ଭିକ ଘଟଣାଚକ୍ରକୁ ଲକ୍ଷ୍ୟ କଲେ ସେ କରୁଥିବା ଦାବୀ ଯେ ସମ୍ପୂର୍ଣ୍ଣ ଅମୂଳକ ତାହା ପ୍ରମାଣିତ ହେଉଛି । ରାଜ୍ୟର ନନ୍ଦିଗ୍ରାମରେ ପ୍ରଚାର ପାଇଁ ଯାଉଥିବା ମମତା ଦିଦି ଅଗଣିତ ସମର୍ଥକ ଏବଂ ସୁରକ୍ଷାଚକ୍ରରେ ଥିବା ସମୟରେ ଚାରି ପାଞ୍ଚଜଣ ବ୍ୟକ୍ତି କିଭଳି ତାଙ୍କୁ ଆକ୍ରମଣ କରିଲେ ତାହା ସନ୍ଦେହାସ୍ପଦ । ଯଦି ସେଭଳି କିଛି ହୋଇଥାଏ ତାହେଲେ ତୁରନ୍ତ ପୋଲିସ ରିପୋର୍ଟ୍ ଦିଆଗଲା ନାହିଁ କାହିଁକି ? ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରାରୁ ଏହି ଘଟଣା ବାବଦରେ ସାକ୍ଷ୍ୟ ଗ୍ରହଣ କରାଗଲା ନାହିଁ କାହିଁକି ? ଆକ୍ରମଣ କରିବାପରେ ଏତେ ବଡ଼ ଜନଗହଳି ମଧ୍ୟରେ ସେହି ଚାରି ପାଞ୍ଚଜଣ ଆକ୍ରମଣକାରୀ କିଭଳି ଫେରାର ହୋଇଗଲେ ତାହା ବିଶ୍ୱାସଯୋଗ୍ୟ ହେଉନାହିଁ । ପୁଣି ନନ୍ଦିଗ୍ରାମ ନିକଟରେ ଏହ ବହୁ ବିଶେଷଜ୍ଞ ସମୃଦ୍ଧ ହସପିଟାଲ୍ ଥିବା ସତ୍ତ୍ୱେ ମମତା ଦିଦି ଦୀର୍ଘ ଦେଢ଼ ଶହ କିଲୋମିଟର ବାଟ ଗାଡ଼ିରେ ଯିବାପରେ କାହିଁକି ଚିକିତ୍ସିତ ହୋଇଥିଲେ ?

ଘଟଣା ସମୟରେ ସେହି ସ୍ଥାନରେ ଉପସ୍ଥିତ ଅନେକ ଦର୍ଶକ ଯାହା ମତ ଦେଇଛନ୍ତି ତାହା କିନ୍ତୁ ଘଟଣାଟି ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରମାଣିତ କରୁଛି । ସେ ଯାହେଉ, ମନେ ହେଉଛି ମମତା ଦିଦି ଅବଶ୍ୟମ୍ଭାବୀ ନିର୍ବାଚନରେ ବିଫଳ ହେବାର ଭୟରେ ଯେକୌଣସି ଉପାୟରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜନତାଙ୍କ ସମବେଦନା ଗୋଟାଇବାକୁ ଚେଷ୍ଟା କରୁଛନ୍ତି । ଦେଖାଯାଉ, ପଶ୍ଚିମ ବଙ୍ଗର ଜନତା କାହାକୁ ନିର୍ବାଚିତ କରୁଛନ୍ତି ।

ଶୁଣାଯାଉଛି ଯେ ଜାମ୍ମୁକାଶ୍ମୀରରେ ବେଆଇନ ଭାବରେ ରହି ଆସୁଥିବା ଅନେକ ରୋହିଙ୍ଗ୍ୟା ମୁସଲମାନ ବ୍ୟକ୍ତିଙ୍କୁ ଡିଟେନ୍‌ସନ୍ କ୍ୟାମ୍ପକୁ ପଠାଇ ଦିଆଯାଇଛି । ସେମାନଙ୍କ ନିକଟରେ ଭାରତୀୟ ହେବାର କୌଣସି ପ୍ରମାଣପତ୍ର ମିଳିନଥିବା ବେଳେ ସେମାନେ ବେଆଇନ୍ ଭାବରେ ଭାରତର ସୀମାରେ ପ୍ରବେଶ କରିବା ପରେ କିଭଳି ଏତେ ଗୁଡ଼ାଏ ବାଟ ଆସି କାଶ୍ମୀରରେ ପହଞ୍ଚିଲେ ତାହା ତଦନ୍ତସାପେକ୍ଷ । ଆଗାମୀ ଦିନରେ ଏଭଳି ହଜାର ହଜାର ବେଆଇନ ଶରଣାର୍ଥୀଙ୍କୁ ଭାରତରୁ ବିଦାୟ ଦିଆଯିବ ବୋଲି ଶୁଣାଯାଉଛି ।

ପ୍ରତ୍ୟେକ ମାସ ପରି ଏହି ମାସରେ ମଧ୍ୟ ଅନେକ ନୂତନ ଲେଖକଙ୍କ ଲେଖା ଆମ ହସ୍ତଗତ ହୋଇଛି । ଏହା ଦ୍ୱାରା ଆହ୍ୱାନ ପତ୍ରିକା ଯେ କେତେ ସୁଦୂରପ୍ରସାରୀ ତାହା ଆମେ ଜାଣି ପାରୁଛେ । ଅନେକ ଉଚ୍ଚସ୍ଥାନ ଏବଂ ପଦପଦବୀରେ ଅଭିଷିକ୍ତ ବ୍ୟକ୍ତିତ୍ୱଙ୍କ ଆଗମନ ଆମ ମନରେ ଅନେକ ଉତ୍ସାହ ଏବଂ ଉଦ୍ଦୀପନା ଜାଗ୍ରତ କରୁଛି । ଆମେ ସମାଜରେ ପ୍ରତ୍ୟେକ ସ୍ତରରେ ପହଞ୍ଚି ପାରିଛେ । ଆମ ଲେଖା ସମସ୍ତେ ପଢୁଛନ୍ତି ଏବଂ ଆମ ପତ୍ରିକାରେ ନିଜସ୍ୱ ଲେଖା ପ୍ରକାଶିତ କରିବା ପାଇଁ ଉତ୍ସାହୀ ହୋଇ ଆଗଭର ହେଉଛନ୍ତି । ଏହା ଆମ ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ । ଆଶା କରୁଛି ଚଳିତ ମାସର ସଂସ୍କରଣ ଆପଣଙ୍କୁ ଭଲ ଲାଗିବ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୭

ପାଓଲି ତାଙ୍କୁ ଅନାଇଲେ । ସେତେବଳକୁ ସେ ବୋଧହୁଏ ୬୦କୁ ଅତିକ୍ରମ କରିଯାଇଥିଲେ । ତାଙ୍କ ଆଖିରେ କେବଳ ଥିଲା ଗଲା ଜୀବନର ପ୍ରତିଫଳନ । ଆଖି ଶୂନ୍ୟ ହୋଇଯାଇଥିଲା । ସ୍ୱାମୀ ଚାଲିଯିବା ପରେ ବିଧବା ସ୍ତ୍ରୀର କରୁଣ ପରିସ୍ଥିତି ଭିତରେ ସେ ଗତି କରିଥିଲେ । ଏକାକୀ ଆଗକୁ ଚାଲିବା ସହଜ ହୋଇନଥିବ । ଏମିତି ଅସଂଖ୍ୟ ଗାଁ ସୁନ୍ଦରବନ ଭିତରେ । କିଛିଟା ଝାଟିମାଟି କାଦୁଅର ଘର ଉପରେ ଚାଳଛପର । ବିଦ୍ୟା ଆଉ ଅନେକ ନଦୀର ଚାରିପଟରେଗଢ଼ି ଉଠିଛି ଅନେକ ଅନେକ ଛୋଟ ଦ୍ୱୀପ ଆଉ ଉପଦ୍ୱୀପ । ଆଉ ଶେଷରେ ବୋହିଯାଇଛି ସମୁଦ୍ରକୁ ନଈର ପାଣି । ଏହି ଗାଁ ଗୁଡ଼ିକ ସୁନେଲି ହୋଇଉଠେ ସକାଳରେ, ସନ୍ଧ୍ୟାରେ । ସକାଳର କିରଣରେ ଜୀବନ ଆସିଯାଏ । ଗୋଟିଏ କୋଇଲି କୋଉଠି ଲୁଚି ଡାକି ଚାଲିଥିଲା । ସେପଟେ ନଈ ଆଡ଼ୁ ଟେଁ ଟେଁଇଆ ଡାକୁଥିଲା ଆଉ ଅନେକ ପକ୍ଷୀ ଲୁଚିଛପି ଡାକୁଥିଲେ । ସ୍ୱରରେ ଆକୁଳତା, ସ୍ୱରରେ ମଧୁରତା, ମନ ଭରିଯାଉଥିଲା । ନଈ ଆଡ଼ୁ ବୋହି ଆସୁଥିଲା ଥଣ୍ଡା ପବନ । ସେ ପବନରେ ଜଳକଣା ବୋହିଆସୁଥିଲା । ଚାରିଆଡ଼େ କଦଳୀ ଗଛ, ବାଉଁଶ ନଡ଼ିଆ ଆଉ ଖଜୁରୀ ଗଛ । ଆମ୍ବ ଲିମ୍ବଗଛ ଗୁଡ଼ିକ ଘର ଚାରିପଟେ । ଗାଁ ଗୁଡ଼ିକ ବହୁ ସୁନ୍ଦର ଲାଗୁଥିଲା । ସେ ଭିତରେ



ଅଶୋକ ବିଶ୍ୱାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଣିରେ ଫୁଟି ଉଠୁଥିଲା ଗାଢ଼ ନୀଳରଙ୍ଗର କଇଁମାନ । ଏଗୁଡ଼ିକ ପାଣିରେ ଦୋଳି ଖେଳୁଥିଲା ଆଉ ତଳେ ଥିଲା ତା'ର ଗୋଲ୍ ଗୋଲ୍ ସବୁଜ ପତ୍ର । ବହୁତ ସୁନ୍ଦର ଲାଗୁଥିଲା । ସେ ବୁଢୀ କେଉଟୁଣୀଟି ଖଜୁରୀ ଗଛର ଲମ୍ବା ଛାଇକୁ ଅନାଇଲେ । ଗଛଟା ଠିକ୍ ପୋଖରୀ ହୁଡ଼ାରେ । ଘର ପାଖରେ ଏବେ ଛୋଟ ପୋଖରୀ ଖୋଳାଯାଇଛି । ସେଥିରେ କିଛି ବତକ ବୁଲୁଛନ୍ତି । ଏ ବତକଗୁଡ଼ିକ ପାଣିକୁ ଓହ୍ଲାଇଗଲେ ଆଉ ପହଁରିବାକୁ ଲାଗିଲେ । ଏହି କେଉଟମାନଙ୍କ ଗାଁରେ ଦିନ କେତେବେଳୁ ଆରମ୍ଭ ହୋଇଯାଇଥିଲା । ଲୋକମାନେ ଦୂରକୁ ମାଛ ଧରିବାକୁ ଚାଲିଯିବେ । ସେମାନେ ଦଳ ଦଳ ହୋଇ ମାଛ ଧରିବାକୁ ଯାଆନ୍ତି । ଫେରିବାକୁ ବେଳେ ବେଳେ ଗୋଟିଏ ସପ୍ତାହ ଲାଗିଯାଇପାରେ । ଗୋଟିଏ ଦଳକୁ ମାଛ ଧରିବା ପାଇଁ ଆଗକୁ ଯିବାର ଥିଲା ।

"ତାଙ୍କର ଯିବାକୁ ଥିଲା ।"- ସେ ନୀଳକଇଁକୁ ଅନାଇଲେ । ସ୍ଥିର ପାଣିରେ କଇଁଟି ମୁଣ୍ଡଟେକି ଅନାଇଥିଲା । କିଛି ପାଖୁଡା ଝାଉଁଳି ନଥିଲା । ତାଙ୍କର ମନର ସ୍ମୃତି ସେମିତି ସଜୀବ ।

ଦଳରେ ପ୍ରାୟ ୮ରୁ ୧୦ଜଣ ଲୋକ । ସେମାନେ ବନବିବିଙ୍କ ପୂଜା କଲେ । ତା'ପରେ ସରୁପତଳା ଡଙ୍ଗା ଧରି ମାଛ ଧରିବାକୁ ଯିବେ । ଭେଟ୍‌କି, ବାଗ୍ଦା ଚିଙ୍ଗୁଡ଼ି, କଙ୍କଡା ଇତ୍ୟାଦି ଧରିବେ । ଏମିତି ସେମାନେ ବର୍ଷ ବର୍ଷ ଧରି ଧରିଆସୁଛନ୍ତି । ସକାଳର ପ୍ରଥମ ସୂର୍ଯ୍ୟ ସହିତ ଗାଁରେ ଜୀବନ ଆସୁଛି ଆଉ ସେମାନେ ମାଛ ଧରିବା ପାଇଁ ବହୁ ଦୂରକୁ ଚାଲିଯାଉଛନ୍ତି । ଅନେକ ଦିନ ପରେ ଫେରିବେ । ଏହି ଲୋକମାନେ ଅନେକ ତଳକୁ ଚାଲିଯିବେ ।

ସପନବାବୁ ତାଙ୍କୁ ଅନାଇଲେ । ବୁଢୀ ବହୁତ ମଳିନ ହୋଇଯାଇଥିଲେ । ସକାଳ ସୂର୍ଯ୍ୟର ଆଲୋକ ଖେଳାଇହୋଇ ପଡ଼ିଥିଲା । ଶିଥିଳ ଦେହରେ କିଛି ସେମିତି ଚମକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନଥିଲା । ବହୁଦିନ ତଳେ ବାହା ହୋଇଥିଲେ । ସେ ଦିନମାନଙ୍କରେ ବହୁ ଜଲ୍‌ଦି ବାହାଘର ହୋଇଯାଉଥିଲା । ଛୁଆଥିବା ଅବସ୍ଥାରେ ବିବାହ । ତାଙ୍କ ସ୍ୱାମୀଙ୍କୁ ପ୍ରାୟ ଆଠ ଦଶ ବର୍ଷ ତଳେ ବାଘ ମାରିଦେଇଛି । ସେ ମାଛ ଧରିବାକୁ ଯାଇଥିଲେ । ଆଉ ଏକ ପତଳା ନଦୀରେ ଚାଲିଗଲେ । ଯିବା ଦିନ ସେ ସ୍ୱାମୀଙ୍କୁ ବିଦାୟ ମଧ୍ୟ ଦେଇନଥିଲେ । ସେହି କଥା ତାଙ୍କୁ ଖାଇ ଯାଉଛି । ଶେଷ ଦିନ ସ୍ୱାମୀଙ୍କୁ ଦେଖି ପାରିଲେନି କି ସ୍ୱାମୀଙ୍କୁ ବିଦାୟ ଦେଇ ପାରିଲେନି । ସେଦିନ ସେ ଝିଅଘରକୁ ଯାଇଥିଲେ । ଆଉ ତା'ପରେ ବାଘ ଆକ୍ରମଣ ହୋଇ ଯାଇଥିଲା । ଏହି ଆକ୍ରମଣ କଥା ଶୁଣି ସେମିତି କିଛି ଉଲ୍ଲସିତ ଦୁଃଖିତ ହେବାର କାରଣ ନାହିଁ । ବାଘ ଆକ୍ରମଣରେ ମରିବା ଏକ ସାଧାରଣ କଥା ହୋଇଗଲାଣି । ଗାଁ ଗୁଡ଼ାରେ ବହୁ ଜଲ୍‌ଦି ଖବର ତ ଯାଏନି । ଆକାଶରେ ମେଘ କାହିଁ କେଉଁ ଦୂରରେ । କଳା ଆକାଶଟା ଏତେ ଗଭୀର କେମିତି ହୋଇଯାଇଛି । ଆଖି ପାଉନାହିଁ ।

ବୁଢୀ ଆକାଶକୁ ଅନାଇଲେ, ଆକାଶ ଲମ୍ବିଯାଇଛି କେତେଦୂରକୁ । ତା'ପରେ ଆଖି ବନ୍ଦ କରିଦେଲେ । ମନେ ପକାଉଥିଲେ ସେହି କାହାଣୀକୁ ।

"ତାଙ୍କର ମରିବାର ବହୁତ ଦିନ ହୋଇଗଲାଣି । ସେ ମୋଠୁ କିଛି ବୟସ ବଡ଼ ଥିଲେ । ଦେହରେ ଅମାପ ବଳ । ଯେଉଁଦିନ ମୁଁ ତାଙ୍କୁ ଛାଡ଼ି ଗାଁକୁ ଯାଇଥିଲି ସେଦିନ ତାଙ୍କ ଦେହ ଖୁବ୍ ଭଲ ଥିଲା । ମୁଁ କେବେ ଭାବିନଥିଲି ଏମିତି ଏକ ଆକସ୍ମିକ ଦୁର୍ଘଟଣା ଘଟିଯିବ, ବାଘ ଆକ୍ରମଣ ହୋଇଯିବ ।" ସେ ଏତିକି କହି ଆଖିରୁ ଲୁହ ପୋଛିଲେ । ତାଙ୍କ କଣ୍ଠ ଭାରି ହୋଇ ଯାଇଥିଲେ । କିନ୍ତୁ ଆଉ ସ୍ୱରରେ ସେମିତି କିଛି ପରିବର୍ତ୍ତନ ନଥିଲା । ଜୀବନ ତ ଯାଇସାରିଛି । ଆଗକୁ ଜୀବନ ଗଡ଼ିଯିବ । ସେ ଟିକେ ବାହାରକୁ ଅନାଇଲେ ।

"ମୁଁ ସେହି କଥା ଗୁଡ଼ାକ ଭଲଭାବରେ ମନେ ରଖିଛି ।" ସେ କହିଲେ । ତାଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱରଟିକେ ଥରୁଥିଲା । ଅନେକ ଅନେକ ବର୍ଷର କଥା । ଏ ଭିତରେ ବହୁଦିନ ତ ବିତିଗଲାଣି ।

ସେ ଗାଁର ରାସ୍ତାକୁ ଅନାଇଲେ । ରାସ୍ତା ଅଙ୍କାବଙ୍କା ହୋଇଯାଇଛି । କେଉଁ କୁଡ଼ିଆ ଗଛ ପାଖରେ ଲୁଚିଯାଇଛି । ଅନେକ ଛୋଟ ଛୋଟ ପୋଖରୀ ତାଙ୍କ ବସିବା ଯାଗାରୁ ଦେଖିପାରୁଥିଲେ । ସେହି ରାସ୍ତା ଉପରେ ତାଙ୍କର ସ୍ମୃତି ଲାଗିରହିଛି । ଆଜି ତ ୧୦ ବର୍ଷ ବିତିଯିବଣି । କିନ୍ତୁ ତାଙ୍କୁ ସେହିଦିନର କଥା ଭଲଭାବରେ ମନେଅଛି ।

ସେମାନେ କିଛି ଦିନ ପରେ ଫେରିଆସନ୍ତି । ତାଙ୍କର ମାଛ ଧରିବା ଯାଗାଟା ଟିକିଏ ତଳେ । କିନ୍ତୁ ଭାଗ୍ୟର କଥା, ଜୀବନ ଡୋର ତ ସରିଆସିଲାଣି । ସେ ସେଥର ମାଛ ଧରିବା ପାଇଁ ସେମାନେ ଆଉ ଟିକେ ତଳକୁ ଚାଲିଗଲେ । ଲମ୍ବା ରାସ୍ତା । ତେଣୁ ଦୂରକୁ ଯିବା ପାଇଁ ପ୍ଲାଷ୍ଟିକ ଜାରରେ ଯଥେଷ୍ଟ ପାଣି ନେଇଯାଇଥିଲେ, ବାଟରେ ପିଇବେ । ନଈ ପାଣି ପିଇ ହେବନାହିଁ, ଲୁଣିଆ ପାଣି । ରାସ୍ତାରେ କେଉଁଠି ପିଇବା ପାଣି ମିଳିବ ନାହିଁ । ପାଖରେ ଗୋଟିଏ ସପ୍ତାହ ପାଇଁ ଚାଉଳ ଥିଲା । ସେମାନେ ଡଙ୍ଗାରେ ରୋଷେଇ କରନ୍ତି ଆଉ ସେହି ଡଙ୍ଗାରେ ଶୁଅନ୍ତି ।

ସାମାନ୍ୟ ପବନ ହେଲା । ଅଳ୍ପ ପାଣିରେ କିଛିଟା ଢେଉ । ବହୁ ଛୋଟ ଢେଉରେ ପାଣି ଚହଲିଗଲା । ଏମିତି କି ସେହି ନୀଳକଇଁଗୁଡ଼ା ମଧ୍ୟ ହଲିଗଲା । ଏକ ବଡ଼ କଙ୍କି ପାଣି ଭିତରେ ଉଡ଼ି ବୁଲୁଥିଲା । ସେ ଗୋଟିଏ ଫୁଲରୁ ଯାଇ ଆଉ ଗୋଟିଏ ଫୁଲରେ ବସି ଯାଉଥିଲା ।

ତା'ପରେ ସେ କହିବାକୁ ଲାଗିଲେ । "ସେଦିନ ପରଠାରୁ ମୁଁ କେମିତି ଅଲଗା ହୋଇଯାଇଛି । ସେଦିନ କିଛି ଘଟିବା ଆଗରୁ ମୋତେ କେମିତି କେମିତି ଲାଗୁଥିଲା । କିଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭଲ ଲାଗୁନଥିଲା । ମୋତେ ଲାଗୁଥିଲା ଯେମିତି କିଛି ଖରାପ ଘଟିବାକୁ ଯାଉଛି । ମୋତେ ଲାଗୁଥିଲା ମୋ ଦେହ ଭିତରେ କେମିତି କିଛି ଘଟିଯାଉଛି । ମନ ମୋଟେ ସ୍ଥିର ହେଉନଥିଲା । ସେତବେଳକୁ ସେମାନେ ସେ ପାଣି ଭିତରେ ଥାଆନ୍ତି କିନ୍ତୁ ମୋତେ ଅସ୍ଥିର ଲାଗୁଥିଲା । ଯେଉଁଦିନ ସେ ଚାଲିଗଲେ ସେଦିନ ମୁଁ ମୋ ଝିଅ ଘରକୁ ଯାଇଥାଏ । ଝିଅକୁ ମୋ ମନ କଥା କହୁଥିଲି । ଲାଗୁଥିଲା କିଛି ଯେମିତି ଖରାପ ଘଟିଯିବ । ଝିଅକୁ ମଧ୍ୟ ଭଲ ଲାଗୁନଥିଲା । ମୋ ନାତୁଣୀ ଆଉ ଝିଅ ସମସ୍ତେ ସେଦିନ ନଈ କୂଳରେ ଚାଲିଲୁ । ଯେଉଁଠି ଡଙ୍ଗା ଆସି ଲାଗେ ସେଇଠି ଅପେକ୍ଷା କଲୁ । ଡଙ୍ଗା କିଛି ସମୟ ପରେ ଆସିଲା । ତାଙ୍କ ଦଳ ସେଥର ଜଲଦି ଚାଲିଆସିଲା ।

ମୁଁ ଦେଖିଲି ସମସ୍ତେ ମୋ ଆଡ଼କୁ ଆସୁଛନ୍ତି । ସିଏ ନଥିଲେ । ତାଙ୍କୁ ଛାଡ଼ି ସମସ୍ତେ ଫେରିଆସିଲେ । ମୋ ପୁଅ ମୋ ଆଡ଼କୁ ଦୌଡ଼ି ଆସିଲା । ମୋତେ ଧରି ବହୁତ କାନ୍ଦିବାକୁ ଲାଗିଲା । ମୁଁ ଜାଣିଲି କ'ଣ ଘଟିଯାଇଛି । କହିବାର କ'ଣ ଆବଶ୍ୟକତା ଥିଲା । ଆଉ ସେ ଫେରିବେନି । ତାଙ୍କ ଶେଷ ଦର୍ଶନ ମଧ୍ୟ ହେବ ନାହିଁ । ଝିଅ ମଧ୍ୟ ଜାଣିଲା । ସେଇଠି ମୁଁ ପଡ଼ିଗଲି, ଝିଅ ବି ପଡ଼ିଗଲା, ଆମକୁ ଲୋକେ କାନ୍ଧେଇ ଆଣିଲେ ।

ସେଦିନ ସରସ୍ୱତୀ ପୂଜା । ସେ ଘରକୁ ଫେରିବେ ବୋଲି କହିଥିଲେ ଫେରିଲେନି ।"- ଏତିକି କହି ସେ ଟିକେ ରହିଗଲେ ।

"ପରେ ପୁଅ ମୁହଁରୁ ସବୁକଥା ଭଲକରି ଶୁଣିଲି । ସେଥର ଭଟ୍ଟା ଥାଏ । ସେମାନେ ଜଙ୍ଗଲ ଧାରକୁ ଚାଲିଗଲେ । ସେଠି ଆଣ୍ଠୁଏ ପାଣି । ତା'ପରେ କାଦୁଆ ଚଡ଼ା । ପାଖରେ ଜଙ୍ଗଲ । ହଠାତ ତା' ଭିତରୁ ବାଘ ମୋ ସ୍ୱାମୀଙ୍କ ଉପରକୁ ଡେଇଁପଡ଼ିଲା । ପୁଅ ପାଖରେ ଛିଡ଼ା ହୋଇଥିଲା । ସେ କିନ୍ତୁ କିଛି କରିପାରିଲା ନାହିଁ । ଯେତେବେଳେ ବାଘ ଗର୍ଜନ କରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକ୍ରମଣ କଲା ସବୁ ଲୋକଙ୍କର ବୁଦ୍ଧି ହଜିଗଲା । ସମସ୍ତେ ଥରିଗଲେ । ମୋ ସ୍ୱାମୀ ସେତେବେଳେ ସାହାଯ୍ୟ ପାଇଁ ପାଟି କରୁଥାନ୍ତି, ଚିତ୍କାର କରୁଥାନ୍ତି । କିନ୍ତୁ କେହି କିଛି କରିପାରିଲେ ନାହିଁ । ବାଘ ତାଙ୍କୁ ଟାଣି ଜଙ୍ଗଲ ଭିତରକୁ ନେଇଗଲା । ପୁଅ ଜୋରରେ କାନ୍ଦିଲା ପାଟିକଲା । ବାପାର ଗୋଡ଼କୁ ଧରି ଟାଣୁଥିଲା । କିନ୍ତୁ ବାଘ ତାଙ୍କର ବେକ ଆଉ ଗଳାକୁ ଧରିଥିଲା । ବାଘର ଶକ୍ତି ଆଗରେ ପୁଅର କାହିଁ ଶକ୍ତି । ଗୋଟିଏ ଟୋକା ବାଘକୁ କ'ଣ କରିପାରିବ । ବାଘ ସହଜରେ ତାଙ୍କୁ ଟାଣିକି ଜଙ୍ଗଲ ଭିତରକୁ ନେଇଗଲା । ପୁଅ କିଛି କରିପାରିଲା ନାହିଁ । ଅନ୍ୟ ଲୋକମାନେ ପୁଅକୁ ଧରି ଡଙ୍ଗା ଭିତରକୁ ନେଇଆସିଲେ । ନ ହେଲେ ବାଘ ତା'କୁ ବି ମାରିଦେଇଥାନ୍ତା ।"-ବୁଢ଼ୀ ଏତିକି କହି ଟିକେ ସକେଇହେଲେ । ତାଙ୍କ ଆଖିରୁ ଲୁହ ଝରି ଆସୁଥିଲା । ସେ ଆଖି ବନ୍ଦ କରିଦେଲେ । ଏତେ ଦିନ ପରେ ମଧ୍ୟ ସେହି କଥାଗୁଡ଼ା ତାଙ୍କ ମନରେ ଜୀବନ୍ତ ଥିଲା ।

"ମୋର ଦୁଇଟି ପୁଅ । ସେମାନେ ଭଲ ଭାବରେ ମାଛ ଧରିବା ଶିଖିଛନ୍ତି । କିନ୍ତୁ ମୁଁ ଚାହୁଁନଥିଲି ସେମାନେ ଜଙ୍ଗଲ ଯାଆନ୍ତୁ । କିନ୍ତୁ ସେମାନେ ମୋ କଥା ମାନିଲେନି । କେଉଟ ଘର । କଣ କରିବେ । ଆଜି ବି ପୁଅମାନେ ମାଛ ଧରିବାକୁ ଯାଉଛନ୍ତି । ସେଇ ତ ଆମ ପେଷା, ବେଉସା । ସେଥିରେ ପେଟ ପୁରିବ ।"-ତାଙ୍କ ସ୍ୱର ବହୁ ଧିମା ହୋଇଯାଇଥିଲା ।

କେତେ କେତେ ଦିନ ଚାଲିଯାଇଛି । ଆଜି ଏ ବୟସରେ ତାଙ୍କର ବହୁତ ଆବଶ୍ୟକତା ମଧ୍ୟ ନାହିଁ । ଜୀବନରେ କିଛି ରଙ୍ଗ ନାହିଁ । ସନ୍ଧ୍ୟାରେ ଥଣ୍ଡା ନାହିଁ, ଗରମ ନାହିଁ, ସେମିତି ଶୀତଳ ହୋଇ ରହିଛି । ଗାଁରେ ସମସ୍ତେ ମାଛ ଧରିବାକୁ ନହେଲେ ଧାନଚାଷ କରିବାକୁ ଚାଲିଯାଆନ୍ତି । ଏ ତ ଅନ୍ୟ ଗାଁର କଥା । କିନ୍ତୁ ଏ ଗାଁରେ ଲୋକମାନେ ମାଛ ଧରିବାକୁ ଯାଆନ୍ତି । ପ୍ରାୟ ବର୍ଷକରେ ୮ରୁ ୧୦ମାସ ମାଛ ଧରିବା ଚାଲେ । ଆଉ ସେ ଭିତରେ କିଛି ନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ଅଘଟଣ ଘଟିଯାଏ ।

ଏମିତିଆ ଗାଁରେ ସେମାନଙ୍କର ସ୍ୱାମୀମାନେ ଅପେକ୍ଷା କରି ରହିଥିବେ, କେତେବେଳେ ସ୍ୱାମୀ ଆସିବ, କେତେବେଳେ ପୁଅ ଫେରିବ । ସମସ୍ତଙ୍କ ମନରେ ଆଶଙ୍କା, ଆଙ୍କାକ୍ଷା । କ'ଣ ଘଟିବ ? ଥଣ୍ଡା ପବନ ନଇରୁ ବହି ଆସୁଥାଏ । କିନ୍ତୁ ଏ ସ୍ତ୍ରୀଲୋକଙ୍କ ଆଖିରୁ ଲୁହ ଶୁଖେନା ।

ସପନବାବୁ ସେହି ବୁଢ଼ୀଙ୍କୁ ଅନାଇଲେ । ତାଙ୍କୁ ଲାଗୁଥିଲା ତାଙ୍କ ଆଗରେ ଯେମିତି ଏକ କାଦୁଅର ପ୍ରତୀମା ଛିଡ଼ା ହୋଇଛି । ମୁହଁରେ ଆଉ କିଛି ଭାବ ନାହିଁ । ଶବ୍ଦ ଗୁଡ଼ିକ ବାହାରି ଆସୁଛି । ସେ ଭିତରେ ସେମିତି ଆଉ କିଛି ଭାବନା ନାହିଁ । ଆକାଶରେ କାହିଁ ଦୂରରେ ମେଘ । କିନ୍ତୁ ଘୋଟେଇ ଆସିଛି । ସେହି ମହିଳାଟି ହାତରେ ଥିବା ବନିଶିକୁ ଅନାଇଲେ ।  ତେରେଣ୍ଡା ହଲୁ ବି ନଥିଲା । ଆକାଶ ଧୀରେ ଧୀରେ ସଫା ହେବାକୁ ଲାଗୁଥିଲା । କିଛି ସମୟ ଧରି ଯେଉଁ ମେଘଟି ଆକାଶରେ ଥିଲା ତାହା ଚାଲି ଯାଇଥିଲା । ତଳେ ଆଉ କିଛି ଛାଇ ବି ନଥିଲା । ତାଳ ଗଛର ଲମ୍ବା ଛାଇ ପାଣି ଉପରକୁ ଓହ୍ଲାଇ ଆସୁଥିଲା । ସ୍ତ୍ରୀ ଲୋକଟି କାଦୁଅ ପୋଖରୀ କୂଳରେ ଏକ ଜୀବହୀନ ପଥର ପ୍ରତିମା ଭଳି ଲାଗୁଥିଲେ, କାଦୁଅରେ ତିଆରି ଶୁଖିଯାଇଥିବା ପ୍ରତିମା । ପାଖରେ ଟିକିଏ ଦୂରରେ ପାଣି ଗାଢ଼ ନୀଳ ହୋଇ ଯାଇଥିଲା । ଆଖି ଶୂନ୍ୟ । ସେହି ଶୂନ୍ୟ ଦୃଷ୍ଟି ପଡୁଥିଲା ପାଣିର ଉପରେ । ତାଙ୍କର ହାତରେ ଥିବା ବନିଶିରେ ମାଛଟିଏ ଲାଗିନଥିଲା, କିଛି ହଲୁନଥିଲା ।

ରାସ୍ତାରେ ଗୋଟିଏ ତରୁଣୀ ସ୍ତ୍ରୀ ଲୋକ ଦେଖାହେଲେ ।

ଏଠି ଜୀବନ ଆରମ୍ଭ ହୋଇଯାଏ ଶୀଘ୍ର । ଝିଅମାନେ ଜଲ୍‌ଦି ବାହା ହୋଇଯାଆନ୍ତି । ତା'ର ବୟସ ୨୦ ବର୍ଷ ପାଖାପାଖି କିନ୍ତୁ ସେତବେଳକୁ ଗୋଟିଏ ପୁଅ ଆଉ ଗୋଟିଏ ଝିଅ ହୋଇସାରିଥିଲା । ସେ ନିଜ ସ୍ୱାମୀ ପାଇଁ ସପ୍ତାହେ ହେଲା ଅପେକ୍ଷା କରିଛି । ସ୍ୱାମୀ ଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପର୍ଯ୍ୟନ୍ତ ଆସିନାହାନ୍ତି । ସେ ଛୋଟ ଛୁଆଙ୍କୁ ଅନାଇଲା । ତା'ପରେ ହାତ ଯୋଡ଼ିକହିଲା– "ମା' ତାଙ୍କୁ ରକ୍ଷା କର ।" ସବୁଦିନ ସକାଳେ ତା'ର ଆଖି ଓଦା ହୋଇଯାଏ । କାଲି ରାତିରେ ସ୍ୱାମୀ ଫେରିନାହାନ୍ତି । କେତେବେଳେ ଫେରିବେ ? ସକାଳ କୁହୁଡ଼ି ଘରଟାକୁ ଲୁଚାଇଦିଏ । ଛୁଆମାନେ ଶୋଇଥାଆନ୍ତି । ଗାଁ ଦାଣ୍ଡରେ କୁହୁଡ଼ି ଭରିଯାଇଥାଏ । କିନ୍ତୁ ଏକ ଓଦା ଆଖି ଦାଣ୍ଡକୁ ଅନାଇ ରହେ । ତା'ପରେ ସେ ଦୌଡିଯାଏ ବନବିବିଙ୍କ ମନ୍ଦିରକୁ । ସେହିଠି ହାତଯୋଡ଼ି ପ୍ରଣାମ କରେ ବନବିବିଙ୍କୁ ମାଗେ-ମା' ତାଙ୍କୁ ବଞ୍ଚାଇରଖ । ବନବିବି ହେଉଛନ୍ତି ଜଙ୍ଗଲର ରକ୍ଷାକର୍ତ୍ତ୍ରୀ, ସମସ୍ତଙ୍କ ରକ୍ଷାକର୍ତ୍ତ୍ରୀ । ତେଣୁ ସେ ତା'ର ସ୍ୱାମୀଙ୍କୁ ସାପ, ବାଘ, କୁମ୍ଭୀର କବଳରୁ ରକ୍ଷା କରିବେ । ସେ ମା' ବନବିବିଙ୍କ ଆଗରେ ନଡ଼ିଆ ବାଢ଼ାଏ, ଫୁଲ ଦିଏ, ଆଉ ଫେରିଆସେ । ମା' କେବଳ ତାଙ୍କ ସ୍ୱାମୀ ରକ୍ଷା କରିପାରିବେ । ଜଙ୍ଗଲରେ କେତେ ଯେ ବାଘ । କେଉଁ ମୁହୂର୍ତ୍ତରେ ପ୍ରାଣ ଚାଲିଯିବ । ଗାଁରେ ତ ଅନେକ ସ୍ତ୍ରୀଲୋକ ବିଧବା ହୋଇଯାଇଛନ୍ତି । ଏହି ହେଉଛି ଜୀବନର କାହାଣୀ ଏ ଗାଁମାନଙ୍କରେ । ଖୁବ୍ ସକାଳୁ ଲୋକମାନେ ଦଳ ହୋଇ ମାଛ ଧରିବାକୁ ଚାଲିଯାଆନ୍ତି । ବେଳେବେଳେ ସମସ୍ତେ ଫେରନ୍ତିନି । ଜଣେ ଦୁଇଜଣ ଜଙ୍ଗଲ ଭିତରେ ହଜିଯାଆନ୍ତି । ଏ ଖବର କେମିତି ପହଞ୍ଚିଯିବ ତା' ଘରେ ? ଆଉ ଖବର ପହଞ୍ଚିଗଲେ ଗାଁରେ କାନ୍ଦବୋବାଳି ପଡିଯାଏ ।

ସେଦିନ ଆଉ ଏକ ଗାଁରେ ଏକ ଶୁଦ୍ଧିକ୍ରିୟା ଚାଲିଥିଲା । ସ୍ତ୍ରୀଲୋକଟିଏ ସଦ୍ୟ ବିଧବା ହୋଇଥିଲେ । ମହିଳାଟିକୁ ପ୍ରାୟ ୩୦ ବର୍ଷ ବୟସ । ତାଙ୍କର ସ୍ୱାମୀ କିଛିଦିନ ତଳେ ବାଘ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ମାଛ ଧରିବାକୁ ସୁନ୍ଦରବନ ଭିତରକୁ ଯାଇଥିଲେ ଆଉ ଫେରିଲେନି । ତାଙ୍କ ଆଖିରୁ ଲୁହ ଧାର ଧାର ହୋଇ ବୋହିଯାଉଥିଲା । ଦେହରେ ଏକ ପତଳା ସୂତା ଶାଢ଼ୀ । କଳା ଦେହକୁ ଘୋଡ଼ାଇ ହୋଇଥିଲେ । ଘରର ଅନ୍ୟ ଲୋକମାନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମରିବାର କ୍ରିୟାକ୍ରମ କରୁଥିଲେ । ସମସ୍ତେ ବ୍ୟସ୍ତ ଥିଲେ ଜୀବନ ତ ଚାଲିଯାଇଛି । କିନ୍ତୁ ପ୍ରେତ କର୍ମ ତ କରିବାକୁ ପଡ଼ିବ ।

ତାଙ୍କ ଶରୀରକୁ ଉଦ୍ଧାର କରଯାଇ ପାରିଲା ନାହିଁ । ବାଘ ଜଙ୍ଗଲ ଭିତରକୁ କୁଆଡ଼େ ନେଇଯାଇଅଛି । ପୂଜାରୀ ବନବିବି, ଶାହା ଜଙ୍ଗଲୀ, ଦକ୍ଷିଣ ରାୟଙ୍କ ଆଗରେ ପ୍ରେତ କର୍ମ କରିବାକୁ ଲାଗିଲେ । ସେଠି ସେ କେତେଟା ଧୂପକାଠି ପୋତି ଦେଇଥିଲେ । ଘରର ଅନ୍ୟ ସ୍ତ୍ରୀଲୋକମାନେ ଭିନ୍ନ ଭିନ୍ନ କାମରେ ବ୍ୟସ୍ତ ଥିଲେ । ମରିଯାଇଥିବା ଲୋକଙ୍କର ଏକ ଫଟୋ ସୁନ୍ଦର ଭାବେ ସଜାଇ ଏକ ଧଳା କପଡ଼ା ଉପରେ ରଖାଯାଇଥିଲା । ଗାଁର ଲୋକମାନେ ଜଣକ ପରେ ଜଣେ ଆସି ମୁଣ୍ଡ ନୁଆଇଁ ସେହି ଫଟୋକୁ ପ୍ରଣାମ କରୁଥିଲେ । ଜଣେ ଲୋକ ମୃଦଙ୍ଗ ବଜାଉଥିଲେ । ଆଉ ଜଣେ ହାରମନିୟମ ବି ବଜାଉଥିଲେ । ସବୁବେଳେ ଛୋଟ ଗିନି ବାଜିଚାଲିଥିଲା । ଏକ ବୁଢ଼ା ଲୋକ ଆସିଲେ । ତାଙ୍କ ମୁଣ୍ଡ ଖିଅର ହୋଇଥିଲା । ସେ ଆସି ମୁଣ୍ଡ ଲଗାଇ ପ୍ରଣାମ କଲେ । ଯେହେତୁ ଶରୀରକୁ ଉଦ୍ଧାର କରାଯାଇ ପାରିଲା ନାହିଁ ସେଇଥିପାଇଁ ଏକ ଚାଉଳରେ ଗୁଳା କରାଯାଇ ମଣିଷ ଆକୃତି କରାଯାଇଥିଲା, ହାତ ଗୋଡ଼ ଆଦି ତିଆରି କରାଯାଇଥିଲା । ଗୁଳାକୁ କଦଳୀପତ୍ର ଉପରେ ସଜାଇ ରଖାଯାଇଥିଲା । ମରିଯିବା ଲୋକର ଭାଇ କିଛି ଫୁଲ ଆଣିଥିଲେ । ସେମାନେ ସେହି ମଣିଷ ଭଳି ହୋଇଥିବା ଗୁଳାକୁ ଏକ ବାଉଁଶ କୋକେଇରେ କାନ୍ଧେଇଲେ । ତା'ପରେ ବାକି କ୍ରିୟାକର୍ମ ହେବ । ଏହି ପରିବାରର ୨ଜଣ ଲୋକ ବାଘ ଆକ୍ରମଣରେ ପ୍ରାଣ ହରାଇଲେଣି । ଘର ପାଇଁ ଘୋର ଦୁର୍ଦ୍ଦଶା । ଲୋକମାନେ ପାଣିରେ ପଶିଲେ । ସେଇଠି ଶେଷ କର୍ମ ହେଉଥିଲା । ଅନେକ ଲୋକ ଏହି ଗାଁମାନଙ୍କରେ ରୁହନ୍ତି । ଜଙ୍ଗଲକୁ ଲୋକ ମାଛ ଧରିବାକୁ, କାଠ କାଟିବାକୁ କିମ୍ବା ମହୁ ସଂଗ୍ରହ କରିବାକୁ ଯାଆନ୍ତି । କିନ୍ତୁ ସବୁଦିନ ଭଲ ଯାଏନି । ଜଙ୍ଗଲ ଭିତରେ ଯାଉଯାଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନେକ ଲୋକ ଜୀବନ ହଜାଇ ଦିଅନ୍ତି ।

ପାଓଲିଙ୍କ ହୃଦୟ କେମିତି ଭାରି ହୋଇଯାଉଥିଲା ।

ପାଓଲି ଟିକିଏ ଆଗକୁ ଚାଲିଗଲେ । ସେଇଠି ବନବିବିଙ୍କ ଛୋଟ ମନ୍ଦିର ।

ଜଣେ ମହିଳା ବନବିବିଙ୍କ ଆଗରେ ଆସି ମୁଣ୍ଡ ନୁଆଇଁଥିଲେ । ତାଙ୍କର ଆଖିରେ ଲୁହ ଜକାଇ ଆସୁଥିଲା । ତାଙ୍କ ସ୍ୱାମୀଙ୍କୁ ବେଶ କିଛିଦିନ ତଳେ ବାଘ ମାରିଦେଇଥିଲା । ସେ ଦୁଃଖଭରା ସ୍ୱରରେ କହୁଥିଲେ ।-"ମା' ମା ମା । ତୁ ମା' ହୋଇ ମୋର ଦୁଃଖ କେମିତି ବୁଝିପାରିଲୁନି ନାହିଁ । ଏକ ସ୍ତ୍ରୀ ଲୋକ ହୋଇ ମୁଁ ମୋ ସଂସାର କିପରି ସମ୍ଭାଳିବି ? ମୋ ପାଖରେ ତ କେହି ସାହା ଭରସା ନାହାନ୍ତି ।"- ତାଙ୍କ ଆଖିରେ ଲୁହ ଭରି ଯାଇଥିଲା । ଘର ପାଖରେ ବନବିବିଙ୍କ ଛୋଟ ମନ୍ଦିର ଥିଲା । ମନ୍ଦିର ଟିକେ ଅନ୍ଧାରିଆ । ପାଓଲିଙ୍କ ଆଖିରେ ଲୁହ ଜକେଇଥିଲା । ସେ ଭଲଭାବରେ ମୂର୍ତ୍ତିକୁ ଦେଖିପାରୁ ନଥିଲେ । ସ୍ତ୍ରୀ ଲୋକଟିର ଆଖିରୁ ଲୁହ ଟପ୍ ଟପ୍ ହୋଇ ତଳେ ପଡୁଥିଲା । ସେ ବନଦେବୀଙ୍କ ମହାତ୍ମ୍ୟ ବିଷୟରେ କିଛି ଗୁଣୁଗୁଣୁ ହେଲେ । ଆଜି ସ୍ୱାମୀ ନାହାନ୍ତି । ସଂସାରକୁ ତାଙ୍କୁ ଆଗେଇ ନେଇଯିବାକୁ ପଡ଼ିବ । ବାଘ ସଂସାରକୁ ଉଜାଡ଼ିଦେଇଛି ।

"ମା' ମୁଁ ଏ ମାୟାର ସଂସାରକୁ କେମିତି ଅତିକ୍ରମ କରିବି ?"- ସେ କାନ୍ଦୁଥିଲେ । ତାଙ୍କ କଥା ଯେମିତି ନଦୀ ଆଡ଼କୁ ଭାସିଯାଉଥିଲା ।

"ଏ ମିଛ ସଂସାରରେ କେହି ସାହାରା ନାହିଁ ମା' । ମୁଁ ବଞ୍ଚିବି କେମିତି ? ତୁ ମୋତେ ଦିଗ ଦେଖାଇଦେ ମା' ।- ତାଙ୍କର ଦୁଃଖଭରା ସ୍ୱର ଗୁଣୁ ଗୁଣୁ ହୋଇ ବାହରି ଆସୁଥିଲା । ସେ ହାତ ଯୋଡ଼ିଲେ ଆଉ ସଷ୍ଟାଙ୍ଗ ପ୍ରଣିପାତ କଲେ ।

ପାଓଲି ତାଙ୍କୁ ଅନାଇଲେ । କିଛି ଶବ୍ଦ ତାଙ୍କ ପାଟିରୁ ବାହାରୁ ନଥିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମିତି ଆଉ ଏକ ଦୁଃଖର ଘଟଣା ପାଓଲିଙ୍କ ଗାଁରେ ବୁଲିବା ଭିତରେ ଘଟିଗଲା । ପାଓଲି କଲିକତା ନଫେରି ଆଜିକାଲି କିଛିଦିନ ପାଇଁ ସୁନ୍ଦରବନ ଅଞ୍ଚଳରେ ରହି ବିଭିନ୍ନ ତଥ୍ୟ ସଂଗ୍ରହ କରିବାକୁ ଲାଗିଥିଲେ । ଗାଁର ଲୋକମାନଙ୍କ ସହ ପରିଚୟପାଇଁ ସେ ଏକ ସହାୟକ ଖୋଜୁଥିଲେ । ଏ ଭିତରେ ରେବତୀ ନାମକ ଏକ ମହିଳା ସହ ତାଙ୍କର ପରିଚୟ ହୋଇଗଲା । ଭଲ ବ୍ୟବହାର । ମଧ୍ୟ ବୟସର । ସେ ଯେତେବେଳେ ଗାଁକୁ ଯାଆନ୍ତି ସେହି ସମୟରେ ରେବତୀକୁ ଖୋଜନ୍ତି । ରେବତୀ ସବୁଆଡେ ତା'ଙ୍କୁ ନେଇଯାଏ । ଲୋକଙ୍କୁ ବୁଝାଇ ପାଓଲିଙ୍କ ସହ କଥା କରାଏ । ରେବତୀ ନଥିଲେ ପାଓଲିଙ୍କୁ ବୁଲିବା ଆଉ ତଥ୍ୟ ସଂଗ୍ରହ କରିବା କଷ୍ଟକର ହୋଇଥାନ୍ତା । ତେଣୁ ପାଓଲି ରେବତୀକୁ ଭଲ ପାଆନ୍ତି ।

ପାଓଲି ତା' ଘରକୁ ଅନେକଥର ଯାଇଥିଲେ । ସାଧାରଣ ଘର । ରେବତୀ ବିଧାନ ସରଦାରର ସ୍ତ୍ରୀବୋଲି ସେ ଗାଁରେ ଭାରି ପତିଆର ଥିଲା । ବିଧାନ ବଡ଼ ନାମକରା ବ୍ୟକ୍ତି । କିଏ ସାହାସରେ, ବୁଦ୍ଧିରେ ତା'ର ସରି ହେବେନି । ସେ ଘରକୁ ଅନ୍ୟମାନଙ୍କଠାରୁ ଟିକିଏ ଭଲ କରି ଗଢ଼ିଥିଲା । ସମସ୍ତେ ବିଧାନର ଘରକୁ ଚାହାନ୍ତି । ସେମିତି କିଛି ବଡ଼ ଘର ନୁହେଁ । ଚାଳଛପର ଘର, ମାଟି କାନ୍ଥଅର । କିନ୍ତୁ ସବୁଆଡ ପରିଷ୍କାର । କବାଟରେ ନୂଆ ରଙ୍ଗ । କାନ୍ଥରେ ଝରକା ଅଛି । ତେଣୁ ଅନ୍ୟ ଘରମାନଙ୍କଠାରୁ ଭିନ୍ନ ଲାଗେ, ଭଲ ଲାଗେ । ବିରାଟ ଖବର ଗାଁ ସାରା ବୁଲୁଥିଲା ।

ପାଓଲି ସେଦିନ ବିଧାନର ଘରେ ପହଞ୍ଚିବା ଆଗରୁ ସବୁଆଡେ ଶୋକର ବାତାବରଣ ଥିଲା । ଖବରଟା ଅତି ହୃଦୟ ବିଦାରକ । ପାଓଲିଙ୍କ ପାଇଁ ମଧ୍ୟ ଦୁଃଖର ଖବର । ବିଧାନ ସରଦାରକୁ ବାଘ ନେଇଗଲା । ଗୋଟିଏ ସାହିରୁ ତୁହାକୁ ତୁହା ବାହୁନା ଭାସି ଆସୁଥିଲା । ଲୋକମାନେ ଗାଁ ଦାଣ୍ଡରେ ଜମା ହୋଇଥିଲେ । ସମସ୍ତଙ୍କ ମୁହଁ ଶୁଖିଯାଇଛି । କିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଧାନର ଘର ଆଡକୁ ଯାଉଥିଲେ । ବିଧାନ ବଡ଼ କଷ୍ଟରେ ଘରଟାକୁ ବାଗେଇଥିଲା । ଏବେ ଆଉ ବିଧାନ ନାହିଁ । ବିଧାନକୁ ସେମିତି ବେଶୀ ବୟସ ହୋଇନଥିଲା । ଏଇ ୪୦ ଡେଇଁଥିବ । ଆଜିକୁ ୨୫ ବର୍ଷ ହେଲା ମାଛ ଧରୁଥିଲା । ବାଘର, କୁମ୍ଭୀରର ସବୁ ଲକ୍ଷଣ ଜଣା । ସୁନ୍ଦରବନରେ ଏମିତି କେଉଁ ନାଳ ବା ଖାଲ ନାହିଁ ଯାହାକୁ ବିଧାନ ନଜାଣେ । କି କଙ୍କଡା, କି ଚିଙ୍ଗୁଡି, କି ମାଛ ଧରିବାରେ ତା'କୁ ପାରିବାର କେହିନାହିଁ । ଥରେ ତ ସେ ୧୦ କିଲୋର ଏକ ଭେକଟିମାଛ ଧରିଥିଲା । ଗାଁରେ ସେଇଟା ବଡ଼ ଖବର । ଏତେ ବଡ଼ ଭେକଟି ମାଛ ସହଜରେ ଧରା ପଡନ୍ତି ନାହିଁ । କିନ୍ତୁ ବିଧାନ ସେମିତିଆ ବଡମାଛ ଧରିନିଏ । କେତେବେଳେ କିଲିକିଆ କଙ୍କଡା ଧରିଆଣେ । କି ବର୍ଷା, କି ଖରା, କି କାକର, କି ଶୀତ ବିଧାନକୁ କିଛି ଖାତିର ନଥାଏ । ମହୁ ସଂଗ୍ରହପାଇଁ କେଉଁ ଅପନ୍ତରାକୁ ବିଧାନ ନଡରି ପଶିଯାଏ । ସମସ୍ତେ ଭାବୁଥିଲେ ତା' ଉପରେ ବନବିବିଙ୍କର ସୁଦୟା ଅଛି । ମା କାଳୀଙ୍କର ଆଶୀର୍ବାଦ ଅଛି, ଦକ୍ଷିଣ ରାୟଙ୍କର ଦୟା ଅଛି । ନହେଲେ ଏମିତିଆ ଅସମ୍ଭବ କାମ କରି କିଏ ଫେରି ପାରନ୍ତାନି ।

କ୍ରମଶଃ-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେଇ ଅନ୍ଧାର ରାତିରେ-୫

*ଏହା ଏକ କାଳ୍ପନିକ ଧାରାବାହିକ । ଏହାର କୌଣସି ସାମାଜିକ, ଭୌତିକ ଘଟଣା କିଛି ବି ସାମଞ୍ଜସ୍ୟ ନାହିଁ । କାହାଣୀକୁ ସମ୍ପୁର୍ଣ୍ଣ ବୁଝିବା ପାଇଁ ପୂର୍ବଭାଗ ପଢ଼ିବାକୁ ଅନୁରୋଧ..*



ବିଜୟ କୁମାର ପଣ୍ଡା

ମିନୁର ବଡ଼ ଭାଇ, ବାପା କ୍ରୋଧାନିତ୍ୱ ହୋଇ ବୁବୁ ଉପରେ ଭୀଷଣ ବର୍ଷିଥିଲେ ।

ଏତେ ରାତି ଯାଏଁ ଝିଅ ଘରକୁ ନ ଫେରିବା ଏବଂ ବୁବୁ ସହ ରାସ୍ତାପାଖେ ଏମିତି ବସିବା ତାଙ୍କୁ ଆଚମ୍ବିତ କରିଥିଲା । ଯଦିଓ ବୁବୁ ସହ ମିନୁ କୁ ସେମାନେ ପ୍ରଥମଥର ଏମିତି ଦେଖିଥିଲେ, ତଥାପି ସେମାନଙ୍କ ମନରେ ସଂଦେହ ଘାରିଥିଲା ।

ମିନୁର ସାଙ୍ଗ ଲୁସି ଏଯାଏଁ ଗାଏବ ଥିଲା ।

ବୁବୁକୁ ସେଦିନ ରାତିରେ ନିଦ ଆସିଲାନାହିଁ । ଲୁସି କଣ ସତରେ ..!! ନାଁ ସେସବୁ ମିଛ । ସେ ମିନୁ ଟା ଏସବୁ କଣ କଣ ବାଇଆଣି ପରି କହୁଥିଲା ? ।

ରାତି ପାହିଲେ ସେ ଥାନାକୁ ଯିବ । ସବୁ ବିଷୟରେ ଏସ.ଆଇଙ୍କୁ କହିବ । ହେଲେ କହିବ କଣ ? ଏ ସବୁ କାହାଣୀ କହି ତାକୁ ଘଉଡ଼ାଇ ଦେବେନି ତ ?

ମିନୁ କଣ ଆସିବ ତା ସାଥେ ଥାନାକୁ !! ତା ମନରେ ଶହେ ପ୍ରଶ୍ନ କୁ ଉତ୍ତର ପାଉନଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାତି ଚାରିଟା ମୁହଁ ଅନ୍ଧାର .. ଏ ସମୟରେ କଲେଜ ଛକରେ କେବଳ ନରି ମଉସା ଦୋକାନ ଖୋଲା ଥାଏ । ବୁବୁ ହଷ୍ଟେଲ ରୁମ ରୁ ବାହାରି ଚାଲିଲା କପେ ଚା ପିଇ ମନ ଟିକେ ଶାନ୍ତ କରିବାକୁ ।

କିଛି ପାଦ ଗଲା ପରେ ହଠାତ ତା ଆଗରେ ଝିଅଟିଏ ନିଶବ୍ଦରେ ତା ଆଗରେ ଚାଲିଯାଉଥିବା ଭଳି ଦୃଶ୍ୟମାନ ହେଲା । ଧଳା ରଙ୍ଗର ଡ୍ରେସ ।

ଆଃ..ସତରେ ସେ ସ୍ୱପ୍ନ ଦେଖୁନି ତ ! କି ଭୟଙ୍କର ଥିଲା କାଲି ରାତିର ଦୃଶ୍ୟ ଆଉ ଆଜି ପୁଣି !!

ଦେହ ଶୀତେଇ ଉଠିଲା । ଲୋମ ଟାଙ୍କୁରି ଉଠିଲା । ତଥାପି ସାହସ ଧରି ତା ପଛେ ପଛେ ଚାଲିଲା ବୁବୁ । ଝିଅଟି ଚାଲୁଥାଏ କଲେଜ ପଛ ପଟ ଦେଇ ଲମ୍ବିଥିବା ଜଙ୍ଗଲ ରାସ୍ତା ଆଡ଼କୁ । କିଚିରି ମିଚିରି ଶବ୍ଦ, ବେଳେ ବେଳେ ସାଇଁ ସାଇଁ ଶବ୍ଦରେ ଦଲକାଏ ଥଣ୍ଡା ପବନ ଦେହ ମନକୁ ଆହୁରି ଶିଥିଳ କରିଦେଉଥାଏ ।

ପାଦ ପଛଘୁଞ୍ଚା ଦେଉଥାଏ ।

ରାତିର ଶେଷ ପ୍ରହରୀରେ ଜଙ୍ଗଲ ରାସ୍ତା ସବୁଦିନ ପରି ଶୂନଶାନ ।

ବିଲୁଆ, ଶିଆଳ ମାନଙ୍କ ଶବ୍ଦରେ .. ଛାତିରେ ଛାନିଆ ପଶି ଯାଉଥାଏ । ବୁବୁ ଦମ୍ଭଧରି ଚାଲିଲା ଆଗକୁ । (କ୍ରମଶଃ...)

ସମ୍ପାଦକ, କନକପ୍ରଭା, ସବଙ୍ଗ, ସିମୁଳିଆ, ବାଲେଶ୍ୱର ।
ଭ୍ରାମ୍ୟଭାଷ: ୯୭୩୯୫୯୮୮୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଇଁ ତ ଗରିବ ଛାତ୍ର

ଭାଗ : ୪

ପ୍ରଧାନ ଶିକ୍ଷକଙ୍କ ସ୍ମିତହାସ୍ୟ ଭରା ମୁଖ ମଣ୍ଡଳରେ, ଲୁଚି ରହିଥିଲା ଏକ ସ୍ନେହ ଓ ମମତା ଭରା ଆବେଗ । ବହୁତ ଭାବି ଚିନ୍ତି ସେ ତପନର ନାମ ପଞ୍ଜିକରଣ କରିଛନ୍ତି । ତପନ ହୃଷ୍ଟପୃଷ୍ଟ ଥିବାରୁ ଦୌଡ଼ ପ୍ରତିଯୋଗିତାରେ ବିଦ୍ୟାଳୟରେ ପ୍ରଥମ ହୋଇଥାଏ । କିନ୍ତୁ କୌଣସି ଜିଲ୍ଲା ସ୍ତରୀୟ ହେଉ କି ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ କେବେ ଅଂଶଗ୍ରହଣ କରି ନ ଥିଲା । କାରଣ ତା ମାଆ ତାକୁ କେବେ ଛାଡିବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ । ଏହି ପ୍ରତିଯୋଗିତାରେ ତାକୁ ଥରେ ସୁଯୋଗ ଦେଇ ଦେଖିବା । ରାଜେଶ ଓ ମହେଶ ଆଗରୁ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ମାନଙ୍କରେ ଏତେଟା ଭଲ କରି ନ ଥିଲେ ।



ମହେଶ୍ୱର ସାହୁ

ପ୍ରଧାନ ଶିକ୍ଷକ ବୁଝେଇ ଦେଇଥିଲେ ରାଜେଶ ଓ ମହେଶକୁ ଯେ ତୁମେ ଦୁଇଜଣ ଗୁଣି ଓ ଜ୍ଞାନୀ ହେଲେ ଆଜିର ପ୍ରତିଯୋଗୀ ହିସାବରେ ମୁଁ ତପନର ନାଁ ପଞ୍ଜିକରଣ କରିଛି । ତୁମେ ଦୁଇଜଣ ମନ ଦୁଖ କର ନାହିଁ । ଆଗକୁ ନିଶ୍ଚୟ ସୁଯୋଗ ମିଳିବ ।

ତପନ ସାରଙ୍କର ଏତକ କଥା ଶୁଣି ଆଖିରୁ ଦୁଇଟୋପା ଲୁହ ଝରେଇ ଦେଲା । କହି ପକେଇଲା "ସାର ଆପଣ ମୋତେ କାହିଁକି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଯୋଗ ଦେଲେ ! ଏମାନଙ୍କର ବାପା ଆସି ଆପଣଙ୍କ ଉପରେ ଦାଉ ସାଧିବେ । ମୁଁ ଚାହେଁ ନାହିଁ ମୋ ଗୁରୁଜୀ ଆମ ଅଭିଭାବକ ମାନଙ୍କ ନିକଟରେ ଅପମାନିତ ହୁଅନ୍ତୁ । ମୋତେ ସୁଯୋଗ ଦେଇ ନ ଥିଲେ କୌଣସି ଅସୁବିଧା ନ ଥିଲା । କାରଣ ମୋର ନାଁ ବାପା ଅଛନ୍ତି କହିବାକୁ ନାଁ ଅନ୍ୟ କେହି । " ତପନର ନୟନ ଯୁଗଳରୁ ବୋହିଯାଉଥାଏ ଆନନ୍ଦାସ୍ରୁ । କଣ ଜଣେ ଶିକ୍ଷକ ମଧ୍ୟ ଅସହାୟ ପିଲାଟିଏ ପାଇଁ କିଛି କର୍ତ୍ତବ୍ୟ ଲିଭାଇ ଥାନ୍ତି । କଣ ମୋ ପ୍ରଧାନ ଶିକ୍ଷକ ମୋ ପାଇଁ ନିଜ ସମ୍ମାନକୁ ଜଳାଞ୍ଜଳି ଦେଇ ଦେଲେ ? କିଛିଟା ଆନନ୍ଦ ଭିତରେ ଅସୁମାରୀ ପ୍ରଶ୍ନର ଛାୟା ଆନ୍ଦୋଳିତ କରୁଥାଏ ତପନର ମନ ଓ ହୃଦୟରେ ।

ଠିକ ଅଛି ଆମେ ଦେଖିବା ଆଗକୁ କଣ ହେବ । ତୁମେ ମାନେ କେହି ଚିନ୍ତା କର ନାହିଁ । ଯାହା ହେବ ମୁଁ ବୁଝିବି ହେଲେ ଏଠାରେ ଆମ ମାନଙ୍କ ପାଇଁ ନାସ୍ତାର ବ୍ୟବସ୍ଥା ହୋଇଛି ଚାଲ କିଛି ନାସ୍ତା କରିବ । ସକାଳ ପହରୁ ଆସିଲଣି । ପିଲାଙ୍କୁ ଧରି ପ୍ରଧାନ ଶିକ୍ଷକ ନାସ୍ତା କରେଇବାକୁ ନେଇଗଲେ ।

ନାସ୍ତା ସରିଲା ପରେ ପଞ୍ଜିକରଣ କେନ୍ଦ୍ରରୁ ଟୋକନ ସଂଗ୍ରହ କରି, ଟୋକନରେ ଥିବା ନମ୍ବର ଅନୁସାରେ ପ୍ରଧାନ ଶିକ୍ଷକ ନିଜ କ୍ୟାବିନ ଭିତରକୁ ଗଲେ ।

ଦିନ ଦଶଟାରେ ଦୌଡ଼ ପ୍ରତିଯୋଗିତା ଆରମ୍ଭ ହେବ ଏହି ପ୍ରତିଯୋଗିତା ରହିଥିଲା ତିନି ଶହ ମିଟର ବିଶିଷ୍ଟ । ଆସିଥିବା ପ୍ରତିଯୋଗୀ ମାନଙ୍କୁ କେତୋଟି ଗ୍ରୁପ ରେ ବିଭକ୍ତ କରା ଯାଇଥିଲା । ପ୍ରତି ଗ୍ରୁପର ବିଜେତାଙ୍କୁ ନେଇ ସେମି ଫାଇନାଲ ଓ ସେମି ଫାଇନାଲର ବିଜେତାଙ୍କୁ ନେଇ ଫାଇନାଲ ମ୍ୟାଚ କରାଯିବ । ତେଣୁ ପ୍ରଥମ ଗ୍ରୁପରେ ତିରିଶି ଜଣଙ୍କ ସହିତ ତପନ ଦୌଡ଼ ପ୍ରକ୍ରିୟା ପାଇଁ ମାଇକିରେ ଡକା ଗଲା । ତପନ ପ୍ରଥମେ ପ୍ରଧାନ ଶିକ୍ଷକଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ହୋଇ କହିଲା "ସାର ମୋତେ ଆଶୀର୍ବାଦ କରନ୍ତୁ । ମୁଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେମିତି ପବନର ତାଳେ ତାଳେ ଦୌଡି ପାରେ ।" ସାର କହିଲେ ମୋ ଆଶୀର୍ବାଦ ଠାରୁ ତୁମର ଚେଷ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତୁମ ସ୍ୱର୍ଗବାସୀ ବାପା ନିଶ୍ଚୟ ଦେଖୁଥିବେ ତୁମେ ଆଗେଇ ଚାଲ । ତପନ ନିଜର ସ୍ପୋର୍ଟସ କପଡା ପିନ୍ଧି ବିର ଦର୍ପରେ ଯାଇ ଲାଇନ ରେ ଠିଆ ହୋଇଗଲା । ଜଜ୍ ହୁଇସିଲ ଦେଇ ୱାନ, ଟୁ ଓ ଥ୍ରୀ କହି ଷ୍ଟାର୍ଟ କହିଦେଲେ । ପିଲାମାନେ ଏକ ସାଥିରେ ଦୌଡ଼ିବା ଆରମ୍ଭ କରିଦେଲେ । ତପନ ପ୍ରଥମେ ଟିକେ ପଛେଇ ଯିବା ଭଳି ଦେଖା ଦେଇଥିଲା । ଷ୍ଟାଡିଅମ ଭିତରେ ଥିବା ସମସ୍ତ ଦର୍ଶକ ବହୁତ ଜୋରରେ ହୋ ହଲା କରୁଥାନ୍ତି । ପ୍ରଧାନ ଶିକ୍ଷକ ତପନ ତପନ ଡାକ ଛାଡିଲେ । ସମସ୍ତ ହୋ ହଲା ଶବ୍ଦକୁ ଚିରି ସାର ଙ୍କର ଶବ୍ଦ ତପନର କାନରେ କୁହୁକ ଜାଦୁ ଭଳି ଉତ୍ସାହ ଢାଳି ଦେଲା । ଭିଡ଼ ଭିତରେ ସାର କେଉଁଠି ଡାକ ଛାଡୁଛନ୍ତି ସେ ଜାଣି ପାରିଲା ନାହିଁ ହେଲେ ସେ ଏଇନେ ପାଞ୍ଚ ଜଣଙ୍କ ଠାରୁ ପଛରେ ଅଛି । ହେ ଭାଗବନ ମୋତେ ଶକ୍ତି ଦିଅ କହି ପ୍ରଖର ବେଗରେ ଆଗକୁ ଆଗକୁ ସମସ୍ତଙ୍କୁ ଅତିକ୍ରମ କରି ମାଡି ଚାଲିଲା ଏକ କ୍ଷୁଦାର୍ଥ ସିଂହ ଭଳି । ସମସ୍ତ ପ୍ରତି ଦ୍ୱନ୍ଦୀଙ୍କ ଠାରୁ ତପନ ଆଗେଇ ଯାଇଥିଲା ଓ ପ୍ରଥମ ହୋଇ ସେମି ଫାଇନାଲ ରେ ପହଞ୍ଚି ଗଲା ।

ବହୁତ ଦୁର୍ବଳତା ଯୋଗୁଁ ସେବାକାରି ମାନେ ତାକୁ ଗ୍ଲୁକୋଜ ପାଣି ପିଇବାକୁ ଦେଲେ ଏବଂ ବିଶ୍ରାମ ନେବାକୁ କହିଲେ ସେମି ଫାଇନାଲ ପାଇଁ । ତଥାପି ସେ ପ୍ରଧାନ ଶିକ୍ଷକଙ୍କୁ ଗ୍ୟାଲେରୀ ମଧ୍ୟରେ ଦେଖି ପାରୁ ନ ଥିଲା ।

ସେମି ଫାଇନାଲ ରାଉଣ୍ଡରେ ମଧ୍ୟ ସମସ୍ତଙ୍କୁ ପଛରେ ପକାଇ ଏକ ନମ୍ବର ହୋଇ ଯାଇଥିଲା । ଏବେ ପ୍ରଧାନ ଶିକ୍ଷା ନିଜ କେବିନ ରୁ ତଳକୁ ଦୌଡ଼ି ଆସି ତାପକୁ କୁଣ୍ଢେଇ ବହୁତ ଗେହ୍ଲ କଲେ । ତପନ କହିଲା " ସାର ମୋତେ ବହୁତ ଭୋକ ହେଲାଣି । ଖାଇବାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଇଚ୍ଛା ହେଉଛି । " ସାର କହିଲେ "ନାଇଁରେ ବାପା ଏଇନେ ଖାଇଲେ ଫାଇନାଲ ରେ ଦୌଡ଼ିବୁ କେମିତି କହିଲୁ ! ତା ପରେ ଏଠି କଣ ଅଛି ଖାଇବାକୁ ଯେ ! ଖାଇବାର ବ୍ୟବସ୍ଥା ମଧ୍ୟାହ୍ନ ସମୟରେ ହୋଇଥାଏ" ତପନ ଅନୁରୋଧ କଲା "ସାର ମୋତେ ଟିକେ କେବିନ ମଧ୍ୟକୁ ନେଇଚାଲନ୍ତୁ । ମୋ ବ୍ୟାଗରେ ମାଆ ଦେଇଥିବା କିଛି ଖାଦ୍ୟ ଅଛି ଖାଇବି । କାରଣ ପୁଣି ଫାଇନାଲ ହେବାକୁ ଅଧ ଘଣ୍ଟା ସମୟ ଲାଗିବ "

ହଉ ଠିକ ଅଛି କହି ତପନ ସାରଙ୍କ ସହିତ କେବିନ କୁ ଗଲା । କେବିନ ଭିତରେ ଠିକାଦାର ଦେଇଥିବା ବ୍ୟାଗ ଭିତରୁ ଏକ ପଖାଳ କଂଶା କାଢ଼ିଲା । ସେଥିରେ ତା ମାଆ ତା ପାଇଁ କଦଳୀ ପତ୍ରରେ ବନ୍ଧା ହୋଇଥିବା ଆଳୁ ଚଗଟା ଓ ପଖାଳ ଭରି ଦେଇଛନ୍ତି । ଉପସ୍ଥିତ କେବିନ ନିକଟସ୍ଥ ସମସ୍ତ ଦର୍ଶକଙ୍କ ସାମନାରେ ତପନ ପାଖଳରେ ପାଣି ଢାଳି ଆଳୁ ଚଗଟା ସହିତ ଖୁବ ଆନନ୍ଦରେ ଖାଇବାକୁ ଲାଗିଲା । ଏମିତି ଖାଉଥିବାର ଦେଖି ଆଧୁନିକ ଯୁଗର ପିଲାମାନେ ଖୁବ ତାଳି ମାରିଲେ । ସେମାନେ ତପନ ପଖାଳ ଖାଇବାର ଦୃଶ୍ୟର ବହୁତ ମଜାକ କରୁଥିଲେ । ପ୍ରଧାନ ଶିକ୍ଷକଙ୍କୁ ମଧ୍ୟ ଟିକେ ଅଡୁଆ ଅଡୁଆ ଲାଗୁଥିଲେ ହେଲେ ପିଲାଟାକୁ ଭୋକ ଲାଗିଛି ଓ ଗଣ୍ଡେ ଖାଇଦେଲା ଭାବି ସେମିତି ଅନାଉ ଥିଲେ । ତପନ କହିଲା "ସାର ପିଲା ମାନେ ହସୁଛନ୍ତି ବୋଲି ଭାବିଲେ କି ? ମୋତେ ଏଇ ପଖାଳ ଗଣ୍ଡାକ ନ ଖାଇଲେ ଆଦୌ କେଉଁଥିରେ ବି ମନ ଲାଗେ ନାହିଁ । ସାର ମୁଁ ପଖାଳ ନ ଖାଇଲେ କିଛି ବି କରି ପାରେନା । ସେଇଥି ପାଇଁ ମୋ ମାଆ ମୋତେ ଦେଇଥିଲା ଓ କହିଥିଲା ଭୋକ ଲାଗିଲେ ଖାଇନେବୁ । ସାର କିଏ ହସିଲେ କି କେହି ମଜାକ କଲେ ଆମର ପେଟ ପୁରି ଯାଇନଥାଏ । ଭଗବାନ ପରା ମୋତେ ଗରିବ ଛାତ୍ର ଭାବେ ତିଆରି କରିଛନ୍ତି କେବଳ ଏଇ ପଖାଳ ପାଇଁ । ଆପଣ ତ ଧନୀ ଲୋକ ଆପଣ ବି ହସୁଛନ୍ତି କି ?" ପ୍ରଧାନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶିକ୍ଷକ ସାନ୍ତ୍ୱନା ଦେଇ କହିଲେ " ସତରେ ତପନ ତୋର କେତେ ବୁଦ୍ଧି ଓ କେତେ ଅନୁଚିନ୍ତା ମୂଳକ ଭାବନା ! ଧନ୍ୟ ତୋର ମାଆ । ଯିଏ ପଖାଳ ଭିତରେ ସ୍ନେହ ଓ ମମତା ଭରି ଦେଇଛନ୍ତି । ତୋ ମାଆଙ୍କର ପଖାଳର ମୂଲ୍ୟ ତୋତେ ଆଜି ଷ୍ଟାଡିଅମ ଭିତରେ ଦେବାକୁ ପଡିବ । ଆଗେଇ ଚାଲ ଆଗକୁ ଆଗକୁ ବହୁତ ଆଗକୁ । ତପନ ନିଶ୍ଚୟ ଆଦର୍ଶ ଓ ପ୍ରେରଣା ହେବା ଦରକାର ଅନ୍ୟ ଛାତ୍ର ଓ ଛାତ୍ରୀ ମାନଙ୍କ ପାଇଁ ।

ତପନର ଫାଇନାଲ ଖେଳ ପାଇଁ ଡାକରା ହେଲା । ଜଜ୍ ସାର ପିଲା ମାନଙ୍କୁ ଲାଇନ ରେ ଠିଆ କରେଇ ଦେଲେ । ପୁଣି ହୁଇସିଲ ବାଜି ଉଠିଲା ୱାନ, ଟୁ, ଥ୍ରୀ ସହିତ ଷ୍ଟାର୍ଟ.. ଦୌଡ଼ିଲେ ସମସ୍ତ ଫାଇନାଲିଷ୍ଟ ପିଲା ମାନେ । ତପନ ଭିତରେ ସତ ସିଂହର ପରାକ୍ରମ ଆନ୍ଦୋଳିତ ହେଉଥାଏ । ସାର ଚିତ୍କାର କରୁଥାନ୍ତି ତପନ ମାଡି ଚାଲ । ଏବେ ତପନ କାହାକୁ ନ ଅନେଇ ଆଗକୁ ଆଗକୁ ମାଡି ଚାଲିଲା ଖୁବ ପ୍ରଖର ବେଗରେ । ମନ ମଧ୍ୟରେ ବିଦ୍ୟାଳୟର ଚିନ୍ତା । ମୁଁ ନିଶ୍ଚୟ ମୋ ବିଦ୍ୟାଳୟର ନାମ ଉଜ୍ଜ୍ୱଳ କରିବି । ମୁଁ ନିଶ୍ଚୟ ମୋ ବିଦ୍ୟାଳୟକୁ ଆମ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଗୁଞ୍ଜାଇତ କରିବି । ମୋ ମାଆର ନାଁ ଉଜ୍ଜ୍ୱଳ କରିବି । ଯିଏ ମୋ ପାଇଁ ଦିନ ରାତି ପର ଘରର ବାସନ ମାଜୁଛି । ତା ମନରେ ଅକୁହା ଭାବନା ଉଙ୍କି ମାରୁଥାଏ । ଭାବନା ମଧ୍ୟରେ ସେ ତିନି ଶହ ମିଟର ଦୌଡ଼ି ସାରିଥିଲା । ସମସ୍ତ ଖେଳାଳିଙ୍କୁ ପଛରେ ପକାଇ ସିଏ ଯାଇ ସିଧା ପଡିଯାଇଥିଲା ନିଜର ଲକ୍ଷ ରେଖାର ଆର ଆରପାରିରେ । ଚେତା ଶୂନ୍ୟ ଅବସ୍ଥାରେ ତାକୁ ନେଇ ଯାଇଥିଲେ ସେବକ ପିଲା ମାନେ ।

ଓଡ଼ିଶାର ସମସ୍ତ ବିଦ୍ୟାଳୟର ପ୍ରତିଯୋଗୀ ମାନଙ୍କୁ ପଛରେ ପକାଇ ତପନ ହେଇଥିଲା ଦୌଡ଼ରେ ପ୍ରଥମ । କିନ୍ତୁ ଯିଏ ଦୁଇଟି ପ୍ରତିଯୋଗିତା ରେ ପ୍ରଥମ ହେବ ସେ ହେବ ରାଜ୍ୟ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ସ୍କୁଲୀୟ କ୍ରୀଡା ଉତ୍ସବର ଚମ୍ପିୟାନ । ପ୍ରତିଯୋଗୀତା ଶେଷ ହୋଇ ନ ଥାଏ । ଏବେ ପୁଣି ହେବ ଲମ୍ବା ଡିଆଁ ର ପ୍ରତିଯୋଗିତା । ତପନ ନିଜକୁ ସୁସ୍ଥ ଅନୁଭବ କରୁଥାଏ । ପ୍ରଧାନ ଶିକ୍ଷକ କହିଲେ "ତପନ ପୁଣି ତତେ ପ୍ରସ୍ତୁତ ହେବାକୁ ପଡିବ ଲମ୍ବା ଡିଆଁ ପାଇଁ । ମୁଁ ଭାବୁଛି ତପନ ନିଶ୍ଚୟ ଉତ୍ତୀର୍ଣ ହେବ । "

ମହେଶ କହିଲା " ସାର ମୁଁ ଭାଗ ନେଇ ପାରିବି କି ? ରାଜେଶ ମଧ୍ୟ ଅନୁରୋଧ କଲା " ସାର ମୋତେ ଗୋଟେ ସୁଯୋଗ ଦିଅନ୍ତୁ । " ପ୍ରଧାନ ଶିକ୍ଷକ କହିଲେ " ଏଇଟା ଆମ ବିଦ୍ୟାଳୟ କଥା ନୁହେଁ । ଏଠି ଯେଉଁ ନିୟମ ହୋଇଥାଏ ସମସ୍ତଙ୍କ ପାଇଁ ହୋଇଥାଏ । ସେମାନେ କେବଳ ଜଣକୁ ପଞ୍ଜିକରଣ କରିବେ ଓ ଦୁଇଟି ପ୍ରତିଯୋଗିତାର ଭାଗ ନେବାକୁ ସୁଯୋଗ ଦେବେ । ତେଣୁ ମନ ଦୁଖ କର ନାହିଁ । ତପନ ଆମ ବିଦ୍ୟାଳୟର ନାମ ଉଜ୍ଜ୍ୱଳ କରିସାରିଛି ଏବଂ ଆଗକୁ ମଧ୍ୟ କରିବ । ତେଣୁ ତୁମେ ବ୍ୟସ୍ତ ହୁଅ ନାହିଁ ସମୟକୁ ଅପେକ୍ଷା କର । ଆମେ ଶିକ୍ଷକ ହିସାବରେ ଜାଣି ପାରୁ କାହା ଦ୍ୱାରା କେଉଁ କାମ ହୋଇପାରିବ । ତେଣୁ କଥରେ ଅଛି ଗୁଣ ଚିହ୍ନେ ଗୁଣିଆ ଓ ସୁନା ଚିହ୍ନେ ବଣିଆ ।"

ଏବେ ରାଜେଶ ଓ ମହେଶ ବୁଝି ପାରିଲେ ଯେ ତପନ ଭିତରେ କିଛି ଗୁଣ ଅଛି ଯାହା ପାଇଁ ସେ ଆଜି ଓଡ଼ିଶାର ଦୌଡ଼ରେ ପ୍ରଥମ ହେଇ ପାରିଲା । ଆମକୁ ମଧ୍ୟ ତା ଠାରୁ କିଛି ଶିଖିବାର ଅଛି । ଆମେ ତାକୁ ବହୁତ ଘୃଣ୍ୟ ଦୃଷ୍ଟିରେ ଦେଖୁ ହେଲେ ତା ଅନ୍ତରରେ କେବେ ଆମ ପ୍ରତି କୌଣସି ଭାବନା ନ ଥିଲା । ଆମେ ଯେତେବେଳେ ଯାହା କହିଲେ କି ଥଟ୍ଟା କଲେ, ସେ ଗୁରୁତ୍ୱ ଦିଏ ନାହିଁ । ନିଜ କର୍ମକୁ ନିଜେ ବଡ଼ ଭାବି କରିଚାଲେ ।

ଲମ୍ବ ଡିଆଁ ଆରମ୍ଭର ପ୍ରତିଯୋଗିତା ଆରମ୍ଭ ହେଲା । ସେମିତି ସମସ୍ତ ପ୍ରତିଯୋଗୀ ମାନଙ୍କୁ ଗୋଟିଏ ଗୋଟିଏ ଗ୍ରୁପ କରାଯାଇଥାଏ । ତପନର ନାଁ ଡକା ଗଲା । ତପନ ଜଜ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଙ୍କର ନିର୍ଦ୍ଦେଶ ଅନୁସାରେ ଯାଇ ଠିକ ଲାଇନ ରେ ଠିଆ ହୋଇଗଲା । ଏବେ ଆରମ୍ଭ ହେବ ଲମ୍ବ ଡିଆଁ ପ୍ରତିଯୋଗିତା । ପିଲାମାନେ ନିଜ ବଳ ଓ ଶକ୍ତି ମୁତାବକ ଲମ୍ଫ ପ୍ରଦାନ କରୁଥାନ୍ତି । ତପନ ବାରି ଆସିଲା । ତପନ ମଧ୍ୟ ଲମ୍ବ ଡିଆଁ ମାରିଲା । କିଏ କେତେ ଦୂରତା ଡିଆଁ ମାରୁଥାଏ ତାହା ଶେଷରେ କୁହାଯାଏ । ପ୍ରଥମ ରାଉଣ୍ଡରେ ତପନ ତା ଗ୍ରୁପରେ ସମସ୍ତଙ୍କୁ ପଛରେ ପକାଇ ସେମି ଫାଇନାଲକୁ ଯାଇଛି । ପ୍ରଧାନ ଶିକ୍ଷକଙ୍କର ଖୁସି କହିଲେ ନ ସରେ । ତପନ ଉପରେ ଏବେ ସବୁ ପିଲାଙ୍କ ନଜର । କାରଣ ଘୋଷଣା କରୁଥିବା ଲୋକ ଜଣଙ୍କ ଅଧିକ ତପନ ନାଁ ଟିକୁ ପ୍ରଚାର କରୁଥାନ୍ତି । ବହୁତ ଜୋରରେ ତପନ ନାଁ କହୁଥାନ୍ତି । ଯେମିତି ବିଜୁଳି ମାରିଲା ପରେ ଘଡ଼ ଘଡି ଶବ୍ଦ ହୁଏ । ସବୁରି କାନରେ ତପନ ତପନ । ମଝିରେ ମଝିରେ ଘୋଷଣାକାରୀ କହୁଥାନ୍ତି ଧନ୍ୟ ତପନର ବାପା ମାଆ ଧନ୍ୟ ତାଙ୍କର ଶିକ୍ଷକ । ଏମିତି ଶବ୍ଦ ଶୁଣି ପ୍ରଧାନ ଶିକ୍ଷକଙ୍କ ଛାତି କୁଣ୍ଢେ ମୋଟ ହୋଇଯାଉଥାଏ । ଆନନ୍ଦରେ ଠିଆ ହୋଇ ହାତ ଟେକି ଦେଉଥାନ୍ତି । ଟିକେ ସ୍ମିତ ହସ ହସି ଦେଇ ପଡିଆ ମଧ୍ୟରେ ତପନକୁ ଅନେଇ ନିଜ ଛାତିକୁ ଦୁଇ ଚାପୁଡ଼ା ମାରି ଦେଉଥାନ୍ତି । ମୋ ହିରୋ ତପନ । ମୁଁ ଆଜି ତା ପାଇଁ ଗର୍ବିତ । ମହେଶ ଓ ରାଜେଶ ପିଠିରେ ହାତ ବୁଲେଇ ଦେଇ ଥାପୁଡ଼େଇ ଦେଉଥାନ୍ତି । ଏବେ ସତରେ ମହେଶ ଓ ରାଜେଶ ମଧ୍ୟ ଖୁସି ଅନୁଭବ କରୁଛନ୍ତି । ସେମାନେ ଜାଣିପାରୁଛନ୍ତି ଆମେ ପଢୁଥିବା ବିଦ୍ୟାଳୟର ନାଁ ତପନ ମାଧ୍ୟମରେ ଓଡିଶା ବକ୍ଷରେ ଗୁଞ୍ଜରିତ ହେଉଛି । ଆମ ପ୍ରଧାନ ଶିକ୍ଷକଙ୍କ ଖୁସି ହିଁ ଆମର ଖୁସି । ଏଇ ଚିନ୍ତା ଧାରା ତାଙ୍କ ମନରେ ଆସିଯାଇଥାଏ ।

କହିବାକୁ ଗଲେ ଯେତେବେଳେ ଏକ ବିଦ୍ୟାଳୟର ନାଁ କୌଣସି ବି ଛାତ୍ର ଦ୍ୱାରା ସର୍ବୋଚ୍ଚକୁ ଯାଇଥାଏ ନା ସେତେବେଳେ ସେଇ ବିଦ୍ୟାଳୟରେ ପଢିଥିବା ପ୍ରକୃତ ଛାତ୍ର ଓ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶିକ୍ଷକ ବହୁତ ଗର୍ବ କରିଥାନ୍ତି । ସେମାନେ ନିଜ ଭାଗ୍ୟ ଓ କର୍ମ ଅନୁସାରେ ଯେଉଁ କାମ କରୁଥାନ୍ତୁ ନା କାହିଁକି ! ମୁଁ ଏହି ବିଦ୍ୟାଳୟରେ ପଢ଼ିଥିଲି କି ପଢ଼ାଉ ଥିଲି କହି ନିଶ୍ଚୟ ନିଜ ଛାତିରେ ଦୁଇ ଜବଡା ମାରି ଦେଇଥାନ୍ତି ।

ସେମି ଫାଇନାଲର ପ୍ରତି ଯୋଗୀତା ଆରମ୍ଭ ହେବ । ସମସ୍ତ ପ୍ରତିଯୋଗୀ ଆସି ଯାଇଥାନ୍ତି ଷ୍ଟାଡିଅମ ମଧ୍ୟସ୍ତ ପଡିଆ ମଧ୍ୟକୁ । ତପନ ମଧ୍ୟ ନିଜ ବାରି ପାଇଁ ଅପେକ୍ଷା କରିଥାଏ । ଜଣକ ପରେ ଜଣେ ଲମ୍ବ ଡିଆଁ ମାରୁଥାନ୍ତି ଓ ତାହା ଜଜ୍ ନୋଟ କରୁଥାନ୍ତି । ଏମିତିରେ ତପନ ମଧ୍ୟ ଡିଆଁ ମାରିବା ପାଇଁ ନାଁ ଡାକରା ହେଲା । ତପନ ଯାଇ ଛିଡା ହୋଇଗଲା ଡିଆଁ ମାରିବାକୁ । ପଡ଼ିଆର ସମସ୍ତ ଦର୍ଶକ ଓ ଦର୍ଶିକା କର ତାଳିରେ ତପନ ତପନ କହି ଅଭିବାଦନ କରୁଥାନ୍ତି । ତପନ ଦୌଡ଼ି ଦୌଡ଼ି ଯାଇ ଡିଆଁ ମାରିଲା । ଡିଆଁ ମରିସାରିବା ପରେ କଣ ହେଲା କେଜାଣି ତା ଗୋଡ଼ ମୋଡି ଯିବାରୁ ଦୁମ କିଣା ପଡିଗଲା । ଗୋଡ଼ରେ ଓ ମୁହଁରେ ବଡ଼ ଆଘାତ ଲାଗିଲା । ରକ୍ତ ବୋହିଯାଉଥାଏ । ପୁରା ରକ୍ତ ଜୁଡୁବୁଡୁ ମୁହଁ । ସେବକ ମାନେ ଉଠାଇ ନେଇଥିଲେ ଷ୍ଟାଡିଅମରେ ଥିବା ଡାକ୍ତରଙ୍କ ପାଖକୁ । ଡାକ୍ତର ଦେଖିଲେ ମୁହଁ ସାରା ରକ୍ତ । ପୋଛା ପୋଛି କରି ଔଷଦ ଲଗାଇଦେଲେ ଡାକ୍ତର ମହାଶୟ । ଓଠ ଫାଟି ଯାଇଥିବାରୁ ଭାରି ଯନ୍ତ୍ରଣା ହେଉଥାଏ । ପ୍ରଧାନ ଶିକ୍ଷକ କାନ୍ଧ କାନ୍ଧ ହୋଇ ଦେହ ହାତ ଆଉଁସି ଦେଉଥାନ୍ତି । ଠିକ ଏଇ ସମୟରେ ଘୋଷଣା ହେଲା ତପନ ଫାଇନାଲକୁ ପ୍ରବେଶ କରିଛି ! ପ୍ରଧାନ ଶିକ୍ଷକ ମନେ ମନେ ଭଗବାନଙ୍କୁ ଡାକିଲେ " ହେ ଭଗବାନ ତପନ ଫାଇନାଲ କୁ ଯାଇଛି ହେଲେ ସେ କେମିତି ଖେଳିବ ? "

ତପନ ରକ୍ତାତ ଓଠ ରେ ଟିକେ ସ୍ମିତ ହସ ଦେଇ କହିଲା " ସାର ଆପଣ କିଛି ଭାବୁଛନ୍ତି ଯେ ! କିଛି ଭାବନ୍ତୁ ନାହିଁ । ମୁଁ ନିଶ୍ଚୟ ଡିଆଁ ମାରିବି । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଡ଼ରେ ଡିଆଁ ମରାଯାଏ ସାର ମୁହଁରେ ନୁହଁ ! ଏମିତି ଟିକେ ଗୋଡ଼ ଖସିଗଲା "

ସୋଇଥିବା ତପନକୁ ସାର କୁଣ୍ଡାଇ ପକାଇଲେ । ସାର ଙ୍କ ଆଖିରୁ ବୋହିଯାଇଥିଲା ଦୁଇଟୋପା ଆନନ୍ଦାସ୍ତୃ । ତପନ ଝାଡୀ ଝୁଡ଼ି ହୋଇ ଉଠି ବସିଲା । ମୁହଁରେ ଦୁଇଟି ସ୍ଥାନରେ ସିଲେଇ ପଡିଛି । ତଥାପି ନିଜର ମନୋବଳ ଦୃଢ଼ ରହିଛି । ଯାହାର ମନୋବଳ ଯେତେ ଦୃଢ଼ ଓ ଧର୍ଯ୍ୟ ଯେତେ ବଳିଷ୍ଠ ସେ କୌଣସି କାମରେ ପଛ ଘୁଞ୍ଚା ଦିଏ ନାହିଁ ।

ଫାଇନାଲ ରାଉଣ୍ଡ ରେ ତପନ ପାଦ ଦେଇଛି । ସୁସ୍ଥ ପିଲା ଭଳି ସାରଙ୍କ ପାଦ ଛୁଇଁ ପଡିଆ ଭିତରକୁ ଗଲା । ଘୋଷଣା ହେଉଥାଏ ଘାଇଲା ବାଘ ତପନ ନିଜ ବିଦ୍ୟାଳୟ ପାଇଁ ପୁଣି ଥରେ ଫାଇନାଲ ରେ ଚମ୍ପିୟାନ ଟ୍ରଫି ପାଇଁ ଦଣ୍ଡାୟ ମାନ ।

ଜଜ୍ ଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ପ୍ରତିଯୋଗୀ ନିଜ ନିଜ ସ୍ଥାନରେ ଜଣକ ପରେ ଜଣେ ସେମିଫାଇନାଲିଷ୍ଟଙ୍କୁ ଡିଆଁ ମାରିବାକୁ ଡାକରା ହେଉଥାଏ । ତପନର ମଧ୍ୟ ପାଳି ପଡିଲା । ତପନକୁ ଦେଖି ସମ୍ପୂର୍ଣ୍ଣ ପଡ଼ିଆରେ ଆନନ୍ଦର ଲହରୀ । ତପନର ଏବେ ଦର୍ଶକ ମାନଙ୍କ ସହିତ ପଖାଳ ଭାତର ଥଟ୍ଟା ମଜାକ ନଥିଲା । ଅତ୍ୟନ୍ତ ସ୍ନେହ ଓ ପ୍ରେମ ର ଭାବନା ସହିତ ଉତ୍ସାହିତର ବାର୍ତ୍ତା ଆସୁଥିଲା । ସମସ୍ତ ଦର୍ଶକ ତପନ ତପନ କହି ଉତ୍ସାହିତ କରୁଥାନ୍ତି । ପ୍ରଧାନ ଶିକ୍ଷକ ମଧ୍ୟ ଅତି ଗର୍ବର ସହ ତପନ ତପନ ମାଡି ଚାଲ ଓ ଆଗେଇ ଚାଲ କହି କମ୍ପମାନ କରୁଥାନ୍ତି । ତପନ ଦୌଡ଼ି ଦୌଡ଼ି ଯାଇ ଲମ୍ବ ଡିଆଁ ମାରିଲା । ଜଜ୍ ଦୂରତା ନୋଟ କରିନେଲେ ।

ଭୋଜନ ପରେ ଘୋଷଣା ହେବ କେତେଜଣ ବିଜେତା ଓ ରନର ସହିତ ଦୁଇଟି ଡାକର ବିଜେତାକୁ ଦିଆଯିବ ରାଜ୍ୟ ସ୍ତରୀୟ କ୍ରୀଡା ସମ୍ମିଳନୀର ଚମ୍ପିୟାନ ଟ୍ରଫି । ଭୋଜନ ପାଇଁ ପ୍ରତିଯୋଗୀ ମାନଙ୍କୁ ଟୋକନ ଦିଆଯାଇଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଧାନ ଶିକ୍ଷକ ରାଜେଶ, ମହେଶ ସହିତ ତପନକୁ ନେଇ ପହଁଚିଲେ ମଧ୍ୟାହ୍ନ ଭୋଜନ ମଣ୍ଡପ ପାଖରେ । ଭାତ, ଡାଲମା , ଚଟଣି ସହିତ ଘାଣ୍ଟ ତରକାରୀ ହୋଇଥାଏ । ସମସ୍ତେ ଏକ ଏକ ପ୍ଲେଟ ନେଇ ଖାଇବା ଦ୍ରବ୍ୟ ସଂଗ୍ରହ କଲେ ।

ତପନ ଓଠରେ ଦାନ୍ତ ପସିଯାଇଥିବାରୁ ବହୁତ ଯନ୍ତ୍ରଣା ହେଉଥାଏ । "ସାର ମୋତେ ବହୁତ ଯନ୍ତ୍ରଣା ହେଉଛି । ଖାଇ ପାରିବି ନାହିଁ ! " ପ୍ରଧାନ ଶିକ୍ଷକ କହିଲେ ବାପାଟା ପରା ଅଳ୍ପ ଗଣ୍ଡେ ଖାଇ ଦେ । ନହେଲେ ଭୋକରେ କେମିତି ରହିବୁ ? ତପନ ମୁହଁ ସୁଖେଇ କହିଲା "ସାର ବହୁତ ଭଲ ବାସ୍ନା ଆସୁଛି ତରକାରୀ ରୁ । ପାଟିକୁ ସୁସ୍ୱାଦୁ ଜଣା ପଡୁଛି ହେଲେ ମୁଁ ଖାଇ ପାରୁନି ସାର ।"

"ଠିକ ଅଛି ଭାତ ସହିତ ଡାଲମା ଗୋଳେଇ ପିଇ ପାରିବୁ ତ । ତୋ ପଖାଳ ବେଲା କାଢ଼ ସେଇଥିରେ ଭାତ ସହିତ ଡାଲମା ଗୋଳେଇ ଚଗଟି ଦେବୀ ତୁ ପିଇଦେବୁ । " ଅତ୍ୟନ୍ତ ଦୁଃଖରେ ପ୍ରଧାନ ଶିକ୍ଷକ ସାନ୍ତ୍ୱନା ଦେଉଥାନ୍ତି । ଭାବୁଥାନ୍ତି ଭୋକ ଆତୁରା ପିଲାଟା ଗଣ୍ଡେ ଭଲ ସେ ଖାଇବି ପାରିବ ନାହିଁ ।

ପ୍ରଧାନ ଶିକ୍ଷକ ଭାତ ସହିତ ଡାଲମା ଗୋଳେଇ ଚଗଟି ତରଳ ପାନୀୟ ଖାଦ୍ୟ ଭଳି କରିଦେଲେ । ତପନ ଆଖି ବନ୍ଦ କରି ଭୋକରେ ପିଇଗଲା । ଏଇ ସମୟରେ ଲମ୍ଵ ଡିଆଁର ଘୋଷଣା ଶୁଣା ଗଲା କି ତପନ ଲମ୍ଵ ଡିଆଁରେ ମଧ୍ୟ ସମସ୍ତଙ୍କୁ ପଛକୁ ପକାଇ ବିଜେତା ହୋଇଛି । କେବଳ ବିଜେତା ନୁହେଁ ସେ ପୁରା ଆଜିର ମଞ୍ଚ ପାଇଁ ହିରୋ ହୋଇ ଯାଇଛି । ଦୁଇ ଦୁଇଟି ଖେଳର ବିଜେତା ହୋଇ ସେ ଓଡିଶାର ରାଜ୍ୟ ସ୍ତରୀୟ କ୍ରୀଡା ଉତ୍ସବର ଚମ୍ପିୟାନ ହେବାରେ ସୌଭାଗ୍ୟ ଅର୍ଜନ କରିପାରିଛି । କିଛି ସମୟ ପରେ ମୁଖ୍ୟମନ୍ତ୍ରୀ ଆସିବେ ପୁରସ୍କୃତ କରିବା ପାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତପନର ଖୁସି କହିଲେ ନ ସରେ । ମୁଖ୍ୟ ମଞ୍ଚକୁ ପ୍ରଥମେ ତପନର ପ୍ରଧାନ ଶିକ୍ଷକଙ୍କୁ ଡକା ଗଲା । ଏଥି ସହିତ ଅତିଥି ଆସନ ଦିଆ ଗଲା । ପାଖ ଚେୟାରରେ ରାଜେଶ ଓ ମହେଶ ବସିବାର ସୌଭାଗ୍ୟ ମଧ୍ୟ ପାଇଲେ । ଅନ୍ୟ ଖେଳର ବିଜେତା ମାନେ ମଧ୍ୟ ମଞ୍ଚ ନିକଟସ୍ଥ ଚେୟାର ମାନଙ୍କରେ ବସିଥାନ୍ତି । ସାମ୍ବାଦିକ ମାନେ ପ୍ରଧାନ ଶିକ୍ଷକଙ୍କୁ କେତେ କଣ ପ୍ରଶ୍ନ ପଚାରୁଥାନ୍ତି । ପଡିଆ ଭିତରେ ଓ ଗ୍ୟାଲେରୀ ଭିତରେ ଦର୍ଶକ ମାନେ ସୁନ୍ଦର ମୁହୂର୍ତ୍ତକୁ ଉପଭୋଗ କରୁଥାନ୍ତି । ଠିକ ଏଇ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଶିକ୍ଷା ଓ କ୍ରୀଡା ମନ୍ତ୍ରୀ ମଞ୍ଚରେ ପହଁଚିଲେ । ମୁଖ୍ୟମନ୍ତ୍ରୀ ନିଜର ଅଭିଭାଷଣ ରଖି ଶିକ୍ଷାର ବିକାଶ ଓ କ୍ରୀଡ଼ାର ବିକାଶ ବିଷୟରେ ଗୁରୁତ୍ୱାରୋପ କରିବାର ସଂକଳ୍ପ କଲେ । କ୍ରୀଡା ହେଉଛି ନିରୋଗ ରହିବାର ମାଧ୍ୟମ ବୋଲି କ୍ରୀଡା ମନ୍ତ୍ରୀ ଅଭିଭାଷଣ ଦେଲେ । ଶିକ୍ଷାର ବିକାଶରେ ଦେଶର କୃଷି ଓ ଶିଳ୍ପ ର ବିକାଶ ହୋଇଥାଏ ବୋଲି ଶିକ୍ଷା ମନ୍ତ୍ରୀଙ୍କର ଉଦ୍ବୋଧନ ରହିଥିଲା ।

ସର୍ବଶେଷରେ ପୁରସ୍କାର ବିତରଣର ସମୟ ଆସିଲା । ଚମ୍ପିୟାନ ହୋଇଥିବା ପିଲାକୁ ମୁଖ୍ୟମନ୍ତ୍ରୀ ଏକ ଲକ୍ଷ ଟଙ୍କା ସହିତ ଏକ ସ୍ୱର୍ଣ୍ଣ ପଦକ ଅର୍ପଣ କଲେ । ସେଇ ପିଲା କେବଳ ତପନ ହିଁ ଥିଲା । ମୁହଁରେ ଦୁଇଜଗା ବଡ଼ ବଡ଼ ଘାଆ ସହିତ ଓଠ ଫୁଲି ଯାଇଛି । ଓଠରେ ହେଇଥିବା ଘାଆରୁ ନସି ବାହାରୁଛି ଅନବରତ । ଟିଭି ରେ ସିଧା ପ୍ରସାରଣ ଚାଲିଥାଏ । ତପନର ଗାଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ସହିତ ଅନ୍ୟମାନେ ଆଗଭର ହୋଇ ଦେଖୁଥାନ୍ତି ଟିଭି ମାଧ୍ୟମରେ । ଏବେ ତପନକୁ କିଛି କହିବା ପାଇଁ ଦିଆ ଗଲା । ତପନ ଆଗରେ କୋଡିଏଟି ମିଡିଆ ୱାଲାଙ୍କ ମାଇକ୍ରୋଫୋନ ଲାଗିଥାଏ । " ମଞ୍ଚାସିନ ପୂଜନୀୟ ମୋ ପ୍ରଧାନ ଶିକ୍ଷକ ମହୋଦୟ, ଯାହାଙ୍କ ପାଇଁ ମୁଁ ଏଇ ଗୌରବ ଅର୍ଜନ କରିଛି " କହି ପ୍ରଧାନ ଶିକ୍ଷକଙ୍କ ଆଡକୁ ଅନାଇ ପ୍ରଣାମ ଜଣାଇଲା । ପୁଣି ଆରମ୍ଭ କଲା ତାର ମଞ୍ଚ ପାଇଁ ବକ୍ତୃତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

। " ସମ୍ମାନୀୟ ମୁଖ୍ୟମନ୍ତ୍ରୀ ମହାଶୟ, ଶିକ୍ଷା ମନ୍ତ୍ରୀ ମହାଶୟ, କ୍ରୀଡା ମନ୍ତ୍ରୀ ମହାଶୟ,ଏବଂ ଉପସ୍ଥିତ ଗୁରୁଜୀ ଓ ଗୁରୁଜନ ମାନଙ୍କୁ ମୋର ପ୍ରଣାମ, ଭାଇ ଓ ଭଉଣୀ ମାନଙ୍କୁ ମୋର ଆନ୍ତରିକ ସ୍ନେହ ।

ଜିତିବା ଓ ହାରିବା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି । ତେଣୁ ଯେଉଁମାନେ ଏଠାକୁ ଆସି ଅଂଶଗ୍ରହଣ କରିଥିଲେ ଓ ନିଜର କଠିନ ପରିଶ୍ରମ ସହିତ ସଂଘର୍ଷ ପୂର୍ଣ୍ଣ ଚେଷ୍ଟା କରି ପରାଜୟ ସ୍ୱୀକାର କରିଛନ୍ତି ସେମାନେ ନିଜର ଚେଷ୍ଟା ଜାରି ରଖନ୍ତୁ ଆଗକୁ ନିଶ୍ଚୟ ଉତ୍ତୀର୍ଣ୍ଣ ହେବେ । ମୁଁ ଆଜି ଚମ୍ପିୟାନ ହେବା ପଛରେ ପ୍ରଥମେ ମୋର ପ୍ରିୟ ପ୍ରଧାନ ଶିକ୍ଷକ ଓ ଦ୍ୱିତୀୟରେ ମୋର ଦୁଇ ବନ୍ଧୁ, ଯିଏକି ଆମ ବିଦ୍ୟାଳୟର ସହପାଠୀ ମହେଶ ଓ ରାଜେଶ ମଧ୍ୟ ଭାଗିଦାରୀ ଅଟନ୍ତି । ରାଜେଶ ଓ ମହେଶ ପ୍ରତିଯୋଗିତାରେ ଭାଗ ନେବାକୁ ଆସି କେବଳ ମୋ ପାଇଁ ନିରବ ଦ୍ରଷ୍ଟା ହୋଇ ରହିଗଲେ । କାରଣ ପ୍ରତ୍ୟକ ବିଦ୍ୟାଳୟରୁ କେବଳ ଜଣେ ପ୍ରତିଯୋଗୀ ଅଂଶଗ୍ରହଣ କରି ପାରିବେ ବୋଲି । ଆଜିର ପୁରସ୍କାର ଅର୍ଥ ଆମ ତିନିଜଣଙ୍କର ବୋଲି ମୁଁ ଘୋଷଣା କରୁଛି । ଏଥି ସହିତ ମୋତେ ମିଳିଥିବା ସ୍ୱର୍ଣ୍ଣ ପଦକ ଓ ଟ୍ରଫି ମଧ୍ୟ ଆମ ବିଦ୍ୟାଳୟ ଥିବା ଯାଏ , ବିଦ୍ୟାଳୟରେ ହିଁ ରହିବ । ମୋ ବିଦ୍ୟାଳୟ ଆମ ପାଇଁ ଗର୍ବ ଓ ଗୌରବ । ଆପଣ ମାନେ ଜାଣନ୍ତି; ମୁଁ ଖୁସି ହୋଇ ବାପା ଡାକିବା ପୂର୍ବରୁ ମୋ ବାପା ମରିଯାଇଥିଲେ । ମୋ ମାଆଙ୍କୁ ମୋ ଜେଜେ ଓ ଜେଜେମାଆ ଆଖି କୋଣରେ ଦେଖିଲେ ନାହିଁ । କକାଙ୍କର ଅତ୍ୟାଚାର ସହି ନ ପାରି ମୋ ମାଆ ମୋ ମାମୁଁ ଘରକୁ ପଳେଇ ଆସିଲେ । ଆମେ ମାମୁଁ ଘରେ ରହିବା ପରେ ମାମୁଁଙ୍କର ବିବାହ ହୋଇଥିଲା । ମୋ ମାଇଁଙ୍କ କଥାରେ ମୋ ମାମୁଁ ଆମକୁ ଘରୁ ଧକ୍କା ଦେଇ କାଢି ଦେଇଥିଲେ । ଆମକୁ ବାଧ୍ୟ ହୋଇ ସରକାରୀ ଗୋଚର ଜମିରେ ଝୁପୁଡି ଘର କରି ରହିବାକୁ ପଡିଥିଲା । ଏମିତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କି ଆମ ଭଳି ନିଃସହାୟ ମାଆ ପୁଅଙ୍କୁ କୌଣସି ସରକାରୀ ସହାୟତା ମିଳିଲା ନାହିଁ । ସରକାରୀ ଟଙ୍କାକିଆ ଚାଉଳ ଆମ ନାଁରେ ମିଳୁଥିଲେ ବି କକା ନେଇ ଯାଉଛନ୍ତି । ପ୍ରତିବାଦ କରିବାରୁ କକା ଆମକୁ ବହୁତ ବାଡେଇଥିଲେ । ଏବେ କେବଳ ମୋ ମାଆ ଯିଏକି ବାର ଘରେ ବାସନ ମାଜି ନିଜ ପେଟରେ ଓଦା କନା ଦେଇ ମୋ ପେଟ ଭରି ଥାଏ ସେ ହିଁ ମୋ ଶକ୍ତି ଓ ସାଧନାର ମୂଳ ଉତ୍ସ । ଆମ ଘରେତ ଟିଭି ନାହିଁ ନ ହେଲେ ମୋ ମାଆ ନିଶ୍ଚୟ ଦେଖୁଥାନ୍ତା । ଶେଷରେ ମୁଁ ଆମ ପ୍ରଧାନ ଶିକ୍ଷକଙ୍କ ମୁହଁରୁ ଏହି ମଞ୍ଚରେ କିଛି ଶୁଣିବାକୁ ଚାଁହୁଛି । ଏତକ ହିଁ ମୋ ଭଳି ଜଣେ ଗରିବ ଛାତ୍ରର ବକ୍ତବ୍ୟ ଥିଲା । ଜୟ ଉତ୍କଳ ଜନନୀ "

ପ୍ରଧାନ ଶିକ୍ଷକଙ୍କୁ ମଞ୍ଚକୁ ଡକାଗଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଥିଲା ଅଛି ଓ ରହିବ

*ଭାଗ - ୧*

ଆଜକୁ ପ୍ରାୟ ଦୁଇଶହ ବର୍ଷ ତଳର କଥା । ଯେତେବେଳେ ବାଲ୍ୟବିବାହ, ଜାତିଆଣବାଦ, ସତୀଦାହ ପ୍ରଥା ଆଦି ଭଳି କୁସଂସ୍କାର ମାନ ଆମ ଦେଶରେ ପ୍ରଚଳିତ ଥାଏ । ସୁରେନ୍ଦ୍ର ସାମନ୍ତରାୟ ଦଶଖଣ୍ଡ ଗାଁର ଏକମାତ୍ର ଜମିଦାର । ଜମିଦାରୀ ପ୍ରଥାରେ ଚାଷୀମୂଲିଆ ଶ୍ରେଣୀ ମାନେ ତ୍ରାହି ତ୍ରାହି ଡାକୁ ଥାଆନ୍ତି । ଅନ୍ୟାୟ ବିରୁଦ୍ଧରେ ମୁହଁ ଖୋଲିଲେ ମୃତ୍ୟୁ ଅନିବାର୍ଯ୍ୟ ।ସମସ୍ତେ ସବୁ ଜାଣୁଥାଆନ୍ତି କିନ୍ତୁ ଭୟରେ ସବୁ ଚୁପ୍ । ଜମିଦାର ସୁରେନ୍ଦ୍ରଙ୍କର ଆଉ ଦୁଇ ଭାଇ ବୀରେନ୍ଦ୍ର ଓ ରାଜେନ୍ଦ୍ର । ମଝିଆଁ ଭାଇ ବୀରେନ୍ଦ୍ର ଥିଲା ବିକୃତ ମସ୍ତିଷ୍କ । ତା'ର ଦେଖାଶୁଣା କରିବା ପାଇଁ ସୁରେନ୍ଦ୍ର ଗାଁର ମାନି ସହ ତା'ର ବିଭାଘର କରେଇ ଦେଇଥିଲେ । ବିଭାଘର ଥିଲା ନାମକୁ ମାତ୍ର । ପାଗଳ ବୀରେନ୍ଦ୍ର ସହିତ ମାନିର ବାହାଘର ପାଞ୍ଚବର୍ଷ ଉପରାନ୍ତ ହୋଇ ଯାଇଥିଲେ ବି ସେ କେବଳ ବୀରେନ୍ଦ୍ରର ସେବାଶୁଶ୍ରୁଷା ହିଁ କରୁଥିଲା । ସ୍ୱାମୀ ସ୍ତ୍ରୀ ଭଳି କୌଣସି ସମ୍ପର୍କ ତାଙ୍କ ଭିତରେ ନଥିଲା । ଯାହାର ଭରପୂର ଫାଇଦା ଉଠାଉ ଥିଲେ ଜମିଦାର ସୁରେନ୍ଦ୍ର । ବଡ଼ଘର ବଡ଼ ଗୁମର କଥା ଭଳି ଏ ସବୁ ରହସ୍ୟ ଜମିଦାର ଘରର ଚାରିକାନ୍ଥ ଭିତରେ ହିଁ କଏଦ୍ ଥିଲା । ଜମିଦାର ସୁରେନ୍ଦ୍ର ସାମନ୍ତରାୟଙ୍କର ନିଜ ପତ୍ନୀର ଦେହାନ୍ତ ପାଞ୍ଚ ବର୍ଷ ତଳୁ ହୋଇସାରିଥିଲା;



ଦୀପକ ଷଡ଼ଙ୍ଗୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କିନ୍ତୁ ତାଙ୍କ ପତ୍ନୀର ମୃତ୍ୟୁ ଥିଲା ଗୋଟେ ରହସ୍ୟ । ତାଙ୍କ ପତ୍ନୀ ଭାନୁମତିର ମୃତଦେହ ଲୋକମାନେ କ୍ଷତବିକ୍ଷତ ଅବସ୍ଥାରେ ଜଙ୍ଗଲରୁ ପାଇଥିଲେ । ପୁଲିସ ଆସି ତଦନ୍ତ କରିବା ପୂର୍ବରୁ ହିଁ ସୁରେନ୍ଦ୍ର ଲୋକ ଲଗେଇ ତା ମୃତଦେହକୁ ସଂସ୍କାର କରିଦେଇଥିଲେ । ସମସ୍ତଙ୍କୁ ସେ ଜଣେଇ ଦେଇଥିଲେ ଯେ ଜଙ୍ଗଲ ରାସ୍ତାଦେଇ ସେ ଆସୁଥିବା ବେଳେ ବାଘ ହାବୁଡ଼ରେ ପଡି ମୃତ୍ୟୁବରଣ କରିଛନ୍ତି ବୋଲି । କିନ୍ତୁ ମୃତଦେହରେ ବାଘ ଆକ୍ରମଣର କୌଣସି ଚିହ୍ନ ଲୋକମାନେ ଭାନୁମତି ଶରୀରରେ ଦେଖି ପାରି ନଥିଲେ । ଭାନୁମତି ମୃତ୍ୟୁର ଠିକ ଦୁଇ ମାସ ପରେ ବୀରେନ୍ଦ୍ରର ବାହାଘର ହୋଇ ମାନି ଆସି ସାରିଥିଲା ଜମିଦାର ବଙ୍ଗଳାକୁ । ମାନି ହେଉଛି ଜମିଦାରଙ୍କ ଘରେ ଗୁମାସ୍ତାଗିରି କରୁଥିବା ଗୋପାଳ ମିଶ୍ରଙ୍କ ଝିଅ । ସେ ଯେତେବେଳେ ଛୋଟ ଥିଲା ଗୁମାସ୍ତାଙ୍କ ସହିତ ସେ ବରାବର ଆସୁଥିଲା ଜମିଦାର କୋଠିକୁ । ସେ ଯୌବନରେ ପାଦ ଦେବା ପରଠାରୁ ସୁରେନ୍ଦ୍ରଙ୍କର ଲୋଲୁପ ଦୃଷ୍ଟିରେ ସେ ଆସି ସାରିଥିଲା । କୌଶଳ କରି ଗୁମାସ୍ତାକୁ ତାଙ୍କ ଝିଅକୁ ସେ ବୀରେନ୍ଦ୍ର ସହ ବାହା ଦେବା ପାଇଁ ସୁରେନ୍ଦ୍ର ଏକପ୍ରକାର ବାଧ୍ୟ କରେଇଥିଲେ । ମାନିର ଇଚ୍ଛା ନଥିଲେ ବି ବାପା ଓ ଜମିଦାରଙ୍କ ଜିଦ୍ ଆଗରେ ସେ ହାରମାନି ପାଗଳ ବୀରେନ୍ଦ୍ରକୁ ନିଜର ଜୀବନ ସାଥି ରୂପେ ବାଛି ନେଇଥିଲା । ସାନଭାଇ ରାଜେନ୍ଦ୍ର ଥିଲା ଏକଦମ ଅଲଗା । ବଡ଼ଭାଇ ସୁରେନ୍ଦ୍ରଙ୍କର ପାପାଚାରକୁ ସେ ଦେଖୁଥିଲେ ବି ସେ ତାଙ୍କ ବିଷୟରେ ବେଶି ମୁଣ୍ଡ ଖେଳାଉ ନଥିଲେ । ଜଣେ ମେଧାବୀ ଓ ମେଳାପୀ ଛାତ୍ର ହିସାବରେ ତାଙ୍କର ଭଲ ନା ଥିଲା ଗାଁରେ । ଗାଁ ଲୋକେ ବି ତାଙ୍କୁ ଆଦର ସମ୍ମାନ କରୁଥିଲେ । ସ୍କୁଲରେ ପଢିବା ସମୟରେ ତାଙ୍କ ଶ୍ରେଣୀର ଜଣେ ମୁସଲମାନ ଝିଅ ଫାତିମା ସହ ତାଙ୍କର ସମ୍ପର୍କଗଢି ଉଠିଥିଲା । ଫାତିମା ଥିଲା ପାଖ କେଶପୁର ଗାଁର ସମ୍ଭ୍ରାନ୍ତ ମୁସଲିମ ପରିବାର ଶେଖ୍ ଶାହନୱାଜ୍ ଅଲିର ଏକମାତ୍ର ଝିଅ । ସେ ସମୟ ହିନ୍ଦୁ, ମୁସଲିମ ଆଦି ଜାତି ପ୍ରଥାକୁ ଲୋକଙ୍କ ମନରେ ଥିଲା ଗୋଟେ ସଙ୍କୋଚ ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘୃଣାଭାବ । ଏ ସବୁ ବାଧାବିଘ୍ନ ଭିତରେ ବି ଦୁଇଟି କିଶୋରଙ୍କ ହୃଦୟ ଭିତରେ ଉଦ୍ଭାସିତ ହୋଇଥିଲା ପ୍ରେମର ଅଙ୍କୁର । ଲୁଚାଛପା ପ୍ରେମ ତ କେବେ ବି ବେଶି ଦିନ ଲୁଚି ରହି ପାରିବନି । ଧୀରେ ଧୀରେ ତାଙ୍କ ପ୍ରେମର ଖବର ବଡ଼ଭାଇ ସୁରେନ୍ଦ୍ରଙ୍କର କାନରେ ପଡିଲା । ଜମିଦାର ଘରର ମାନ ଓ ସମ୍ମାନକୁ ରକ୍ଷା କରିବାକୁ ଯାଇ ସେ ରାଜେନ୍ଦ୍ରଙ୍କୁ ଫାତିମା ସହ ମିଳାମିଶା ନ କରିବା ପାଇଁ ବାରଣ କଲେ । ପରୋକ୍ଷ ଭାବେ ଫାତିମାକୁ ଲୋକ ପଠେଇ ଧମକଚମକ ବି ଦେଲେ କିନ୍ତୁ କଥାରେ ଅଛି ପରା ପ୍ରେମରେ ପହରା ଲଗେଇଲେ ପ୍ରେମ ଆହୁରି ମଜବୁତ ହୁଏ । ଫାତିମାର ବାପା ଶାହନୱାଜ୍ ଅଲି ବି ଏ ବିଷୟରେ ଜାଣିଲେ ତେଣୁ ସେ ଚାହିଁଲେ ଯେ ଏ ବିଷୟ ଆଉ ଆଗକୁ ନ ବଢୁ ବୋଲି; ନଚେତ ଗାଁ ଓ ମୁସଲିମ ସମାଜରୁ ବାସନ୍ଦ ହେବା ସହିତ ମାନ ସମ୍ମାନରେ ବି ପ୍ରଶ୍ନବାଚୀ ସୃଷ୍ଟି ହେବ । ଯୋଉ ଶାହନୱାଜ୍ ଅଲିକୁ ଗାଁର ଅନ୍ୟ ମୁସଲିମ ଲୋକମାନେ ଉଦାର ଓ ସଚା ମୁସଲମାନ ବୋଲି ଆଦର କରନ୍ତି ଯିଏ ଦିନକୁ ପାଞ୍ଚଥର ନମାଜ୍ କରେ ତା ଝିଅ ଯଦି ହିନ୍ଦୁ ଜମିଦାର ଘର ପୁଅକୁ ବାହା ହେବ ସେ ଆଉ ଗାଁରେ ମୁଣ୍ଡ ଟେକି ବାଟ ଚାଲିପାରିବେ ତ ଏ ସବୁ କଥା ଭାବି ସେ ଫାତିମାର ସ୍କୁଲ ଯିବା ବି ବନ୍ଦ କରେଇ ଦେଲେ । ଫାତିମା ପାଇଁ ସେ ଉପଯୁକ୍ତ ପାତ୍ର ଖୋଜିବାରେ ଲାଗି ପଡିଲେ । ଏ କଥା ସେ ଫାତିମାର ସାଙ୍ଗ ପରବୀନ୍ ଠାରୁ ରାଜେନ୍ଦ୍ର ଜାଣିବାକୁ ପାଇଲେ । ସେ ପରବୀନ୍‌କୁ କହିଲେ ଯେ ଗୋଟେ ଥର ତାଙ୍କୁ ଫାତିମା ସହିତ ଭେଟ କରେଇ ଦିଅ ବୋଲି । ପରବୀନ୍ କହିଲା ଯେ ଫାତିମାର ଅବୁ ତାକୁ ଘର ଭିତରେ କବାଟ ବନ୍ଦ କରି ରଖିଛନ୍ତି ତା'ର ବାହାରକୁ ଯିବା ଆସିବା ଏକ ପ୍ରକାର ବନ୍ଦ ହୋଇ ଯାଇଛି । ପରବୀନ୍ କୁ ରାଜେନ୍ଦ୍ର ବହୁତ ବୁଝେଇବା ପରେ ପରବୀନ୍ ରାଜି ହେଲା ଯେ ସେ ଯେନତେନ ଉପାୟରେ ଫାତିମାକୁ ତାଙ୍କ ସହ ଦେଖା କରେଇ ଦେବ ବୋଲି । ସେଦିନ ହୋଇଥାଏ ଅମବାସ୍ୟା । ପରବୀନ୍ ଜାଣିଶୁଣି ସେଦିନ ସନ୍ଧ୍ୟାରେ ଫାତିମାର ଘରକୁ ଗଲା ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ପ୍ରତିଲିପି

Magazine Downloaded from www.aahwaan.com

ତାଙ୍କ ଘରେ କହିଲା ଯେ ତାଙ୍କ ଘରେ ଆଜି ସମସ୍ତେ ଗୋଟେ ବାହାଘର କାମରେ ସମସ୍ତେ ପାଖ ଗାଁକୁ ଯାଇଛନ୍ତି ବୋଲି ଆଗକୁ ପରୀକ୍ଷା ଅଛି ବୋଲି ସେ ସେମାନଙ୍କ ସହିତ ନ ଯାଇ ଫାତିମା ଘରେ ରହିବ ବୋଲି କହିବାରୁ ଘର ଲୋକେ ତାକୁ ଛାଡି ଦେଇଗଲେ । ଶାହନୱାଜ୍ ଅଲି ବି ପରବୀନ୍ ତାଙ୍କ ଘରେ ରହିବ ବୋଲି ଶୁଣି ଖୁସି ହୋଇ ତାକୁ ଫାତିମାର କୋଠରୀକୁ ନେଇ ଗଲେ ଫାତିମା ପରବୀନ୍ କୁ ଦେଖି ବହୁତ ଖୁସି ହେଲା । ଫାତିମାର ମୁହଁରେ ଆଉ ସେ ପୂର୍ବ ଚମକ ନଥିଲା । ଲାଗୁଥିଲା ଯେମିତି ରାଜେନ୍ଦ୍ର ଠାରୁ ଅଲଗା ହେବା ପରେ ସେ ତାକୁ ଏକ ପ୍ରକାର ଝୁରି ଝୁରି ବଞ୍ଚୁଛି ବୋଲି । ଫାତିମା ସଙ୍ଗେ ସଙ୍ଗେ ରାଜେନ୍ଦ୍ର ବିଷୟରେ ପରବୀନ୍ କୁ ପଚାରିଲା ଯେ ରାଜେନ୍ଦ୍ର ତାକୁ ମନେ ରଖିଛି ନା ନାହିଁ, ତା ବିଷୟରେ ପଚାରୁଛି କି ନାହିଁ  ସେ ଆଉ ସ୍କୁଲ କୁ ଆସୁଛି ନା ନାହିଁ ଏମିତି କେତେ କଣ ପ୍ରଶ୍ନ  । ସେ ପରବୀନ୍ କୁ ଏକା ନିଶ୍ୱାସରେ ସବୁ ପଚାରିଗଲା । ପରବୀନ୍ ଫତିମାର ମୁଣ୍ଡକୁ ଆଉଁସି ଦେଇ କହିଲା ଆଲୋ ପାଗଲୀ ତୁ ଯେମିତି ଏଠି ଅଛୁ ତତେ ନ ପାଇ ନ ଦେଖି ରାଜେନ୍ଦ୍ର ବି ସେମିତି ତତେ ଝୁରୁଛି ।  ମୋତେ ରାଜେନ୍ଦ୍ର ହିଁ ଏଠି ପଠେଇଛି ମୁଁ ଖାସ ତୁମ ଦୁଇ ଜଣଙ୍କୁ ଆଜି ଦେଖା କରେଇବା ଲାଗି ଘରେ ମିଛ କହି ତୋ ପାଖକୁ ଆସିଛି ଆଉ ଏଠି ମୁଁ ତୋ ଅବୁକୁ କହିଛି ଯେ ଆମ ଘରେ ସମସ୍ତେ ଗୋଟେ ବାହାଘରକୁ ଯାଇଛନ୍ତି ବୋଲି ଫାତିମା ଆଶ୍ଚର୍ଯ୍ୟ ହୋଇ ପରବୀନ ଆଡକୁ ଚାହିଁ କହିଲା କିନ୍ତୁ କେମିତି ଆମେ ଏ ସବୁ କରିବା ମୁଁ ଏ ଅନ୍ଧାର ରାତିରେ କେମିତି କୁଆଡେ ଯିବି ପରବୀନ୍ ଫାତିମା ଆଡକୁ ଚାହିଁ ଟିକେ ହସି କହିଲା ତୁ ଜମା ବ୍ୟସ୍ତ ହଅନା ମୁଁ ସେ ସବୁର ସବୁ ବ୍ୟବସ୍ଥା କରି ଆସିଛି । ଆଜି ରାତିରେ ଠିକ ୧୨ଟା ବେଳେ ରାଜେନ୍ଦ୍ର ତା ସାଙ୍ଗ ଶିବା ସହିତ ଆସିବ ସେ ତୁମ ଘର ଆଗରେ ଥିବା ଆମ୍ବ ଗଛ ଉପରେ  ଚଢି  ଆମକୁ ଇସାରା କରିବ । ତୁ ସେତିକିବେଳେ ତମ ଘରର ପଛ ଦୁଆର ଦେଇ ତୁ ପଳେଇବୁ । ତୋ ଜାଗାରେ ମୁଁ ଏଇଠି ଶେଯରେ ଶୋଇଥିବି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଉ ପାଖରେ ଗୋଟେ ବଡ ତକିଆକୁ ଚଦରରେ ଘୋଡେଇ ଦେଇଥିବି; ଯଦି ବି ତୁମ ଘରେ କିଏ ଦେଖିବାକୁ ଆସନ୍ତି ତେବେ ଜାଣିବେ ଯେ ଆମେ ଦୁହେଁ ମିଶି କି ଶୋଇଛେ ବୋଲି । ଏ ସବୁ ଶୁଣି ଫାତିମା ପରବୀନ୍ କୁ କୁଣ୍ଢେଇ ପକେଇଲା କହିଲା ମୁଁ ମୋର କୋଉ ଜନ୍ମରେ ପୂଣ୍ୟ କରିଥିଲି ଯେ ତୋ ଭଳି ସାଙ୍ଗ ମୋତେ ମିଳିଛି । ଦୁଇ ସାଙ୍ଗ ପରସ୍ପରକୁ ଆଲିଙ୍ଗନ କରିବା ପରେ ଖାଇବାକୁ ଗଲେ ଖାଇସାରି ଦୁହେଁ ଫାତିମାର କୋଠରୀକୁ ଆସିଲେ । ଶାହନୱାଜ୍ ଅଲି ଘରର ସମସ୍ତ କବାଟ ଝରକା ବନ୍ଦ କରି ତାଙ୍କ କୋଠରୀକୁ ଶୋଇବାକୁ ଗଲେ । ରାତି ଠିକ ୧୨ ଟା ବେଳକୁ ଶିବା ଆମ୍ବ ଗଛ ଉପରେ ଚଢି ଫାତିମାର ଘର ଆଡକୁ ଚାହିଁ ପେଚା ବୋବେଇଲା ଭଳି ଶବ୍ଦ କଲା । ପରବୀନ୍ ଜାଣି ପାରିଲା ଯେ ରାଜେନ୍ଦ୍ର ଆସିଯାଇଛି ବୋଲି ସେ ଫାତିମାକୁ ଡାକି କହିଲା ଯେ ତୁ ଧୀରେ ପଛ କବାଟ ଖୋଲି ରାଜେନ୍ଦ୍ର ପାଖକୁ ଯା । ଫାତିମା ପାଦ ଚାପିଚାପି ଯାଇ କବାଟ ଖୋଲି ବାହାରକୁ ଗଲା ଦେଖିଲା ଯେ ରାଜେନ୍ଦ୍ର ଠିଆ ହୋଇଛି ତା ସାମ୍ନାରେ ଦୁଇ ପ୍ରେମୀ ଯୁଗଳଙ୍କ ମିଳନ ହୋଇ ସାରିଥିଲା । ଶିବା ରାଜେନ୍ଦ୍ର ଓ ଫାତିମାକୁ କହିଲା ଯେ "ଏ ସମାଜ ତୁମ ଦୁଇ ଜଣକୁ କେବେ ବି ସ୍ୱୀକାର କରିବନି ଯଦି ପାରୁଛ ଏ ଗାଁ ଛାଡି ଏବେ ହିଁ ଏଠୁ ପଳାଅ ।" ସେ ସମୟରେ ଦୁହିଁଙ୍କ ମୁଣ୍ଡକୁ ଆଉ କିଛି ଜୁଟିଲାନି । ଦୁଇଜଣ ହାତ ଧରାଧରି ହୋଇ ଧାଇଁଲେ ଜଙ୍ଗଲ ଭିତର ଦେଇ । ଜାଣି ନଥାନ୍ତି କୁଆଡେ ଯିବେ ଅନ୍ଧାର ରାତିରେ; କିନ୍ତୁ ଧାଇଁ ଥାଆନ୍ତି । ହଠାତ୍ ଫାତିମା ଦୌଡୁ ଦୌଡୁ ରହିଗଲା ସେ ପରବୀନ୍ ବିଷୟରେ ଏକଦମ୍ ଭୁଲି ଯାଇଥିଲା ରାଜେନ୍ଦ୍ରକୁ କହିଲା "ଚାଲ ଆମେ ଫେରିଯିବା ମୁଁ ଯଦି ଆଜି ତୁମ ସହିତ ପଳେଇଯାଏ ଆସନ୍ତା କାଲି ସକାଳେ ମୋ ଅବୁ ଯେତେବେଳେ ଜାଣିବେ ଯେ ପରବୀନ୍ ମୋତେ ତୁମ ସହିତ ପଳେଇ ଆସିବାକୁ ସାହାଯ୍ୟ କରିଛି ତେବେ ସେ ତାକୁ ଜୀବନରୁ ମାରିଦେବେ ।" ରାଜେନ୍ଦ୍ର ତାକୁ କହିଲା "ଦେଖ ଫାତିମା ଆମେ ଯଦି ଆମ ପ୍ରେମକୁ ସାକାର କରିବା ତେବେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏଇଟା ହିଁ ପ୍ରକୃତ ସମୟ ଆମକୁ ଏଠୁ ବହୁତ ଦୂରକୁ ପଳେଇଯିବାକୁ ହେବ ଏବେ ତୁମେ କୁହ ?" ରାଜେନ୍ଦ୍ର ଦେଖିଲେ ଯେ ଗୋଟେ ଘୋଡାଗାଡି ସେଇ ବାଟ ଦେଇ ଆସୁଛି ଫାତିମା କିଛି ଭାବିବା ପୂର୍ବରୁ ତା ହାତକୁ ଟାଣି ନେଇ ଘୋଡା ଗାଡିରେ ଚଢି ଦୁଇ ଜଣ ପଳେଇଲେ ସହର ଆଡକୁ । ପରଦିନ ସକାଳେ ଶାହନୱାଜ୍ ଅଲି ଯେତେବେଳେ ସବୁ କଥା ଜାଣିଲେ ପ୍ରଥମେ ପରବୀନ୍ କୁ ଘରୁ ଘୋଷାରି ନେଇ ଆସି ତାଙ୍କ ଘର ପାଖକୁ ନେଇ ତା ଅବୁ ଆଗରେ ତାକୁ ପଚାରିଲେ "ଏବେ କହ ! ତୁ ସେ ଦୁଇ ଜଣଙ୍କୁ କେଉଁଠିକି ଫେରାର୍ କରେଇ ଦେଇଛୁ ?" ସେପଟେ ରାଜେନ୍ଦ୍ରଙ୍କ ସାଙ୍ଗ ଶିବା ବି ଜମିଦାର ଲୋକଙ୍କ ହାତରେ ଧରା ପଡି ମାଡ ଖାଇ ସବୁ ସତ ମାନିଗଲା । ଜମିଦାର ତାଙ୍କ ଲୋକମାନଙ୍କୁ ଗାଁ ସାରା ଲଗେଇଦେଲେ ଖୋଜିବା ପାଇଁ । ଶାହନୱାଜ୍ ଅଲି ବି କିଛି ମୁସଲିମ ଲୋକଙ୍କୁ ନେଇ ଜମିଦାର ଘରକୁ ଆସି ଜମିଦାରଙ୍କୁ ଧମକ ଦେଲେ "ଯେ ଯଦି ମୋ ଝିଅର କିଛି ହୁଏ ତେବେ ତୁମ ଭାଇ ବି ବଞ୍ଚିବନି ବୋଲି କହି ତାଙ୍କୁ ଗାଁ ଲୋକଙ୍କ ଆଗରେ ଅନେକ ଅପମାନିତ କଲା । ଜମିଦାର ସୁରେନ୍ଦ୍ର ତା'ର ସବୁ ଗାଳିଗୁଲଜ ଶୁଣି ଚୁପ ହୋଇ ରହିଲେ କିନ୍ତୁ ମନେମନେ ନିଷ୍ପତ୍ତି ନେଲେ ଯେ ଏ ଅପମାନର ପ୍ରତିଶୋଧ ସେ ନିଶ୍ଚିତ ନେବେ । ଆଉ ସମସ୍ତଙ୍କ ଠାରୁ ନେବେ ସେ ନିଜ ଭାଇ ହେଇ ଥାଉ ନା କାହିଁକି । ଦୁଇଦିନ ଧରି ଖୋଜା ଖୋଜି କରିବାପରେ ଜମିଦାରଙ୍କ ଲୋକମାନେ ଆସି ଖବର ଦେଲେ ଯେ ରାଜେନ୍ଦ୍ର ଓ ଫାତିମା ସହରକୁ ପଳେଇଛନ୍ତି ବୋଲି । ସେମାନଙ୍କ ଠାରୁ ଠିକଣା ନେଇ ସୁରେନ୍ଦ୍ର ନିଜେ ଗଲେ ତାଙ୍କ ପାଖକୁ । ରାଜେନ୍ଦ୍ର ତା'ର ଜଣେ ସାଙ୍ଗ ପାଖରେ ଫାତିମାକୁ ଧରି ରହୁଥିଲା । ସେମାନେ ସୁରେନ୍ଦ୍ରଙ୍କୁ ଦେଖି ଭୟରେ ଘର ଭିତରେ ଲୁଚି ରହିଲେ । ସୁରେନ୍ଦ୍ର ତାଙ୍କୁ ଆଶ୍ୱାସନା ଦେଇ କହିଲେ "ତୁମେ ଦୁଇ ଜଣ ବାହାରକୁ ଆସ ମୁଁ ତୋର କି ଫାତିମାର କିଛି କ୍ଷତି କରିବିନି ବରଂ ମୁଁ ତ ଏଠିକି ଆସିଛି ତୁମ ଦୁଇଜଣଙ୍କୁ ଘରକୁ ଫେରାଇ ନେବା ପାଇଁ । ଆସ ମୋ ସହିତ ।" ରାଜେନ୍ଦ୍ର ଓ ଫାତିମା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁଇ ଜଣ ଘର ବାହାରକୁ ଆସି ତାଙ୍କୁ କ୍ଷମା ମାଗି ଘରକୁ ଯିବାକୁ ବାହାରିଲେ ଗାଁରେ ପହଂଚିବା କ୍ଷଣି ସେ ଫାତିମାର ବାପାକୁ ଡକେଇଲେ, ଫାତିମା ତା ଅବୁକୁ ଦେଖି ଲଜ୍ୟାରେ ମୁଣ୍ଡ ଟେକି ଚାହିଁ ପାରୁନଥାଏ । ସୁରେନ୍ଦ୍ର କହି ଉଠିଲେ "ପିଲାମାନେ ଯେତେବେଳେ ପରସ୍ପରକୁ ଏତେ ଭଲ ପାଉଛନ୍ତି ଆମେ ବଡ଼ମାନେ କାହିଁକି ତାଙ୍କ ଭିତରେ ପାଚେରୀ ହେବା ।  ମୁଁ ଫାତିମା ଓ ରାଜେନ୍ଦ୍ରର ବାହାଘରରେ ରାଜି; କିନ୍ତୁ ମୋର ଦୁଇଟି ସର୍ତ୍ତ ରହିବ ପ୍ରଥମ ସର୍ତ୍ତ ଯେ ଫାତିମା ମୁସଲିମ ଧର୍ମକୁ ଛାଡି ସବୁଦିନ ପାଇଁ ତା ବାପଘର ଛାଡ଼ି ଏଇଠି ଆମରି ଘରେ ରହିବ ଓ ସେ ଶୁଦ୍ଧିକରଣ ହୋଇ ହିନ୍ଦୁ ଧର୍ମ ଗ୍ରହଣ କରିବ ଏବଂ ଦ୍ୱିତୀୟ ସର୍ତ୍ତ ହେଲା ରାଜେନ୍ଦ୍ର ପାଞ୍ଚ ବର୍ଷ ପାଇଁ ଉଚ୍ଚଶିକ୍ଷା ପାଇଁ ଦେଶ ବାହାରକୁ ଯିବ; ସେ ଶିକ୍ଷା ସମାପ୍ତ କରି ଆସିଲେ ତା'ର ଓ ଫାତିମାର ବାହାଘର ଧୁମଧାମରେ ହେବ । ନୂଆ ନୂଆ ଯୌବନରେ ପାଦ ଦେଇଥିବା ଏଇ କଅଁଳ ମନ ଦୁଇଟି ସୁରେନ୍ଦ୍ରଙ୍କର ସବୁ କଥାରେ ରାଜି ହୋଇଗଲେ । ଝିଅର ସମ୍ମତି ପାଇ ସରିବା ପରେ ଶାହନୱାଜ୍ ଆଉ କଣ ବା କରିବ ତାକୁ ଜମିଦାର ଘରର ଲୋକମାନେ ଧକ୍କା ମାରି ବାହାର କରି ଦେଲେ । ସେହିଦିନ ରାତିରେ ହିଁ ସୁରେନ୍ଦ୍ର ରାଜେନ୍ଦ୍ରର ବିଦେଶ ଯିବାର ବ୍ୟବସ୍ଥା ବି କରିଦେଲେ । ଦୁହେଁ ପୁଣି ଅଲଗା ହୋଇଗଲେ କିନ୍ତୁ ରାଜେନ୍ଦ୍ର ମନରେ ବିଶ୍ୱାସ ଥାଏ ଯେ ତା ବଡ଼ଭାଇ ଏ ସବୁ ତାଙ୍କରି ଭଲ ପାଇଁ ହିଁ କରିଛନ୍ତି ଓ ସେମାନଙ୍କ ବାହାଘର ସେ ପଢି କି ଆସି ସାରିଲା ପରେ ନିଶ୍ଚିତ ହେବ । କିନ୍ତୁ ସୁରେନ୍ଦ୍ରଙ୍କ ପତ୍ନୀ ଭାନୁମତି ଏ ସବୁ ସୁରେନ୍ଦ୍ରଙ୍କର ଗୋଟେ ଷଡ଼ଯନ୍ତ୍ର ବୋଲି ଯେତେ ବୁଝେଇଲେ ବି ରାଜେନ୍ଦ୍ର  ତାଙ୍କ କଥା ମାନି ନଥିଲେ । ରାଜେନ୍ଦ୍ର ଯିବାର ପରଦିନ ସେ କିଛି ବ୍ରାହ୍ମଣଙ୍କୁ ଡକାଇ ଫାତିମାକୁ ବସେଇ ପୂଜାର୍ଚ୍ଚନା କରେଇଲେ । ତାକୁ କୁହାଗଲା ଯେ ଏ ସବୁ ସେ ଶୁଦ୍ଧିକରଣ କାମ ଅର୍ଥାତ ଏ ସବୁ ପୂଜା କରେଇଲେ ତା ଆତ୍ମା ଶୁଦ୍ଧି ହୋଇ ସେ ମୁସଲିମରୁ ହିନ୍ଦୁ ବନିଯିବ ଏବଂ ସବୁଦିନ ପାଇଁ ତାଙ୍କରି ଜମିଦାରୀ  କୋଠିରେ ବୋହୂ ହୋଇ ରହିବ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଫାତିମାର ମନ ରାଜେନ୍ଦ୍ରକୁ ସବୁଦିନ ପାଇଁ ପାଇବା ଭିତରେ ଖୁସିଥିଲେ ବି ସେ ଏ ସବୁ କିଛି ବୁଝି ପାରୁନଥାଏ ସେ ଯାହା କହୁଥାଆନ୍ତି ସେ ସେଇୟା ହିଁ କରି ଚାଲିଥାଏ । ସୁରେନ୍ଦ୍ର ତା ବାପାଙ୍କ ଭଳି ସେ କାହିଁକି ତା'ର ଅମଙ୍ଗଳ ଚିନ୍ତା କରିବେ । ଯାହା ବି ହଉଛି ତାରି ଭଲ ପାଇଁ ହଉଛି ବୋଲି ସେ ଭାବି ନେଇଥାଏ । ପୂଜା ସରିଲା ସେ ଦିନ ରାତିରେ ଭାନୁମତି ସୁରେନ୍ଦ୍ରଙ୍କୁ ବହୁତ ବୁଝେଇଲେ ଯେ "ଦେଖ ! ତୁମେ ଯାହା ସବୁ କରୁଛ ଏ ସବୁ ଅନ୍ୟାୟ, ପାପ ସବୁ ଜାଣିଶୁଣି ତୁମେ କେମିତି ଏ ସବୁ ପାପର ଭାଗିଦାର ହେଉଛ ?" ଭାନୁମତିର ତଣ୍ଟି କି ମାଡିବସି ବଡ଼ବଡ଼ ଆଖି ଲାଲ କରି ସୁରେନ୍ଦ୍ର କହିଲେ "ସେ ଶାହନୱାଜ୍ ମୋତେ ପୂରା ଗାଁ ସାମ୍ନାରେ ଯୋଉ ଅପମାନ ଦେଇଛି, ଏ ରାଜେନ୍ଦ୍ରର ଭଲପାଇବା ପାଇଁ ମୋ ମୁଣ୍ଡ ଗାଁରେ ନଇଁ ଯାଇଛି ହିନ୍ଦୁ ଜମିଦାର ଘରର ପୁଅ ହେଇ ସେ ଯାଇଁ ମୁସଲିମ୍ ଝିଅକୁ ପ୍ରେମ କରିଛି ଆଉ ଏ ସବୁ ଘଟିଛି ସେ ଫାତିମା ପାଇଁ ତୁ ଦେଖ ମୁଁ କେମିତି ଏ ସବୁର ପ୍ରତିଶୋଧ ନଉଛି । ତୁ ଯଦି ମୋ ବାଟରେ ଆସୁ ମୁଁ ଭୁଲିଯିବି ଯେ ତୁ ମୋ ସ୍ତ୍ରୀ ବୋଲି ।" ଏତିକି କହି ଭାନୁମତିକୁ ଗୋଟେ ଧକ୍କା ପକେଇ ସେ ଚାଲିଗଲେ ଫତିମା ପାଖକୁ ।

(କ୍ରମଶଃ.....)

ସହକାରୀ ଅଧ୍ୟାପକ
ରୋଲାଣ୍ଡ ଫାର୍ମାସୀ ମହାବିଦ୍ୟାଳୟ
ଖୋଡାସିଙ୍ଗୀ,ବ୍ରହ୍ମପୁର-୧୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳା ବାଦଲ



ଅନସୂୟା ପଣ୍ଡା

ସବୁଆଡେ ପ୍ରଚାର ହେଲା ସକାଳେ ସୁହାସ ବାବୁ କରୋନାରେ ଚାଲିଗଲେ । ଜଣା ପଡିଲା ଯେ ତାଙ୍କର ଅଧ୍ୟାପିକା ସ୍ତ୍ରୀ ସୁଲତା ବି ସେହି ମହାମାରୀରେ ଆକ୍ରାନ୍ତ । ସ୍ୱାମୀ ସ୍ତ୍ରୀ ଦୁଇଜଣଯାକ ଉଚ୍ଚଶିକ୍ଷିତ, ପରିଶ୍ରମୀ, ଭଦ୍ର ଓ ରକ୍ଷଣଶୀଳ । ଆମ ଓଡିଶାରେ କୋଭିଡ ଜନିତ ମୃତ୍ୟୁହାର ବହୁତ କମ୍ । ସମସ୍ତେ କିନ୍ତୁ ଆଶ୍ଚର୍ଯ ଏ ଘଟଣା ଶୁଣି । କୋକୁଆ ଭୟ ଖେଳିଗଲା ସହରରେ । ଦୁଇଦିନ ପରେ ମୋର ଭାରି ମନ ହେଲା କଥା ହେବାକୁ ସୁଲତାଙ୍କ ସାଙ୍ଗରେ । ଫୋନ୍ ନମ୍ବର ମାଗି କଥା ହେବାରୁ ଜାଣିଲି, ଭାରି ଦୁଖରେ ଥିଲେ ସେ, କଥାରେ ତାଙ୍କର ଉଦାସଭାବ ବାରି ହେଇ ପଡୁଥିଲା । ହବାଟା ବି ସ୍ୱାଭାବିକ । ଭାରି କରୁଣ ମୁହୂର୍ତ୍ତ ସେ କଟେଇଛନ୍ତି ରାତି ସାରା ଆମ୍ବୁଲାନ୍ସରେ । ପ୍ରଥମେ ଜଣାପଡିଲା ସ୍ୱାମୀ ତାଙ୍କର କରୋନା ପଜିଟିଭ୍, ସେତେବେଳକୁ ସୁଲତାଙ୍କର ରିପୋର୍ଟ ଆସିନଥାଏ । ଆରମ୍ଭ ହେଇଗଲା ସଂଘର୍ଷ । ପ୍ରଶାସନ ତରଫରୁ ଶୀଘ୍ର ନ ହେଲେବି ଆମ୍ବୁଲାନ୍ସ ଆସିଲା । ସାଥୀ କର୍ମଚାରୀମାନେ ଦୂରେଇ ରହି ସମ୍ପୂର୍ଣ ସହଯୋଗ କରୁଛନ୍ତି । ଡାକ୍ତର ଆସି କହିଲେ ସୁହାସ ବାବୁଙ୍କୁ କୋଭିଡ ହସ୍ପିଟାଲକୁ ଏକା ନିଆଯିବ । ସୁଲତା କିନ୍ତୁ ଜିଦ୍ ଧରିଲେ ସେ ସାଙ୍ଗରେ ଯିବେ ବୋଲି । ବହୁତ ଅନୁନୟ ବିନୟ ପରେ ଅନୁମତି ମିଳିଲା ସ୍ୱାମୀଙ୍କ ସହ ଆମ୍ବୁଲାନ୍ସରେ ଯିବାକୁ । ରାତି ଆଠଟାରେ ଜଣେ ଜୁନିୟର ଡାକ୍ତର ଆସି ଅନୁମତି ଦେଲେ ଆପଣ ପିପିଇ କିଟ୍ ପିନ୍ଧି ଯିବେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଡିରେ । ସେମାନେ ବାହାରିଗଲେ ଆମ୍ବୁଲାନ୍ସରେ କୋଭିଡ ଡାକ୍ତରଖାନା ।

ସ୍ୱାମୀ ତାଙ୍କ ଈଶ୍ୱର ବିଶ୍ୱାସୀ ଓ ବାଟସାରା ଠାକୁରଙ୍କୁ ଡାକି ଚାଲିଥାନ୍ତି । ଦୁଇଜଣ ପତିପତ୍ନୀ ବହୁତ ଆଧ୍ୟାତ୍ମିକବାଦୀ ଓ ଅନ୍ୟମାନଙ୍କର ପାଇଁ ଉଦାହରଣ । ଆମ୍ବୁଲାନ୍ସର ଏସି କିଛି ଖରାପ ଥିଲା । ସୁହାସ ବାବୁ ଶୋଇକରି ହନୁମାନ ଚାଳିଶା ବୋଲୁଥାନ୍ତି । ଧୀରେ ଶୋଇଗଲେ ଗାଡିରେ । ଭୋର ତିନିଟା ତିରିଶ ସମୟରେ ଡାକ୍ତରଖାନା ଆଗରେ ପହଞ୍ଚିଗଲେ । କେହି ଆଗକୁ ଆସୁନାହାନ୍ତି ଓ ଗେଟ ଖୋଲୁନାହାନ୍ତି । ଗାଡି ଡ୍ରାଇଭର ପାଟି କରିବାରୁ ବହୁତ ଡେରିରେ ଗେଟ୍ ଖୋଲିଲା । ଚାରିଟା ହେଲାରୁ ସୁଲତା ନିଜ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଫୋନ କଲେ । ଯାହାବି ହଉ, କୌଣସି ପ୍ରକାର ତାଙ୍କରି ଯୋଗୁ କିଛି ସମୟ ଅପେକ୍ଷା କରିବା ପରେ ଛଅଟା ସମୟରେ ଡାକ୍ତର ଆସିଲେ । ସୁଲତାଙ୍କୁ କହିଲେ ରୋଗୀଙ୍କୁ ଉଠେଇ ଆଣନ୍ତୁ । ସେ ଯେତେ ଚେଷ୍ଟା କଲେ ଡାକିଲେ ସୁହାସ ବାବୁ ଆଉ ଶୁଣିଲେନି କି ଉଠିଲେନି । ପାଦରେ ହାତ ମାରିଲା ବେଳକୁ ପାଦ ପୁରା ଥଣ୍ଡା । ରାତିରେ ଅଜାଣତରେ ଆରପାରିକୁ ବାଟ କାଟି ଚାଲି ଯାଇଛନ୍ତି । ଡାକ୍ତର ସୁହାସଙ୍କୁ ମୃତଘୋଷଣା କରିଦେଲେ । ଗୋଟେ ସ୍ତ୍ରୀପାଇଁ ଏହାଠାରୁ କଠୋର ସମୟ ଆଉ ବୋଧହୁଏ କିଛିନାହିଁ । କରୋନା ଆକ୍ରାନ୍ତଙ୍କ ପାଇଁ ସବୁ ନିୟମ କାନୁନ କଡା । ଏହାପରର ସମସ୍ୟା ମୃତ ଦେହ କେମିତି ଦାହସଂସ୍କାର ହେବ । ତାପରେ ମାଜିଷ୍ଟ୍ରେଟ ଓ ଆଉ ଗୋଟେ ଆମ୍ବୁଲାନ୍ସ ଆସିଲା । ସୁହାସ ବାବୁଙ୍କ ମୃତ ଦେହକୁ ସତ୍ୟନଗର ନିଆଗଲା । କିଛି ଆତ୍ମୀୟ ସ୍ୱଜନଙ୍କ ଫୋନ ନମ୍ବର ପ୍ରଶାସନ ମାଗି ରଖିଲା ସେମାନଙ୍କୁ ଅନ୍ତିମ ସଂସ୍କାର ପରେ ଖବର ଦେବାପାଇଁ । ଅନ୍ୟ ଗୋଟେ ଗାଡିରେ ସୁଲତା ସବୁଦିନ ଲାଗି ସୁହାସଙ୍କୁ ଛାଡି କଟକ କୋଭିଡ୍ ହସ୍ପିଟାଲକୁ ଗଲେ । ବିନା ଆତ୍ମୀୟ ସ୍ୱଜନରେ ଶବଦାହ ହେଲା । ବିଦେଶରେ ଥିବା ପୁଅ ଖବର ପାଇଲା ।

ସୁଲତା ଅବଶୋଷରେ କହିଚାଲିଲେ ଆମେ ବହୁତ ହେଳା କରିଦେଲୁ । ପୈତୃକ ଗାଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

(ଗଞ୍ଜାମ)ରେ ମା'ଙ୍କର  ଶୁଦ୍ଧିକାମ ସାରିଫେରିଲା ପରେ ସୁହାସଙ୍କୁ ଟିକେ ଜ୍ୱର ହେଲା । ଆମେ ଭାବିଲୁ ଏଭଳି କାମରେ ଟିକେ ଦେହ ବିଗିଡେ, ତେଣୁ ପାରାସିଟାମଲ୍ ଖାଇଦେଲୁ । ମୁଣ୍ଡରେ ପଶିଲାନି  ଗଞ୍ଜାମ ଜିଲ୍ଲା କରୋନାର ହଟସ୍ପଟ୍ ରେଡ ଜୋନରେ ଯାଉଛି । ଏମିତିରେ ଆଠ ଦଶଦିନ ଗଡିଗଲା, ଜ୍ୱର ବି ବଢିଚାଲିଲା । ବେଶୀ  କଷ୍ଟ ହେଲାରୁ  ପାଖ ବଡ  ମେଡିକାଲରେ ଏଡମିଟ କରାହେଲା । ସାଙ୍ଗେସାଙ୍ଗେ କରୋନା ଟେଷ୍ଟ ପାଇଁ  ସ୍ୱାବ ପଠାଗଲା । ପଜିଟିଭ୍ ରିପୋର୍ଟ ଆସିଲା ପରେ ଡର ଘାରିଲା । ଆଗରୁ ତାଙ୍କର ହାର୍ଟ ପ୍ରୋବ୍ଲେମ ଟିକେ ବାହାରିଥିଲା । ହୁଏତ ଡରି ଗଲେ କି କଣ ଯାହା ବି ହଉ ନିୟତି ଆଗରେ ସମସ୍ତେ ବିବଶ । କିନ୍ତୁ ଅବଶୋଷ ସବୁଦିନ ପାଇଁ ରହିଗଲା ଆମେ ଗଞ୍ଜାମରୁ ଫେରି କ୍ୱାରେଣ୍ଟାଇନରେ ରହିଥିଲେ କିମ୍ବା ଜ୍ୱର ହେବା ପରେ ସଙ୍ଗେ ସଙ୍ଗେ କୋଭିଡଟେଷ୍ଟ ଯଦି କରେଇଥାନ୍ତୁ  ହୁଅତ ଆଜି ଏ ଅଘଟଣ ଘଟି ନଥାନ୍ତା । କରୋନା ସଙ୍କ୍ରମଣର ସମସ୍ତ ଭୟାବହତା ଜାଣିବା ପରେବି ଆମେ ମାନେ ତତ୍ପର ହଉନେ । ଏବେ  ଆମର  ଅବହେଳାର ଫଳ ପୁରା ଭୟ ଖେଳାଇ ଦେଇଛି । ମାସେ ତଳେ ମାଙ୍କୁ ହରେଇଛି । ଏବେ ସ୍ୱାମୀ ଚାଲିଗଲେ । ପୁଅ ପାଖରେ ନାହିଁ । କି ନିଷ୍ଠୁର ନିୟତି । ଏକାବେଳେ ମୋ ଉପରେ ପାହାଡ ଲଦିଦେଲେ । ମୋର ବାକି ଜୀବନରେ ନିରାଶାର କଳା ବାଦଲ ଛାଇଦେଲା କାଳିଆ । ତାଙ୍କୁ ଡାକିବାର କଅଣ ଏହି ଫଳ ?

୫ ଆର/୧, ଇଞ୍ଜିନିୟରିଂ କଲେଜ, ବୁର୍ଲା, କଲୋନୀ
ସମ୍ବଲପୁର, ଓଡିଶା, ୭୬୮୦୧୮
ଦୂରଭାଷ : ୯୪୩୯୨୧୧୯୭୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପଶ୍ଚାତାପ

ଆକାଶରେ ମେଘ ଘୋଡେଇ ଥାଏ, ମଝିରେ ମଝିରେ ତାରି ଫାଙ୍କ ଦେଇ ମୁହଁ ଗଳେଇ ଫିକ କରି ହସି ଦେଉଥାନ୍ତି ସୂର୍ଯ୍ୟ ।

ଖୋଲା ଝରକା ଦେଇ ବସ୍ ଭିତରକୁ ସ୍ୱଚ୍ଛ ପବନ ପଶି ଆସୁଥାଏ ଭୀଷଣ ଜୋରରେ । ମୁଣ୍ଡ ବାଳ ଅସ୍ତ ବ୍ୟସ୍ତ । ଆଉ ବସର ପଛ ସିଟରେ କେବଳ ମୁଁ ।

ମାଆର କୂଳପୋଛା ପୁଅ ମୁଁ, ତିନି ଭଉଣୀଙ୍କ ପରେ ଜନ୍ମ ହୋଇଥିବାରୁ ଭାରି ଗେଲବସରରେ ପାଳିଛି ମତେ । ଗତକାଲି ଫୋନରେ ବାରମ୍ବାର କହିଥିଲା – ଟିକିଏ ଚଞ୍ଚଳ ଆସିବୁ । ତୋର ଫେରିବା ବାଟକୁ ଚାହିଁରହିଛି ।

ଏଇ କେଇ ଦିନ ହେଲା ତାର ଦେହ ଭଲ ରହୁନାହିଁ । କୌଣସି ଔଷଧ ମଧ୍ୟ ଧରୁ ନାହିଁ । ବୈଧବ୍ୟ ଆଉ ବୟସର ଭାରରେ ତାର ଦେହ ଭାଙ୍ଗି ପଡୁଛି ।



ପଲ୍ଲବୀ ଦାସ

ଆଜି ବହୁତ ବର୍ଷପରେ କାମରୁ ଟିକେ ଫୁରସତ ପାଇ ଗାଁଆଡ଼େ ବୁଲି ବାହାରି ପଡିଛି ମାଆ ସାଥିରେ ସମୟ ବିତେଇବା ଆଳରେ ।

ପୁରୀ ଜିଲ୍ଲାର ଗୋଟିଏ ମଫସଲ ଗ୍ରାମ, ମୁକୁନ୍ଦପୁର ଶାସନରେ ଅବସ୍ଥାପିତ ଏକ ଧନାଢ୍ୟ ଭଦ୍ର ବ୍ୟକ୍ତିଙ୍କ ଏକମାତ୍ର ଅବାଧ୍ୟ ସନ୍ତାନ ମୁଁ । ବିରାଟ ବଡ ଜମିଦାରୀ ଛାଡ଼ି, ମୁଁ ସରକାରୀ ଚାକିରୀ କରୁଛି ଆଉ ବାକି ସବୁ ମୋ ସ୍ତ୍ରୀ ବୁଝୁଚି । ଦିନ ଥିଲା ସେ ସବୁ ଜମିଦାରୀ କାମ ମୁଁ ବୁଝୁଥିଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ମୋ ବାପା ମୋ କାମରେ ଖୁସି ନଥିଲେ । ସେଥିପାଇଁ ସବୁ ଭାର ମୋ ସ୍ତ୍ରୀ ହାତକୁ ଟେକି ଦେଇଥିଲେ । ଟିକେ ଦୁଃଖ ଲାଗିଥିଲା ସତ କିନ୍ତୁ ଏବେ ବୁଝୁଚି ବାପାଙ୍କ ନିଷ୍ପତି ଠିକ୍ ଥିଲା ଆମ ପାଇଁ ।

ମଣିଷକୁ ଲାଗେ, ଦୁନିଆରେ ସେ ସବୁଠୁ ଦୁଃଖୀ । ନିଜ ଦୁଃଖ, ଅନ୍ୟ ସମସ୍ତଙ୍କଠୁ ଅଧିକ ଲାଗେ । ହେଲେ ଯେବେ ଖୁବ୍ ନିକଟରେ ଆଉ କାହାର ଯନ୍ତ୍ରଣା ଆମେ ଅନୁଭବ କରନ୍ତି, ସେଇ ମୁହୂର୍ତ୍ତରେ ଜୀବନ ଆଉ ଯନ୍ତ୍ରଣା ପ୍ରତି ଆମର ଦୃଷ୍ଟିକୋଣ ବଦଳି ଯାଏ  । କିନ୍ତୁ ମୋ ଦୃଷ୍ଟିକୋଣ ବଦଳିବାକୁ ବହୁତ ଗୁଡ଼ାଏ ବର୍ଷ ଲାଗିଗଲା । ମାଟ୍ରିକ ପରୀକ୍ଷା ପରେ ବାପା ମତେ ଜମିଦାରୀ ବୁଝିବା ପାଇଁ କହିଥିଲେ ।

ଲୋକମାନଙ୍କ କାମ ତଦାରଖ କରୁ କରୁ ମୁଁ କେତେ ବେଳେ କୋଉ ପୁରୁଣା ଚଳଚ୍ଚିତ୍ରର ଅତ୍ୟାଚାରୀ ଜମିଦାର ପାଲଟିଗଲି ଜାଣି ପାରିଲିନି । ଭିତରେ ଗୋଟେ କୋମଳ ମନ ଥାଇ ସୁଦ୍ଧା ନିଜକୁ କଠୋର କରି ବାହାରେ ପ୍ରକାଶ କରୁଥିଲି । ମତେ ଲାଗୁଥିଲା ଦୁନିଆରେ ସବୁ କାମ କରିବା ହଉ ଅବା କରେଇବା ଏତେ ବି ସହଜ ନୁହେଁ, ସେଥିପାଇଁ କଠୋରତା ଅବଲମ୍ବନ କରୁଥିଲି । କିନ୍ତୁ ସେଦିନର ସନ୍ଧ୍ୟା ପରଠାରୁ ମୁଁ ନିଜକୁ ବହୁତ ବଦଳେଇ ଦେଇଥିଲି ।

ବାପାଙ୍କ କଠୋର ବଚନ ପ୍ରଥମ କରି ଶୁଣିବାକୁ ପାଇଥିଲି, "ଦାମୋଦର ତୁ ସେ ନେପନ ବୋହୂକୁ ଖାଲି କାମକୁ ଆସିବାକୁ ମନା କରିନାହୁଁ, ତୁ ସେ ନଅ ମାସର ଗର୍ଭବତୀ ନାରୀର ପେଟକୁ ନାତ ମାରିଛୁ ।"

ଏବେ ବି ସେ ଘଟଣା ଜଳ ଜଳ ହୋଇ ମୋ ଆଖି ଆଗରେ ଭାସି ଯାଉଛି । ଅଦିନିଆ ବର୍ଷା ଦିନ । ପାଞ୍ଚଟା ବେଳକୁ ଚାରିଆଡ ଅନ୍ଧାରୁଆ ହୋଇ ଆସିଥାଏ । ଶୀତ ଶୀତ ଲାଗୁଥାଏ । ମଝିରେ ମଝିରେ ଅସରାଏ ଲେଖା ବର୍ଷା ହଉଥାଏ । ବିଲରେ କାଦୁଅ ସହ ଆଣ୍ଠୁଏ ଲେଖା ପାଣି ଭର୍ତ୍ତି ହୋଇ ଯାଇଥାଏ । ବିଲହୁଡ଼ାକୁ ମଜବୁଦ କରିବାକୁ ପ୍ରାୟ ଛଅ ସାତଟି ଲୋକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗିଛନ୍ତି, ନହଲେ ବର୍ଷଯାକର ପରିଶ୍ରମ ପାଣିରେ ଧୋଇ ହୋଇଯିବ ।

ସେ ଭିତରୁ ନେପନ ଆଉ ତା ସ୍ତ୍ରୀ ଅନ୍ୟତମ । ମୋ ପାଟିରୁ ଖାଲି ରହି ରହି, "ଜଲ୍‌ଦି ଜଲ୍‌ଦି କାମ ସାର" ବୋଲି ବାହାରୁଥାଏ । ଲୋକମାନେ ଛାନିଆ ହୋଇ କାମ କରୁଥାନ୍ତି । କିନ୍ତୁ ନେପନ ସ୍ତ୍ରୀ ଟିକେ ଧିମା ଗତିରେ କାମ କରୁଥାଏ ସେଥିପାଇଁ ଛତା ଧରି ହୁଡ଼ା ଉପରୁ ଠିଆ ହୋଇ ତାକୁ ବିରକ୍ତ ହୋଇ ଗାଳି ଦେବାକୁ ଲାଗିଲି ଆଉ ତା'ପରେ କହିଥିଲି, "କାଲିଠାରୁ ଆଉ ତୁ କାମକୁ ଆସିବୁନି ।"

ଏତିକି କହି ସାରିବାପରେ ମନ ମାନିଲାନି ଯେ ଆହୁରି ତାକୁ ବିରକ୍ତ ହୋଇ କହି ପକେଇଲି, "ତୁ ଏବେ କାମରୁ ବାହାରିଲୁ, ଏତେ ଧୀରେ କାମ କଲେ ଆଉ ଚଳିବନି ।" ଯୋଉ ଆତେ କହୁଥିଲି ସେଇ ଆତେ ମୋର ଲକ୍ଷ୍ୟ ନଥିଲା କି ବିଚାରି ନଅ ମାସର ଗର୍ଭବତୀ ଥିଲା ବୋଲି ।

ବିଲ ଭିତରେ ପାଣିର ପରିମାଣ ଏତେ ବଢ଼ି ଯାଇଥିଲା କି ପାଣି ପେଟକୁ ଛୁଉଁଥିଲା ଆଉ ସେ କାଦୁଅ ଭିତରେ ନେପନ ସ୍ତ୍ରୀ ଶାଢ଼ୀଟାକୁ ଲୁଙ୍ଗି ପରି ଭିଡି କାମ କରୁଥିଲା, ସେ କାଦୁଅରୁ ବାହାରି ବୁଢା ବରଗଛ ତଳେ ଲଥକରି ବସି ପଡିଲା, ଆଖିରୁ ତାର ଲୁହ ବାହାରି ଯାଉଥିଲା ।

କଣ ହେଲା ବୋଲି ମୁଁ ସେଇ ଆଡକୁ ଛତା ଧରି ଦୌଡିଥିଲି, ସେଠି ଯାଇ ଦେଖେ ତ ନେପନ ସ୍ତ୍ରୀ କାଦୁଅ ସହ ରକ୍ତ ସାଲୁ ବାଲୁ ହୋଇ ପଡିଛି, ବିଚାରିର ଗୋଡ଼ଟି କେତେବେଳେ ପଥରରେ ଆଘାତ ଲାଗିଛି । କ୍ଷତାକ୍ତ ଗୋଡ଼ ଆଉ ରକ୍ତାକ୍ତ ମନକୁ ଧରି ସେ କାନ୍ଦି ଚାଲିଛି । ପାଖରେ ନେପନ ବସି ତାକୁ ତୁନି କରୁଥାଏ ।

ହଠାତ୍ ଗୋଟେ ବିକଟାଳ ଚିତ୍କାର । ମୋର ଛାତି ମଧ୍ୟ ଭୟରେ ସ୍ପନ୍ଦିତ ହୋଇ ଉଠିଲା । ମୁଣ୍ଡ ଉଠେଇ ନିସ୍ତେଜ ଆଖିରେ ଉପରକୁ ଚାହିଁଲା ମତେ, ପେଟକୁ ଧରି ଗୁଡ଼ାଏ ଖଣ୍ଡେ ଗାଳି ଦେଇ ପକେଇଲା ଅଣନିଶ୍ୱାସ ହୋଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

-ଆମେ ଗରିବ ବୋଲି କଣ, ଆମ କୂଳରେ ପିଲାଟେ ଜନ୍ମ ହେବା ପାପ କି ବାବୁ ? ମୋ ପାଖରେ ତା ପ୍ରଶ୍ନର କିଛି ଉତ୍ତର ନଥିଲା ।

ମୁଁ ତା ଆଖିରେ ଦେଖିପାରୁଥାଏ ଅଗ୍ନି ଶିଖା, ଆଉ ମୁକ୍ତିପାଇବା ପାଇଁ ମାଗୁଥାଏ କିଛି ଗରମ ନିଃଶ୍ୱାସ, ଏତେ ବର୍ଷ ଧରି ଯୋଉ ଲୋକମାନେ ତାକୁ ବାଞ୍ଝ ଡାକୁଥିଲେ ସେମାନେ ଏଇ କିଛି ମାସ ହବ ତାକୁ ବାଞ୍ଝ ଡାକିବା ଛାଡ଼ି ଦେଇଥିଲେ କାଳେ ପୁଣି ସେମାନେ ତାକୁ ବାଞ୍ଝ ଡାକିବେ ସେ ଦୁଃଖରେ ସେ ମ୍ରିୟମାଣ ହୋଇପଡୁଥିଲା ।

ମୋର ଆପାଦମସ୍ତକ ହୋଇ ଆସୁଥାଏ ନିଷ୍କ୍ରିୟ । କରୁଣ ଦୃଷ୍ଟିରେ ମୁଁ ଦେଖୁଥାଏ ଗୋଟେ ମାଆର ଗର୍ଜନ ନିଜ ଛୁଆ ପାଇଁ ।

କାଳେ ଛୁଆଟିର କଣ ଅସୁବିଧା ହୋଇଥିବ ଭାବି, ବାପା ମୋର ବ୍ୟସ୍ତ ବିବ୍ରତ ହୋଇ ନେପନ ହାତରେ କିଛି ଟଙ୍କା ଦେଇ ପାଖ ଡାକ୍ତରଖାନାକୁ ପଠେଇ ଥିଲେ, ବହୁତ ଗୁଡ଼ାଏ ପରୀକ୍ଷା ନିରୀକ୍ଷା କରିବା ପରେ 'ଛୁଆଟି ଠିକ୍ ଅଛି' ବୋଲି ଡାକ୍ତର ଜଣେଇଥିଲେ । ଡାକ୍ତରଖାନାରୁ ଖବର ଆସିବା ପରେ ଗୋଟାଏ ଅତୃପ୍ତ ଦୀର୍ଘଶ୍ୱାସ ମୋର ଛାତି ପଞ୍ଜରା ଦୋହଲାଇ ବାହାରି ଆସିଥିଲା ସେଦିନ ।

ତା ପର ଦିନ ଠାରୁ ଜମିଦାରୀ ପୁଣିଥରେ ବାପା ବୁଝିବାକୁ ଲାଗିଥିଲେ ଆଉ ମୁଁ ଚାଲି ଯାଇଥିଲି ସରକାରୀ ଚାକିରି କରିବାକୁ । ବାପାଙ୍କ ଠାରୁ ଗାଳି ଖାଇବା ପରେ ଘରକୁ ବହୁତ କମ୍ ସମୟ ଯିବା ଆସିବା କରେ । ନେପନର କିଛି ଖବର ରଖିନି ସେ ଘଟଣା ପରଠାରୁ ।

ଆଗ ପରି ମୋର କଠୋରତା ଆଉ ନଥିଲା କିନ୍ତୁ ମୁଁ ଜୀବନ ସାରା ଭଗବାନଙ୍କୁ ଧନ୍ୟବାଦ୍ ଦେଇ ଚାଲିଛି ନେପାନର ଛୁଆ ଠିକ୍ ଥିବାରୁ ।

ଏତେ ସବୁ ଭାବନାର ପୂର୍ଣ୍ଣଚ୍ଛେଦ ଟାଣି ଗାଡ଼ି ଆସି ପହଞ୍ଚି ଯାଇଥିଲା ମୋ ଗ୍ରାମ ଛକରେ ସେଠୁ ମୋ ଘର ପ୍ରାୟ ପାଞ୍ଚ ମାଇଲେ ବାଟ । ବସରୁ ଓହ୍ଲେଇ ପ୍ରଥମେ ଖୋଜିବାକୁ ଲାଗିଲି କାଳେ କିଏ ମୋ ଘର ଆଡ଼କୁ ଯାଉଥିବ ତା ସହ ସାଙ୍ଗ ହୋଇ ଚାଲିଯିବି । ହଠାତ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟେ ଫଡଫଡ଼ିଆ ମୋଟର୍ ସାଇକେଲରେ ଗୋଟେ ପତଳା ଟୋକା ଆସି ମତେ କହିଲା, "ଦାଦା, ପଛରେ ବସନ୍ତୁ ଖୁଡ଼ି ପଠେଇଚନ୍ତି ଆପଣଙ୍କୁ ନେବାକୁ ।" ମୋ ଆସିବା ଖବର ପାଇଲେ, ମୋ ସ୍ତ୍ରୀ ବେଳେ ବେଳେ ମତେ ଏମିତି ଚମକାଇ ଦେଇଥାଏ ।

ପିଲାଟି ସାଥିରେ ଘରକୁ ଯିବା ରାସ୍ତାରେ ଆମର ସେଇ ବିଲସବୁ ରାସ୍ତାରୁ ଦେଖା ଯାଉଥିଲା । ନିଜକୁ ଦୋଷୀ ପରି ଅନୁଭବ କରୁଥିଲି, କାହିଁ କେତେ ଲୋକଙ୍କୁ ଅତ୍ୟାଚାର କରିଥିଲି ସେ ବିଲରେ ଭାବି । ଏତେ ସବୁ ଭାବନାର ପୂର୍ଣ୍ଣଚ୍ଛେଦ ଟାଣି ଗାଡିଟି ମୋ ଘର ଆଗରେ ରହିଥିଲା । ପିଲାଟି ମୋ ବ୍ୟାଗକୁ ହାତରେ ଧରି ଆଗେ ଆଗେ ଚାଲିଲା ଆଉ ମୁଁ ତା ପଛେ ପଛେ ।

ପିଲାଟି ବ୍ୟାଗଟା ଘର ବାରଣ୍ଡାରେ ରଖିଦେଇ ଡାକ ପକେଇଲା ମୋ ସ୍ତ୍ରୀ ଉଦ୍ଦେଶ୍ୟରେ, "ଖୁଡି, ମୁଁ ଟିକେ ଘର ଆଡୁ ଆସୁଛି", ତା ପରେ ନିଜ ରାସ୍ତାଟିଏ ପୁଣି ସେ ମୋଟରସାଇକେଲ ଧରି ଚାଲିଗଲା ।

ଘରେ ପହଁଚି ପ୍ରଥମେ ମାଆକୁ ଭେଟି ସାରିବା ପରେ ସ୍ତ୍ରୀକୁ ପଚାରିଥିଲି, "ଯୋଉ ପିଲାଟି ମତେ ଛାଡିବାକୁ ଆସିଥିଲା ସେ ପିଲାଟି କିଏ ?"

ମାଆର ଉତ୍ତର ଆସିଥିଲା, "ସେ ପରା ନେପନ ପୁଅ ଏତେ ଦିନ ପରେ ଆସିଛି ଗାଁକୁ ତାର ଆମ ଗାଁ ସ୍କୁଲକୁ ବଦଳି ହୋଇଛି ସେ ଶିକ୍ଷକ ଅଛି । ତୁ ତ ଗାଁରେ ବେଶୀ ସମୟ ରହୁନାହୁଁ ଜାଣିବୁ କେମିତି ?" ଏତିକି ଶୁଣି ସାରିବା ପରେ ପଚାରି ଦେଇଥିଲି, "ନେପନ ଆଉ ତା ସ୍ତ୍ରୀ କେମିତି ଅଛନ୍ତି ?"

- ନେପନ ଆଉ ନାହିଁ ଏ ଦୁନିଆରେ କିନ୍ତୁ ତା ସ୍ତ୍ରୀ ଅଛି ସେ ବି ଆମ ଗାଁ ସ୍କୁଲରେ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଛି ଆଉ ବେଳେ ବେଳେ ଆମ ଘର ଆଡେ ଆସୁଛି ବିଲ କାମ ଦେଖିବାକୁ । ଆଜି ବି ଆସିବ ଉପର ବେଳା । ତୋତେ ଯଦି କିଛି କହିବାର ଇଚ୍ଛା କହିଦବୁ । ସେଥିପାଇଁ ତ ତତେ ଡାକିଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୁଁ କାହିଁକି ଏତେ ସବୁ ପଚାରୁଛି ମାଆ ବୁଝି ପାରିଥିଲା ।

ସେଦିନ ଖାଇସାରିବା ପରେ ଆଉ ନିଦ ହୋଇନଥିଲା, ଭୁଲ୍ କେମିତି ମାଗିବି, କଣ କହି ଭୁଲ୍ ମାଗିବି କିଛି ଭାବି ପାରୁନଥିଲି ।

୪ଟା ବାଜିଲା ସ୍କୁଲ୍ ଛୁଟି ହେବା ପରେ ନେପନର ପୁଅ ତା ମାଆକୁ ଧରି ଆମ ଘରକୁ ଆସିଲା । ମୋ ଗୋଡ଼ରେ ଜୀବନ ନଥିଲା ନେପନ ସ୍ତ୍ରୀକୁ ସାମ୍ନା କରିବାକୁ, ବହୁତ ପ୍ରୟାସ କରି ନିଜକୁ ଠିଆ କରି ଦେଇଥିଲି ଆଉ ହାତ ଯୋଡ଼ି କ୍ଷମା ମାଗିଥିଲି, ଯଦିଓ ନେପନ ବୋହୂକୁ ମୁଁ କଷ୍ଟ ଦେଇଥିଲି ତଥାପି ସେଦିନ ଅଭ୍ୟର୍ଥନାରେ ସାମାନ୍ୟ ସନ୍ତୋଷ ପ୍ରକାଶ କରିଥିଲା ।

ସେଦିନ ଜାଣିବାକୁ ପାଇଥିଲି, ବାପାଙ୍କ ଚାଲିଯିବା ପରେ ଜମିଦାରୀ ବୁଝିବାରେ ମୋ ସ୍ତ୍ରୀକୁ ନେପନର ସ୍ତ୍ରୀ ବହୁତ ସାହାଯ୍ୟ କରିଚାଲିଛି । ସେଦିନ ବୁଝିଥିଲି, ଭୁଲ୍ କରିବା ଯେତେ ସହଜ ନିଜର ଦୋଷ ସ୍ୱୀକାର କରି ଭୁଲ୍ ମାଗିବା ବହୁତ କଷ୍ଟ । ଭୁଲ୍ ମାଗି ସାରିବା ପରେ, ମତେ ସେଦିନ ପରଠାରୁ ସବୁ ଦିନ ଶାନ୍ତିରେ ନିଦ ହଉଛି, ମନ ଭିତରେ ଅହରହ କଷ୍ଟ ଦେଉଥିବା ପଶ୍ଚାତାପର ଅବସାନ ଘଟି ସାରିଛି ।

ପିତା - ପ୍ରସନ୍ନ କୁମାର ଦାସ,

ନୂଆ ଶାସନ, ଢେଙ୍କାନାଳ, ୭୫୯୦୦୧, ଓଡ଼ିଶା

ଇମେଲ୍ : pallabiofficial2020@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଧୁରା

ଭାବନାର ପରିଧି ଭିତରେ ନିଜକୁ ହଜେଇ ଦେଇ ହଜି ଯିବାରେ ଯେଉଁ ମଜା ଥାଏ ।ବାଟ ଭୁଲି ହଜି ଯିବାରେ ସେତିକି ଦୁଃଖ ବି ଥାଏ । ମୋ ଆଗରେ ବସି ଖିଲି ଖିଲି ହୋଇ ହସୁଛି ଅପୂର୍ବ ସୁନ୍ଦରୀ ଗୀତା । ମୋତେ ଡାକୁଥାଏ ତମେ ବି ଆସ  ସାଙ୍ଗ ହେଇ ବସିବା ଆଉ କିଛି ସମୟ ଗପିବା । ମୁଁ ବି ତା ପାଖକୁ ଯାଇ ବସିଲି ଦୁହେଁ କେତେ ଗପିଲୁ । ସେଦିନ କିନ୍ତୁ ଗୀତା ଭାରି ସୁନ୍ଦର ଦେଖାଯାଉଥିଲା । ଯମା ବିରକ୍ତି ଭାବ ନଥିଲା ତା ମୁହଁରେ । କେତେ ଦିନୁ କୁଆଡେ ଯେମିତି ହଜି ଯାଇଥିଲା ସେ । ତାକୁ କେତେ ଖୋଜିଛି । କିନ୍ତୁ ପାଇଁ ନାହିଁ । ହଠାତ୍ ତାକୁ ଆଜି ପାଖରେ ପାଇ ମୋ ଖୁସିର ସୀମା ନଥାଏ । ପୁରୁଣା କଥା ସବୁ ମନେ ପଡିଗଲା ମୋର ଯୋଉ ଦିନ ତା ସହ  ପ୍ରଥମ ଦେଖା ହେଇଥିଲା ।ମତେ ଦେଖି ମୁରୁକି ମୁରୁକି ହସୁଥିଲା ସେ ମୁଁ ଲୁଚି ଲୁଚି ତାକୁ ଦେଖୁଥିଲି । ସତରେ କେତେ ସୁନ୍ଦର ଝିଅଟିଏ । ମନେ ଭାବୁଥିଲି ଏମିତି ଝିଅ ଟିଏ ମତେ ମିଳି ଯାଆନ୍ତା କି ?



ଝରଣା ବାରିକ

ତାପରେ ତା ସହିତ ଇଏ ମୋର ଦ୍ୱିତୀୟ ଦେଖା । ଆଉ ଏମିତି ଲାଗୁଛି ଯେମିତି ସିଏ ମୋରି ବାଟକୁ ଚାହିଁ ବସିଛି । ଏଥର ଆଉ ବିଳମ୍ବ କରିବା ଠିକ୍ ନୁହେଁ । ମୋ ମନ କଥା ତାକୁ ଖୋଲି କହିଦିଏ । ତାପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହା ହେବ ହେଉ । ତା ହାତକୁ ଧରି କହିବା ଆରମ୍ଭ କଲି ଗୀତା ମୁଁ ତୁମକୁ ବହୁତ ଭଲ ପାଏ । ମୋ କଥା ସରିଛି କି ନାହିଁ ଗୀତା ଜୋରରେ ହସିବାକୁ ଲାଗିଲା । ଏତିକି ବେଳେ ବୋଉ ମତେ ଉଠେଇ ଦେଇକହିଲା ଏଇ ରାଜୁ ଉଠୁ ଉଠୁ ଦିନ ନଅଟା ବାଜିଲାଣି । ମନେ ମନେ ଭାରି ବିରକ୍ତ ଲାଗୁଥିଲା । ଧେତ୍ ଆଉ ଟିକେ ପରେ ମୁଁ ଗୀତାର ମନ କଥା ଜାଣିଥାନ୍ତି । ସେତକ ବି କରେଇ ଦେଲାନି ।

ଝରଣା ବାରିକ

ସମଲ, ତାଳଚେର, ଅନୁଗୋଳ

ମୋବାଇଲ :- ୯୫୫୬୮୪୬୯୩୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚଳନ୍ତି ପ୍ରତିମା



ସୁପ୍ରଭା ବେହେରା

ଘରଟି ମାତ୍ର ନ'ଶହ ସ୍କୋୟାର ଫୁଟର । ଯେତେବେଳେ ନିଜର ଘର ଖଣ୍ଡିଏ ନଥିଲା, ସେତେବେଳେ ଲାଗୁଥିଲା ନଶହ ସ୍କୋୟାର ଫୁଟ ଯଥେଷ୍ଟ । ମଣିଷର ଆଶା ଓ ନିଶା ଏମିତି । ଶିଢ଼ିର ଗୋଟିଏ ପାହାଚରେ ଅଟକି ରହେନାହିଁ । ଗୋଟିଏ ଆଶା ପୂରଣ ହେଲେ ତା ପରକୁ ଚଢିବାର ନିଶା ଘାରିଯାଏ । ଦୁଇ ଶୟନକକ୍ଷ ବିଶିଷ୍ଟ ଘରଟି ନୂଆ ନୂଆ ସୁଦୀପ୍ତାକୁ ଖୁବ ଭଲ ଲାଗିଥିଲା । ଧୀରେ ଧୀରେ ସମୟ, ପରିସ୍ଥିତି ଓ ନୁଆ ନୁଆ ଅବଧାରଣାକୁ ନେଇ ଘରଟି ଖୁବ୍ ଛୋଟ ମନେ ହେଲା । ଗୋଟିଏ ଘର ସୁଜୟ ଓ ତାର ଅନ୍ୟଟି ପିଲାମାନଙ୍କର । ଅଦିନିଆ ବନ୍ଧୁବାନ୍ଧବ ଆସିଲେ ଲିଭିଂ ରୁମ୍ ଟି କାମ ଚଳାଇନିଏ । ରୋଷେଇ ଘରକୁ ଛାଡି ଛୋଟ ଗୋଟିଏ କୋଠରୀ । ଯେଉଁଠି ସୁଦୀପ୍ତାର ଶ୍ୱଶୁର ଆସିଲେ, ରହୁଥିଲେ । ଗୋଟିଏ କୋଣରେ ଛୋଟ ଖଟଟିଏ, ଆଉ ଥାକରେ ଠାକୁର ପୂଜା ପାଉଥିଲେ । ଏହି ଘର ଖଣ୍ଡିଏ କରିବାରେ ସୁଜୟର ଏତେ ଲୋନ୍ ହୋଇ ଯାଇଥିଲା ଯେ ତାକୁ ଅବସର ନେବାଯାଏ ଶୁଝିବାକୁ ପଡିବ । ତେଣୁ ଉପର ଘର କରିବାରେ ନା ଥିଲା ଅର୍ଥବଳ ନା ଥିଲା ମନୋବଳ ।

ପିଲାମାନେ ବଡ ହେବା ଓ ପରିସ୍ଥିତିକୁ ନେଇ ଘରର ଆସବାବପତ୍ର ବଢି ବଢି ଚାଲିଥିଲା । ସୁଦୀପ୍ତା ସେବେ ପ୍ରସ୍ତାବ ରଖିଲା, "ବାପା ତ ଆଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମ ପାଖରେ ରହୁ ନାହାନ୍ତି । ସେଇ ରୁମ୍ ଟିକୁ ଷ୍ଟୋର ରୁମ୍ କରିଦେବା । ଠାକୁରଙ୍କୁ ସେଇ ଘରେ ରଖିବାକୁ ଭଲ ଲାଗୁନାହିଁ ତେଣୁ ଆଉ ଘର ନ ହେଉ କିନ୍ତୁ ଉପରେ ଗୋଟିଏ ଛୋଟ ଠାକୁରଘର କରିଦେବା । ବହୁତ୍ କଷ୍ଟରେ ସୁଦୀପ୍ତାର ପ୍ରସ୍ତାବରେ ରାଜି ହେଲା ସୁଜୟ । ମିଳିଥିବା ବକେୟା ଏରିଆରରେ ସେଇଟିକୁ ସାରିଦେବା ବୋଲି ସୁଦୀପ୍ତା ମତ ରଖିଲା ।

ମହାମାରୀ ସମୟ । ଅଧା କର୍ମଚାରୀରେ ଅଫିସ ଚାଲୁଥିବାରୁ ସୁଜୟକୁ ସମୟ ମିଳିଗଲା । ଜଲଦି ଜଲଦି ଘରକାମ ସରିଗଲା । ଅକ୍ଷୟ ତୃତୀୟାଟି ଶୁଭଦିନ ଥିବାରୁ ସୁଦୀପ୍ତା କହିଲା ସେହିଦିନ ଠାକୁର ଘର ପ୍ରତିଷ୍ଠା କରିଦେବା । ବେଶୀ ଲୋକ ତ ଏକତ୍ରୀତ ହେବେନି । କିଛି ପଡୋଶୀ, ଏକା ସହରରେ ରହୁଥିବା ସୁଜୟର ଭଉଣୀର ପରିବାର ଓ ସୁଦୀପ୍ତାର ବାପଘର ଲୋକଙ୍କୁ ଡାକି ଟିକିଏ ପୂଜାପାଠ ଓ ପ୍ରସାଦସେବନ ବ୍ୟବସ୍ଥା କରିଦେବା ।

ପଡ଼ୋଶୀଙ୍କ ଭିତରେ ଯିଏ ଆସୁ ନ ଆସୁ ଅଜୟ ମଉସାଙ୍କୁ ନିହାତି ଡାକିବା ଆବଶ୍ୟକ ବୋଲି ସୁଜୟ କହିଲା । ଏବେ ଏଇ ଜାଗାରେ ଘର ଖୁନ୍ଦି ହେଇଯାଇଛି । ଯେତେବେଳେ ସେମାନେ ଘର କଲେ ଆଖାପାଖ ମରୁଭୂମି ଭଳି ଖାଁ ଖାଁ କରୁଥିଲା । ଦିନରେ କାଉ କୋଇଲି ମଧ୍ୟ ଦେଖିବାକୁ ମିଳୁ ନ ଥିଲା । ହାତଗଣତି ଚାରି ପାଞ୍ଚୋଟି ଘର ଥିଲା । ତା ମଧ୍ୟରୁ ଅଜୟ ମନସାଙ୍କ ଘର ଅନ୍ୟତମ । ମଉସାଙ୍କ ସହ ସମ୍ପର୍କ ସେବେଠାରୁ ଏଯାଏ ଲମ୍ବିଛି । ଘର କରିବା ବେଳେ ମଉସା ଯାବତୀୟ ସାହାଯ୍ୟ କରିଛନ୍ତି । ଘର କରିବାରେ ଅନଭିଜ୍ଞ ସୁଜୟକୁ ପ୍ରତ୍ୟେକଟି କ୍ଷେତ୍ରରେ ଉପଦେଶ ଦେଇଛନ୍ତି । ଏଇଟା ଏମିତି କଲେ ସେଇଟା ସେମିତି କଲେ ଭଲ ହେବ । ଏମିତିକି ଘର କରିବାର ଯେଉଁ ନକ୍ସା ଟି ସୁଜୟ ପେସାଦାର ଲୋକ ପାଖରୁ ଆଣିଥିଲା ତାହାର ମାନଚିତ୍ର ମଉସା ବଦଳାଇ ଦେଇଥିଲେ । ଘର ସରିବା ପରେ ଯେଉଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରଟି ଛିଡା ହୋଇଥିଲା ତାହା ମନସାଙ୍କ ନକ୍ସାର ପ୍ରକୃତ ରୂପ ଥିଲା । ମଉସା ରାଜ୍ୟସରକାରଙ୍କ ସ୍ୱଳ୍ପ ବେତନଭୋଗୀ କିରାଣୀଟିଏ । ଦୁଇଝିଅ ବାହାଘର ପରେ ଯାହା ସମ୍ବଳ ଥିଲା ସେଇଥିରେ ଘର ଖଣ୍ଡିକ ତିଆରି କରିଥିଲେ । ଅମାୟିକ ସାଧାସିଧା ଲୋକ ଜଣେ । ମୁହଁ ଦେଖିଦେଲେ ସ୍ୱଚ୍ଛ ସୁନ୍ଦର ମନଟି ବାରି ହୋଇପଡେ । ଅନେକ ସମୟରେ ଝିଅମାନେ ମଉସାଙ୍କୁ ନିଜ ପାଖକୁ ନେଇଯାଆନ୍ତି । ଜ୍ୱାଇଁମାନେ ମଉସାଙ୍କୁ ନିଜର ଦାୟିତ୍ୱ ଭାବନ୍ତି ।

ଘରେ ରହିଲେ ମଉସା କିଛି ନା କିଛି କାମରେ ନିଜକୁ ବ୍ୟସ୍ତ ରଖନ୍ତି । ସୁଜୟର ବାପା ସଦାନନ୍ଦ ବାବୁ ଆସିଲେ ଅଜୟ ମଉସା ଆପେ ଆପେ ଟାଣି ହୋଇ ଆସନ୍ତି ସୁଜୟ ଘରକୁ । ବୟସର ଅପରାହ୍ଣରେ ମନ ଝରକାକୁ ଖୋଲିଦେବା ପାଇଁ ସାଥୀଟିଏ ମିଳିଗଲେ ସମୟ ଯେମିତି ଫେରିଆସେ ବସନ୍ତକୁ ନେଇ । ବିତିଲା ଦିନର ସ୍ମୃତିକୁ ବାଣ୍ଟିବା ବେଳେ ଦମକାଏ ମଳୟ ପବନ ମନକୁ ଛୁଇଁ ଛୁଇଁ ଯାଏ । ଦୁଇ ଜଣଙ୍କୁ ଭାରି ଭଲ ଲାଗେ । ଅଜୟ ମଉସା ଙ୍କ ସକାଳ ସଞ୍ଜ ବିତିଯାଏ ସୁଜୟ ଘରେ ।

ସାମାନ୍ୟ ପ୍ରସାଦ ସେବନ ପରେ ଅଜୟ ମଉସାଙ୍କୁ ସୁଦୀପ୍ତା ଠାକୁରଘର ଦେଖାଇବାକୁ ନେଲା । କହିଲା, "ମଉସା ଦେଖିଲେ କେମିତି ହୋଇଛି ? ତଳ ଘରଟି ତ ସମ୍ପୂର୍ଣ୍ଣ ଆପଣଙ୍କ ନକ୍ସାରେ ହୋଇଛି । ଠାକୁରଘର ତିଆରି କଲାବେଳେ ଏହି ମହାମାରୀ ପାଇଁ ଆଉ ଆପଣଙ୍କୁ ହଇରାଣ କରିବାକୁ ମନ ହେଲାନି । "

ମଉସା ଦେଖିଲେ ସୁନ୍ଦର ଛୋଟ ଘରଟିଏ । ମାର୍ବଲର ବେଦୀଟିଏ । ବେଦୀ ଉପରେ କାଠ କୁଟୀକାମର ସିଂହାସନଟିଏ । ଦୁଆର ମୁହଁରେ ସୁନ୍ଦର ତୋରଣ ଓ ଭରା କୁମ୍ଭ । ବେଦୀ ଉପରେ ଭଳିକିଭଳି ଠାକୁର । ଦେଖିଦେଲେ ମନ ପ୍ରଶାନ୍ତିରେ ଭରିଯିବ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଉସା ହାତ ଯୋଡି ପ୍ରଣାମ କଲେ । ଆଖି ଖୋଲି ଖୋଜିଲା ଖୋଜିଲା ଆଖିରେ ଚାରିଆଡ଼େ ଚାହିଁଲେ ।

ସୁଦୀପ୍ତା ପଚାରିଲା କାହାକୁ ଖୋଜୁଛନ୍ତି ?

ମଉସା କହିଲେ ଆଲୋ ମା, ଆମ ଚଳନ୍ତି ଠାକୁର କାହାନ୍ତି ?ଦେଖାଯାଉ ନାହାନ୍ତି ।

ସୁଦୀପ୍ତା ଅବୁଝା ଆଖିରେ ଚାହିଁ ରହିଲା ।

ମଉସା କହିଲେ ଆଲୋ ମା ତୋ ଶ୍ୱଶୁର କାହାନ୍ତି ?

ସୁଦୀପ୍ତା ତଳକୁ ମୁହଁ ପୋତି କହିଲା-ଦୁଇ ମାସ ହେଲା ବାପା ବୃଦ୍ଧାଶ୍ରମରେ ରହୁଛନ୍ତି । ଆମେ ତାଙ୍କୁ ବାଧ୍ୟ କରିନାହୁଁ । ଏହା ତାଙ୍କର ନିଜସ୍ୱ ମତ ଥିଲା । କାଲି ସୁଜୟ ଫୋନ କରିଥିଲେ ଘରପ୍ରତିଷ୍ଠାକୁ ଆସିବାକୁ । କରୋନାର କଟକଣା ପାଇଁ ଆଶ୍ରମରେ ବାରଣ କଲେ । ସୁଦୀପ୍ତା ଏମିତି କହିଲା ଯେମିତି ବାପାଙ୍କ ମତାମତକୁ ସମ୍ମାନ ଦେଇ ସେମାନେ ନିଜର କର୍ତ୍ତବ୍ୟ କରିଛନ୍ତି ।

ଅଜୟମଉସାଙ୍କ ଛାତିରେ ହଠାତ୍ କିଛି ଗୋଟିଏ ରୁନ୍ଧି ହୋଇଗଲା । ଅଭିମାନୀ ଓ ସ୍ୱାଭୀମାନୀର ଫେଣ୍ଟାଫେଣ୍ଟି ସଦାନନ୍ଦବାବୁଙ୍କ ବ୍ୟକ୍ତିତ୍ୱଟିଏ ଅଜୟମଉସାଙ୍କ ଆଖିଆଗରେ ନାଚି ଉଠିଲା । ପ୍ରଶ୍ନିଳ ଆଖିରେ ମଉସା ଠାକୁରଙ୍କୁ ଚାହିଁଲେ । ଠାକୁରଘର ଭିତରୁ କେହି ଯେମିତି ମଉସାଙ୍କ କାନରେ କହୁଥିଲା ଏମାନଙ୍କୁ ସଦବୁଦ୍ଧି ଦେ । ଚଳନ୍ତି ଠାକୁରଙ୍କ ପୂଜା ବିନା ଏହି ପୂଜା, ପୁଜାଘର ସବୁ ନିରର୍ଥକ । ସବୁ ଅର୍ଥହୀନ ଓ ଅସମ୍ପୂର୍ଣ୍ଣ ।

ସତ୍ୟନଗର , ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# କଙ୍କଡ଼ା

_ ମା, ମା, ମା, ବୋଉ, ବୋଉ ଉଉଓ, ବୋଉ......

_ ଆରେ କଣ ? କାଇଁ ହଲାପଟା ଲଗେଇଛୁ ? ଅଁଅଶ ବଂଶାନୀ (ବଂଶଅଶାନୀ) ଯାକଙ୍କର ଖାଲି ହାଣ୍ଡି ପାଟି । ଏଡେ ପାଟିଟେ କଣ କରୁଛୁ କିରେ ? ଛାତିରୁ କଲିଜା ଖସିଯିବ ଆଗେ ।" ବିରାଟ ମାଟିହଣ୍ଡାରେ ଚୁଲି ହୁଙ୍କାଟାରେ ଭାତ ଗାଳୁ ବୋଉ ପଚାରିଲା ।

ଚାଳିଶି କୁଟୁମ୍ବ ପରିବାରୀ, ତୁଣ ଫୁଟଣ ଯା ହଉ କି ନହଉ ହାଣ୍ଡିରେ ଭାତ ମୁଠାଏ ପରା ଲକ୍ଷ୍ମୀ ଚିହ୍ନ । ଯେଝା ବେଳରେ ଯିଏ ଆସନ୍ତି ଖା'ନ୍ତି । ଚୁଲିରେ କାଠ ଦକଦକ ଜଳୁଥାଏ, ହାଣ୍ଡିଶାଳରେ ଚୁଡି ରୁଣୁଝୁଣୁ ଶୁଭୁଥାଏ ରାତି ପାହିଆଠୁ ଯେ ରାତି ଗଡିଆ ଯାଏ । ସେଇ ସରଗ, ସେଇଠି ଗହଳି । ଆଘେ ଭାତ ହାଣ୍ଡିଟା ହେଇଗଲେ ତେଣିକି ଟୁଣୁକା ଟୁଣୁକି ଭଜା ଭଜି, ବଡି ଚୁରା, ଶାଗ ଖରଡା, ଆଳୁ ପୋଡା, ଜହ୍ନି, କଲରା ସିଝା, ଧନିଆ ଚଟଣି, ନଡିଆ ବରା, ହଳଦୀ ପାଣି, ଚୁନାକେରାଣ୍ଡି, ଛେଚାଚୁଙ୍ଗୁଡି, ମାଗୁର, ଭାକୁର ଯାହାର ଯେମନ୍ତ ବରାଦ । ଭଲ ମନ୍ଦ ଦିନ ମାନରେ କି କୁଣିଆ ମଇତର ଜୁଟିଲେ ଡାଲି ଚୋପା ହଏ । ବାପା, ଦଦେଇ, ଦେଠେଇ, କକେଇ, ବଡନନା, ଏମାନେ ଯେତେଥର ତୁଠରୁ ଆସି ବୃନ୍ଦାବତୀଠି ଓଳିଗି ହେଇ ଜେଜଙ୍କୁ ଦାଣ୍ଡ ହଂସିଆ ଠି ଜୁହାର ହେଇ



ଲୋପାମୁଦ୍ରା ପରିଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାଇ ବସିବେ ସେତେ ଥର ଆଉ ଗୋଟା ନୂଆ ଦରବ ରନ୍ଧାର ବାସନା ଚହଟିବ, ସେତେଥର ଆମେ ପିଲା ପନ୍‌ଝାକ ମଝି ଅଗଣାରୁ ଖେଳ ଛାଡି ଆଁ ଟି ମାନ ଦେଖେଇ ସରଧା ଗୋଳା ବଡ ବଡ ଗୁଣ୍ଡା ଟିଏ ଲେଖାଁ ପାଟିରେ ପୁରେଇ ପୁଣି ଅଧା ଖେଳକୁ ବାହୁଡିବୁ । ନାନୀ ମାନେ ଆଁ କଲେ ଆମ ବୁଢୀ ମା ପେଁ ପେଁ ହବ କହିବ, ଆ ଲୋ ମାଇକିନିଆ ଝୁଅ ଗୁଡା, ଏତେ ଅହଣ୍ଡିଆ ହେଲେ କୋଉଠି ଚଳିବ କିଲୋ ? ଯାଉନ ମା ଖୁଡୁତା ମାନଙ୍କଠୁ ଟିକେ ପୁରାଣ ପଢା, ପିଠା ଗଢା ଶିଖିବ ? ଏ ମରଦ ପିଲାଙ୍କ ସାଙ୍ଗରେ ଏମିତି ଘୋଡାଗୁହାଳି ଭଳିଆ ଡିଆଁ କାଇଁ ମାରୁଛ ? ଆଉ ଆମକୁ କହିବ, ଦେ ଲୋ ଦେ ଆଉ ଗୁଣ୍ଡାଟାଏ ନେଇ ଯା । ଏଇଠି ବ, ବାପ ପାଖରେ ଖା । ଆଲୋ କିଏ ଅଛ ଭାତ ଆଉ ଗଣ୍ଡା ଦେଇଯ ।" ମରଦ ପିଲେ ଖାଇସାଇଲେ ନଗେଇ ଖାଇବାକୁ ବୋଉ ଭରିଆଙ୍କୁ ତ ଶୋଡକାଏ ମରିଚଘୋଟା ପାଣି ବି ଢେର୍ ।

ଜେଜୀ ବୁଢୀ ସେପଟୁ ଉଠି ଆସି କହିଲେ,

_ ଦେ ଲୋ ଝୁଅ, ଗୋଟିଏ ବୋଲି ତ କୋଳପୋଛା ଘରମଣି । ଚହଳ ପକେଇବନି ? ଗହଳ ଲଗେଇବନି ? କି କଥା ? କଣ ଏମିତି ମାଟି ହାଣୁଛ କି ? ଶୁଣି ଯାଉନା ତା କଥା !

ମୁଁ ସେତବେଳକୁ ବୋଉ କାନି ପଛପଟେ, ତାକୁ ଥିରିକି କହିଲି, ବୋଉ ଦେଖିଯା ଗୋଟେ ଜିନିଷ । ଆସୁନୁ ଟିକେ । ଟିକେ ଆ ।

_ ରହରେ ଭଜା ଜଳିଯିବ ।ପୁଣି ସଭିଁଙ୍କି ଅରୁଚି ଧରିବ । ଜାଳ କମେଇ ଦିଏ କି ଜରୁଥାଉ, ସୁଆଦିଆ ଲାଗିବ । ପାଳ କୁଟା ମୁଠାକୁ ନିଆଁ ସହ ବାହାରକୁ ଟାଣି ଆଣି କହିଲା, ଚାଲ ଚଞ୍ଚଳ ।

_ ଦେଖ ବୋଉ ମୁଁ କଣ ଧରିଛି । ମୋ ଓଠରେ ହସ ଥିଲା ଆଉ ବୋଉ ଆଖି ହାଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିଗଲା । କହିଲା, ଛାଡ ଛାଡ ତାକୁ, ଚଞ୍ଚଳ ନେଇକି ତାକୁ ତା' ଥାନରେ ରଖିଆ । ଘରେ କିଏ ଦେଖିଲେ ଏଇନା ମାହାଭାରତ ପ୍ରଳୟଖଣ୍ଡ । ଗଲୁ ?

ସିଏ ତା 'ଗୋଡରେ ମୁଁ ବାନ୍ଧି ଥିବା ସୁତାଖଣ୍ଡକୁ କାଟି ଗୁଡେଇ ହବା ଚେଷ୍ଟାରେ ପୁରା ଛନ୍ଦି ହେଇ ପିଠିପଟିଆ ଲେଉଟିକି ଆସକାତିଆ ହେଇକି ନିସ୍ତେଜ୍ । ମୁକ୍ତି ଦିଅ ନହେଲେ ମୁଁ ଲାଗିଥିବି ମୁକ୍ତି ନେଲାଯାଏ ।

ସକାଳୁ ମୁଁ ବାହାରେ ଖେଳୁଥିଲି ଆମ ଚଉରାଠି । ଇଏ ତାର ନିଜେ ନିଜେ ଚଢି ଚଢି ଆଇଲା । ମୋ ନଜର ପଡନ୍ତେ ମୁଁ କୁରୁଳିଗଲି ଆପେ । ମନେ ପଡିଗଲା ଜେଜୀର ଭାଇଘର ଗାଁ ଠି..... ଯୋଉ ମହକ.... ଆଉ କୁହନା । କଳା ବୋଳାହଣ୍ଡା ଅଖାପକାରେ ନେସା ନେସି ଗୋଡ ଟଣାଟଣି ହେଇ ବିଶି ପଚାଶ ସରିକି ସରସରାନ୍ତି ସେମାନେ..... କେହି କାହାକୁ ଉପରକୁ ଛାଡନ୍ତିନି .... ଏତେ ବନ୍ଧନ । ସେଇଠୁ ପାଟିରୁ ତ ଖାଲି ନାଳ ଗଡିଲା ଆଉ । ପୁଣି ମନେପଡିଲା ବହିରେ ଲେଖା ହେଇଥିଲା ବୁଦ୍ଧ ବୋଲି ଜଣେ କିଏ କହୁଥିଲେ, 'ଜୀବେ ଦୟା ' ସେଇଠୁ ଆପେ ପୁଣି ନରମି ତ ଗଲି ଆଉ । ବୁଦ୍ଧ ମାନଙ୍କ କଥା ଆପେ ମାନିହେଇଯାଏ, ନା... ବୋଉ କଥା ଯେମିତି । ତମର ଏଡେଇ ଯିବାକୁ ମନ ବଳିବକି ଆଗେ । ବୋଉ କହିଛି ଛାଡିଦେ, ଛାଡିଦେବିନାଉ ।

ମୁଁ ତାକୁ ନହକ ତେଲ ପିଆ କାନ୍ଥ ଡେରା ପିଠିଫଟା ପାଞ୍ଚଣ ଟା ଦେଖେଇଲି । ସିଏ ଜଡସଡ ହେଇ ଅପେକ୍ଷା କଲା ପରି ଧାଡୁକିନା ଦଶମୁନିଆଁ ନଖିଆ ହାତରେ ତାର ଜାବୁଡି ଧଇଲା, ଥିରିକି ସାବଧାନେ ନେଇକି ତାକୁ ହୁଡାଠି ଛାଡିକି ଆସିଲି । ସେ ଚାଲି ଚାଲିଗଲା ତା ଠିକଣା ଖୋଜିବାକୁ । ତାଙ୍କର ବି ପାଣିତଳ ଗାଁ ଗଣ୍ଡା ଥିବକି ନାଇଁ, ତାର ତ ପୁଣି ମୋରି ଭଳିଆ ବୋଉ, ଇସ୍କୁଲୁ, ଜେଜୀ, ନାନୀ, ଫୁଲବାରି, ତାଟିଶଡଗ, ମନୁଆ, ଝୁନିଆ, ଆମ୍ବୁଲ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଖଟା ସବୁ ଥିବ କି ନାଇଁ । ଯାଉ ସିଏ । ନହେଲେ ତାଙ୍କର ସମସ୍ତେ ତାକୁ କେତେ ଖୋଜିବେନି କୁଆଡେ ? ଆମ ଘରେ କେମିତି ମତେ ଗୋଡେ ଗୋଡେ ଜଗନ୍ତି । ଏଇଟା ଟିକେ ବଗୁଲିଆ ଟା କି କଣ ନହେଲେ ଆଇଲା କେମିତି ,ବାଟ ଭୁଲିଲା କେମିତି ।

ଯା 'ଯେତେ କହିଲେ କଣ ଅଛି, ସୁଆଦ ଟା ତାର ନିଆରା ନାଉ । ଆଉ ସବୁକୁ ଗୋଳି ମାର ହେ, ଆଗେ ଆତ୍ମା ଶାନ୍ତି । ଜିଭ ଲୋଭକୁ କିଏ ଟାଳିଲାଣି ନା ପାରିବ ? ପାରିଲେ ସେଇ ବୁଦ୍ଧ ପାରୁଥିବେ ସିନା । ହେଇ ପା ସେଦିନ ଜିନାଘର ବୁଢୀ ତାରି ଝୋଳକୁ ଝୁରି ଝୁରି ଆଖି ବୁଜି ପ୍ରେତପୁରୀ ଗଲା, ଆଉ ଥରେ ଜନମିବ କି କଣ .... କୁହାକୁହି ହଉଥେଲେ ତ ସମସ୍ତେ .... ନୋଭ ନେଇ ଗଲା ପରା, ନ ଫେରିଲେ ମୁକତି କୋଉବାଟେ ?

**********************

ସେ ବେଢା କରେ କରେ ଗଲେ ବି ତମକୁ ପବିତ୍ର ପବିତ୍ର ଲାଗିବ ଏମିତି ମେଲା ସିଏ । କାହାର ସାହାସ ଜମିନି ଆଜିଯାଏ ଅଗାଧୁଆ ସେ ଜେଗା ଦେଇ ଯିବାକୁ । ପ୍ରତ୍ୟକ୍ଷ ଦିଅଁଟି, ଗୋଟା ଗିଳିଦେବେ, ଭେଟେଣା ହେଇଯିବେ । ତାଙ୍କର ସବୁ ଅମୁଣିହା । କିଛି ମାରାପତର ସିଏ ସହିବେନି । ଏମିତି କି ମନ ତଳେ ପୋଷାପାପକୁ, ଛାପକୁ ବି ଲୋକେ ତାଙ୍କ ଦୁଆର ଚଢିବା ଆଗରୁ ଜାଗତିଆର କି ସିନ୍ଧୁକରେ କୋଲପ ଦେଇ ହଉ କି ଗାଡିଆରେ ଓଲ୍‌ହାରି ଦେଇ ହେଉ ଆସନ୍ତି ।

ପଥର ଦେଉଳ, କୋଉ ରଜାଅମଳରେ କୋଉ ପୁରୁଷୋତ୍ତମ ଗଢେଇଥିବେ । ବୃଷଭ ନନ୍ଦି, ବୃନ୍ଦି ଦ୍ୱୟ ମୁଣ୍ଡ ହଲାନ୍ତି, ଚକଡାରେ ଚକଡା ମାଡି ବସି ହାରିଗୁହାରି, ଆଗ୍ରହ ସବୁ ଦିଅଁଙ୍କ ମୁଣ୍ଡ ଥଣ୍ଡା ବେଳ ଦେଖି ଦୁଃଖ ଜଣାନ୍ତି । ପାଟପୋଖରୀରେ ବୁଡଟେ ପକେଇ ଗାଁ ଟା ଯାକର ପିଲା ଠୁ ବୁଢା, ମାଇପେ, ମିଣିପେ ସମସ୍ତେ ନନ୍ଦି ଶିଙ୍ଘରେ ଟିପଦେଇ କାନରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମନବାନ୍‌ଛା ଫୁସୁଫୁସାନ୍ତି ।

ଯିଏ ଖଚମିଛ କହେ, ପାପତାପ କରେ, ବାରଣ ତାରଣ ମାନେନି, ଗୋଳିଆ ଗୋଳି କରେ ସମସ୍ତେ ୟାଙ୍କରି ଧଣ୍ଡା ଛୁଇଁ ରାଣନିୟମ କରାନ୍ତି । ରାତିଆ ଫଁ ଫଁ ଗର୍ଜୁ ଥିବା ଶବ୍ଦ ଭୟରେ ସତ ମାନି ମାନ୍_ ତି ପଡନ୍ତି ଲୋକେ ।

ମାନସିକ ପୁରଣ ପାଇଁ ଅଧିଆ ପଡନ୍ତି । ଯୋଡାକଦଳୀ, କାଳିଗାଈ କ୍ଷୀର ଘର୍ଷଣ ଶାକର ସହ ଯାଚନ୍ତି ।

ଅହିରାଜ କାମୁଡିଥିଲେ ବି ଏ ପାଣିପାଦୁକ ସିନ୍‌ଚି ଗରା ଗରା ପାଣି ୟାଙ୍କରି ଚକଡାରେ ଓଜାରି ଦିଅଁଙ୍କୁ ହାତ ଟେକି ପାଣି ଛଡେଇଦେଲେ ସବୁ 'ଛୁ', ଝାଡିଝୁଡି ହେଇ ଠିଆ ହୁଏ ମଣିଷ । ଭାଆରି ପ୍ରତ୍ୟକ୍ଷ । ଡାକ ଦେଲେ 'ଓ' କରିବା ଦିଅଁ ଜାଣି ।

ମାଳି ପୂଜା କରେ, ଦେହୁରୀ ସାଜେ, ହୁକୁମ ଡାକେ । ସିଏ ହି କହିଲା, ଗ୍ରାମେଶୋର ସପନେଇସନ୍ତି, ଗାଁରେ ଶୁକୁଲା ଶୁକୁଆମାଛ ହବନି କି ସେ ଆଠଦଶ ଗୋଡିଆ ଜୀବ କଙ୍କଡା କା'ରି ଘରେ ଯେମନ୍ତ ରନ୍ଧା ନହୁଏ । ଦିଅଁଙ୍କ କୋପକୁ ପରତେ ଯ । ବଂ ଭୋଲେ ବଂ ଭୋଲେ । କୋଣ ମୁଣ୍ଡରେ ଘରିକିଆ ଏକପଟିଆ ଦେଉଳବାଡାକୁ ଲାଗି ତାଙ୍କ ଚାଳିଆ ।

ନିଜେ ଆଜ୍ଞାମାଳ ପାଇଲା ପରି ଅମୁହାଁ କି ସମସ୍ତେ ମାନିଗଲେ ଏମୁଣ୍ଡୁ ସେମୁଣ୍ଡ, ଗାଁଟା ଯାକ । କାହାର ଜୀବନକୁ ଭଲା ଲୋଭ ନାଇଁ କହୁନ ।

****************************

ସୁନିଭାଉଜର କଣ ପିଲାପିଲି ହବ । ଏଇ ଆର ସନ ନୂଆଉ ହେଇ ଆମ ଗାଁରେ ପାଦଦେଇ ତୁଠ ଚହଟେଇ ଦେଇଥିଲାଟି ସିଏ, ମୋ ଜେଜୀ ପରି । ତାଙ୍କ ଗାଁରେ ସମସ୍ତେ ସୁନ୍ଦର ସେଇ ଦଶଗୋଡିଆ ଝୋଳ ଖାଇକି । ଏଡିକି ସୁନ୍ଦରୀ, ତା'ସାଙ୍ଗକୁ ନାକଗୁଣା ଘଣ୍ଟେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୀରା ଭଳିଆ ଝଟକେ ତା' ଖଣ୍ଡାମିତି ନାକରେ ...... ଯେତେବେଳେ ସିଏ ଗ୍ରାମେଶୋରଙ୍କ ବୃଷଭ କାନରେ ଗୁପତ ଜାଚଙ୍କାଟା କହିଦେଇ ଜୁହାର କରି ଉଠେ । ଆଉ କଣ କିଛି ଦୁଶେ କି, ହାତେ ଓଢଣା ପାରେ ପରା, ସମସ୍ତେ ସୁଖ ପାନ୍ତି ବୋଲି । କେମିତି ଝୁଣ୍ଟିକି ପଡେନି କେଜାଣେ ?

ପୋଖତି ହବା ଦିନ ଦିନ ଦିପହର ଯାଏ କି ରଡି ଛାଡିଲା ଲୋ, ପେଟ ଫିଟିଲାନି ତଥାପି ..... ଗାଁ ଫାଟିଲା ପଛେ । କଥା କଣ ? କାଇଁକି ମାଟିରେ ପଡୁନି ପିଲା ? କଣ ମନ ଥିଲା କି ତୋର ଖାଇଆ, ପିନ୍ଧିଆକୁ ?ଲାଜ, ଭୟ, ସନମାନ ଜଗି କହିନୁ କି ? କହିଦେ ଏଇନା । ତରିଯିବୁ ଲୋ । ନୋହିଲେ ଏଇନା ଯୋଡେ ପରାଣ........ ପିତାଶୁଣୀ ହବୁ ସିନା ମାଗଣାପଦା ଟାରେ ।

ଧକେଇ ଧକେଇ ଭାଉଜ କହିଲା, କ.....ଙ୍କ.....ଡା ଝୋ.....ଳ । ଚେତା ହରେଇଲା ।

ହେ ବୋଉ କିଲୋ । ଏ କି କରମ କଲା ଲୋ ମା । କି ବଉଁଶବୁଡା କଥା ତା ଜିଭରେ କେମନ୍ତ ଲେଉଟିଲା ଲୋ । ଦିଅଁଙ୍କ ସାଙ୍ଗରେ ବାଦ ପେଶିଲା । କି ବୁଦ୍ଧି କରିବା, ହେ ଗ୍ରାମେଶୋର ବାଳୁତ ପିଲା ଭାବି ଉଦ୍ଧାର କର । କ୍ଷମା ଜାଚନା ପ୍ରଭୁ । ତୁମେ ପରା ଆଶୁତୋଷ । ତା ଶାଶୁ ଗୁହାରିଆ ପଡିଲା । ତା ବର ବିନୁଭାଇ ତାକୁ କୋଳରେ ଉଠେଇ ସେମିତି ଅଛାଡ ଅବସ୍ଥାରେ ଟେକି ନେଇ ପାଖ ସଦର ମେଡିକଲକୁ ଗଲାହେରି ଗାଁ ମକୁଭାଇର ଅଟୋ ଗାଡିରେ ପକେଇ । ବୁଢୀ ଧଉଡି ଧଉଡି ଲୁଗାକନା ବୁଜୁଳାଏ ଡାଲା ପଛକୁ ଫୋପାଡି ଦେଇ ଆକାଶକୁ ହାତ ଟେକି ଦେଲା ବାଦେ ପବନରେ ଉଡିଗଲା ଧାଡିଏ କଥା, ମୋ ବୋହୁକୁ ଜୀଅନ୍ତା ଫେରେଇ ଆଣିବୁରେ ବିନୁ .......

*************************

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏ କଥାର ଆଠଦିନ ଅନ୍ତେ, ଭାଉଜ ତାର ଜାଆଁଳା ପୁଅଝିଅ ହଲେ ଧରିକି ଆସିବା ଅନ୍ତେ, ତାର ଇଚ୍ଛା ପୂରଣ ତା' ବର ଗାଁ ବାହାରେ ବାହାରେ କରିବା ଅନ୍ତେ, ଶାଶୁ ବୁଢୀ ତାର ରୁଦ୍ରାଭିଷେକ ଦେଇ ଶୂଳପାଣିଙ୍କୁ ଶୀତଳ କରିବା ଅନ୍ତେ ଗାଁରେ ଝାମୁଜାତ ମେଲଣ । ପାଖଆଖ କେତେଆଡୁ କେତେ ଗହଳି । ଆଜିକାଲି ତ ଗାଁ ତା'ଖୋଳପା ଛାଡି ସହରବଜାରର ସାଟଟା ମଡେଇଲାଣି ଯେ ଯେତେ ପ୍ରକାର ବିପରୀତମୁଖି କଥା ଗୁମୁଟ ଭିତରକୁ ମୁଖବନ୍ଧ ଦେଇ ପଶିଆସିଲେଣି । ମେଲଣ, ଯାତରା ଜୋର ଧରି ରାତିର ଗାଢା ରଙ୍ଗ ଓଢଣୀ ତଳେ ବସୁ ହସୁ ମନ୍ଦିର ପଛପଟ ଗୁହାରେ ଶିବଭକ୍ତ ବୋଲାଉଥିବା ଦଳେଙ୍କର ଦୁକ୍ ଦୁକିରେ ନିଆଁ ଧରୁଥିଲା ଜୁକ୍ ଜୁକ୍ କରି । ଭାଙ୍ଗ ମାଡ ହେଲେ ବି ଗୋଟେ କଥା, ଆଜି କାଲି କିଏ କଣ ଆଉ ଅଳପରେ ଅଛି ? ଦୂର ବୁଦାରେ ବିଲୁଆ ଆଁରେ ନୀଳ ନିଆଁ ଦହକିଲା ବେଳ ହବଣିକି କଣ କା' ଘର ବାରି ପଟ ରୋଶଘର ଚାଳିଆଠୁତଉ କି କଣ ହୁତ୍ କିନା ହୁଳା ଉଠିଲା ଆଉ  ।

ହାଁ ହାଁ ହାଁ ଧାଁଧପଡ ଲାଗିଲା, କେ କୁଆଡେ ବାଡେଇଛାଟି ହେଇ ଦୁଆର ବନ୍ଧ ଡେଇଁ ଦାଣ୍ଡମଝିକୁ ଓହ୍ଲେଇ ଆଇଲେ । ଫୁ 'କରି ଜଳିଗଲା ଗାଁ, ଚଉତାକାଗଜ ପରି । ହେ ହେ ହେ ପାଣି ଛାଟ ଛାଟରେ ଶୁଭୁଥିଲା । ମେଳାଖେଳା ଜାଳ ହେଇଗଲା । ସକାଳକୁ ପାଉଁଶ ମୁଠା ପରି ଦିଶୁଥିଲା ସକଳ ଦରବ । ଭାଗ୍ୟକୁ କେମିତି କାହାରିଠି ଟିକିଲି ମାପର ଫୋଟକା ଟେ ହେଇନଥିଲା, ସମସ୍ତେ ବର୍ତ୍ତିଗଲେ । ମାଳି ନନାଙ୍କ ଘରେ ଧୂଳି ମଳି ଲାଗିନଥିଲା । ଲୁହ କିନ୍ତୁ ସବୁରି ଆଖିରେ ଢେଉ ଭାଙ୍ଗୁଥିଲା । ପାଖ ଗାଁରୁ ଲୋକେ ଘରପୋଡିର ଦୃଶ୍ୟ ରଚନା ଲେଖିବାକୁ ଆଗୁସାର ହେଇ ଆସିବା ଆରମ୍ଭିଥିଲେ । ଗହଳି ଜମୁଥିଲା  ।

କିଏ କହୁଥିଲା, ଏ ମେଳାରେ ଟୋକାଏ ବିଡି ଟାଣି ଛାଡିଦେଇଛନ୍ତି । କିଏ କହୁଥାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖରାଦିନ, ଶୁକୁଲା ଚାଳକୁ ଧାସ ଧରିଦେଲା । କିଏ କହୁଥିଲା ଆଉ କଣ, ଆଉ କଣ । କିଏ କହୁଥିଲା, ଦିଅଁଙ୍କ କୋପାଗ୍ନି । ଯା'ହଉ ଭାଙ୍ଗପଣା ଢଳା ହେଇଥିଲେ ବୋଲି କୃପାମୟ ଚାହିଁଲେ, କାହାର ଘା'ଟେ ବି ହେଲାନି ।

ସୁନିଭାଉଜ କହୁଥିଲା, ସିଏ ରାତିକି ବାହାରକୁ ଉଠିଥିଲା ବେଳେ ଦେଖିଥିଲା, ଗ୍ରାମେଶୋରଙ୍କ ବେଢ଼ାରୁ ଫଅଁ କାଢ଼ିଥିବା ତା'ରି ମେଲା ଆଁରୁ ହୁଳା ହୁଳା ନିଆଁ ଗାଁକୁ ମାଡିଆଉଥିଲା ଫୁ ଫୁ କରି ।

ମାଳି ଅର୍ଦ୍ଧନିମିଳିତ ଆଖି ମୁଦି କହିଲା, "ସେ ଗୋଡଟଣା ଜୀବଙ୍କୁ କିଏ ଜିଭାଲାଳସା ନ ପାରି ଚଳୁ କରିଛ ଭଲେ ଭଲେ ମାନିଯ, ନହେଲେ ସବୁ ଏମନ୍ତ ଧ୍ୱଂସ ଯିବରେ..... ବଂ ଭୋଲେ ବଂ ବଂ ଭୋଲେ ।"

ବାଙ୍ଗାଲୋର

୯୭୩୧୦୫୭୦୧୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଣ୍ଢେଇ ମୋହ

"ଆରେ ତୋ ପାଖରେ ଏତେ ଟଙ୍କା ନାହିଁ ତ ଏ କଣ୍ଢେଇ କେମିତି ନେବୁ ? ଯାର ଦାମ ଯେ ୫ ଶହ ଟଙ୍କା । ଟଙ୍କା ନ ଦେଲେ କଣ୍ଢେଇ ଦେଇ ହେବ ନାହିଁ !"

ସହରର ଆଭିଯାତ୍ୟ ସମ୍ପର୍ଣ୍ଣ ସପିଙ୍ଗ ମଲରେ ସେଦିନ ସେଲ୍ସ କାଉଁଣ୍ଟରରେ ବସି ଥିବା ଲୋକଟି ପିଲାଟିକୁ କଣ୍ଢେଇ ଦେବା ପାଇଁ ସିଧା ସିଧା ମନା କରି ଦେଇଥିଲା । ପିଲାଟି କିନ୍ତୁ ଗୋଟିଏ ଜିଦ୍ ରେ ଥାଏ ସେ ଯେମିତି ହେଲେ କଣ୍ଢେଇଟି  ନେବ । ନିଜ ହାପ ପ୍ୟାଣ୍ଟର ଦୁଇ ପାଖ ପକେଟକୁ ବାରମ୍ବାର ଦରାଣ୍ଡୁ ଥାଏ । କିଛି ଖୁଚୁରା କଏନକୁ କାଉଁଣ୍ଟର ଟେବୁଲ ଉପରେ ଅଜାଡି ଦେଇ ଥିଲା ।  ସେଲ୍ସମେନ ଗୋଟି ଗୋଟି ଗଣି ସାରିବା ପରେ କହିଲା, "ଏ ତ ମାତ୍ର ୯୫ ଟଙ୍କା । କିନ୍ତୁ କଣ୍ଢେଇର ଦାମ ଯେ ୫ ଶହ ଟଙ୍କା ? ତେଣୁ ପୁରା ଟଙ୍କା ନ ଦେଲେ କଣ୍ଢେଇ ଦେବି କେମିତି ? " ।



ଗଦାଧର ବଳ

ନିରିହ, ନିରଳସ, ନିଷ୍କପଟ ପିଲାଟିର କଅଁଳ ମୁହଁଟି ବାସି ଫୁଲ ପରି ସାମାନ୍ୟ ନିସ୍ତେଜ ଲାଗୁ ଥାଏ । ବୈଶାଖର ଝାଞ୍ଜି ପବନରେ ମଉଳି ଯାଇଥିବା ଗୋଲାପ ପାଖୁଡା ପରି ବାରି ହୋଇ ପଡୁଥାଏ ତାର କୋମଳ, ସୁଢଳ, ପ୍ରଷ୍ଫୁଟିତ ଚେହେରା । ପ୍ରଥମେ ଯୁକ୍ତିତର୍କ, ବାଦ ବିବାଦ ଓ ପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିତ୍କାର କରି କାନ୍ଦିବାକୁ ଲାଗିଲା ସେ ପିଲାଟି ତାର ସରଳ ପଣରେ ।

ମୋର ବି ସେତେ ବେଳକୁ ସପିଙ୍ଗ ମଲରେ ଆଣିବାକୁ ଥିବା ଜିନିଷ କିଣା ସରିଥାଏ । କାଉଣ୍ଟର ପାଖକୁ ଆସୁ ଥିଲି କିଣା ଜିନିଷର ବିଲ୍ ପେଁଠ କରିବା ପାଇଁ । ଅଝଟିଆ ପିଲାଟିର ଅଜବ ଯୁକ୍ତି ମୋ କାନରେ ପଡିଲା । ବୟସ ତାର ୫/୬ ବର୍ଷ ହେବ । କଅଁଳ ସଜ ଫୁଲ ପରି ସତେଜ ଚେହେରା ବ୍ୟସ୍ତ ବିବ୍ରତ ଲାଗୁଥିଲେ ବି ଲକ୍ଷ୍ୟ କିନ୍ତୁ ଥାଏ ଯେମିତି ହେଲେ ସେ କଣ୍ଢେଇଟି ନେବ ।

ପଚାରିଲି, "ଆରେ ବାବୁ, ତୋ ପାଖରେ ତ ଏତେ ଟଙ୍କା ନାହିଁ । ପୁଣି ଏ କଣ୍ଢେଇଟାକୁ ତୋତେ ଏମାନେ କେମିତି ଦେବେ ?"

ପିଲାଟି ସନ୍ତର୍ପଣରେ କହିଲା "ଅଙ୍କଲ,ମୁଁ ତ ଟଙ୍କା ଦେଇଛି, କିନ୍ତୁ ମୋତେ ଏ ଲୋକ କଣ୍ଢେଇ ଦେଉ ନାହିଁ ।"

ମୁଁ କହିଲି, "ହଁ, ତୁ ଟଙ୍କା ଦେଇଛୁ ଯେ କିନ୍ତୁ ତାହା ମାତ୍ର ୯୫ ଟଙ୍କା । ତୋ କଣ୍ଢେଇର ଦାମ୍ ଯେ ୫ ଶହ ଟଙ୍କା । ତୋତେ ଦୋକାନି କଣ୍ଢେଇ କେମିତି ଦେବ ?"

ପିଲାଟି କହିଲା, "ଅଙ୍କଲ ମୋ କୁମ୍ପିରେ ବହୁ ଦିନ ତଳୁ କିଛି ଟଙ୍କା ସାଇତି ରଖିଥିଲି । ସେ କୁମ୍ପି ଭାଙ୍ଗି ଏତିକି ଖୁଚୁରା ଟଙ୍କା ପାଇଛି ! ସବୁ ଟଙ୍କା ତ ତାଙ୍କୁ ଦେଇ ଦେଲିଣି । ପୁଣି ଆଉ ଟଙ୍କା କେଉଁଠୁ ଆଣିବି ?"

ପିଲାଟିର ବ୍ୟଗ୍ରତା ଦେଖି ପଚାରିଲି, "ଆରେ ବାବୁ ଏ କଣ୍ଢେଇ କଣ ତୋର ନ ନେଲେ ହେବ ନାହିଁ ?"

ପିଲାଟି କହିଲା, "ଅଙ୍କଲ, ମୁଁ ମୋ ପାଇଁ ଏ କଣ୍ଢେଇ ନେଉ ନାହିଁ । ମୋ ସାନ ଭଉଣୀ ଏମିତି କଣ୍ଢେଇକୁ ବହୁତ ଭଲ ପାଏ । ତା ପାଇଁ ଏ କଣ୍ଢେଇଟି ନେବି" !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଇ ଗୋଟି ପିଲାର ବାପା ଥାଇ ପିଲାମାନଙ୍କ ଅଲି ଅର୍ଦ୍ଦଳୀରେ ପାରିବାରିକ ଜୀବନ ମୋର ଅନେକ ସମୟରେ ପିଲା ମାନଙ୍କ ଜିଦ ଆଗରେ ହାର ମାନିବା ପାଇଁ ବାଧ୍ୟ କରିଥାଏ । ପିତୃତ୍ୱ, ପାରିବାରିକ ସନ୍ତୁଳନ, ଆର୍ଥିକ ଅନାଟନ କେବେ କେବେ ସାମାଜିକ ଜୀବନର ଅନେକ ଶିକ୍ଷା ଦେଇଥାଏ । ସବୁ ବାପାଙ୍କ ପରି ମୁଁ ବି ଏମିତି ପରିସ୍ଥିତିକୁ ଅନେକ ଥର ସାମ୍ନା କରିଛି । ପିତୃପ୍ରାଣଟି ମୋର ପରିସ୍ଥିତିକୁ ଲକ୍ଷ୍ୟ କରି ଦୋହଳି ଯାଇଥିଲା । ମାନବିକତା ଦୃଷ୍ଟିରୁ ଓ କୋମଳ, ସରଳ, ନିଷ୍ପାପ ଶିଶୁଟିର ଜିଦ୍ ପାଇଁ, ମୁଁ କାଉଣ୍ଟରରେ ତା କଣ୍ଢେଇଟିର ଦାମ୍ ଦେଇ ଦେବାରୁ ପିଲାଟିକୁ ସେମାନେ କଣ୍ଢେଇଟିକୁ ବଢେଇ ଦେଲେ ।

ତା'ପରେ ପିଲାଟିକୁ ଲକ୍ଷ୍ୟ କଲି ଯେମିତି ଶତ ବସନ୍ତର ହସ ଖେଳି ଯାଇଥିଲା ତା ମୁହଁରେ । ଲାଗୁଥିଲା ଅଦିନିଆ କୃଷ୍ଣଚୁଡା ଫୁଲର ସମ୍ଭାରରେ ଯେମିତି ତା ମୁଖ ମଣ୍ଡଳ ରଙ୍ଗାୟିତ ହୋଇ ଯାଇଛି । ଶରତ ଋତୁର ପ୍ରସ୍ଫୁଟିତ କାଶତଣ୍ଡି ଫୁଲଯେମିତି ତା ମୁହଁରେ ପସରା ମେଲାଇ ଦେଇଛି । ଲାଗୁ ଥିଲା ବିଜୟ ଉତ୍ସବ ପାଳିବାକୁ ସେ ଯେମିତି ବ୍ୟଗ୍ର ।

ତାକୁ ସେଠାରୁ କିଛି ଦୂରକୁ ନେଇଯାଇ ପଚାରିଲି, "ବାବା, ତୋ ଭଉଣୀ କେତେ ବର୍ଷରେ ? କେଉଁ କ୍ଲାସରେ ପଢୁଛି ?"

ପିଲାଟିର ଉତ୍ତର ଥିଲା, "ଅଙ୍କଲ ମୋ ଭଉଣୀ ୨ ବର୍ଷ ତଳୁ ମରି ଯାଇଛି । ସେ ଏବେ ସ୍ୱର୍ଗରେ ଅଛି । ଆଜି ମୋ ମାଆ ତା ପାଖକୁ ଯିବ । ତେଣୁ ତା ହାତରେ ମୋ ଭଉଣୀ ପାଖକୁ ଏ କଣ୍ଢେଇଟି ପଠାଇବି । ମୋ ଭଉଣୀ ଏ କଣ୍ଢେଇଟି ପାଇଲେ ବହୁତ ଖୁସି ହୋଇ ଯିବ ।"

କିଛି ବୁଝି ପାରି ନଥିଲି ପିଲାଟିର ସାବଲୀଳ, ସରଳ, ନିଷ୍କପଟ କଥା ଚାତୁରୀରୁ ।

ପଚାରିଲି, "ତୋ ମାଆ ଏବେ କେଉଁଠି ?"

ପିଲାଟିର ଉତ୍ତର ଥିଲା, "ସେ ୮ ଦିନ ହେବ ପାଖ ଡାକ୍ତରଖାନାରେ ଅଛି । ମୁଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଚାରିଲେ ବାପା କହୁଛନ୍ତି ତୋ ମାଆ ଦେହ ଭଲ ନାହିଁ । ସକାଳେ ବାପା କିନ୍ତୁ କହିଲେ ମାଆ ମୋ ଭଉଣୀ ପାଖକୁ ଆଜି ହିଁ ଚାଲିଯିବ । ତେଣୁ ତା ହାତରେ ଭଉଣୀ ପାଇଁ କଣ୍ଢେଇଟିଏ କିଣି ପଠାଇବାକୁ ବାପାଙ୍କୁ ଟଙ୍କା ମାଗିଲି । ମାତ୍ର ମାଆର ଚିକିତ୍ସାରେ ସବୁ ଟଙ୍କା ଖର୍ଚ୍ଚ କରି ଦେଇ ଥିବାରୁ ବାପା ଟଙ୍କା ଦେବାକୁ ମନା କରିଦେଲେ । ଅଝଟ ନ ହେବା ପାଇଁ କହି ମୋତେ ବୁଝାଇଲେ । ମୁଁ ଜାଣିଲି ବାପାଙ୍କ ପାଖରେ ଟଙ୍କା ନାହିଁ । ତେଣୁ ମୁଁ ମୋ ପିଲା ବେଳୁ ସାଇତି ରଖି ଥିବା କୁମ୍ଭିକୁ ଭାଙ୍ଗି ଦେଇଥିଲି । ଆଉ ସେଥିରେ ଥିବା ସବୁ ଟଙ୍କାକୁ  ନେଇ ଆସିଥିଲି, ମୋ ଭଉଣୀ ପାଇଁ ତା ପସନ୍ଦର କଣ୍ଢେଇଟି କିଣି ତା ପାଖକୁ ପଠେଇବି ବୋଲି " !

ଆଶ୍ଚର୍ଯ୍ୟ ଚକିତ କରି ପକାଇ ଥିଲା ନିରିହ, ନିଷ୍କପଟ, ନିଷ୍ପାପ ଶିଶୁଟିର କଅଁଳ ଶବ୍ଦ ସବୁ । ସ୍ତମ୍ଭିଭୂତ ହୋଇ ଯାଇଥିଲି ତା ସରଳତାରେ ! ମଳା ଜହ୍ନର ଶୀତଳ ଜୋସ୍ନାକୁ ନିଜ ଶରୀରରେ ବୋଳିବାର ପ୍ରୟାସରେ ବ୍ୟଗ୍ର ଅଲିଅଳ କଅଁଳ ଶିଶୁଟି । ଦେଖିଲି ଜଣେ ଅଗ୍ରଜର କର୍ତ୍ତବ୍ୟ ସମ୍ପାଦନର ବ୍ୟଗ୍ରତା ଯେ ବିଶ୍ୱର କୌଣସି ବାଧା ବିଘ୍ନକୁ ମଧ୍ୟ ଉପେକ୍ଷିତ କରିପାରେ ।  ପିଲାଟି ମୋ ପାଖରୁ ସେତେ ବେଳକୁ କିଛି ଦୂରରେ ଚାଲି ଯାଇଛି ତାର ଗମ୍ୟ କାମନାରେ । ବ୍ୟଗ୍ରତା ତାର ବଖାଣୁ ଥାଏ ଭାଇ ଭଉଣୀର ପବିତ୍ର ସମ୍ପର୍କକୁ  ।

ଲକ୍ଷ୍ୟକଲି କିଛି ଦୂରରେ ଖୁବ ତର ତର ହୋଇ ଚାଲି ଯାଉ ଥାଏ ସେ । ମନ ହେଲା ତା ପଛେ ପଛେ ତା ସହ ଯାଇ ତାର ନିର୍ମାୟା, ନିଷ୍କପଟ, ସରଳ, ଅନାବିଳ ଭାତୃ ପ୍ରେମର ଅବର୍ଣ୍ଣନୀୟ କାହାଣୀର ସତ୍ୟତାକୁ ପରଖିବା ପାଇଁ  ଓ ଏମିତି ପବିତ୍ର ସମ୍ପର୍କର ଐଶ୍ୱରିକ ମୁହୁର୍ତ୍ତକୁ କିଛି ସମୟ ଅଙ୍ଗେ ଲିଭାଇବା ପାଇଁ । ତୁରନ୍ତ ସପିଙ୍ଗ ମଲର ସାମ୍ନାରେ ରଖିଥିବା ସ୍କୁଟିଟିକୁ ଷ୍ଟାର୍ଟ କରି ପିଲାଟିକୁ ଅନୁଶରଣ କରିଥିଲି । ପିଲାଟିର ଗନ୍ତବ୍ୟ ସ୍ଥଳ ଥିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିକଟରେ ଥିବା ଡାକ୍ତରଖାନା ଆଡେ । ତାକୁ ଅନୁଶରଣ କରି ଡାକ୍ତରଖାନା ଭିତରକୁ ପଶି ଯାଇଥିଲି । ପିଲାଟି କିଛି ସମୟ ପାଇଁ ଅବଶ୍ୟ ଅଦୃଶ୍ୟ ହୋଇ ଯାଇଥିଲା ମୋ ଦୃଷ୍ଟି ଆଢୁଆଳରୁ । ମନେ ମନେ ଗୋଟିଏ ସ୍ଥାନରେ ଠିଆ ହୋଇ ତାର ଠିକଣା ଦରାଣ୍ଡୁ ଥିବା ବେଳେ କର୍ଣ୍ଣ ଗୋଚର ହେଲା "ରାମନାମ ସତ୍ୟ ହେ, ହରିନାମ ସତ୍ୟ ହେ" ଶବ୍ଦର କୋଳାହଳ । ଲକ୍ଷ୍ୟ କଲି ଗୋଟିଏ ଶବକୁ ଡାକ୍ତରଖାନା ବାହାରକୁ ଅଣା ଯାଉଥାଏ । ଶବଟି ପାଖକୁ ଆସିବା ପରେ  ଦେଖିଲି ଶବ ଉପରେ ଧଳା କପଡାଟିଏ ଢାଙ୍କି ହୋଇ ପଡିଥାଏ । ଆଉ  ଶବ ଉପରେ ସେ କଣ୍ଢେଇଟି ରଖା ଯାଇଥାଏ । ଆଶ୍ଚର୍ଯ୍ୟ ଚକିତ ନୟନରେ ଚାହିଁ ରହି ଥିବା ବେଳେ ଶବ କ୍ରମଶଃ ନିକଟତର ହୋଇ ଯାଇଥିଲା । ଲକ୍ଷ୍ୟ କଲି ସେହି ନିରିହ ନିଷ୍ପାପ ଶିଶୁଟି ସାମାନ୍ୟ ସ୍ମିତ ହାସ୍ୟ ଦେଇ ସେ ଶବ ପଛରେ ଆସୁଥାଏ । ମୋତେ ସେଠାରେ ଦେଖିବା ପରେ ମୋ ଆଡକୁ ଲକ୍ଷ୍ୟ କରି ହାତ ହଲାଇ ବିଜୟ ସୂଚକ ସଙ୍କେତ ଦେଉଥାଏ । ଲାଗୁଥିଲା ସେ ଯେମିତି କହି ହେଉଥାଏ ସେ ଗୋଟିଏ ବଡ ଯୁଦ୍ଧର ସାମ୍ନା କରି ଗୋଟିଏ ଗଡ ଜୟ କରି ପାରିଛି । ସତେ ଯେମିତି ଏ ସମାଜକୁ ସେ ତାଚ୍ଛଲ୍ୟ କରି ବାର୍ତ୍ତା ଦେଉଥାଏ ଗରିବୀ ଯନ୍ତ୍ରଣା ଦାୟକ ହୋଇ ପାରେ ମାତ୍ର ଭଲ ପାଇବାର କି ପ୍ରେମ କରିବାର ପରିମାପକ ନୁହେଁ । କ୍ଲାନ୍ତ ଅପରାହ୍ନର ନୀଡ ଫେରନ୍ତା ପକ୍ଷୀଟିଏ ପରି ମୁଁ ନିଜକୁ ସାମାନ୍ୟ ନିସ୍ତେଜ ଅନୁଭବ କରୁଥିଲି .....

ଆଇନଜୀବୀ,ଭଦ୍ରକ

ଭ୍ରାମ୍ୟଭାଷ : ୯୪୩୭୧୨୮୮୪୯

ଇମେଲ୍: - gada.advocate@gmail.com.

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରୀତି ପାର୍ବଣ

" ନଖାଇ ପାରିଲେ ଅଙ୍ଗୁରୁ ଖଟା ।
ମିଳିଗଲା ପ୍ରେମ ଦେଖାଏ ଛଟା "  । ।

ଯେତେକ ଝିନଝଟ  ନାଟ ତାମସା.... ସବୁ ପରା  ସମୟ, ପରିସ୍ଥିତି ଆଉ ତୁଚ୍ଛା ଏ ପରିବେଶର ! ! ! ଅତଳ ମନର ପାପପଙ୍କ ଗୁଡାକ ଆଜି ଆବେଗ ଉଦବେଗରେ ଦହି ହୋଇଯାଇଛି ସତେ ଯେପରି ସମସ୍ତଙ୍କ ହୃଦୟରେ । ଆହାଃ...., ଓହୋଃ... ଏହିପରି ଅନେକ ଅବଶୋଷ ଭରା ଅନୁଶୋଚନାର ପ୍ରତିସ୍ପର୍ଦ୍ଧା ଉତୁରି ଆସୁଛି ଆପେ ଆପେ ପ୍ରତିଟି ହୃଦୟରୁ । ଯେଉଁ ଯେଉଁ ମୁଖରୁ ନିନ୍ଦା, ଅପବାଦ, ସମାଲୋଚନା ଏବଂ ତିରସ୍କାର ଛଡା ଭଲ କିଛି ଦିନେହେଲେ ବାହାରୁ ନଥିଲା ଏଯାବତ୍ ! ଆଜି ହଠାତ୍ ଏ' ପରିବର୍ତ୍ତନର ସ୍ୱର.... କେବଳ ଦୁଇଟି ନିସ୍ତେଜ୍ ନିଷ୍ପାପ କୋମଳ ଜୀବନର ଏଇ ଶେଷ ଦାରୁଣ ଦୃଶ୍ୟ ପାଇଁ । ନିଷ୍ପ୍ରଭ ଓ ଆର୍ଦ୍ରତା ଆଖି ନିଃସ୍ତବ୍ଧ ଭାବରେ ଚାହିଁ ରହିଛି ଆଜି ଏ ଖଣ୍ଡମଣ୍ଡଳ.... ଶ୍ମଶାନରେ ଜଳୁଥିବା ସେହି ଦୁଇଟି ଜଳନ୍ତା ଯୁଇ ପାଇଁ । ଆଜି ସଂପୂର୍ଣ୍ଣ ବିରାମ ଲାଗିଗଲା ଏକ ଦୃଷ୍ଟାନ୍ତପୂର୍ଣ୍ଣ ପ୍ରେମ କାହାଣୀରେ । ପଡିଗଲା ଯବନିକା ଜୀବନ ନାଟକର । ଟାଣି ହୋଇଗଲା ପୂର୍ଣ୍ଣଚ୍ଛେଦ ଟିଏ ଅସମ୍ପୂର୍ଣ୍ଣ ଏହି ରୋମାଞ୍ଚକର ପ୍ରେମ ସୌଧଟିରେ । ଏମାନେ ଲୈଲା- ମଜୁନୁ ନୁହନ୍ତି, କି ହୀର୍ - ରାଞ୍ଝା ନୁହଁନ୍ତି ଯେ' ଏମାନଙ୍କ ପାଇଁ କେହି ତୋଳିଦେବ ଶଙ୍ଖ ମଲମଲ ସ୍ମୃତିର ତାଜମହଲ ଅବା ପ୍ରୀତିର କୋଣାର୍କଟିଏ । ଏମିତି



ଛବିରାଣୀ ପତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେମିତି ହେଲା ? ? ସତରେ କ'ଣ ଅସମ୍ଭବ ଥିଲା ଏହି ପୁଣ୍ୟ ଆତ୍ମା ଦୁଇଟିର ଜୀବନ୍ତ ମିଳନ ? ? ଅବିଶ୍ୱସନୀୟ ଭାବେ ପ୍ରଶ୍ନ କରି ଚାଲୁଛି ଡୁଗୁରୁ (ବୁଢା ବରଗଛ) ନିଜେ ହିଁ ନିଜକୁ । ଆସରେ ପିଲେ ଆସ... ମୋରି ଛତ୍ର ଛାୟାତଳେ ଗଢ଼ିବ ତୁମର ଏକ ନୂଆ ସମାଜ ନୂଆ ସଂସାର । ଯୋଉ ଅବିଚ୍ଛେଦ୍ୟ ଓ ସମ୍ପୂର୍ଣ ପ୍ରେମ କାହାଣୀର ମୁଁ ହେବି ଏକମାତ୍ର ମୁକସାକ୍ଷି ।

ନିଜ ଜୀବନ ଠାରୁ ବି ଅଧିକ ଭଲ ପାଉଥିଲା ଅନି ତା'ର ମନର ମଣିଷ ଗୁଗୁକୁ । ଆଜିର ସ୍ୱାର୍ଥନ୍ୱେଶୀ ସମାଜରେ, ଆପେ ବଞ୍ଚି ବାପର ନାଆଁ ରଖୁଥିବା ଏବଂ ସମସ୍ତଙ୍କ ଆଖିରେ ଧୂଳି ଦେଇ ନିଜ ସୁଖସୁବିଧାର ସଉଦା କରୁଥିବା ଦୁନିଆରେ, ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ ନିଜ ପ୍ରେମ ପାଇଁ ଅବା ପ୍ରେମର ସୁରକ୍ଷା ପାଇଁ ଯାବତ ଯନ୍ତ୍ରଣା ସହି ନିଜ ଆଖିରେ ଧୂଳି ଛାଟିବାକୁ ତିଳେ ହେଲେ କୁଣ୍ଠାବୋଧ କରିନି ଅନି...... ! ! ! ଏ ଦୃଷ୍ଟାନ୍ତ କଣ ଯଥେଷ୍ଟ ନୁହେଁ କି ଗୋଟେ ପ୍ରେମୀ ହୃଦୟର ଅମାପ ପ୍ରେମକୁ ମାପିବା ଲାଗି ! ! ! ଅନିର ଏହିପରି ଛୋଟ ଛୋଟ ପାଗଳାମି ହିଁ ପାଗଳ କରି ପକାଉଥିଲା ଗୁଗୁକୁ । ଆଉ ଏକ ଦିନକର କଥା, ଅନି ତା ବାପାଙ୍କ ସାଙ୍ଗରେ ଅନ୍ୟତ୍ର ଯାଇଥାଏ ବୁଲିବାକୁ । ଧାର୍ଯ୍ୟ ସମୟଠାରୁ ଅଳ୍ପ ବିଳମ୍ବ ହେବାର ଦେଖି ଗୁଗୁ ଆଡେ ଅସ୍ତବ୍ୟସ୍ତ ହୋଇ ଟିକେ ନିଶା କରିଦେଇଥାଏ । ଚାହିଁ ବସିଥିବା ବାଟରେ ଅନିକୁ ଫେରିବାର ପାଏନାହିଁ ସେ । ଅନି ଘରେ ପହଞ୍ଚି ଫୋନ୍ ସାହାଯ୍ୟରେ ଘରକୁ ଫେରିବାର ଖବର ଦେଲାକ୍ଷଣି ଗୁଗୁ କାନ୍ଦିଉଠେ କଇଁ କଇଁ ହୋଇ ଗୋଟେ କଅଁଳ ଅବୋଧା ଶିଶୁଟି ପରି । ବହୁତ ବୁଝେଇବା ପରେ ବି ତୁନୀ ହେବାର ନାଆଁ ଧରୁନଥାଏ ଗୁଗୁ । ନିଜକୁ ସମ୍ଭାଳିବାର କିଛି ଉପାୟ ନ'ପାଇ ଏଣେ ଅଧୈର୍ଯ୍ୟ ଅନି ଗବଗବ ହୋଇ ଫୁଟୁଥିବା ପାଣିରେ ପୁରେଇ ଦିଏ ନିଜ ହାତଟାକୁ । କେବଳ ତା ଗୁଗୁର ସମାନ କଷ୍ଟ ନିଜେ ଉପଲବ୍ଧି କରିବାକୁ ନୁହେଁ ବରଂ ବିଳମ୍ବର ପ୍ରାୟଶ୍ଚିତ ହେତୁ ମଧ୍ୟ । ଏମିତିକା ପ୍ରେମ ଥିଲା ଉଭୟଙ୍କ ଭିତରେ । ଫୋନ୍ ରେ ଏମିତି କଥା ହେଉ ହେଉ ଅସୁସ୍ଥତାବଶତଃ ଅନି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବେହୋସ୍ ହୋଇପଡେ ଥରେ । ହାଲୋ ହାଲୋ ହୋଇ ଚିନ୍ତିତ ଗୁଗୁ କିଛି ଅଶୁଭ ଆଶଙ୍କାରେ.... ସାମାଜିକ ନାନା ବାଧା ବନ୍ଧନ ଓ ପହରା ସତ୍ତ୍ୱେ ଶତଦରଜା ଡେଇଁ ତା' ଅନି ପାଖରେ ପହଞ୍ଚି ଯାଇଥିଲା ସେଦିନ । ଶତଚେଷ୍ଟାରେ ଚେତା ଫେରେଇ ଆଣିଥିଲା ଅନିର । ସେଦିନ ବି ଗୁଗୁ ଖୁବ୍ ଗେଲ କରିଥିଲା ଆଉ କାନ୍ଦିଥିଲା ଅନି ପାଖରେ ଏକ ଅଜଣା ଭୟରେ । ଟପ୍ ଟପ୍ ହୋଇ ଝରି ଆସୁଥିବା ଗୁଗୁ ଆଖିର ପ୍ରେମ ପ୍ରଗଳଭା ଅଶ୍ରୁ ଦେଖି ଅନି ନିଜକୁ ଦୁନିଆର ସବୁଠୁଁ ବଡ଼ ଭାଗ୍ୟବାନ ଝିଅଟେ ବୋଲି ମନେ କରୁଥିଲା ସେଦିନ ।

ଏହିପରି ଅନେକ ଘଟଣା ଦୁର୍ଘଟଣା ଘଟିଯାଏ ସମୟ ସ୍ରୋତରେ ଏମାନଙ୍କ ଭିତରେ ନିଜକୁ ନେଇ ଆଉ ସମାଜକୁ ନେଇ । ନାନା ଝଡଝଞ୍ଜାକୁ ଅତିକ୍ରାନ୍ତ କରିଯାନ୍ତି ଉଭୟ ପରସ୍ପରର ହାତଧରି ସ୍ଥୁଳ ରୂପରେ ଆଉ ମାନସିକତାର ସୂକ୍ଷ୍ମ ରୂପରେ ବି । ସଂସ୍କାର, ସମାଜ, ପରମ୍ପରା, ସମ୍ପ୍ରଦାୟ, ବୟସ ଇତ୍ୟାଦିର ପାଚେରୀ ଏବଂ କାନକୁହା ଆଖିଦେଖା ଅନେକ ଯଥା ଅଯଥା ଅପବାଦ ଓ ଅପମାନକୁ ପିଇ ଯାଆନ୍ତି ଅମୃତପରି ଅକ୍ଲେଶରେ । କାରଣ ଦିହେଁ ପରିପୂରକ ବୋଲି ନିଜକୁ ଅନୁଭବ କରନ୍ତି । କେହି କାହା ବିନା ବଞ୍ଚି ପାରିବେ ନାହିଁ, ଏହି ସତ୍ୟତାକୁ ବୁଝିନେଇଥାନ୍ତି ଉଭୟ ।

ୟା'ଭିତରେ ବିତିଯାଏ ଦୀର୍ଘଦିନ । କ୍ରୁର ସମାଜର ଲୋଲୁପ ଦୃଷ୍ଟିର ଆଢୁଆଳରେ ସମ୍ପର୍କର ସ୍ଥାୟୀତ୍ୱ, ମର୍ଯ୍ୟାଦା ଓ ବିବେକାନୁମୋଦିତ ଭାବେ ଅନି ଗୁଗୁ ହାତରୁ ପିନ୍ଧିନିଏ ସମ୍ମାନର ପବିତ୍ର ସିନ୍ଦୂର ଟିକକ । ଥରେ ନୁହେଁ ଏମିତି ଅନେକ ଥର..... ଘରେ ବାହାରେ ଏପରିକି ମନ୍ଦିରରେ ମଧ୍ୟ । ଅନିର ସବୁ ଆବଶ୍ୟକତା ପୂରଣ କରି ତାକୁ ଯଥୋଚିତ ସ୍ନେହ ଶ୍ରଦ୍ଧା ଆଉ ସମ୍ମାନ ଦେଇ ଖୁବ୍ ଯତ୍ନର ସହିତ ରଖିଥାଏ ଗୁଗୁ । ମାତ୍ର ଭାଗ୍ୟର ବିଡମ୍ବନାରୁ ଅନିକୁ ଖାଲି ରଖିପାରେନି ପାଖରେ ଆଣି । ଯଦିଚ ଗୋଡ଼ ଟେକି ବସିରୁହେ ଅନି, ତା ଗୁଗୁ ସହିତ ନୂଆକରି ଏକ ସୁନ୍ଦର୍ ସଂସାରଟିଏ ବସାଇବାକୁ ଏ ବିଶାଳ ପୃଥିବୀର ଛାତିର କୌଣସି ଏକ କୋଣରେ, ତାର ଯନ୍ତ୍ରଣାଦଗ୍ଧ ବେଶ୍ୟାସକ୍ତ ପରିତ୍ୟକ୍ତ ସ୍ୱାମୀକୁ ଛାଡ଼ି । ମାତ୍ର,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏ ନିଷ୍ଠୁର ସମାଜର ବିଦ୍ରୁପ ଓ କଟୁ ସମାଲୋଚନା ତାକୁ ଖୁବ୍ ବ୍ୟଥିତ କରୁଥିଲା ସମୟେ ସମୟେ । ନିଜକୁ ଅଭାଗିନୀ ବୋଲି ଧରିନେଉଥିଲା ସେ ମନେ ମନେ । ନିଜକୁ ପ୍ରକୃତିସ୍ଥ କରି ଭାବୁଥିଲା, ନିଜ ଗୁଗୁର ଏକ ସୁନ୍ଦର ସଂସାର ସୁସ୍ଥ ସାମାଜିକ ବାତାବରଣରେ ଛୋଟ ପରିବାରଟିଏ । ଯୋଉଠି କି ତା ମନର ମଣିଷଟି ସୁଖ ସମୃଦ୍ଧିରେ ଓ ସମ୍ମାନରେ ମୁଣ୍ଡଟେକି ବଞ୍ଚି ପାରିବ ।

ମନରେ ଉଙ୍କି ମାରୁଥିବା ଏହି ବିପୁଳ ସମ୍ଭାବନା ହେତୁ ତଥା କାଳକ୍ରମେ କିଛି ଜିନିଷ କିଛି ଘଟଣା ସମସ୍ତଙ୍କ ପକ୍ଷରେ ଅଣଆୟତ୍ତ ହୋଇଯିବାରୁ ଅନି ନିଜକୁ ସମୟ ଆଉ ଭାଗ୍ୟ ହାତରେ ଟେକିଦେଲା । ଏସବୁ କିନ୍ତୁ ଗୁଗୁକୁ ଖୁବ୍ ଭାରାକ୍ରାନ୍ତ କରି ପକାଉଥାଏ ସେତେବେଳକୁ । ତାକୁ ବେଶୀ ବାଧୁଥାଏ ଅନିର ସହି ଯାଉଥିବା ସବୁ ଅନ୍ୟାୟ ପୁଣି ସହି ନପାରୁଥିବା ସମୟର ଡାକ ବା ଜୀବନର ଯୁଦ୍ଧ । ଭାରି ପଡିଗଲା ନିଜ ନିଜ ଉପରେ ରାଗ ରୋଷ, ମାନଅଭିମାନ, ସନ୍ଦେହ, ଅବିଶ୍ୱାସ, ହତାଶ ଓ ନିରାଶର ବୋଝ ଉଭୟଙ୍କ ଉପରେ । ବଢ଼ି ଚାଲିଲା ଧିରେଧିରେ ତାରତମ୍ୟ । ଛତିଶ ଗୁଣ ମିଶୁଥିବା ମନରେ ଗୋଟିଏ ଗୁଣ ବି ମିଶିବାକୁ ଆଉ ଦେଖା ଯାଇନଥିଲା ସମ୍ଭାବନା । ଏମିତି ଫାଟ ଦେଖାଦେଲା ଯେ ସେଥିରୁ ମୁକୁଳିବା ନଥିଲା ଏତେ ସହଜ କାହା ପାଖରେବି ।

ମତାନ୍ତର ଆଉ ମନାନ୍ତର ମଧ୍ୟରେ ବେଳେବେଳେ କଥା ହୁଅନ୍ତି ଏମିତି, ଯେମିତି କିଛି ବି ଘଟିନି କିନ୍ତୁ ବେଳେବେଳେ ଲାଗେ ଯେମିତି ପରସ୍ପର ସମ୍ପୂର୍ଣ୍ଣ ଅପରିଚିତ । ତଥାପି, ମନେମନେ ଉଭୟେ ଉଭୟଙ୍କୁ ଖୁବ୍ ଭଲ ପାଆନ୍ତି ଓ ସୁଖ ମନାସନ୍ତି । ହେଲେ କେହି କାହାକୁ ଜେଣେଇବାକୁ ଦିଅନ୍ତିନି ଏସବୁ । ଜଣେ ଆରଜଣକର ସୁଖ ଶାନ୍ତି ପାଇଁ ନିଜକୁ ଉତ୍ସର୍ଗ କରିଦିଅନ୍ତି । ତ୍ୟାଗର ପ୍ରକୃତ ମୂଲ୍ୟବୋଧକୁ ହେଜି । ହେଲେ ଚଣ୍ଡାଳ ଏ ମନକୁ କିଏ ବୁଝେଇପାରିବ କୁହନ୍ତୁ ତ ? ? ବିତିଯାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତକୁ ଝୁରିଝୁରି ତାଙ୍କର ସେ ଅବୁଝା ମନ ବିଳପି ଉଠୁଥାଏ ପ୍ରତିକ୍ଷଣ । ତ୍ୟାଗର ମହାନ୍ ମନ୍ତ୍ରକୁ ଜପ କରିବା ତାଙ୍କପକ୍ଷେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାଠିକର ପାଠ ହେଉଥିଲା । ଅଭିନ୍ନ ଆତ୍ମା ଭିନ୍ନ ଶରୀର । ବର୍ଷ ତମାମ ବିତେଇଥିଲେ ଗୁମୁରି ଗୁମୁରି ସବୁ ମେଳା ମଉଛବ, ଯାନିଯାତ୍ରା ଓ ପର୍ବ ପର୍ବାଣୀ, ଖାଲି ସ୍ମୃତିରେ ସ୍ମୃତିରେ । ବିତୁଥିଲା ସମୟ, ଚାଲୁଥିଲା ନିଃଶ୍ୱାସ । ଏକ ଅଜବ ନିରବତା ଛାଇ ଯାଇଥିଲା ଦୁହେଁ ଦୁହିଁଙ୍କ ଅପେକ୍ଷାରେ । ବାକି ସବୁକିଛି ଧୀରେ ଧୀରେ ବନ୍ଦ ହୋଇଗଲାଣି ସେତେବେଳକୁ କେଜାଣି କୋଉ ପରିସ୍ଥିତିର ଛାଟରେ ! ସବୁ ବୁଝି ବି ଅବୁଝା ପରି ପାଷାଣ ପାଲଟି ଗଲେଣି ଗୁଗୁ ଆଉ ଅନି ସେତବେଳକୁ । ଜହ୍ନର ଯୋଛନାରେ..., ପବନର ପରଶରେ..., ଫୁଲର ସୁବାସରେ... ଉଭୟ ଉଭୟଙ୍କୁ ଉପଲବ୍ଧି କରି ପାରୁଥିଲେ ହେଁ, କେହି କାହାରି ଭାଷା ଓ ଭାବନାକୁ ବୁଝିବାକୁ ଚେଷ୍ଟା କରିପାରୁ ନଥିଲେ ସତେ ଯେପରି ଏବେ ଏବେ । ଏକ ଅସମାପ୍ତି ପରିବ୍ୟାପ୍ତ ଉଚ୍ଛ୍ୱାସର ଅପେକ୍ଷାରେ ଥିଲେ ପ୍ରେମୀଯୁଗଳ ଗୁଗୁ ଆଉ ଅନି । ସେମାନଙ୍କ ସମାନ ବ୍ୟବଧାନରେ ଦଣ୍ଡାୟମାନ ଏକମାତ୍ର ମୂକ ସାକ୍ଷୀ ମୁଁ... ବୃଦ୍ଧ ବରଗଛ ଡୁଗୁରୁ । ବେହିସାବ ସମୟର ଅନ୍ତରେ ଏଇ ଆଜି ତ ମିଶିଥିଲା ଦୁଇ ମନ, ଦୁଇ ପ୍ରାଣ ଆଉ ଦୁଇ ଶରୀର... ମୋରି ବିଶାଳ କାୟା ତରୁତଳେ ! ! ନିର୍ବିକାର ଭାବେ ପରସ୍ପର ପରସ୍ପରକୁ ଚାହିଁ ରହିଗଲେ ଏପରି ଯେ ଘଣ୍ଟା ପରେ ଘଣ୍ଟା ବିତିଗଲା । ସଞ୍ଜରୁ ରାତି ପୁଣି ରାତିରୁ ସକାଳ ହୋଇଗଲା । ତଥାପି, ପଲକ ପଡିଲାନି କାହାରି ବି ଥରେ ହେଲେ । ସୂର୍ଯ୍ୟଙ୍କର ବିକିରିତ ସୁନେଲି ଆଭାରେ ଉଦ୍ଭାଶିତ ହୋଇ ଉଠିଲା ମୋର କୋଳ ଆଉ ଝଲସି ଉଠୁଥିଲା ଜନାରଣ୍ୟ ମଧ୍ୟେ ରାଧା କୃଷ୍ଣ ପ୍ରେମୀ ଯୁଗଳଙ୍କ ପରି ଗୁଗୁ ଆଉ ଅନିଙ୍କର ପ୍ରୀତିର ପାର୍ବଣ । ।

ଛବିରାଣୀ ପତି, ମଧ୍ୟଶାସନ
ବିରିଡ଼ି,, ଜଗତସିଂହପୁର । ।
ଫୋନ୍ -୯୩୩୭୯୬୦୦୬୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିଶେଷ ବ୍ୟକ୍ତିତ୍ୱ...

ମହାନ୍ତି ବାବୁଙ୍କ ଘର ନିପଟ ମଫସଲ ଗ୍ରାମ ନିରାକାରପୁରରେ । ପରିବାର କହିଲେ ବାପାମା, ଭାଇଭଉଣୀ ସଭିଏଁ ଅଛନ୍ତି, କିନ୍ତୁ ସମସ୍ତେ ଅଶିକ୍ଷିତ । କେବଳ ମହାନ୍ତିବାବୁ ଗ୍ରାମର ଏକମାତ୍ର ଗ୍ରାଜୁଏଟ୍ ଡିଗ୍ରୀଧାରୀ ଯୁବକ ଥିଲେ । ଗ୍ରାମଲୋକ ପ୍ରଶଂସାରେ ପୋତି ପକାଉଥିଲେ ତାଙ୍କୁ । ଗର୍ବରେ ଛାତି ଫୁଲେଇ କହୁଥିଲେ ଯେ ହରିହର ମହାନ୍ତି ଆମ ଗ୍ରାମର ପିଲା । ଭାରି ଭଲ । ସରଳ, ମେଧାବୀ, ସଂସ୍କାରୀ, ପରୋପକାରୀ ଓ ପରିଶ୍ରମୀ । ଲେଖାପଢ଼ା କଥା କିଛି ବୁଝା ନ ପଡ଼ିଲେ ସେ ଆମକୁ ଅନେକ ସାହାଯ୍ୟ କରେ । ଆଖପାଖ ଗ୍ରାମରେ ମଧ୍ୟ ଖୁବ୍ ପରିଚିତ ଓ ଜଣାଶୁଣା ବ୍ୟକ୍ତି ପାଲଟିଥିଲେ ମହାନ୍ତି ବାବୁ । କେତେ ବଡ଼ ବଡ଼ ଚାକିରୀକୁ ଅଣଦେଖା କରି ଘରେ ରହିଯାଇଥିଲେ ସାରା ଜୀବନ, ବୃଦ୍ଧା ବାପା ମା'ଙ୍କ ସେବା କରିବା ପାଇଁ ଓ ଗ୍ରାମର ଉନ୍ନତି ପାଇଁ । ତାଙ୍କ ମନ ପ୍ରାଣ ଏକ୍ ହୋଇଯାଇଥିଲା ଗ୍ରାମ ପାଇଁ । ଧିରେ ଧିରେ ସେ ପାଲଟିଗଲେ ଏକ ଦକ୍ଷ ସମାଜସେବୀ । ପ୍ରତିଦିନ ପ୍ରତିସମୟରେ ଲୋକଙ୍କ ପାଇଁ କିଛି କରିବା ହିଁ ଥିଲା ତାଙ୍କ ମୂଳ ଲକ୍ଷ୍ୟ ।



ଦମୟନ୍ତୀ ଜେନା

ଏସବୁ ଦେଖି ଦେଖି ବେଳେବେଳେ ସ୍ତ୍ରୀ ମାଧବୀ ବିଚଳିତ ହୋଇ ଅନେକ ପ୍ରଶ୍ନ କରନ୍ତି ତାଙ୍କୁ । ସେ କିନ୍ତୁ ଖାତିର କରନ୍ତିନି କାହା କଥାକୁ । ଯୌଥ ପରିବାରରେ ସବୁ ମିଳାମିଶା ହୋଇ ରହୁଥିବା ଯୋଗୁଁ ବେଶିକିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରର ଦାୟିତ୍ୱ ପଡୁନଥିଲା ମହାନ୍ତି ବାବୁଙ୍କ ଉପରେ । ଘରର ସମସ୍ତ ଦାୟିତ୍ୱ ଚଳାଇ ଆସୁଥିଲେ ତାଙ୍କ ସାନ ଭାଇ ରବୀନ୍ଦ୍ର । ଧାନ ଚାଷ କରି ଜୀବିକା ନିର୍ବାହ କରୁଥିବା ହରିହର ଙ୍କ ପରିବାର ସୁଖ ଦୁଃଖରେ ଦିନ କାଟି ନେଉଥିଲେ । ବାପା ମା ଅନେକ ବୁଝାନ୍ତି ମହାନ୍ତି ବାବୁଙ୍କୁ ଯେ ଗାଁ ଛାଡି ସହରରେ ରହିବା ପାଇଁ, ଭଲ ଚାକିରିଟିଏ ଭବିଷ୍ୟତ ଗଢିବା ପାଇଁ । ନିଜ ପରିବାର ତଥା ମାଧବୀ ଓ ତାଙ୍କ ଦୁଇ ପୁଅଙ୍କ କଥା ଚିନ୍ତା କରିବା ପାଇଁ......... ।

ସେ କିନ୍ତୁ ଅଟଳ ନିଜ ଚିନ୍ତାରେ । କିନ୍ତୁ ପ୍ରତିଉତରରେ କିଛି କୁହନ୍ତିନି ବାପା ବୋଉଙ୍କୁ । ସବୁ କଥା ଶୁଣି ମୁଣ୍ଡ ହଲାଇ ମୁରୁକି ହସିଦେଇ ଚାଲିଆସନ୍ତି ସେଠାରୁ । କିଛି କାମରେ ବାହାରକୁ ଗଲେ ସମସ୍ତଙ୍କ ମନ ଜାଣି କିଛି ନା କିଛି ଜିନିଷ ଆଣିଦିଅନ୍ତି ମହାନ୍ତିବାବୁ । ଘରେ ତାଙ୍କୁ ଅନେକ ଶ୍ରଦ୍ଧା ଓ ସମ୍ମାନ କରନ୍ତି । ଇତି ମଧ୍ୟରେ ସମୟ ଅନେକ ଚାଲିଯାଇଥାଏ । ହଠାତ୍ ତାଙ୍କ ବାପା ମା ଚାଲିଗଲେ ଆରପାରିକୁ । ସେ ଦିନ ସେ ଖୁବ୍ ଭାଙ୍ଗିପଡିଥିଲେ । ଆଖିରେ ଥିଲା ଅଜସ୍ର ଅଶ୍ରୁର ସାଗର । ପାଦ ତଳୁ ଖସିପଡିଥିଲା ମାଟି ଓ ମୁଣ୍ଡରୁ ଛାତ ଚାଲିଗଲା ଭଳି ଅନୁଭବ କରୁଥିଲେ । ମା ବୋଲି ବାରମ୍ବାର ପାଟି କରି ଜଳ ଜଳ ହୋଇ ଚାହୁଁଥିଲେ ମା'ଙ୍କ ଶବକୁ । ମହାନ୍ତି ବାବୁ ନିଜର ସବୁ କାମ ସାରି ଯେତେବେଳେ ରାତିରେ ଘରକୁ ଫେରନ୍ତି ମା'ଙ୍କ କୋଳରେ କିଛି ସମୟ ମୁଣ୍ଡ ଦେଇ ସୋଇପଡୁଥିଲେ କଥା ହେଇ ହେଇ........ ।

ଦିନପରେ ଦିନ ଯାଇ ପରିସ୍ଥିତି ଧୀରେ ଧୀରେ ସୁଧୁରିବାକୁ ଲାଗିଲା ତାଙ୍କ ଜୀବନରେ । ସମସ୍ତଙ୍କ କଥା ଶୁଣନ୍ତି ସତ, କିନ୍ତୁ କରନ୍ତି ତାହା ଯାହା ତାଙ୍କ ମନ କହେ । ସ୍ତ୍ରୀ ମାଧବୀ ଚାକିରିଟିଏ କରିବା ପାଇଁ ଅନେକ ଥର କହିବା ପରେ ଗ୍ରାମ ପାଖରେ ଥିବା LIC office ରେ ଏଜେଣ୍ଟ ଭାବେ କାର୍ଯ୍ୟରେ ଯୋଗ ଦେଲେ । କିନ୍ତୁ ତାଙ୍କ ମନ ଗାଁ ଲୋକଙ୍କ ପାଇଁ କିଛି କରିବାକୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାର୍ଦ୍ଧକ୍ୟ ଭତ୍ତା, ବିଧବାଭତ୍ତା, ଜବ୍ କାର୍ଡ଼, bpl କାର୍ଡ଼, ରାସନ୍ କାର୍ଡ଼ ଏପରି ଅନେକ ସୁବିଧା ସରକାରଙ୍କଠାରୁ ପାଇବା ପାଇଁ ସେ ଲୋକଙ୍କୁ ସାହାଯ୍ୟ କରୁଥିଲେ । ଗ୍ରାମର ଉନ୍ନତି ଥିଲା ତାଙ୍କର ସ୍ୱପ୍ନ । ନିଜ ପଇସାରେ ଗ୍ରାମର କେତେ ବଢିଲା ଝିଅଙ୍କୁ ଶାଶୁଘର ପଠାଇଛନ୍ତି ଓ ପୁଅଝିଅଙ୍କ ମେଳ କରିଛନ୍ତି ତାର ହିସାବ ନାହିଁ । ଇନ୍ଦିରା ଆବାସ ଟଙ୍କା, ଆବଶ୍ୟକ ସମୟରେ ବେଙ୍କ ରୁ ଲୋନ୍, ବନ୍ୟା ମରୁଡି କ୍ଷୟକ୍ଷତିରେ ଚାଷୀଙ୍କ ଛାଡ଼ ଏପରି ଅନେକ କାର୍ଯ୍ୟରେ ସେ ସଂଶ୍ଳିଷ୍ଟ । ଏପରିକି କିଛି ଲୋକଙ୍କ LIC ଟଙ୍କା ମଧ୍ୟ ନିଜେ ଦେଇଦିଅନ୍ତି ଅସୁବିଧା ବେଳେ ।

ନିଜର ବୋଲି କହିବାକୁ ତାଙ୍କର କିଛି ନଥିଲା ତଥାପି ସବୁ ଥିଲା ଆପଣାର । ଜେଜେବାପାଙ୍କ ଘରେ ରହିଆସୁଥିଲେ ସମସ୍ତେ ପିଲାଟିଦିନରୁ ।

ଦୁଇପୁଅ ଗାଁ ପାଖରେ ଥିବା ସରକାରୀ ସ୍କୁଲରେ ପାଠ ପଢି ଧୀରେ ଧୀରେ ବଡ଼ ହେବାକୁ ଲାଗିଲାଣି । ସ୍ତ୍ରୀ ମାଧବୀ ତାଙ୍କୁ ଅନେକ କାର୍ଯ୍ୟରେ ସହଯୋଗ କରନ୍ତି କିନ୍ତୁ ବେଳେ ବେଳେ ବିଚଳିତ ହୋଇଯାନ୍ତି ନିଜ ପୁଅଙ୍କ ଭବିଷ୍ୟତ ଚିନ୍ତାରେ । ମହାନ୍ତିବାବୁ କୁହନ୍ତି ତୁମେ ଜମା ବ୍ୟସ୍ତ ହୁଅନା । ସେମାନେ ପା ମୋ ପୁଅ ! ନିଜେ ନିଜେ ନିଜ ଠିକ୍ ରାସ୍ତାରେ ନିଶ୍ଚୟ ବାଟ କଢ଼ିନେବେ ।

ଏମିତି ଦିନ ପରେ ଦିନ ବର୍ଷ ପରେ ବର୍ଷ ଗଡ଼ିଚାଲି ଥାଏ ମହାନ୍ତି ବାବୁଙ୍କର । ୫୦ ବର୍ଷରେ ପାଦ ପଡ଼ିଲାଣି । ହେଲେ ଜୀବନର ଉପଭୋଗ ପାଇଁ ସେ କବେ ଚିନ୍ତା କରିନାହାନ୍ତି । କର୍ମତତ୍ପରତା ରହି ଭଲରେ ମୁଠାଏ ଘରେ ଖାଇପାରନ୍ତି ନାହିଁ କି ଶୋଇପାରନ୍ତି ନାହିଁ ।

ସ୍ତ୍ରୀପିଲାଙ୍କୁ ନେଇ କୁଆଡେ ବୁଲି ଯିବା, ନିଜ ପାଇଁ ଘରଦ୍ୱାର, ଗାଡ଼ିବଙ୍ଗଳା ବନେଇବା, ପୁଅଙ୍କ ପାଇଁ ଅର୍ଥ ସଞ୍ଚୟ କରିବା ଏ ସବୁ ସ୍ୱପ୍ନ ସୁଦ୍ଧା ଚିନ୍ତା କରିନାହାନ୍ତି ମହାନ୍ତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାବୁ । ଲୋକକଳା ଓ ସଂସ୍କୃତିକୁ ବଞ୍ଚାଇବା ପାଇଁ ଗ୍ରାମରେ ହୁଏ ପାଲା, ଭଜନ ସମାରୋହ, ନୂତନ ମନ୍ଦିର ନିର୍ମାଣ ଓ କଥାନାଟ୍ୟ । ଏସବୁ ଆୟୋଜନର ଭାର ମଧ୍ୟ ଥାଏ ତାଙ୍କରି କାନ୍ଧରେ । ସେ ବିରକ୍ତି ଭାବ ନହୋଇ ଅତି ସୁରୁଖୁରୁରେ ଦାୟିତ୍ୱ ତୁଲାଇପାରନ୍ତି । ଗାଆଁଟି ସାରା ଲୋକଙ୍କୁ ନିଜର କହି ପରିଚୟ ଦିଅନ୍ତି । ଅନ୍ୟର ଖୁସିରେ ଖୁସି ଓ ଦୁଃଖରେ ଦୁଃଖୀ ହୋଇଯାନ୍ତି ସେ । କାହା ଆଖିରେ ଲୁହ ଦେଖିପାରନ୍ତି ନାହିଁ କି କାହା ଦୁଃଖ ଶୁଣିପାରନ୍ତି ନାହିଁ । ସଙ୍ଗେ ସଙ୍ଗେ ହାତ ବଢାଇ ସାହାଯ୍ୟ କରନ୍ତି ସଭିଙ୍କୁ । କିଛି ଲୋକ ତାଙ୍କୁ ଗ୍ରାମର ଲକ୍ଷ୍ମୀ ବୋଲି କୁହନ୍ତି । ଅତି ନିଆରା ମଣିଷଟେ ।

ବିଧିର ବିଧାନ ଅତି ବିଚିତ୍ର । ୨- ୧୨- ୨୦୨୦, ଗାଁରେ ମହୋତ୍ସବ୍ ଲାଗି ସବୁ ପ୍ରକାର ଆୟୋଜନ ସାରି ଦେଇଥିଲେ ହରିହର । ସକାଳୁ ଉଠି ସ୍ତ୍ରୀ ସହ ଚାହା ଖାଇ କେତେ କଥା ହେଇଥିଲେ । ଗାଁରେ ବୁଲି ଚାନ୍ଦା ମାଗିବା କାମ ସାରି ପ୍ରସାଦ ରୋଷେଇ ଆରମ୍ଭ କରି ଦେଇଥିଲେ । ଘରକୁ ଆସିଥିଲେ ନୂଆ ଲୁଗା ପିନ୍ଧି ମହୋତ୍ସବରେ ଯୋଗ ଦେବା ପାଇଁ । ଯାଇଥିଲେ ବାଥରୁମ୍ । ଆଉ ଫେରି ନଥିଲେ ସେଠାରୁ । ହଠାତ୍ ଶ୍ରୀହୀନ କରି ଗ୍ରାମ ଓ ଘର ଛାଡ଼ି ମହାନ୍ତି ବାବୁ ଚାଲିଗଲେ ଆରପାରିକୁ, ଏଇ କରୋନା କାଳ ସମୟରେ । ଗ୍ରାମରେ ପଡ଼ିଲା ହାହାକାର । ପଶୁପକ୍ଷୀଙ୍କ ଠୁ ଆରମ୍ଭ କରି ସହ ସହ ଲୋକଙ୍କ ଆଖିରେ ଥିଲା ଅଜସ୍ର ଅଶ୍ରୁର ଧାର । ଯିଏ ଯୁଆଡେ ଥିଲେ ସମସ୍ତେ ଧାଇଁ ଆସିଲେ ଘରକୁ । ଜଣେ ବୃଦ୍ଧା ମା ସେହି ସମୟରେ ଆସି ଖୋଜୁଛନ୍ତି ମହାନ୍ତି ବାବୁଙ୍କୁ କିଛି ସାହାଯ୍ୟ ଲାଗି, ହେଲେ ସାହାଯ୍ୟ କରିବା ପାଇଁ ଆଉ ତାଙ୍କ ଦେହରେ ପ୍ରାଣ ନାହିଁ । ତାଙ୍କୁ ତଳେ ଲୋଟି ପଡ଼ିଥିବା ଦେଖି ସେହି ବୃଦ୍ଧା ମା ଜଣଙ୍କ ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲେ । ଅନେକ ବୁଝାସୁଝା ପରେ ଶାନ୍ତ ହୋଇ କହିଲେ ମା ମୁଁ ବୁଢ଼ୀ ହେଲିଣି, ବିଧବାଟାଏ । ଠିକରେ ଚାଲିପାରୁନି । ଆଖିକୁ ଦିଶୁନି କି କାନକୁ ଶୁଣାଯାଉନି । ପୁଅବୋହୁ କେବେଠୁ ଗାଁ ଛାଡି ଦେଶରେ ରହୁଛନ୍ତି । ହରିହର ମୋ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ଭତ୍ତା କରିଦେଇଥିଲା ବୋଲି ଚଳିଯାଉଥିଲି । ଆଜି ସେଇ ବାବଦରେ କଥା ହେବି ବୋଲି ଆସିଥିଲି । ହେଲେ ଯେ କଣ !!! ହେ ଭଗବାନ୍ ବୋଲି ପାଟି କରି କାନ୍ଦିବାକୁ ଲାଗିଲେ । ସ୍ତ୍ରୀ ମାଧବୀ ପୁରା ସ୍ଥାଣୁ ପାଲଟିଯାଇଥିଲେ ଏହା ଦେଖି । ପୁଅମାନେ ବାପା ବାପା ବୋଲି ଚିତ୍କାର କରିଉଠୁଥିଲେ । ଆଖ ପାଖ ଗାଁ ଲୋକଙ୍କ ସୁଅ ଛୁଟିବାକୁ ଲାଗିଲା ତାଙ୍କ ଘରକୁ । କେହି ବିଶ୍ୱାସ କରି ପାରୁନଥିଲେ ଯେ ହରିହର ଆଉ ନାହାନ୍ତି । ଛାତିକୁ ପଥର କରି ନିଜ ଦୁଇ ପୁଅଙ୍କୁ କୋଳେଇ ନେଲେ ମା । ଭଉଣୀମାନେ ଭାଇ ଭାଇ ବୋଲି ଚିତ୍କାର କରି ଉଠୁଥିଲେ ହରିହରଙ୍କୁ ଧରି । କିନ୍ତୁ ସେ ଶୋଇ ଯାଇଥିଲେ ଚୀର ଦିନପାଇଁ । ଗାଁ ଲୋକେ ଯୁଇ ସଜଡ଼ା କରି ହରିହରଙ୍କୁ ନେଇଯାଇଥିଲେ ଗାଁ ଶ୍ମଶାନକୁ । ସେଠାରେ ସେ ପାଉଁଶ ହୋଇ ମିଶିଯାଇଥିଲେ ଗାଁ ମାଟିରେ । ସମସ୍ତେ ଏକା ସ୍ୱରରେ କହିଉଠିଲେ

ଧନ୍ୟ ତୁମେ ହରିହର

ଧନ୍ୟ ତୁମ କର୍ମ

ଧନ୍ୟ ତୁମ ଭଲପାଇବା ଗ୍ରାମ ପାଇଁ

ଧନ୍ୟ ତୁମ ଭଲପାଇବା ଗ୍ରାମ ଲୋକଙ୍କ ପାଇଁ

ତୁମେ ଚୀର ଆମର

ତୁମେ ସଦାସର୍ବଦା ଗାଁ ଲୋକଙ୍କ ହୃଦୟରେ ବାସ କରିବା

ତୁମେ ଯେଉଁଠିବି ରୁହ ଭଲରେ ରୁହ................

ଶିକ୍ଷୟିତ୍ରୀ, ବ୍ରହ୍ମପୁର

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପୁତ୍ରପ୍ରାପ୍ତି

ପାନ ଭାଙ୍ଗୁ ଭାଙ୍ଗୁ ରମେଶ କହୁଥିଲେ,

- ସବିତା, ପୁଅ କେତେ ବଡ଼ ହେଇଗଲାଣି ନା ୟା ଭିତରେ ।

- ହଁ, ସମୟ ଯେ କୁଆଡେ ବିତିଯାଉଛି କିଏ ବା ଜାଣେ ।

କହୁ କହୁ ଦୁହେଁ ବସି ମନେ ପକାଉଥିଲେ ତା' ପିଲାଦିନକୁ । କେତେ ପୂଜା ପରବ ମାନସିକ ଅଧିଆ ନ କରି ନ ପଡି ସେ ପୁଅକୁ ନ ପାଇଥିଲେ ସତେ । ବିବାହର ଦଶ ବାର ବର୍ଷପରେ ପୁଅଟିଏ ପାଇଛନ୍ତି ସେ । ଛୋଟବେଳର ପ୍ରତି କାର୍ଯ୍ୟକଳାପକୁ ଆଖି ଆଗରେ ବିନା ପରଦାରେ ସ୍ପଷ୍ଟ ଭାବେ ଦେଖୁ ଦେଖୁ କେତେବେଳେ ଯେ ହସୁଥିଲେ ଆଉ କାନ୍ଦୁଥିଲେ ତାଙ୍କୁ ଜଣାନଥିଲା । ୟା ଭିତରେ ପୁଅ ଦଶମ ଆଉ +୨ ପାସ୍ କରି ଡାକ୍ତରୀ ପାଠର ଶେଷ ବର୍ଷରେ ପଢୁଛି । ଅତି ଗରିବ ନହେଲେ ବି ମଧ୍ୟବିତ୍ତ । ମଧ୍ୟବିତ୍ତର ତ ଗୋଟାଏ ସପନ ଅଛି ନା ! ଏହି ଖୁସିରେ ଆତ୍ମହରା ହୋଇ କହିଉଠୁଥିଲେ ପରସ୍ପରଙ୍କୁ,



ରୁଦ୍ରନାରାୟଣ ଦାସ

- ଏଇ ସନ ଆମ ସୁରିଆର ଡାକ୍ତରୀ ପାଠଟା ସରିଗଲେ ଡାକ୍ତର ହେଇଯିବ । ନିଜ ଖରଚ ତ ନିଜେ ଉଠଉଛି ତା' ପଢ଼ା ପଇସା (ସ୍କଲାରସିପ)ରେ ।

ଏହି ସବୁ କଥା ହେଉ ହେଉ କେତେ ସମୟ ଯେ ବିତି ଗଲାଣି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁହିଁଙ୍କୁ ଜ୍ଞାତ ନାହିଁ । ଏହି ସମୟରେ ମୋହନ ଆସି ଡାକ ପକାଇଲା,

- ମଉସା ! ମାଉସୀ !

ହଠାତ ଅତୀତରୁ ବାହାରି ବର୍ତ୍ତମାନକୁ ଆସି ଭଙ୍ଗାପାନକୁ ପାଟିରେ ପୁରାଇ ଉତ୍ତର ଦେଲେ ଦୁହେଁ,

- କ'ଣ ହେଲାରେ ମୋହନିଆ ?

ମୋହନ ତା' ଡାକ୍ତରୀ ଶ୍ରେଣୀର ଛାତ୍ର । ଗଦଗଦ ଲୁହରେ କହିଉଠିଲା,

- ନରେଶର ଦୁର୍ଘଟଣାରେ ମୃତ୍ୟୁ ହେଇଗଲା !

ଶୁଣୁଶୁଣୁ ପୁରାଇଥିବା ପାନଖଣ୍ଡକ ପାଟିରୁ ହଠାତ ଗଳିପଡିଲା ଦୁହିଁଙ୍କର । ଲଥକରି ବସି ସ୍ଥାଣୁ ପାଲଟିଗଲେ ଦୁଇଜଣ ଯେମିତି ତପସ୍ୟାରତ ମାନବଟେ ପରି ପୁନଶ୍ଚ ପୂର୍ଣ୍ଣ-ପୁତ୍ର ପ୍ରାପ୍ତି ନିମନ୍ତେ । ।

ନାମ- ରୁଦ୍ର ନାରାୟଣ ଦାଶ

ଠିକଣା- ଭୁବନେଶ୍ୱର

ମୋ- ୯୮୭୧୧୨୦୧୭୧୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ପରିବାର



ବାସନ୍ତୀଲତା ଜେନା

ପରିବାର ସମାଜର ଏକ ସାମାଜିକ ଅନୁଷ୍ଠାନ । ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ଏହା ପରିବାରର ରକ୍ତଗତ ସମ୍ପର୍କ ବ୍ୟକ୍ତିମାନଙ୍କ ମଧ୍ୟରେ ନିବିଡ଼ ଘନିଷ୍ଠତା ସୃଷ୍ଟି କରିଥାଏ । ମାନବ ଶିଶୁ ଜନ୍ମରେ ଖୁବ ଅସହାୟ ଥାଏ । ଶିଶୁଟି ପରିବାରର ପିତା ମାତା ଓ ଅନ୍ୟ ମାନଙ୍କର ସ୍ନେହ, ଶ୍ରଦ୍ଧା ଓ ଯତ୍ନରେ କ୍ରମଶଃ ବଢେ । କଥା କହିବା ଶିଖେ । ନୀତି, ନିୟମ, ଶୃଙ୍ଖଳା ଶିଖେ । ସୁନ୍ଦର ପୁର ଗ୍ରାମରେ କାଶୀନାଥ ନାୟକର  ଝାଟି ମାଟିର ନଡା ଛପର ଘର ।  କୃଷକ ସେ । ପତ୍ନୀ ରାଧିକା । ତାଙ୍କର ଦୁଇଟି ପୁଅ ଓ ଗୋଟିଏ ଝିଅ । ଦୁଃଖେ ସୁଖେ ପରିବାରଟି ଚଳି ଯାଉଥିଲା । କାଶିନାଥକୁ ଦୀର୍ଘ ଦିନ ଧରି କାଶ ହେଉଥାଏ । ପତ୍ନୀ ରାଧିକା ବହୁ ଥର କହିଲେଣି ଡାକ୍ତର ଦେଖାଇ ଔଷଧ ଆଣି ଖାଇବାକୁ । କାଶଟା  ଦିନକୁ ଦିନ ବଢୁଛି  । ହେଳା  କରୁଛ କହିଁକି  ?

କାଶିନାଥ କହନ୍ତି ! ଥଣ୍ଡାରୁ କାଶ ହେଉଛି ବୋଧେ । ତୁମେ ଟିକେ ଅଦା, ତୁଳସୀ ପତ୍ର, ଗୋଲମରିଚ, ତେଜ ପତ୍ର, ମହୁ ମିଶାଇ କାଢ଼ା କରି ଦିଅ । ୨/୩ ଥର ପିଇ ଦେଲେ ଛାଡି ଯିବ ।  କାଶିନାଥ ଭାବେ କାହିଁକି ଡାକ୍ତରଖାନା ଯାଇ ଅଯଥା ପଇସା ଖର୍ଚ୍ଚ କରିବି ? ସେଇ ପଇସା ଥିଲେ ମୋ ପିଲାଙ୍କର ପାଠପଢା ଖର୍ଚ୍ଚରେ ଲାଗିବ । ଏମିତି ଭାବି ସେ ହେଳା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରି ଦେଲେ । ଅଜଣା ରୋଗ ମାଡି ବସିଲା ତାଙ୍କୁ । ଯେତେବେଳେ ତାଙ୍କର ଅବସ୍ଥା ଖରାପ ହେଲା ସେତେବେଳେ ତାଙ୍କର ପୁଅମାନେ ତାଙ୍କୁ ଡାକ୍ତରଖାନା ନେଇଗଲେ । ଡାକ୍ତର ରକ୍ତ ପରୀକ୍ଷା କରି କହିଲେ ତାଙ୍କୁ ଟି.ବି. ହୋଇଛି । ଛାତିରେ କଫ ଜମି ଯାଇଛି । ତୁମେ ଆଣିବା ଡେରି କରି ଦେଲ । ହଉ "ମୁଁ ଚେଷ୍ଟା କରୁଛି । ତୁମେ ଭଗବାନଙ୍କୁ ଡାକ , ସବୁ ଠିକ ହୋଇ ଯିବ ।

କାଶିନାଥ ଆଉ ଡାକ୍ତରଖାନରୁ ଫେରିଲେ ନାହିଁ । ସେ ହେଲେ ଅମର ଧାମର ଯାତ୍ରୀ । ବଡ଼ ପୁଅ ମହେନ୍ଦ୍ର ଓ ସାନ ପୁଅ ଧର୍ମେନ୍ଦ୍ର ବାପାଙ୍କର ଶବ ଘରକୁ ଆଣି କ୍ରିୟା କର୍ମ ସାରି ଦେଲେ । ବଡ଼ ପୁଅ ମହେନ୍ଦ୍ର +୨ ପରେ ପିଅନ ଚାକିରୀ ପାଇଁ ଆବେଦନ କରିଥିଲା । ଯାହା ହେଉ ଗୋଟିଏ ଅଫିସରେ ତାଙ୍କୁ ଚାକିରୀ ମିଳିଗଲା । ମହେନ୍ଦ୍ର ଘରର ଦାୟିତ୍ୱ ନେଲା । ସାନ ଭାଇଭଉଣୀଙ୍କୁ ପାଠ ପଢ଼ାଇଲା । ନିଜ ବାପାଙ୍କର କିଛି ଚାଷଜମି ଥିଲା । ତାକୁ ଦେଖାଦେଖି କଲା । ଦୁଇ ବର୍ଷ ପରେ ସାନଭଉଣୀ ସୁଦୀପ୍ତାକୁ ବିବାହ କରିଦେଲା । ସାନ ଭାଇ ଧର୍ମେନ୍ଦ୍ରକୁ ଇଞ୍ଜିନିୟରିଂରେ ଆଡମିଶନ କରିଦେଲା । ସବୁ ବେଳେ ମହେନ୍ଦ୍ର, ଧର୍ମେନ୍ଦ୍ରକୁ କହେ ତୁ ପାଠ ପଢି ଚାକିରୀ କଲେ ଆମ ଦୁଃଖ ଯିବ । ଆମ ପରିବାରରେ ହସ ଖୁସି ଭରି ଉଠିବ । ମହେନ୍ଦ୍ର ଓ ଧର୍ମେନ୍ଦ୍ର ମଧ୍ୟରେ ବହୁତ ସ୍ନେହ, ପ୍ରେମ ଥିଲା । ଯେତେବେଳେ ଛୁଟିରେ ଧର୍ମେନ୍ଦ୍ର ଘରକୁ ଆସେ ଦୁଇ ଭାଇ ମିଶି ଖାଆନ୍ତି, ଏକାଠି ବସନ୍ତି, ଏକାଠି ଶୁଅନ୍ତି । ମା' ରାଧିକା ଦୁଇ ଭାଇଙ୍କର ସ୍ନେହ ଦେଖି ଖୁସି ହୁଅନ୍ତି । ମହେନ୍ଦ୍ର ସେଇ ଗାଁର ପ୍ରତାପ ରାଉତଙ୍କ ଝିଅକୁ ବିବାହ କଲେ । ଧର୍ମେନ୍ଦ୍ର ବହୁତ ଖୁସି ଥିଲା । ବାହାଘର କାମ ସରିଲା ପରେ ଧର୍ମେନ୍ଦ୍ର କଲେଜ ଚାଲି ଗଲା ।

ଏବେ ଧର୍ମେନ୍ଦ୍ରର ତୃତୀୟ ବର୍ଷ । ଆଡମିଶନ ହେବାକୁ ପଡିବ । କଲେଜରୁ ଚିଠି ଆସିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହେନ୍ଦ୍ର ପାଖକୁ । ବାର୍ଷିକ ୬୦ ହଜାର ଟଙ୍କା ଲାଗିବ । ତାପରେ ହଷ୍ଟେଲ ଖର୍ଚ୍ଚ । ଏତେ ଟଙ୍କା ମହେନ୍ଦ୍ର ପାଖରେ ନାହିଁ । ସେ ଆଣିବ କୁଆଡୁ ? ବହୁ ଚିନ୍ତାରେ ରହିଲା । ରାତିରେ ଶୋଇ ପାରିଲା ନାହିଁ । ଛଟପଟ ହେଲା । ଟଙ୍କା ପାଇଁ କଣ ମୋ ଭାଇର ପାଠ ପଢା ଅଟକି ଯିବ ? ଏମିତି କେତେ କଣ ଭାବିଲା । ମହେନ୍ଦ୍ରର ପତ୍ନୀ ପ୍ରତିମା ତାର ସବୁ ଗହଣା (ଅଳଙ୍କାର)କୁ ଗୋଟିଏ ରୁମାଲରେ ରଖି  ସକାଳେ ସକାଳେ ମହେନ୍ଦ୍ରକୁ ଦେଲା । ଏକୁ ନେଇଯାଅ । ବିକି ଦେଇ ଧର୍ମେନ୍ଦ୍ର ପାଖକୁ ଟଙ୍କା ପଠାଇ ଦେବ । ଧର୍ମେନ୍ଦ୍ର ବିକିବାକୁ ରାଜି ହେଲେନି । ପ୍ରତିମା ବୁଝାଇଲା । ଧର୍ମେନ୍ଦ୍ର ଚାକିରୀ କଲେ ମୋତେ ଗହଣା କଣ କରି ଦେବନି ! ତୁମେ ମନ ଦୁଃଖ କରୁଛ କାହିଁକି ?  ନିଅ । ଯାଇ ବିକି ଦିଅ  ।

ଅନିଚ୍ଛା ସତ୍ତ୍ୱେ ମହେନ୍ଦ୍ର ପ୍ରତିମାର ଅଳଙ୍କାର ବିକି ଟଙ୍କା ପଠାଇଲା ଧର୍ମେନ୍ଦ୍ର ପାଖକୁ । ଧର୍ମେନ୍ଦ୍ର ପଚାରିଲା, ଭାଇ ! ଏତେ ଟଙ୍କା ଆଣିଲ କେଉଁଠୁ ? ମହେନ୍ଦ୍ର କିଛି କହି ପାରିଲା ନାହିଁ । ଏଣୁ ତେଣୁ କିଛି କହିଦେଲା । ଧର୍ମେନ୍ଦ୍ର ଜିଦ ଧରିବାରୁ ପ୍ରତିମା କହିଲେ ଏ ଟଙ୍କା ମୋର ଗହଣା ବିକ୍ରି ଟଙ୍କା ।  ତୁମେ ଚାକିରୀ ପାଇଲେ ସବୁ ଠିକ ହୋଇଯିବ । ଧର୍ମେନ୍ଦ୍ର ମନରେ ଆଘାତ ଲାଗିଲା ।  ଭାଇ ! ମୋ ପାଇଁ ମୋ ଭାଉଜର ଗହଣା ବିକି ଦେଲ ? ଏ କଥା ମୁଁ କେବେ ଭୁଲି ପାରିବିନି ଭାଉଜ । ତୁମେ ମୋ ଭାଉଜ ନୁହଁ, ତୁମେ ମୋ ମା । କାନ୍ଦି ପକାଇଲା ଧର୍ମେନ୍ଦ୍ର । ଭାଉଜ ପ୍ରତିମା ସାନ୍ତ୍ୱନା ଦେଇ ଆଖିରୁ ଲୁହ ପୋଛି ଦେଲେ ।

ମହେନ୍ଦ୍ରର ପୁଅଟିଏ ହୋଇଛି  ।

ଅଭାବୀ ପରିବାରରେ ଖୁସିର ଲହରୀ ।  ଜେଜେମା ରାଧିକାର ପାଦ ତଳେ ଲାଗୁନି । ରାଧିକା, ମହେନ୍ଦ୍ର, ପ୍ରତିମା ଦୁଃଖ କଷ୍ଟେ ଚଳି ଧର୍ମେନ୍ଦ୍ର ପାଖକୁ ଟଙ୍କା ପଠାନ୍ତି । ଏଥର ଶେଷ ବର୍ଷ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣି ୬୦ ହଜାର ଟଙ୍କା ଦରକାର ଆଡମିଶନ ପାଇଁ । ମା ରାଧିକାର ପରାମର୍ଶ ଅନୁଯାଇ ମହେନ୍ଦ୍ର ଗୋଟିଏ ଏକର ଜମି ବିକି ଧର୍ମେନ୍ଦ୍ର ପାଖକୁ ଟଙ୍କା ପଠାଇ ଦେଲା । ଧର୍ମେନ୍ଦ୍ରର ଅନ୍ତିମ ପରୀକ୍ଷା ନ ସରୁଣୁ କ୍ୟାମ୍ପସରେ ତାକୁ କମ୍ପାନୀ ଜବ ମିଳିଗଲା । ସମସ୍ତେ ଖୁସିରେ ଅଧୀର ହୋଇ ପଡିଲେ । ଶାଶୁ ବୋହୂ ମନ୍ଦିର ଯାଇ ଭୋଗ ଲଗାଇଲେ । ସାହି ପଡିଶାରେ ମିଠା ବାଣ୍ଟିଲେ । ପ୍ରତିମା କହିଲା, ଆମର ଆଉ ଅଭାବ ଆସିବ ନାହିଁ । ସମସ୍ତେ ଆମେ ଖୁସିରେ ରହିବା । କିନ୍ତୁ ଏ ସବୁ ବେଶୀଦିନ ଗଲା ନାହିଁ । ଧର୍ମେନ୍ଦ୍ର ମା, ଭାଇ ଓ ଭାଉଜଙ୍କୁ ନ କହି ନୀଳିମାକୁ ବିବାହ କଲା । ସେ ଜଣେ ଏ କ୍ଲାସ କଣ୍ଟ୍ରାକ୍ଟର ଝିଅ । ଭଲ ପାଇ ବିବାହ କଲା । ମୁମ୍ବାଇରେ ରହିଲା । ଘରକୁ କେତେବେଳେ କେମତି ଆସେ । ବାହାରେ ଭଡା ଘରେ ରହିଲା । ସ୍ତ୍ରୀ କଥାରେ ପଡ଼ି ଧର୍ମେନ୍ଦ୍ର ଜମି କାହିଁକି ବିକିଲ ବୋଲି ପ୍ରଶ୍ନ କଲା । ମୋତେ ଜମି ବିକ୍ରିର ଏକ ଏକ ହିସାବ ଦିଅ ବୋଲି କହିଲା । ମହେନ୍ଦ୍ରର ପାଦ ତଳୁ ମାଟି ଖସିଗଲା । କି ଉତ୍ତର ଦେବ ତାର ପ୍ରିୟ ସାନ ଭାଇକୁ । ସବୁତ ସେ ଜାଣିଛି । ଆଜି ଏ କଥା କାହିଁକି ?

ମଝିରେ ଧର୍ମେନ୍ଦ୍ର ତାର ସ୍ତ୍ରୀକୁ ନେଇ ଘରକୁ ଆସେ । କିନ୍ତୁ ନୀଳିମା ଏ ମାଟି ଘରେ ରହିବାକୁ ପସନ୍ଦ କରେନି । ନିଜ ବଡ଼ ଯା'କୁ ଚାକରାଣୀ ଭଳି ବ୍ୟବହାର କରନ୍ତି । ପ୍ରତିମା ସବୁ ସହିନିଏ । ମୋ ପରିବାର ମୋ ଘର, ମୋ ଦିଅର କହି ଯେଉଁ ପ୍ରତିମାର ପାଦ ତଳେ ଲାଗୁ ନ ଥିଲା । ସେ ଆଜି ଅଶ୍ରୁ ଜଳରେ ଭାସୁଛି । ତା ହୃଦୟଟା ଧର୍ମେନ୍ଦ୍ର ଓ ନୀଳିମାର କଡା କଥାରେ ଖଣ୍ଡ ଖଣ୍ଡ ହୋଇ ଯାଇଛି । ଆଜି ଫେବୃଆରୀ ୧୪ ତାରିଖ । ଭେଲେନଷ୍ଟାଇନ ଡେ । ପିତୃ ମାତୃ ଦିବସ ପାଳନ । ଯେଉଁ ଦିଅର ଦିନେ ମୋତେ ମା କହି ମାତୃ ସ୍ଥାନରେ ବସାଇ ପୂଜା କରୁଥିଲା ସେ ଆଜି ବଦଳିଗଲା କେମିତି ? ଭାବନାରେ ବୁଡିଗଲା ପ୍ରତିମା । ପୁଅ କୁନାର ଡାକରେ ତାର ହୋସ ଫେରିଲା । ଦୁଇ ବର୍ଷର ପୁଅ କୁନା । ତାକୁ ଜ୍ୱର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଖରେ ପଇସା ନାହିଁ ଡାକ୍ତର ଦେଖାଇବାକୁ । ବାଧ୍ୟ ହୋଇ ସେ ଧର୍ମେନ୍ଦ୍ରକୁ ସେ କିଛି ପଇସା ମାଗିଲା । ଧର୍ମେନ୍ଦ୍ର ତାର ଭାଉଜକୁ ୫୦୦/- ଦେଲା । ଆଖିରେ ପଡ଼ିଗଲା ନୀଳିମାର । ସେ ସଙ୍ଗେ ସଙ୍ଗେ ଆସି ପ୍ରତିମା ଠାରୁ ଟଙ୍କା ଛଡାଇ ନେଲା । ଧର୍ମେନ୍ଦ୍ରକୁ ମନ ଇଛା ଗାଳି କଲା । ତୁମେ ଏ ଘରକୁ ଆସୁଛ କାହିଁକି ? ଏଠି କଣ ଅଛି ? ଏ ଭିକାରି ଗୁଡ଼ାଙ୍କୁ ଦାନ କରି କରି ନିଜେ ଭିକାରି ହୋଇଯିବ । ତେଣୁ ଆଜିଠାରୁ ଏ ସବୁ ବନ୍ଦକର । ଏକଥା ଶୁଣି ରେଣୁକା, ମହେନ୍ଦ୍ର, ପ୍ରତିମାର ଚକ୍ଷୁ ଲୋତକରେ ଭରିଗଲା । ଘର ହୁଏ ସ୍ନେହ, ପ୍ରେମର, ସହଯୋଗ - ସହାନୁଭୂତିର, ଆଦର, ଯତ୍ନ, ସେବାର । ଏହା କଣ ମୋ ପରିବାର ? ଏହା କଣ ମୁଁ ଚାହିଁଥିଲି । ଅନେକ କଥା ଭାବିବାକୁ ଲାଗିଲା ପ୍ରତିମା । ଆଖିରେ ତାର ଅଜସ୍ର ଅଶ୍ରୁ....... ।

ଗାନ୍ଧିନଗର, ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁଇଟି ଆଲେଖ୍ୟ

## ।। ମନୁଷ୍ୟ ଓ ଦୁର୍ଜନ ।।

ଧରିତ୍ରୀରେ ଈଶ୍ୱରଙ୍କର ସର୍ବଶ୍ରେଷ୍ଠ କୃତି ମାନବର ଅବତରଣ ସହିତ ଦୁର୍ଜନର ମଧ୍ୟ ଅବତରଣ ହେଲା । କାମ, କ୍ରୋଧ, ଲୋଭ, ମଦ, ମୋହ ଲୋଭରେ ଯାହାସବୁ ନିଜର ମାର୍ଗକୁ ବିଚଳିତ କରେ ସେସବୁର କୌଣସି ଅଭାବ କରିନାହିଁ । କିନ୍ତୁ ତାହା କେବଳ ମନୁଷ୍ୟ ପ୍ରତି ନିର୍ଭର କରେ କିଭଳି ସେସବୁରୁ ମୁକ୍ତି ମିଳିବ ? ଈଶ୍ୱର ବଳ, ବୁଦ୍ଧି ସହିତ ବିବେକ ଭଳି ପୁଞ୍ଜି ମାନବଙ୍କୁ ପ୍ରଦାନ କରିଛନ୍ତି ଯାହାକି ସଠିକ ମାର୍ଗ ଚୟନ କରି ସାର୍ଥକତା ଓ ସଫଳତା ହାସଲ କରୁ । ଗୋଟେ ଛୋଟ ଅପରିମାର୍ଜିତ ଉଦାହରଣ ଏହି ଆଲେଖ୍ୟର ପ୍ରାସଙ୍ଗିକ ହୋଇପାରିବ ନିଶ୍ଚୟ ।

ଗଛରେ ବନ୍ଧା ହୋଇଥିବା ଗୋଟେ ଗଧକୁ ଦୁର୍ଜନ ଲୋକ ଆସି ଫିଟାଇଦେଲା । ଗଧ ଫିଟିବା କ୍ଷଣି ସବୁଜ କ୍ଷେତ ଭିତରକୁ ଧାଇଁଲା ।



ସୁଧାଂଶୁ ଶେଖର
ଦ୍ୱିବେଦୀ

କ୍ଷେତରେ ଲହଲହ ଧାନ ଫସଲକୁ ଯେତେ ପରିମାଣରେ ଖାଇଲା ସେତେ ପରିମାଣରେ ନଷ୍ଟ କଲା । ଚାଷୀର ପତ୍ନୀ ତାହା ଦେଖି ଆଉ ସମ୍ଭାଳି ପାରିଲା ନାହିଁ । କ୍ରୋଧରେ ଗଧକୁ ପିଟି ପିଟି ମାରିଦେଲା । ଗଧର ମାଲିକ ଯେତେବେଳେ ଦେଖିଲା ତା ଗଧ ମରିପଡିଛି ସେ ବି ନଛୋଡବନ୍ଦା । ରାଗରେ ଫଁ ଫଁ ହୋଇ ସାଇତି ରଖିଥିବା ବନ୍ଧୁକ ଆଣି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାଷୀର ପତ୍ନୀକୁ ଗୁଳିକରି ଶେଷ କରିଦେଲା ।

ଏବେ ପ୍ରତିଶୋଧ ନେବାର ପାଳି ଚାଷୀର । ଚାଷୀ ମଧ୍ୟ ନିଜ ପତ୍ନୀର ମୃତ୍ୟୁକୁ ସହିନପାରି ଦିନେ କୌଶଳକ୍ରମେ ଗଧ ମାଲିକର ତଣ୍ଟିକୁ ଦା'ଆରେ କାଟିଦେଲା । ତା'ପରେ ଗଧ ମାଲିକର ପତ୍ନୀ ଜାଣିଲା ଚାଷୀ ତା ସ୍ୱାମୀଙ୍କ ତଣ୍ଟି କାଟି ମାରିଦେଇଛି । ଦୁଃଖ ଓ କ୍ଷୋଭରେ ହିତାହିତ ଜ୍ଞାନ ଭୁଲି ସେ ତା ପୁଅକୁ ଆଦେଶ ଦେଲା ଚାଷୀର ଚାଳଘର ଜଳେଇ ଦେବାପାଇଁ । ପୁଅ ମାତୃ ଆଦେଶକୁ ପାଳନ କରି ଚାଷୀର ଘରକୁ ଜଳେଇ ସାରି ଖୁବ ପ୍ରସନ୍ନତାରେ ଘରକୁ ଫେରିଲା ।

ସେ ଭବିଥାଏ ଚାଷୀର ଘର ଜଳିଯିବା ସହିତ ଚାଷୀ ବି ତା ଭିତରେ ଜଳିପୋଡି ନିଃଶେଷ ହୋଇଯାଇଥିବ । କିନ୍ତୁ ସେପରି କିଛି ହୋଇପାରିଲା ନାହିଁ । ଚାଷୀ ସେଦିନ କୌଣସି ଆବଶ୍ୟକ କାର୍ଯ୍ୟ ଲାଗି ଦୂର ଗାଁକୁ ଯାଇଥାଏ । ସନ୍ଧ୍ୟାରେ ଘରକୁ ଫେରି ଦେଖେତ ତାର ଦୁଇଟି ପିଲା ଓ ଘରକୁ ପୋଡିଦିଆ ହୋଇଛି ।

ଏଭଳି ଉପକ୍ରମ ହେବାପରେ ଚାଷୀ ଆତ୍ମଗ୍ଲାନିରେ ଅତିଷ୍ଠ ହୋଇ ଦୁର୍ଜନ ପାଖରେ ପହଞ୍ଚି ପଚାରିଲା, "ତୁ ଏମିତି କଣପାଇଁ କଲୁ ?"

ଦୁର୍ଜନ ସ୍ୱାଭାବିକ ଉତ୍ତରରେ କହିଲା, "କାହିଁ ! ମୁଁ ତ କିଛି କରିନାହିଁ । କେବଳ ଗଧକୁ ତା ଖୁଣ୍ଟିରୁ ଖୋଲି ଦେଇଥିଲି । ପ୍ରତିବଦଳରେ ତୁମେମାନେ ଆବଶ୍ୟକତାଠାରୁ ଅଧିକ ପ୍ରତିକ୍ରିୟା ସୃଷ୍ଟିକରି ନିଜ ଭିତରେ ଛପି ରହିଥିବା ଦୁର୍ଜନକୁ ଅବସର ଦେଲ । କ୍ରିୟା ଭିତରେ ପ୍ରତିକ୍ରିୟା ସୃଷ୍ଟି କରିବା ପୂର୍ବରୁ ଥରେ ଶାନ୍ତ ମନରେ ଭାବିବା ଆବଶ୍ୟକ । ଦୁର୍ଜନ ତ କେବଳ ଏକ ଛୋଟ ଘଟଣାକୁ ଆରମ୍ଭ କରିଥାଏ । କିନ୍ତୁ ଲୋକମାନେ ତାକୁ ଶୋରିଷରୁ ପାହାଡ଼ କରିବାକୁ ପଛେଇ ନଥାନ୍ତି । ଯାହା ଦ୍ୱାରା ନିଜେ ନିଜର ବିନାଶ କରିଥାନ୍ତି । ଭାଙ୍ଗିବା ଅତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରଳ କିନ୍ତୁ ଯୋଡିବା ଭାରି କଠିନ । ଜଣେ ଅନ୍ୟଜଣକ ସହିତ ଲଢେଇ ଝଗଡା କରିବା ଖୁବ ସହଜ ହେଲେ ଦୁହିଁଙ୍କୁ ଏକତ୍ର କରିବା ବହୁତ ଅସହଜ ।

କଥାରେ ଅଛି ଯେଉଁଠାରେ ଦୟା ସେଇଠାରେ ଧର୍ମ । ଯେଉଁଠାରେ ଲୋଭ ସେଇଠାରେ ପାପ । ଯେଉଁଠି କ୍ରୋଧ ସେଇଠି କାଳ ।ଯେଉଁ ଠାରେ କ୍ଷମା ସେଇଠାରେ ସ୍ୱୟଂ ।"

## ।।ସରଳ ନୁହେଁ ସରଳତା ।।

ସଫଳତା କୌଣସି ଗଛରେ ଫଳିଥିବା ଫଳ ନୁହେଁ । ଯାହାକୁ ପାଇବାପାଇଁ ସରଳତାରେ ପ୍ରୟାସ କରିହୁଏ ନାହିଁ । ତାପାଇଁ ଆବଶ୍ୟକ ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ସକାରତ୍ମକତା ।

ରାମକୃଷ୍ଣ ପରମହଂସ ଜଣେ ଅଦ୍ଭୁତ ସନ୍ଥ ଥିଲେ । କାରଣ ସେ ପରମହଂସ । ହିନ୍ଦୁ ଧର୍ମରେ ପରମହଂସ ଉପାଧି ତାଙ୍କୁ ହିଁ ଦିଆଯାଏ ଯିଏ ସମାଧୀର ଅନ୍ତିମ ଅବସ୍ଥାରେ ଉପସ୍ଥିତ ହୋଇଥାନ୍ତି । ରାମକୃଷ୍ଣ ପରମହଂସ ଦୁନିଆର ସମସ୍ତ ଧର୍ମ ଅନୁସାରେ ସାଧନା କରି ସେହି ପରମତତ୍ତ୍ୱକୁ ଅନୁଭବ କରି ପାରିଥିଲେ । ସେଥିମଧ୍ୟରୁ କେତେ ପ୍ରକାର ସିଦ୍ଧି ଥିଲା । ଯାହା ସେ ସବୁପ୍ରକାର ସିଦ୍ଧିକୁ ହାସଲ କରି ପରିଥିଲେ ।

ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କୁ ନିଜର ଶିଷ୍ୟ ରୂପେ ଗ୍ରହଣ କରିଥିଲେ । ଯିଏ ବୁଦ୍ଧି ଓ ତର୍କରେ ଜୀବନ ବିତାଇବାକୁ ଚାହିଁଥିଲେ । ରାମକୃଷ୍ଣ ପରମହଂସ ବିବେକାନନ୍ଦଙ୍କର ପ୍ରତିଟି ପ୍ରଶ୍ନକୁ ସମାଧାନ କରି ତାଙ୍କ ବୁଦ୍ଧିକୁ ଭକ୍ତିରେ ପରିବର୍ତ୍ତନ କରିଦେଇଥିଲେ । ଦୁହିଁଙ୍କ ମଧ୍ୟରେ ହୋଇଥିବା ଅଦ୍ଭୁତ ସମ୍ବାଦର କିଛି ଅଂଶ ଏଠାରେ ପ୍ରସ୍ତୁତ କରିଛି ।

ବିବେକାନନ୍ଦ : ଜୀବନ ବଡ଼ ବ୍ୟସ୍ତ ହୋଇଗଲାଣି । ଫ୍ରି ସମୟ ମିଳୁ ନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରା : ଗତିବିଧି ମନୁଷ୍ୟକୁ ବ୍ୟସ୍ତ ରଖିଥାଏ । କିନ୍ତୁ ଉତ୍ପାଦକତା ବିନା ମୂଲ୍ୟ ସଂପୂର୍ଣ୍ଣ ଫ୍ରି ।

ବି : ଜୀବନ ବଡ଼ ସମସ୍ୟାବହୁଳ ହୋଇଗଲାଣି ।

ରା : ସମସ୍ୟାର ବିଶ୍ଳେଷଣ କରନାହିଁ । ବିଶ୍ଳେଷଣ ହିଁ ସମସ୍ୟାକୁ ଖାଦ୍ୟପାଣି ଯୋଗାଇଥାଏ ।

ବି : ଆମେ ପ୍ରାୟତଃ ଅନେକ ସମୟରେ ଅପ୍ରସନ୍ନ ଓ ଦୁଃଖିତ କାହିଁକି ହୋଇଯାଉ ?

ରା : ଚିନ୍ତା ମନୁଷ୍ୟ ସ୍ୱଭାବର ଅଙ୍ଗ ହୋଇଗଲେ ଖୁସି କୋଉଠୁ ମିଳିବ ?

ବି : ଭଲ ଲୋକକୁ କାହିଁକି ଦୁଃଖ ଭୋଗିବାକୁ ପଡେ ?

ରା : ହୀରାକୁ କାଟିବାକୁ ହୁଏ, ସୁନାକୁ ତରଳାଇବାକୁ ପଡେ । ସେଥିପାଇଁ ଜୀବନ ଭଲ ଲୋକଙ୍କର ପରୀକ୍ଷା ନେଇଥାଏ । ତାପରେ ଅନୁଭବ ସହିତ ଜୀବନ ସୁଧୁରିଯାଏ ଏବଂ ଧିରେ ଧିରେ ଦୁଃଖ କଷ୍ଟ ଦୂର ହୋଇଯାଏ ।

ବି : ତାହେଲେ ଅନୁଭବ ମଧ୍ୟ ଉପଯୋଗୀ ଅଟେ ?

ରା : ଅବଶ୍ୟ, ଅନୁଭବ ବହୁତ କଠୋର ଶିକ୍ଷକ । ଜୀବନର କଠିନ ପାଠକୁ ପଢାଏ ଓ ତାର ସମାଧାନ କରିଥାଏ ।

ବି : ଆମେ କେଉଁ ମାର୍ଗରେ ଯାଉଛେ ଏତେଗୁଡିଏ ସମସ୍ୟା ମଧ୍ୟରେ ଘେରି ଆମକୁ ତାର ଆଭାସ ମଧ୍ୟ ଜଣାପଡେ ନାହିଁ କାହିଁକି ?

ରା : ବାହାରକୁ ଦେଖିଲେ ଦିଗଭ୍ରମିତ ହୋଇଯିବ କିନ୍ତୁ ଭିତରକୁ ଦେଖିଲେ ସତ୍ୟର ଅନୁଭବ ମିଳିଯିବ । ସନ୍ତୋଷ ଏକ ଏଭଳି ଉପକରଣ ଯାହା ସ୍ୱୟଂକୁ ନବନିର୍ମାଣ କରିଥାଏ ।

ବି : ତେବେ କଣ ଅସଫଳତା ଦୁଃଖର କାରଣ ହୋଇଥାଏ ?

ରା : ମୋଟେ ନୁହେଁ; ସଫଳତା ଅନ୍ୟର ସ୍ଥିରୀକୃତ ଉପକରଣ । ନିଜର ଉପକରଣ ନିଜର ଆତ୍ମସନ୍ତୋଷ ହୋଇଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବି : କଠିନ ସମୟରେ ମନୋବଳକୁ କେମିତି ସଞ୍ଚିତ କରିହେବ ?

ରା : ନିଜେ ଏତିକି ଜାଣିବା କଥା କେତେଦୂର ଯାତ୍ରା କରି ପାରିଛ ଓ କେତେଦୂର ବାକି ଅଛି ।

ବି : ଲୋକଙ୍କ ବିଷୟରେ ଆମକୁ କଣ ଆଶ୍ଚର୍ଯ୍ୟ ହେବା ଆବଶ୍ୟକ ?

ରା : ଯେବେ ଲୋକମାନେ ପଳାୟନ କରନ୍ତି କୁହନ୍ତି ମୁଁ କଣପାଇଁ ପଳାୟନ କଲି ? କିନ୍ତୁ ଯେବେ ସଫଳତା ମିଳିଯାଏ କୁହନ୍ତି ନାହିଁ ମୁଁ କଣପାଇଁ ପଳାୟନ କଲି ?

ବି : ଜୀବନରେ ସର୍ବୋତ୍ତମ କେମିତି ପ୍ରାପ୍ତ କରିହେବ ?

ରା : ନିଜର ବିଗତକୁ ଅଭିଯୋଗ ନକରି ସ୍ୱୀକାରୋକ୍ତି, ବର୍ତ୍ତମାନକୁ ଆତ୍ମବିଶ୍ୱାସର ସହିତ ସଜେଇ ଏବଂ ଭବିଷ୍ୟତକୁ ଭୟରହିତ ହୋଇ ଆଗେଇଲେ ଜୀବନ ସର୍ବୋତ୍ତମ ହୋଇଯାଏ ।

ବି : ମୋତେ ଜଣାଯାଏ କେତେଥର ମୋର ପ୍ରାର୍ଥନା ଉତ୍ତର ରହିତ ରହିଯାଇଛି ।

ରା : କୌଣସି ପ୍ରାର୍ଥନା ଉତ୍ତର ରହିତ ରହିନଥାଏ । ବିଶ୍ୱାସକୁ ମଜବୁତ କରି ମନରୁ ଭୟକୁ ତ୍ୟାଗ କରିଦିଅ । ଜୀବନ ଏକ ରହସ୍ୟ ଅଟେ ସମସ୍ୟା ନୁହେଁ । ତାକୁ ଅନୁଶାସନବଦ୍ଧ କରିବାକୁ ପଡିଥାଏ । ଯାହା ଗରମ ହୁଏ ତାହା ତରଳେ । ବିନା ଗରମରେ ନା ତରଳିବ ନା ଢ଼ଳେଇ କରିହେବ ?

ବିସି-୭୪,ସଲଟ ଲେକ,କଲକତ୍ତା-୬୪

ମୋ-୭୨୯୧୩୪୨୨୫୯/୯୭୮୧୩୭୩୫୧୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅବଶୋଷ ପ୍ରେମ

ସହରର କଲେଜରେ ପ୍ରଥମ କରି ନାମ ଲେଖାଇବା ପାଇଁ ଡୁଲୁନ୍ ଯାଇଥିଲେ । ପ୍ରଥମ ଭେଟ ହେଲା ସେପ୍ତା ସହିତ..

ହେଲୋ ମୁଁ ଡୁଲୁନ୍, ତୁମ ନାମ କ'ଣ ?

ମୁଁ ସେପ୍ତା ।

ଓହ୍, ଭାରି ସୁନ୍ଦର ନାଁଟିଏ ।

ଡୁଲୁନ୍ ମୁଁ ଏଇ କଲେଜକୁ ମୋର ନାମ ଲେଖାଇବା ପାଇଁ ଆସିଛି । ଫର୍ମ ପୂରଣ କରି ସବମିଟ୍ କରିବା ପାଇଁ ଆସିଛି । କିନ୍ତୁ ଅଜାଣତରେ ମୁଁ କଲମ ଛାଡି ଆସିଛି ।

ଡୁଲୁନ୍ : ଏ ହେଲ୍ଲୋ, ଟିକେ ଦବ କି

ସେପ୍ତା : କ'ଣ

ଡୁଲୁନ୍ : ଏଇ କଲମଟା ମୋ ଦିଅ

ସେପ୍ତା : ନିଅ

ଡୁଲୁନ୍ : ପ୍ରଥମ ଦେଖାରେ ମନ କହୁଥିଲା ତୁମେ ମୋର...

କଜଳ ନୟନେ ଛାପିଦେଲ

ମୋ ମନ ହୃଦୟ ରେ ତୁମ ଛବି

ସୁନ୍ଦର ଯୌବନ ଚେହେରାରେ ହାଣି



ଦୁଷ୍ମନ୍ତ ବେହେରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନ ମୋ ନେଇଛ ଟାଣି ତୁମ ପାଖକୁ

ଏଇ........

ସେପ୍ତା: ଏ ହେଲ୍ଲୋ କୋଉ ଡ୍ରିମରେ ପଳେଇ ଗଲ ? ମୋ କଲମ ଦିଅ । ମୁଁ ବି ଫର୍ମ ପୂରଣ କରିବି ।

ଡୁଲୁନ୍: ଓଃ ହଁ ହଁ, ଏଇ ନିଅ କହି କହିଲା..

କାନ୍ଥ ଶିଉଳିରେ ଲେଖିବି ତୁମନାମ

ଲଫାପା ରଖିଛି ସାଇତି

ଠିକଣା ଦେଲେ ଲେଖିବି ଉତ୍ତର

ମୋ ପ୍ରେମ ଇତିହାସ...

କିଛିଦିନ ଗଲାପରେ କଲେଜରେ ପ୍ରଥମ କ୍ଲାସ୍ ରୁମରେ ଦେଖା ପରସ୍ପରକୁ ଚାହିଁ ଆଖି ଆଖିର ଇସାରାରେ ମନ ମନ ସହିତ ଜ୍ୟୋସ୍ନାରେ ପ୍ରେମର ଯୌବନ ଦେହ ଶୀହରଣ ପ୍ରେମ ଗୁଡିକ ଯେମିତି ଭାସୁଥିଲା । ଦେହ ଛବି ଅଙ୍କନରେ ପ୍ରେମ ମିଠା ପୃଷ୍ଠାଟି ଲେଖି ଯାଉଥିଲା ଏଇ ମୁଁ ତୁମର...

କିଛି ସମୟ ପରେ ଦୁହେଁ କ୍ଲାସ୍ ରୁମ୍ ଭିତରକୁ ଚାଲିଗଲେ ।

ସେପ୍ତା ପ୍ରେମ ଅପେକ୍ଷା ପାଠକୁ ବେଶୀ ଗୁରୁତ୍ୱ ଦିଏ । ଡୁଲୁନ୍ ର ପ୍ରେମକୁ ନ ଜାଣିଲା ପରି ଅଭିନୟ କରେ । କିନ୍ତୁ ମନ ଭିତରେ ଥାଏ ଡୁଲୁନ୍ ର ପ୍ରେମ ଭରା ସ୍ମୃତି ।

ଡୁଲୁନ୍ ପାଠପଢା ସଙ୍ଗେ ସଙ୍ଗେ ସେପ୍ତା ବାଟକୁ ଚାହିଁ ବସିଥାଏ ...

କେତେବେଳେ ଆସିବ ତୁମେ

ପାଦଚାଲା ପାଉଁଜି ମୋ କାନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶବ୍ଦ ଭାଷା କହୁଥିବ ମୁଁ

ଏଇ ଆସିଛି ତୁମ ପାଇଁ.....

ସେପ୍ତା ପାଠପଢା ରେ ଅଧିକ ମନ ଦିଏ । ଓ କେମିତି ଭଲ ପାଠରେ କରିବ ।

ବାର୍ଷିକ ପରୀକ୍ଷା ଆସିଲା ଏବଂ ତାରିଖ ଘୋଷଣା ହେଲା ପରୀକ୍ଷା ପାଇଁ । ପରୀକ୍ଷା ଦେଲେ ସମୟରେ ବେଞ୍ଚ ତଳେ ସେପ୍ତାର କୋଡିଏ ଟଙ୍କା ପଡି ଯାଇଥିଲା । ପରୀକ୍ଷା ଶେଷ ହେଲା ପରେ କୋଡିଏ ଟଙ୍କା ଆଣି ନିଜ ପାଖରେ ରଖିଲା । ଗୋଟିଏ ପରେ ଗୋଟିଏ ବିଷୟ ଶେଷ ହେଲା । ଦୁଇ ମାସ ଗଲା ପରେ ପରୀକ୍ଷା ଫଳ ଘୋଷଣା ହେଲା ।

କଲେଜରେ ସବୁଠାରୁ ଅଧିକ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କଲା ।

ଏବେ ତ କଲେଜ ଛାଡିବା ସମୟ ଆସିଲା କିନ୍ତୁ ସେପ୍ତା ସ୍ମୃତିକୁ ମନେ ପକାଇ ତୁଲୁନ୍ । ସେପ୍ତା ବସିଥିବା ବେଞ୍ଚ ତଳେ ପଡିଯାଇଥିବା କୋଡିଏ ଟଙ୍କା ଧରି.....

ଗଲାବେଳେ ଏମିତି ଗଲ ମୁଁ

ଯେମିତିତୁମର ଚିହ୍ନାଠାରୁ ବେଶୀଦୂର

ମୁଁ ତୁମକୁ ଅପେକ୍ଷା କରିବି

ଅବଶୋଷ ପ୍ରେମ ପର୍ଯ୍ୟନ୍ତ.....

ତୁମେ ସିନା ଚାଲିଗଲ ପଦିଏ କଥା କହିଲ ନାହିଁ । ତୁମର ପ୍ରେମକୁ ଆଜି ଏଇ କୋଡ଼ିଏ ଟଙ୍କା ବାନ୍ଧି ରଖିଛି ।

ସେପ୍ତା କଲେଜ ହଷ୍ଟେଲ ଛାଡି ଯିବା ଶେଷ ସମୟରେ ଯିବା ବାଟରେ ତୁଲୁନ୍ ଖଣ୍ଡିଏ ଚିଠି ସେପ୍ତା ଉପରକୁ ପକେଇ ଦେଇ ....

ପ୍ରିୟା ସେପ୍ତା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲେଖୁଛି ମୁଁ ପ୍ରଥମ ଚିଠି
କରିବନି ମୋତେ ଘୃଣା ଇତି
ବାନ୍ଧିଲ ତୁମ ପ୍ରେମ ବନ୍ଧନେ
ଭୁଲି ପାରୁନାହିଁ ତୁମ ଛବି

ଅପେକ୍ଷା କରେଇଲ ମନକୁ
ଦେଖେଇଲ ନୂଆ ଆଶା
ଭୁଲିବନି ମୋତେ ମୁଁ ତମ
ପ୍ରେମ ର ଇତି ଡୁଲୁନ୍....

ସେପ୍ତା ଚିଠିକୁ ଗୋଟେଇ ପଢିଲେ କିଛି ସମୟ ଭାବି ହସି ଚାଲିଗଲେ । ଗଲା ବେଳେ କଥା ପଦେ କହିଲେ ନାହିଁ । ତୁମ ଆସିବା ବାଟକୁ ଚାହିଁ ବସିଥିବି ମୁଁ ।

କିଛି ବର୍ଷ ଗଲାପରେ ସେପ୍ତା ସରକାରୀ ଚାକିରି କରି ଏବଂ ବିବାହ ହୋଇ ଘର ସଂସାର ପରିବାରରେ ବାନ୍ଧି ହୋଇ ଯାଇଛି । ବେଶ ହସଖୁସିରେ ପରିବାର ସହିତ ଚଳି ଆସନ୍ତି ସେପ୍ତା । କିନ୍ତୁ ଦିନେ ଘରର ଜିନିଷ ସଜାଡୁ ସଜାଡୁ ହଠାତ୍ ନଜର ପଡିଲା ଡାଏରୀ ଉପରେ । ଡାଏରୀର ପୃଷ୍ଠା ଗୁଡିକ ଆଡଉ ଆଡଉ ଡୁଲୁନ୍ ଦେଇଥିବା ଚିଠି ଉପରେ ଆଖି ପଡିଲା । ଚିଠିକୁ ଖୋଲି ପଢୁ ପଢୁ ଲୁହଭରା ଆଖି ଦୁଇଟି ଛଳ ଛଳ ହୋଇ ଚିଠିର ଶେଷରେ ଲେଖା ହୋଇଥିଲା ମୋତେ ଟିକେ ମନେ ପକେଇ କଲ୍ କରିବ ।

ସେଇ ସଙ୍ଗେ ସଙ୍ଗେ ମୋବାଇଲ ଆଣି କଲ୍ କଲେ ସେପ୍ତା । କଲ୍ ରିଙ୍ଗ ହେଲା

ଡୁଲୁନ୍: ହେଲୋ କିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେପ୍ତା: ହଁ ହେଲୋ ମୁଁ ସେପ୍ତା ତୁମେ କେମିତି ଅଛ

ଡୁଲୁନ୍: ହଁ ମୁଁ ତୁମ ପ୍ରେମର ଅପେକ୍ଷାରେ ଅଛି । କେବେ ଆସିବ ସେପ୍ତା ?

ସେପ୍ତା: ମୁଁ ବୁଝିବାରେ ଡେରି କରିଦେଲି ତୁମକୁ

ଡୁଲୁନ୍: ହଁ ସେପ୍ତା ଡେରି ତ ମୁଁ କରିଦେଲି ତୁମକୁ ବୁଝିବାରେ ତୁମ ଅବଶୋଷ ପ୍ରେମକୁ.....

ତୁମ ଅବଶୋଷ ପ୍ରେମ

ଚାଖିଲେ ମିଠା ଲାଗେ

ତୁମ ମନ ତଳ ଭାଷାକୁ

ବୁଝିବା ବଡ କଷ୍ଟ ଲାଗେ....

ମୁଁ ଏଇ ଅପେକ୍ଷାର ଅବଶୋଷ ପ୍ରେମକୁ ଧରି ସମୟ ପଚାରେ କ'ଣ ତୁମ ଅବଶୋଷ ପ୍ରେମ ପରିହାସର ଅପେକ୍ଷାରେ ମୁଁ ଆଜି ମୋ ପ୍ରେମ ଅପେକ୍ଷାରେ ମୋ ଜୀବନର ଲକ୍ଷ୍ୟ ବରବାଦ କରିଦେଇଛି ।

ନିଜର ଠିକଣା ଖୋଜିଲା ବେଳେକୁ ଦୁନିଆ ପରିହାସ କରେ । କ'ଣ କହିବି ମୁଁ ଏଇ ଅବଶୋଷ ପ୍ରେମ...............

ରାସୋଳ-ମୁଣ୍ଡିଆପଷି, ଢେଙ୍କାନାଳ

ପିନ୍-୭୫୯୦୨୧

ମୋ ନଂ-୯୯୩୭୭୫୭୫୦୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ପ୍ରଥମ ଅଧ୍ୟାୟ (ଭାଗ "୯")

ଅନ୍ତରରୁ କାର ଅଧିକ ଗୋଚର
ନୟନରେ ଦେଖାଯାଏ,
ଅଳିକେ ଭ୍ରୂଲତା ଖାଳି ଲତାଛତା
ଆକାରରେ ହଲୁଥାଏ ।
ଅନୁମାନ କରି ଜାଣେ ଶର ମାରି
ନିଜେ ଉପଦେଶ ଦ୍ୟନ୍ତି,
ଅସୁମାରି ପ୍ରେମ ମତି କରେ ଭ୍ରମ
ପାଖେ ଥାଇ ଦୂରେ ଛନ୍ତି ।
ଅନୁଗତ୍ୟ ପାଇଁ ପାଖେଇଲି ଯାଇ
ମୁରୁକିରେ ହସି ଖାଲି,
ଅନୁଗାମିନି ଏ ନୟନରେ ଚାହେଁ
ଅକ୍ଷତ କି ଏ କ୍ଷତ ଭାଳି ।
ଅଙ୍ଗରେ ତାଙ୍କର ବୀରର ଉଦର
ବାହୁ ପୁଣି ବଳିଯାଏ,
ଅଙ୍ଗକୁ ତ ଘେରି ରହିଛି ସେପରି
ବୀରର ପୋଷାକ ଚାହେଁ ।
ଅନେକ ଶିଷ୍ୟଙ୍କ ଭିତରେ ଜନକ
ଅଙ୍ଗରକ୍ଷକ ତୁମ୍ବର,
ଅତି ଆଦରରେ କ୍ଷୁଦ୍ର ପଡ଼ିଆରେ
ଶିକ୍ଷା ଅସୀ ଧନୁଶର ।
ଅଠରରୁ ନିମ୍ନ ବୟଷର ଭିନ୍ନ
ଶିଷ୍ୟମାନେ ତହିଁ ଥିଲେ,
ଅସୀ କେତେ ଧରି ପୁଣି କେତେ ଅରି
ଧନୁଶର ଧରିଥିଲେ ।
ଅଷ୍ଟ ପୁଣି ଶିଷ୍ୟ ଧନୁଶର ଧରି
ସଜ୍ଜିତ ଥିଲେ ସେଠାରେ,
ଅଧିକା ତ ବାକି ଲିପ୍ତଥିଲେ ଦେଖି
ପାଖେ ଅସୀଚାଳନାରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅତି ପାଖେ ରହି ଶିଷ୍ୟଙ୍କୁ ସେ କହି
ଦେଉଥିଲେ ଲକ୍ଷ୍ୟ ଭେଦ,
ଅନାଦର କଲେ ଲକ୍ଷ୍ୟକୁ ଛାଡ଼ିଲେ
ମନରେ ଭରିବେ ଖେଦ ।
ଅଦୂରରେ ଆଠ ଗୋଲାକାର ଚକ୍ର
ଧାଡ଼ିରେ ତ ସଯାଥାଏ,
ଅନୁମତି ଲଭି ଛାଡ଼ିଦେଲେ ତୀର
ଲକ୍ଷ୍ୟ ଭେଦିଲା ଅନାଏ ।
ଅନେଇଲି ଦୁଇ ଶିଷ୍ୟ ଶର ଛୁଇଁ
ନାହିଁ ସେହି ଗୋଲାକାର,
ଅନେକଙ୍କ ପୁଣି ପୁରା ଲକ୍ଷ ଜାଣି
ଭେଦିଛି ଗୋଟି ପ୍ରକାର ।
ଅଲୋଡ଼ା ତ ଦୁଇ ଶିଷ୍ୟ ତାଙ୍କୁ କହି
ପାଖେ ତାଙ୍କ ବସେଇଲେ,
ଅଧିକା ତ ପିଲା ଶର କାଢ଼ି ଗୋଟି
ପୁଣି ତହୁଁ ଚଲେଇଲେ ।
ଅଦୂରରେ ରହି ଶିଖ ଦୁଇ କହି
ପ୍ରସଂସା ତାଙ୍କର କଲେ,
ଅଲୋଡ଼ା ଶିଷ୍ୟଙ୍କ ନୋହିବେ ଜନକ
ବୀର ସିଏ କହିଗଲେ ।
"ଅମ୍ବରରେ ଚାହିଁ ତାରା ହେଲେ ନାହିଁ
ଶଶଧର ଦରକାର,
ଅନେକ ଭିତରେ ପରିଚିତ କରେ
ରବି ଲଭି ଶିକ୍ଷା ଭାର ।
ଅଦୂର ତ ହେଇ ପାଖ ଚାଲିଯାଇ
ସାରିଥାଏ ତ ତାଙ୍କର,
ଅଝଟ ଆମ୍ଭର ପାଉଁଜୀର ସ୍ୱର
ନାଚି ପାଦେ ଭୟଙ୍କର ।
ଅନାଏ ଏଥର ପୁରା ଭୟଙ୍କର
ମଝିର ଲକ୍ଷ୍ୟ ଭେଦିଲା,
ଅଙ୍ଗରକ୍ଷକ ଏ ମତେ ଜାଣିସାରି
ସତକୁ ତ ଅନେଇଲା ।
ଅଦୂରରେ ଥାଏ ହାତ ସେ ବଢ଼ାଏ
ବନ୍ଧୁତାର ଭାବ ଦେଇ,
ଅତି ଆଦରରେ ହାତ ସ୍ୱର୍ଶ କରେ
ଦୁଇ ବୀର ମିଶିଯାଇ ।

(କ୍ରମଶଃ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯୁଗଯାତ୍ରୀ



ଶିବ ନାରାୟଣ ଦାସ

କେଉଁ ଅନନ୍ତ କାଳର ଯାତ୍ରୀ ମୁଁ ଯେ,
କୋଟିଏ ଯୁଗର ଦୃଶ୍ୟପଟରେ ଭାସି,
ନିରବଧି ମୋର ଦୃପ୍ତ ପଦ୍ମର ଥାପି,
ଦୁସ୍ତର ପଥେ ଶତ ସଂଘାତ ସହି,
ଯୁଯୁତ୍ସୁ ମୁହିଁ ଚାଲିଅଛି ଅମା-କାଳର ଅନ୍ତ ପାଇଁ ।

ଶୂନ୍ୟଗର୍ଭା ସେ ଯେ କେଉଁ ଓଁକାରେ
କ୍ଷୁଦ୍ର ମୁଁ ଏହି ନିଖିଳର ପାରାବାରେ,
ଜଳୁଛି ବି କେଉଁ ଅସୀମ ଅନ୍ଧକାରୁ,
ସୀମିତ, କିନ୍ତୁ ଜୀବନର ପଥେ ହୋଇନି ଶମିତ ଭୀରୁ ।

ଜାଣେନା ମୁଁ କେଉଁ ଆଶାର ଆଲୋକେ ଆଜି
ଦୁର୍ଗମ ଗିରି ଅଚିରେ ଲଂଘି ସାଜିଛି ସବ୍ୟସାଚୀ,
କେତେ ଜନ୍ମର କୁରୁକ୍ଷେତ୍ରରେ ଦେଖିଛି ମୃତ୍ୟୁ ଛାଇ,
କେତେବାର ପୁଣି ସାଜିଅଛି ବଂଚକ -
ସଖା, ସହୋଦର ଆବେଗେ କେବେ ବା ଭର୍ତ୍ତା, ପିଅର, ଭାଇ ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଜ୍ଞାନ ମୁହିଁ ଅନର୍ଘ ଶତ ପାର୍ଥିବ ପଥ ଛୁଇଁ,

ଜାଣେନା ଚାଲିଛି ବିମୁଗ୍ଧ ଆଜି କେଉଁ କସ୍ତୁରୀ ପାଇଁ !

ଅଯୁତ ଯୁଗର ମରୀଚିକା ପଛେ ଅଗଣିତ ସଖା ଦେଖି

ଅର୍ଜୁନ ମୁହିଁ ଶତ କବନ୍ଧ ପରେ,

ଅମିତବୀର୍ଯ୍ୟ, ଉତ୍ସୁକେ ଚାଳି -

ପ୍ରଜ୍ଞା ଗୋଚର, ଅମାବାସ୍ୟାର, ଶୂନ୍ୟଚେତାର ରଥ,

କୋଟି ଜନ୍ମର ମାୟା-ଆଶ୍ରିତ ପଥେ

ଖୋଜୁଛି ମୋହର ଯୁଗଯାତ୍ରାର ଏକଇ ସେ ଅଧିରଥ ।

ନରକର ଏହି ପଚମାନ ଅପଘନେ,

ଅଧୃଷ୍ୟ ଆଜି ସାଜିବାର ପାଇଁ

ଝୁମିଛି ମୁଁ କେଉଁ ସଂଗୋପିତ ସେ ଅମୃତ ସଂଧାନେ ।

ଦୁରନ୍ତ ଶତ ଦୁର୍ଯ୍ୟୋଧନରେ କରିଅଛି ପ୍ରତିହତ -

ଭରିଅଛି ପୁଣି ଗାଂଡିବେ ମୋର ଭୀମ ହୁଙ୍କାର ଧ୍ୱନି,

ରଣ ଝଂକାରେ କେବେ ଉନ୍ମତ,

ବିଷ ଫୁତ୍କାରେ ଅବା ଧୂମାୟିତ,

ହୋଇଛି ମୁଁ କେତେ ଅବିରସିକ୍ତ ନିର୍ମମ ଉପହତ ।

ତଥାପି ଯାପିନି କ୍ଲାନ୍ତ ଯାମିନୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରାନ୍ତ ହୋଇନି କେବେ,

କୁରୁକ୍ଷେତ୍ରର ରକ୍ତ-ଉରସେ ହୋଇନାହିଁ ଉପାରତ,

(ମୁଁ) ଉନ୍ନିଦ୍ର ଉପାସକ,

ଜନମେ ଜନମେ ମୃତ୍ୟୁରେ ଦେଇ ନିବିଡ ମୋ ଆଶ୍ଲେଷ,

ଖୋଜୁଛି ମୁଁ କେଉଁ ଅଧିତୀ-ଋତ୍ୱିକର

ଆଶିଷ ମନ୍ତ୍ରମୟୀ -

ଅମୃତଭରା ସୁଦିବ୍ୟ ଉଚ୍ଛ୍ୱାସ

ଜେନେରାଲ ମ୍ୟାନେଜର , ଭାରତୀୟ ତୈଳ ନିଗମ

ନୂଆଦିଲ୍ଲୀ

ଇମେଲ୍ : dasshibanarayan@indianoil.in

ବ୍ୟକ୍ତିଗତ ଇମେଲ୍ : dasshibanarayan61@gmail.com


ଭ୍ରାମ୍ୟଭାଷ : ୯୯୯୯୦୨୪୬୫୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନ ଯେବେ କାନ୍ଦିଉଠେ



ଡଃ ବିମଳ ଷଡ଼ଙ୍ଗୀ

ମନ ଯେବେ କାନ୍ଦି ଉଠେ,

ମନେ ପଡ଼େ ,

ସେ ପାଣି କାଦୁଅ ବିଲର

ଲୋସଡ଼ା, କଷଡ଼ା, ଝାଳ

ମସିଆ ଲୁଗା, ଲୁଣ ଲଙ୍କାର ପଖାଳ

ଅସଜଡ଼ା ଘର, ଅଗଣା, ଝାଟିମାଟିର ସଂସାର ।

ତଥାପି ଭୁଲି ନ ଥାଏ ଜଳ କର ଖଜଣା ଦେବାକୁ

ଦେଶର, ରାଜ୍ୟର , ଗ୍ରାମର ଉନ୍ନତି ପାଇଁ ।

ମନ ଯେବେ କାନ୍ଦି ଉଠେ,

ମନେ ପଡ଼େ ।

ଝାଞ୍ଜି ଖରାର ଟାଉଁ ଟାଉଁ ପାହାର

ଘିମିରି ପିଠିରେ ଲୁଣ ପକା ଜଳାପୋଡ଼ାର ଦାରୁଣ କଷ୍ଟ

ଖାତିର ନ କରି ଧାନ, ମୁଗ, ବିରି, ଲଙ୍କା...

ଶୁଖାଇ ପକାଇ ଦେଇଦିଏ ଅଳପ ମୂଲ୍ୟରେ

ଠେଲି ଦେଇ ପିଲା କବିଲାର ଦୁଃଖ ଓ କଷଣ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନ ଯେବେ କାନ୍ଦି ଉଠେ,

ମନେ ପଡ଼େ ।

ରାସ୍ତାର ମରାମତି ବା

ଘରବାଡ଼ି ତିଆରିରେ କରଣୀର କରାମତି

ଜୀବନକୁ ବାଜି ଲଗାଇ

ଭରିଥିଲି ଖୁସି ଦୁନିଆଁ ପାଇଁ

ମୋର ସିନା ଘର ନାହିଁ ,

ତୋଳିଲି ପ୍ରାସାଦ

ବାବୁଭାୟାମାନଙ୍କୁ ଖୁସିରେ ରଖିବାକୁ

ନିସର୍ତ୍ତ ସେବା ଦେଇ ।

ମନ ଯେବେ କାନ୍ଦି ଉଠେ,

ମନେ ପଡ଼େ ।

ଆମେ ଯାଉ ଦାଦନ ଖଟି

ସାତ ଦରିଆ ତେର ନଈ ପାରି ହୋଇ

ପେଟ ଚାଖଣ୍ଡକ ପାଇଁ ।

ଜୀବନକୁ ଦେଖିବା ଆଗରୁ

ଦେଇଥାଉ ଜୀବନକୁ ପର ସୁଖ ପାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ ଯେବେ କାନ୍ଦି ଉଠେ,

ମନେ ପଡ଼େ ।

ବିଶ୍ୱ ଯେବେ ଥରହର କରୋନା ଆତଙ୍କେ

କେହି ଟିକେ ଭାବିଲେନି କେମିତି ବଞ୍ଚିଛୁ ଆମେ

ଖାଦ୍ୟ ବିନା, ବାସ ବିନା

କେଉଁଠି ଆମ ଠିକଣା ।

ମୁଠାଏ ଭାତ ଆଉ ମୁନ୍ଦାଏ ପାଣିର ମାଗୁଣି ପାଇଁ

କିଏ ପିଟିଲା ଗୁଣ୍ଡା ଲଗାଇ,

କିଏ କହିଲା ଆମ ଚଉଦ ପୁରୁଷ ଦାଦନ ।

ଆମେ ଆଜି ଅନାବଶ୍ୟକ ,

ଘୃଣା, ଅସହିଷ୍ଣୁତା ଓ ଅମାନବିକତାର ଏ ସମାଜ ପାଇଁ ।

ଏ କରୋନା ସବୁ ଦିନେ ରହିବନି,

ଏସମୟ ଯିବ, କିନ୍ତୁ

ଥିବୁ ଆମେ

ବିଲ, ରାସ୍ତା, ଘର ସେବା ପାଇଁ ।

ଆମ ବିନା ରାଜାର ରେସନ ନାହିଁ, ନାହିଁ ତାର ବାସ

ସେ ହେଉ ରାଜନେତା, ଅଫିସର, ବେପାରୀ ଅବା ଆଉ କେହି

ମିଥ୍ୟା ପ୍ରଲୋଭନ, ଚଞ୍ଚକତା କରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୁଣି ଆମକୁ ଡାକିବେ ତାଙ୍କ ସେବା ପାଇଁ ।

ହାୟ ! ନିଷ୍ଠୁର ବିଧାତା !

ପୁଣି କଣ କୃଶବିଦ୍ଧ ହେବୁ ଆମେ

ଯୁଗ ଯୁଗ ଧରି

ଏହି ନିଷ୍ଠୁର, ମୂର୍ଖ, ଅଜ୍ଞ, ଜହ୍ଲାଦ ଓ ପିଶାଚଙ୍କ ଦ୍ୱାରା ?

କେବେ କଣ ମରିବେନି ଯିଶୁ ବିନା କୃଶବିଦ୍ଧେ ??

ଅଧ୍ୟକ୍ଷ, ରାଜଧାନୀ ଇଞ୍ଜିନିୟରିଂ କଲେଜ,

ମଞ୍ଚେଶ୍ୱର, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବସୁଧା : ସବୁ ସହିଯାଏ ବୋଲି



ଡଃ ଉଷାରାଣୀ ଦାଶ

'ନିଜ ହାତର କାଉଁରୀ ସ୍ପର୍ଶରେ ଏ ବସୁଧାକୁ
ସୁଧାମୟ କରିଥିବା ନିରୀହ ନରଙ୍କର
ଲୁହ ଓ  ଲହୁରେ ନ ହେଉ ଏ ଧରା ଲବଣାକ୍ତ, କର୍ଦ୍ଦମାକ୍ତ' ।
ଭାବର ଆବେଗରେ ଆଙ୍କିଥିଲେ ସ୍ୱପ୍ନ
ଯୀଶୁ, ମହାବୀର, ବୁଦ୍ଧ, ମାର୍କ୍ସ ଆଉ କେତେ ..
ଆଜି କିନ୍ତୁ ବାସ୍ତବତା କହେ ତାର ବିପରୀତ  ।

ସୁଖ ସ୍ୱପ୍ନର ପାଉଁଶକୁ ମୁଣ୍ଡରେ ବୋଳି
ଆଙ୍କି ଚାଲେ ସେ
ଶତାବ୍ଦୀର ଶତପଦୀ ଚିତ୍ର,
ଶତତଳ ପ୍ରାସାଦ, ପ୍ରାଚୀର, ସଡକ ଅବା ସେତୁ
ସମୟର ସିଲହୁଟ ଛବିରେ କେତେ ରୂପ, କେତେ ରଙ୍ଗ
ସବୁ ତା ହାତର କୁହୁକ  ।

ତା ସମର୍ପଣ ଭାବ, ଉତ୍ସର୍ଗୀକୃତ ପ୍ରାଣବତ୍ତାରେ
ମୂର୍ତ୍ତିମନ୍ତ ହୁଏ କଳାର ଭୂସ୍ୱର୍ଗ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସପ୍ତାଶ୍ଚର୍ଯ୍ୟର ପ୍ରାଚୁର୍ଯ୍ୟ ।

ପ୍ରଗତିର ବିନ୍ଧାଣୀ, ସମୃଦ୍ଧିର ମୂର୍ତ୍ତିକାର ସେ

ପ୍ରତିଦାନ ନୁହେଁ ବଳିଦାନର ପ୍ରତୀକ ।

ସେ ଧର୍ମପଦର ଇତିବୃତ୍ତି,

ତା ପେଜୁଆ ଆଖି, ଓଦାକନା ପେଟ,

ତାରାଫୁଟା ଚାଳ, ବହଳ ଅନ୍ଧାର,

ଅପହଞ୍ଚ ସ୍ୱପ୍ନ ଆଉ ଟୋପାଏ ବିଶ୍ୱାସ ।

କର୍ମଯୋଗୀର ସାଧନା,

ନାହିଁ ପ୍ରାପ୍ତିର ସନ୍ତୋଷ ବା ଅପ୍ରାପ୍ତିର ବିଷାଦ ।

ଭାବି ନିଏ , 'ଏହା ବୋଧେ ବିଧିର ବିଧାନ ।'

ମୋହହୀନ ମେହେନତ ପାଖେ

ହାରିଯାଏ ମୋହଗ୍ରସ୍ତ ମନସ୍ତତ୍ତ୍ୱ ।

ନ ବୁଝି ତା ମୁଲ,

ପୋକ, ମାଛି, କୀଟ ପରି କର ମୂଲ୍ୟାୟନ ।

ତଥାପି ସେ ନିର୍ବିକାର, ସତେ ଅବା ବସୁଧା ।

ସବୁ ସହିଯାଏ ବୋଲି ।

ତା ଶିରରେ ପାଦ ଦେଇ ଛିଡା ହୁଏ ସଭ୍ୟତା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ଶୋଣିତର ଶେଷ ବିନ୍ଦୁ ସାଜେ ତୁମ କପାଳର ଟୀକା,
ବାହୁ ବଳେ ଦୃଢ ହୁଏ ତୁମ ସୁରକ୍ଷା ବଳୟ,
ତା ବିବେକର ବୁଦ୍ଧି ବଳେ ହୁଅ ତୁମେ ବଳୀୟାନ ।

ହେ ଏକବିଂଶ ଶତାବ୍ଦୀର ମାନବ ସମାଜ !
ସବୁ ସହିଯାଏ ବୋଲି –
ନିଷ୍ପ୍ରାଣ ନିର୍ବେଦ ମନେ କରି,
ବସୁଧାକୁ ତୁମେ କରୁଥାଅ ବାର ବାର ନିର୍ମମ ଅତ୍ୟାଚାର ।
ପରିଣାମରେ ଆଜି ସମଗ୍ର ଜାତି ଥରହର ।
ଥରେ କଳ୍ପନା ତ କର,
ଜୀବନ୍ତ ମଣିଷକୁ
ନିର୍ଯାତନାର ପରିଣାମ ହେବ, କେତେ ଭୟଙ୍କର !!

ଅଧ୍ୟକ୍ଷା, ରାଜଧାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱୀକାରୋକ୍ତି



ଡା ନୀଳମାଧବ କର

ବାଲିଗରଡ଼ାର ସ୍ୱପ୍ନ
ବେଳାଭୂମୀ, ସାଗର ନୀଳିମା - ନୀଳ ଆକାଶ
ଆକାଶରୁ ମହାକାଶ -
ତା ଭିତରେ କୋଟୀ କୋଟୀ
ଗ୍ରହ ଓ ନକ୍ଷତ୍ର

ଚିକ ଚିକ ଧୂଳିକଣା ପରି
କବାଟ ଫାଙ୍କର ଖରାରେ
ଦରଆଉଜା କବାଟ ପଛରେ
ଅଶ୍ଳୀଳତା
ଉଙ୍କି ମାରି ଦେଖି ହୁଏ
ଅସଂଜତ ଦେହ ଆଉ ପାପ
ସମାଜ ବାଟ ଆଗୁଳେ ମିଛ ମିଛ
ପରେ ଖିଡିକି  ଦିଏ, ଅନ୍ଧାର କରେ
ମୁଖା ପିନ୍ଧେଇ ଦିଏ - ହାତ ଠାରି ଡାକେ
ଘଡିକେ ଲଙ୍ଗଳା ହେଇଯାଏ ସମାଜ

ସଜା ହୁଏ ଯମ ଦଣ୍ଡ - ତେଲ କଡେଇ
ମହିଁଷି  ଶିଙ୍ଗ, କିଳି କିଳା ରଡି
ଢିମା ଢିମା ଆଖି ଆଉ ଦାନ୍ତ

ରାତି ଅନ୍ଧାରରେ ଭୟକୁ ଚିହ୍ନି ହୁଏ ନାହିଁ
ଦିନରେ ଭୟ ପାଇଁ
ପ୍ରାୟଶ୍ଚିତ କରାଯାଏ ମନ୍ଦିରରେ
ଲିଙ୍ଗପୂଜା ପାଇଁ କୈଳାସ ଯିବାକୁ ପଡେ
ଗଙ୍ଗୋତ୍ରୀରେ ବୁଡ଼ ପାରି
ତପସ୍ୟାରେ ବସିବାକୁ ପଡେ ପଥରଟେ ପରି

ଫୁଲ ଖସିଲେ, ପଥର ଖସେ
ବର୍ଷ ପରେ ବର୍ଷ ବିତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଙ୍ଗୋତ୍ରୀରୁ ଗଡ଼ି ଗଡ଼ି

ଭାଙ୍ଗି ଚୁନା ହୁଏ ପଥର

ବାର ଗାଁ, ଗଣ୍ଡା, ସହରରେ

ଧକ୍କା ଖାଇ, ଚୁଠ ପଥର ହେଇ

ଶାଳଗ୍ରାମ ହେଇ - ବା

ପଥିକ ପାଦରେ ଘୋରି ହେଇଯାଏ

ରାସ୍ତାର ପଥର

ଗଙ୍ଗାରେ ଗଡ଼ି - ମଥା ପିଟି

କୃତ କର୍ମର ପ୍ରାୟଶ୍ଚିତ କରେ ପଥର

ଭଗୀରଥ ବାଟ କଢ଼େଇ ନିଏ ଗଙ୍ଗାକୁ

ପଥରର ଆତ୍ମାକୁ ମୁକ୍ତି ଦିଏ ଗଙ୍ଗା

ବେଳାଭୂଇଁରେ ବିଛାଏ

ଆଉ ମୁଠେ ବାଲିର ଗରଡ଼ା

ବାଲିଗରଡ଼ା ପୁଣି ସ୍ୱପ୍ନ ଦେଖେ

ଓଲଭରହାମ୍ପଟନ, ଇଂଲଣ୍ଡ

nmadhab@yahoo.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶିଳ୍ପୀ ଶିଳାବାଳା



ପ୍ରଣତି ପଣ୍ଡା

ଉଠ ଲାସ୍ୟମୟୀ ଚିର ହାସ୍ୟମୟୀ
ଘୋଟିଲା ଅନ୍ଧାର ରାତି,
ଆଗୋ ରୂପବତୀ ଜଗାଅ ଗୋ' ପ୍ରୀତି
ଶିଳ୍ପୀ ଗାଉ ଜୟଗୀତି ।

ଅନିନ୍ଦ୍ୟା ରୂପସୀ ତୁମେ ଗୋ' ଷୋଡ଼ଶୀ
ଶିଳ୍ପୀ ସୂକ୍ଷ୍ମ କଳାକୃତି ,
ପ୍ରତିମା ପାଷାଣୀ ବିଳମ୍ବ ହେଲାଣି
ଦିଅ ଗୋ' ତବ ସମ୍ମତି ।

ତୁମ ଛନ୍ଦ ସୁରେ କେତେ ଶିଳ୍ପୀ ମରେ
ଆଗୋ ସ୍ୱପ୍ନ ବିଳାସିନୀ ,
କଳାର ପୂଜାରୀ ରଙ୍ଗ ତୂଳୀ ଧରି
ଆଙ୍କିବେ ମଧୁ ଯାମିନୀ ।

ଭରା ଯଉବନେ ଖେଳିବେ ସପନେ
କରି ଶତ କଳପନା ,
ପାଷାଣର ଦେହେ ହଜିଯିବେ ଯେବେ
ବିନ୍ଧାଣି ସେ' ଖ୍ୟାତନାମା ।

ରୂପେଲି ଜୋଛନା ରୂପସୀ ଲଳନା
ସୁସଜ୍ଜିତ ହେବ ଧାରା ,
ଲହଡ଼ି ଉଠିବ ସାଗର ଗର୍ଜିବ
ବୀଚି ହେବ ସେ' ଅଧୀରା ।

ନିଃଶବ୍ଦ ରାତିରେ ପ୍ରଶସ୍ତ ବୁକୁରେ
ହଜିଯିବେ ନୀଳିମାରେ ,
ପ୍ରତି ପ୍ରତିମାରେ ସ୍ୱର୍ଣ୍ଣ ସାନ୍ନିଧ୍ୟରେ
ଖେଳିବେ ସେ' ନିହାଣରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶିଳ୍ପୀ ଆଶା ଦୋଳି  ପବନରେ ଖେଳି
 ସାଗରକୁ  ଚୁମିଯିବ ,
ଆଭୂଷଣ ବିନା  ପାଷାଣୀ  ଲଳନା
 ସାଥୀ ଅଙ୍ଗେ ଜଡ଼ିଥିବ  ।

ନେତ୍ର ଢଳ ଢଳ  ଦିଶିବ  ଉଜ୍ଜ୍ୱଳ
 ଛିନ୍ନ ଉତ୍ତରୀ  ତଳେ ,
ପ୍ରେମ ଫଲ୍ଗୁ ଧାରା  ମିଶିଯିବ ପରା
 ଚନ୍ଦ୍ରଭାଗା ନୀଳ ଜଳେ  ।

ରୁଣୁଝୁଣୁ  ସ୍ୱର  ହୋଇବ  ଅଧୀର
 ଓଡ଼ିଶୀ ଛନ୍ଦର ତାଳେ ,
ଶିଳ୍ପୀ ଶିଳାବାଳା  ହୋଇବେ ଚଞ୍ଚଳା
 ରଜନୀର ଆଢୁଆଳେ  ।

ମୂକ ମୁଖଶାଳା ସାଜି ନାଟ୍ୟଶାଳା
 ଦୋଳାୟିତ ତବ ଅଙ୍ଗେ ,
ଶୂନ୍ୟ ସିଂହାସନେ  ନୀରସ ଜୀବନେ
 ଖେଳିବ ଗୋ' ବହୁ ରଙ୍ଗେ  ।

ଉଜୁଡ଼ା ସପନ ପାଇବ ଜୀବନ
 ପୁଣି ସେ' ଉଠିବ ଚେଇଁ ,
ଚନ୍ଦ୍ରଭାଗା ନୀର ହେବନି ଅଧୀର
 କାନ୍ଦିବନି  କଇଁ  କଇଁ  ।

ପ୍ରତିହତ କର କ୍ଲାନ୍ତ ଶିଳ୍ପୀଙ୍କର
 କୋମଳାଙ୍ଗୀ ଶିଳାବାଳା ,
ଉଠ ଚାରୁବାଳା  ଅଚଳା , ଚଞ୍ଚଳା
 ବଞ୍ଚାଅ ଗୋ' ମୁଖଶାଳା  ।

ଲୋଟସ୍ ଭିଲ୍ଲା, ଟଙ୍କପାଣି ରୋଡ଼୍,
(ଭୁବନେଶ୍ୱର)
ଭ୍ରାମ୍ୟଭାଷ : ୯୪୩୮୬୨୧୯୭୬୫

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# କହି ପାରେନି କି ସହି ପାରେନି



ଫାଲ୍ଗୁନୀ ଦାଶ

କହି ପାରେନାହିଁ  ତୁମକୁ ଯେ କେତେ
ଭଲପାଏ ଭଲପାଏ
ସହି ପାରେନାହିଁ ତୁମଠୁ ତ ଯେତେ
ଦୂର କୁ ଦୁରକୁ ଯାଏ ॥

ତୁମ ଅଗଣା ର   ତୁଳସୀ  ଚଉରା
 ହେବା ପାଇଁ ଚାହିଁ ଥାଏ
କହି ପାରେନାହିଁ ତୁମକୁ ଯେ କେତେ
ଭଲପାଏ ଭଲପାଏ ॥

ମୋ ମନ ମନ୍ଦିରେ ତୁମେହିଁ  ଦେବତା
ନିତି ପୂଜା କରୁଥାଏ
କହି ପାରେନାହିଁ ତୁମକୁ ଯେ କେତେ
ଭଲପାଏ ଭଲପାଏ ॥

ତୁମ ଓଠେ ହସ ମୋ ପାଇଁ ମୁକୁତା
ଅମୃତ ର ଝର ଟିଏ
କହି ପାରେନାହିଁ ତୁମକୁ ଯେ କେତେ
ଭଲପାଏ ଭଲପାଏ ॥

ତୁମଠୁ ଦୂରତା ତୁମରି ଘୃନ୍ୟତା
ପାଇଁ ନିତି  ଡ଼ରୁଥାଏ
ସହି ପାରେନାହିଁ ତୁମଠୁ ତ ଯେତେ
ଦୁରକୁ ଦୁରକୁ ଯାଏ ॥

ତୁମ ଆଖିରୁ ଯେ ଲୁହ ଝରିଗଲେ
ଲହୁ ଲୁହାଣ ମୁଁ ହୁଏ
ସହି ପାରେନାହିଁ ତୁମଠୁ ତ ଯେତେ
ଦୁରକୁ ଦୁରକୁ ଯାଏ ॥

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମ  ପ୍ରଦୀପ ରେ ସଳିତା ଟିଏ ମୁଁ
ତୁମ ପାଇଁ ଜଳୁଥାଏ
କହି ପାରେନାହିଁ ତୁମକୁ ଯେ କେତେ
ଭଲପାଏ ଭଲପାଏ ll

ମୋ ପୁଷ୍ପ ମଧୁ ର ତୁମେ ଯେ ମଧୁପ
ତୁମ ସ୍ପର୍ଶେ ଝରିଯାଏ
କହି ପାରେନାହିଁ ତୁମକୁ ଯେ କେତେ
ଭଲପାଏ ଭଲପାଏ ll

ମୋ ପ୍ରେମ ର ନିଶା,ବିଶ୍ୱାସ,ଭରସା
ତୁମ ପାଖେ ଶେଷ ହୁଏ
ସହି ପାରେନାହିଁ ତୁମଠୁ ତ ଯେତେ
ଦୁରକୁ ଦୁରକୁ ଯାଏ ll

ହେ ମନ ଦେବତା ଗ୍ରାହ୍ୟ କର ମତେ
ମନେ ନିତି ଚିନ୍ତୁ ଥାଏ
କହି ପାରେନାହିଁ ତୁମକୁ ଯେ କେତେ
ଭଲପାଏ ଭଲପାଏ ll

ଆଚାର୍ଯ୍ୟା,
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗଜପତି ନଗର
ଯୋଗାଯୋଗ - ୮୧୧୮୦୦୬୮୮୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୁଇ



ବିଶ୍ୱଜିତ ନାଥ

ଯନ୍ତ୍ରଣାର ଅସୀମ ସମୁଦ୍ରରେ
ବୁଡି ଯାଉଥିବା ଭେଳାର ନାବିକଟିଏ
ଦିଗହରା ନୌକାରୁ ଡେଇଁ
ନା ସେ ଲଂଘିପାରେ ଅଗାଧ ସାଗରକୁ
ନା ହଜିପାରେ ଅସୀମ ଜୁଆର ଭିତରେ
ସେ ଜଳୁଥାଏ ଆଜୀବନ
ଯନ୍ତ୍ରଣାର ଚିତା ଅଗ୍ନିରେ
ବେଦନାର ବିରହ ଅଗ୍ନିରେ
କାରଣ ! ଏହା କି ତା ଜୀବନରେ
ହଜାରେ ଦିବା ସ୍ୱପ୍ନର କାନ ଭାସ,
ସ୍ୱପ୍ନର ତାଜ ମହଲ ନିର୍ମାଣ ପାଇଁ
ସେ ଭାସିଉଠେ ଫଗୁଣଫୁଲର ବାସ୍ନାରେ
ତ୍ୟାଗ ଆଉ ଜଳାଞ୍ଜଳିର
ଉପନ୍ୟାସ ଭରା ଆତ୍ମ କାହାଣୀ ଲେଖି
ସ୍ମୃତି ଭରା ଅର୍ଦ୍ଧ ଦଗ୍ଧ ଅଙ୍ଗାର ପରି
ନା ସେ ଜଳିପାରେ, ନାଁ ସେ ଲିଭିପାରେ
ରକ୍ତଭିଜା ଉପନ୍ୟାସର ପ୍ରତିଟି ପୃଷ୍ଠାକୁ
ପ୍ରତି ମୁହୂର୍ତ୍ତରେ ପଚାରି ଦେଖେ
ସମୀକ୍ଷାର ଜୀବନ ଉପପାଦ୍ୟରେ,
ସେ ଖରାତାତି ଆଉ ଜହ୍ନ ରାତିର
ଅନୁଭୂତି ସବୁ ଚିତ୍ରିତ ହୁଏ
କ୍ଲେଶର ପ୍ରତିଟି ଅଧ୍ୟାୟରେ
ଅସହ୍ୟ ତାର କଷଣର କୁଠାର ଆଘାତ
ମୋହ, ମାୟାର ଜରା ଗ୍ରସ୍ତ ଜୀବନକୁ ନେଇ
ମୁକ୍ତିର ମାଧ୍ୟମକୁ ଅନ୍ୱେଷଣ କରି
ଛଅ ଖଣ୍ଡ କାଠର ମୁକ୍ତି ସବାରିରେ
ଶ୍ମଶାନର କାଠ ଗଦା ଉପରେ
ମୁଖା ଅଗ୍ନିର ଶେଷ ସ୍ପର୍ଶକୁ
ସେ ଆଦରି ନିଏ ମହା ଆନନ୍ଦରେ
ଚରମ ତୃପ୍ତି ନିମନ୍ତେ,
ମମତାର ପଣତ ରେ ସ୍ନେହ ର ଆଲିଙ୍ଗନ ରେ
ମୁକ୍ତି ଆଉ ଶାନ୍ତି ର ପୂର୍ଣ୍ଣଚ୍ଛେଦ ନିମିତ୍ତ,,,,,,,

ଜିଲ୍ଲା ମୁଖ୍ୟ ଶିକ୍ଷା ପ୍ରତିଷ୍ଠାନ କେନ୍ଦୁଝର,
ଛାତ୍ର ଶିକ୍ଷକ,
ଉଲ୍ଲୋଳ, ଘଷିପୁରା, ୯୪୩୭୫୯୪୩୫୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଭୁ ତୁମପାଇଁ



ଅମରନାଥ ବାରିକ

ଅତି ଯତନରେ ଘର ଅଗଣାରେ
ଲଗାଇ ଅଛି ତୁଳସୀ
ଭକ୍ତି ଜଳ ଟେକି ପୂର୍ଣ୍ଣ ଆଞ୍ଜୁଳାରେ
ଶରଧା ଦେଇ ପରଶି ।

ଗୁନ୍ଥିବି ବୋଲିକି ତୁଳସୀର ମାଳ
ବାଡ଼ି ବଗିଚାରୁ ମୁହିଁ
ଆଣିଛି କଦଳୀ ପଟୁଆ ସାଇତି
ଭାବରେ ରଙ୍ଗେଇ ତହିଁ ।

ବାଛି ବାଛି କେତେ କାଟିଛି ବାଉଁଶ
ବଇଁଶି କରିବା ପାଇଁ
ଗୋଟି ଗୋଟି କରି ତୋଳିଛି ମଲ୍ଲୀକୁ
କୁଞ୍ଜବନ ସାରା ଧାଇଁ ।

କୁଞ୍ଚିତ କେଶକୁ ଶୋଭା ଦିଶେ ବୋଲି
ମୟୂର ଚନ୍ଦ୍ରିକା ଆଣି
ରଖିଛି ସଜେଇ ଆନନ୍ଦ ମନରେ
ଦିବାନିଶି ପରା ଗଣି ।

ଲବଣୀରେ ତୁମ ମନ ଥାଏ ଜାଣି
ବାନ୍ଧିଛି ଗୋଠରେ ଗାଈ
ଡାକୁଛି ଅଧମ କରୁଣ କଣ୍ଠରେ
ଖାଅ ମୋ କଳାକହ୍ନାଇ ।

ଆସ ଥରେ ମୋର ହୃଦ ମନ୍ଦିରକୁ
କରିଛି ଦୁଆର ଖୋଲା
ହରିନିଅ ଯେତେ ଜୀବନର ଦୁଃଖ
ଭରି ସୁଖ ଶାନ୍ତି ଡ଼ାଲା ।

କୟାଁ, ମଙ୍ଗଳପୁର, ଯାଜପୁର, ଓଡ଼ିଶା - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ



ଅନନ୍ତ କୁମାର

ଜୀବନଟା ମୋର ଅଥଳ ନଈ
କେତେବେଳେ ସୁଅ ନେବ ଭସେଇ,
ଜୀବନଟା ମୋର ଟିକି ବାଇ ଚଢେଇ ,
କେତେବେଳେ ପବନ ନେବ ଉଡେଇ,
ଜୀବନଟା ମୋର ଦୀପର ସଳିତା
କେତେବେଳେ ଜଳିଯିବ ମୋ ଯୁଇ ଚିତା,
ଜୀବନଟା ମୋର କାଗଜର ଗୁଡି
କେତେବେଳେ ଫୁର୍ କିନା ଯିବ ଉଡି,
ଜୀବନଟା ମୋର ବରଷା ପାଣିର ଫୋଟକା
କେତେବେଳେ ପ୍ରାଣରେ ଲାଗିଯିବ ଝଟକା,
ଜୀବନଟା ମୋର ମାଟିର କଣ୍ଢେଇ
କେତେବେଳେ ଚାଲିଯିବ ମୋତେ ଭଣ୍ଡେଇ,
ପ୍ରଭୁ ଆଜି ମୁଣ୍ଡିଆ ମାରି କହୁଛି ମୁହିଁ
ରଖିବ ମୋ ଜୀବନକୁ ତୁମ
ପତିତ ପାବନ ବାନା ଘୋଡେଇ,

ତିହିଡି, ଭଦ୍ରକ, ଯୋଗାଯୋଗ- ୮୩୩୯୯୩୯୯୨୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚିଠି



ରଶ୍ମୀବାଳା ଶତପଥୀ

ପ୍ରଥମ ପ୍ରେମର ପ୍ରଥମ ଚିଠି
ଲେଖୁଛି ଅଳପ ଭାବୁଚି ବେଶୀ ।
ଜହ୍ନର ଜୋ ଛନା ମନର କଳ୍ପନା
ଚିଠିରେ ଲେଖା ମୋ ଭାବନା ।
ନିତି ଲେଖୁଥାଏ ନିତି ଚିରୁଥାଏ
ଅମାନିଆ ମନ ଜମା ମାନେନା ।
ଅବ୍ୟକ୍ତ ମନର ଅକୁହା କଥାକୁ
କିପରି କରିବି ଚିଠିରେ ବର୍ଣ୍ଣନା
ପ୍ରେମର ବାର୍ତ୍ତା କେମିତି ଲେଖିବି
କରିପାରୁନାହିଁ ସତେ କଳ୍ପନା ।
ଅନୁରକ୍ତିର ପ୍ରୀତି ସ୍ନିଗ୍ଧତାର ବଳୟ ତମେ
ସରବିଦ୍ଧ ଆହତ ପକ୍ଷୀଟି ମୁଁ ତୁମ ମନେ ।
ଚାନ୍ଦିନୀ ରାତିରେ ପ୍ରେମ ଲେଖନୀରେ
ଲେଖୁଛି ପ୍ରିୟାକୁ ଚିଠି
ସେ ଚିଠି ପଢି ପାରନ୍ତା କି ଜାଣି
ମୋ ମନର ଅଭିବ୍ୟକ୍ତି ।

ସ୍ଥାନ - ଯାଜପୁର ଟାଉନ୍, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବି



ସତ୍ୟରଞ୍ଜନ
ଘିଙ୍ଗାଲା

ମନର ଭାବନାକୁ
        କାଗଜରେ ଲେଖିବାର ପ୍ରୟାସ ଯେ ମୋର,,
କାଳି କାଗଜ ଯେ
        ଲାଗନ୍ତି ମୋର ହୃଦୟରୁ ଅତି ଆପଣାର !
ଅନ୍ତର୍ନିହିତ ଭାବର
        କେତେ ସୃଷ୍ଟି ହୁଏ ଯେ ସେହି ଭାବନା,,
କେବେ କେବେ
        ତାହା ବାସ୍ତବ ତ ଆଉ କେବେ ପରିକଳ୍ପନା !
ଶ୍ରୁତି ମଧୁର କବିତାକୁ
        ପଢି କେହି ଘେନିଆସେ ପୁରସ୍କାର ତ
କେହି ବେଦନା
        ଏହି କବିତା ଯେ ମୋର ଉତ୍ସାହର ସମ୍ଭାବନା !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଶାର କଳିକା



ସରୋଜିନୀ ମିଶ୍ର

ସପନ  ରାଇଜ
ଭାବର ନଗରୀ
ମାୟା ମହଲର
କଳ୍ପନା ନିବାସେ
ବିବେକ ମୋ କରଇ  ମନ୍ଥନ
କରୋନା କି
କୋକେୟାର ରୂପ
ପେଶିଛନ୍ତି
ସେ ବିଶ୍ୱନିୟନ୍ତା
କରିବାକୁ କଳିର ବିନାଶ
ସତ୍ୟର ଆହ୍ୱାନ    ?

ହେବ ଅବା ସ୍ୱପ୍ନ ସତ୍ୟ
ଆଶାର କଳିକା
ପ୍ରସ୍ଫୁଟିତ ହୋଇ
ହେବ ଅବା ବିକଶିତ
କ୍ଷଣଭଙ୍ଗୁର ଏ ଜୀବନର ରଥ
ଟାଣିହୋଇ ସୁ ପଥରେ
କାଟି ମାୟା ବୁଢୀଆଣିଜାଲ
ଆଲୋକିତ ହେବ କିବା
ନାମ ସୂର୍ଯ୍ୟାଲୋକେ  ?

ଉଦୟ ଭାନୁର ସ୍ୱର୍ଣ୍ଣିମ  ଆଲୋକେ
ସୁକର୍ମ  ହେବ ଉଜ୍ଜ୍ୱଳିତ  ?
ଦେବତ୍ୱ ଭାବର ଦିବ୍ୟତା ପରଶେ
ଦିବ୍ୟ ମୂର୍ଚ୍ଛନାରେ
ହୃଦେ ହେବ ପ୍ରତିଭାତ
ପ୍ରଭୁ  ରୂପକଳ୍ପ  ?
ଆନନ୍ଦ ରୂପୀ  ଅମୃତେ
ବିଶ୍ୱ ହେବ  ଅମୃତମୟ
ସଭିଙ୍କ  ଅନ୍ତରୁ ଝରିବ
ପ୍ରିତୀ  ମନ୍ଦାକିନୀ    ?

ଅଚ୍ୟୁତରାଜପୁର, ବାଣପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମିଛ ସିନ୍ଦୁର



ସରୋଜ କୁମାର ଜେନା

ଭଲପାଇବାର ଦ୍ୱାହି ଦେଇ ମୋତେ
ଛଳନା ଛୁରିରେ ମାରିଲ ,
କିଇତି ସ୍ୱପ୍ନରେ କର୍ଣ୍ଣରେ କହୁଛ
ଭଲ ପାଇକି ଭୁଲିଗଲ .. ।୧ ।

ଭୁଲି ନାହିଁ ପ୍ରିୟା ସଠିକ୍ ଜାଣିଛ
ମିଛରେ ଛଳନା କରୁଛ .,
ମଥାରେ ତୁମର ସିନ୍ଦୁର କହୁଛି
ଆଉ କାହାର ହୋଇଅଛ .. ।୨ ।

ମନ୍ଦିର ବେଢ଼ାରେ ସଂକଳ୍ପ କରିଲ
ସିନ୍ଥିରେ ସିନ୍ଦୁର ନାଇଲ ..,
ମୋ ସିନ୍ଦୁର କୁ ପ୍ରିୟା ତୁମେ ପୋଛିଲ
ସ୍ୱାର୍ଥପର ହୋଇ ପାରିଲ .., ।୩ ।

ତୁମରି ପାଇଁ ଥିଲା ମିଛ ସିନ୍ଦୁର
କିନ୍ତୁ ମୋହରି ପାଇଁ ସତ ..
ସିନ୍ଦୁର କୁ ଭାବି ପେନସିଲ ଗାର
ଲିଭାଇ ଦେଲା ତୁମ ହାତ .. ।୪ ।

ପ୍ରତ୍ୟେହ ଶୟନାଗ୍ରତ ମୁହୂର୍ତ୍ତରେ
ଝର ଝର ରୁଧିର ଅଶ୍ରୁ ..,
କ୍ରନ୍ଦନ ର ପିଡ଼ା ଏତେଜେ ଯନ୍ତ୍ରଣା
ପାଲଟି ଗଲି ମୁହିଁ ପଶୁ .. ।୫ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପଶୁ ସଂଗେ କଲ ଭଲ ବ୍ୟବହାର

ଦେଲ ଛଳନା ଉପହାର ..,

ଛଳନା ର ସ୍ମୃତି ସାଉଁଟି ସାଉଁଟି

କଣ୍ଟା ସଦୃଶ ଦେହମୋର ., ।୭ ।

ପିଉଛି ତୋ ପାଇଁ ମଦର ଜହର

ଛାଡ଼ି ଯାଉଛି ବହୁ ଦୁର ,

ସଜାଡ଼ି ହୋଇଛି କୋକେଇ ମୋହର

ପୋଛିବୁନି ମିଛ ସିନ୍ଦୁର .. ।୭ ।

ସରୋଜ କୁମାର ଜେନା,

ଗ୍ରାମ/ପୋ-ବାଲିଝରୀ, ଥାନା-କାନପୁର,

ବ୍ଲକ-ନରସିଂହପୁର, ଜିଲ୍ଲା-କଟକ,

ମୋ-୮୦୧୮୫୨୬୫୩୬/୯୩୪୮୭୮୩୬୯୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦିବ୍ୟାଙ୍ଗ ଆମେରେ



ଚନ୍ଦ୍ରକାନ୍ତ ଜେନା

ଦିବ୍ୟାଙ୍ଗ ଆମେ ରେ, ଦିବ୍ୟାଙ୍ଗ ଆମେ ରେ... (୨ଥର)
ଶାରୀରିକ ଅକ୍ଷମତା, ମାନସିକ ଅନଗ୍ରସରତା
ଆମ ପାଇଁ କେବେ ନୁହେଁ ପ୍ରତିବନ୍ଧକରେ...
ଭିନ୍ନ କରି ଦେଖାଇବୁ ଆମ ଏ ଜୀବନକୁ
ଆଗକୁ ବଢୁଛୁ ଆମେ, ଆଗକୁ ବଢ଼ିବୁରେ...
ଦିବ୍ୟାଙ୍ଗ ଆମେ ରେ..., ଦିବ୍ୟାଙ୍ଗ ଆମେ ରେ...
ସମାଜ ଆଜି ଆମକୁ ସମ୍ମାନରେ ଦେଖେରେ
କେତେ ସାହାଯ୍ୟ, ସହଯୋଗ ଆମେ ତ ପାଉରେ
ଭାବିବାନି ଆମେ କେବେ ନିଜକୁ ତ ହୀନରେ
ନିଜକୁ ସଫଳ କରି ଗଢ଼ି ତୋଳିବାରେ...
ଦିବ୍ୟାଙ୍ଗ ଆମେ ରେ..., ଦିବ୍ୟାଙ୍ଗ ଆମେ ରେ...
ପଙ୍ଗୁ ସାଜି ଲଙ୍ଘିଯିବା, ଆମେ ଗିରିଶୃଙ୍ଗରେ
ଆସୁ ପଛେ ଝଡ଼ଝଞ୍ଜା, ଯେତେ ବାଧା ବିଘ୍ନରେ
ଆତ୍ମବିଶ୍ୱାସ ଓ ସାହାସ ଥାଉ ଆମ ସାଥିରେ
ପରମେଶ୍ୱରଙ୍କ କୃପା ଆମ ସହ ଅଛିରେ...
ଦିବ୍ୟାଙ୍ଗ ଆମେ ରେ..., ଦିବ୍ୟାଙ୍ଗ ଆମେ ରେ...
ଦିବ୍ୟାଙ୍ଗ ଆମେ ରେ..., ଦିବ୍ୟାଙ୍ଗ ଆମେ ରେ... (୩ଥର)

ସହକାରୀ ଶିକ୍ଷକ, ଜଗନ୍ନାଥ ନୋଡ଼ାଲ୍ ବିଦ୍ୟାପୀଠ,
ଏକବେରୁଆଁ, ନିଆଳି, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂକଳ୍ପ



ପ୍ରମୋଦ ବେହେରା

ଖୋଜିବାର ପ୍ରୟାସରେ
ହଜେଇବାର ଭୟ
ମୋ ଭିତରେ
ଜାଗ୍ରତ ପହରୀ ଭଳି
ତୁମେ ମୋର ବିଶ୍ୱାସକୁ
ସତେଜ କରିବାକୁ
ସତ୍ ଚେଷ୍ଟା କରିଚାଲିଛ
ତଥାପି
ମୁଁ ମୋ ଭିତରେ
ନିରାଶର ଗତି ପଥକୁ
ନିଜର କରି ବସେ

ତଥାପି
ମୋ ପାଖରେ ନାହିଁ ଶାନ୍ତି
କ'ଣ ପାଇଁ ହୁଏ ମୁଁ  ଅନ୍ୟମନସ୍କ
କାହିଁକି ଖୋଜି ବସେ ମୋର ନିରାଶାକୁ
ତୁମେ ମତେ କହି ପାରିବ କି  ?
ପ୍ରେମିକାର  ପ୍ରେମ ପରି
ଖୋଜି ବସେ
କ୍ଷତ ବିକ୍ଷିତ ମୋର  ଅନୁଭୁତିକୁ
ସେଇଠୁ ହିଁ ମୋର ଆରମ୍ଭ ହୁଏ
ଆତ୍ମଗ୍ଲାନି  ଅନୁଭୂତି
ଆତ୍ମବିଶ୍ୱାସ ଓ ଦୃଢସଂକଳ୍ପ  ।

ମାଛିପଡ଼ା , ନୟାଗଡ଼

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବସନ୍ତର ଅଭିଷେକ



ରାମଚନ୍ଦ୍ର ପ୍ରଧାନ

ମନୋରମ ଦୃଶ୍ୟେ ପ୍ରକୃତି ହସଇ
ବସନ୍ତର ଆଗମନେ
ଆମ୍ର କୁଞ୍ଜବନ ଗୁଞ୍ଜରିତ ହୁଏ
କୋଇଲିର କୁହୁତାନେ ।
ପୂର୍ଣ୍ଣମୀ ଜହ୍ନର ଶୁଭ୍ର ଜୋଛନାରେ
ଆଖି ଝଲସାଇ ଦେଇ
ବସନ୍ତ ଆସିଛି ଆମ ଏ ଧରାକୁ
ଋତୁରାଜଟିଏ ହୋଇ ।
ବଉଳ ପାଟର ମୁକୁଳ ବାସ୍ନାରେ
ତୋଷି ହୋଇଯାଏ ମନ
ଫଗୁର ରଙ୍ଗରେ ପ୍ରୀତି ହୋଲି ଖେଳି
ହସଇ ସାରା ଭୁବନ ।
କନକ ଚମ୍ପାର ବାସ ଛୁଟିଆସେ
ସଞ୍ଜ ସକାଳରେ ନିତି
ନବମଲ୍ଲିକାର ମହମହ ଗନ୍ଧେ
ଅମୋଦିତ ପ୍ରେମୀ ମତି ।

ମନକୁଞ୍ଜ ବନେ ନୟନ ଦେଖଇ
ମିଳନର କେତେ ସ୍ୱପ୍ନ
ହୃଦୟ କନ୍ଦରେ ଆପେ ଖେଳିଯାଏ
ପ୍ରେମର ସିକ୍ତ କମ୍ପନ ।
କୁସୁମ କାନନେ ଉଡ଼େ ପ୍ରଜାପତି
ପ୍ରଣୟର ରଙ୍ଗ ମାଖି
ଶୃଙ୍ଗାରେ ବିମୁଗ୍ଧ  ଏ ପ୍ରାଣୀ ଜଗତ
ଖୋଜିଥାନ୍ତି ପ୍ରିୟ ସାଥି ।
ହଳଦୀ ବସନ୍ତ ଗାଇଥାଏ ଗୀତ
ଝରାଇ ମିଠା ମହକ
ଫୁଲର ସମ୍ଭାରେ ହେବ ବୋଲି ପରା
ବସନ୍ତର ଅଭିଷେକ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ,
ମୋ: ୯୮୬୧୬୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏମିତି କଥାକାର



ସୁବ୍ରତ କୁମାର ଜେନା

ସେ ଏମିତି କଥାକାରଟିଏ,

ନିଜ ଇଚ୍ଛାରେ ବାନ୍ଧିପାରେ ମନକୁ,

ଶୁଖିଲା ଶୁଖିଲା ଖରା ବେଳଟାରେ,

ବୁନ୍ଦା ବୁନ୍ଦା ଝରାଇପାରେ ବର୍ଷା,

ସେ ମାଟିକୁ କରିପାରେ ନାୟିକା,

ନିଜକୁ ହଜାଇପାରେ ,

ତା ରୂପ ଲାବଣ୍ୟକୁ ବର୍ଣ୍ଣନା କରୁ କରୁ ।

ଅବଶ୍ୟ ବେଳେ ବେଳେ ହୋଇଯାଏ,

ଅସହିଷ୍ଣୁ !

କେମିତିବା ନହେବ ଭାବିଲେ,

ସବୁରି ଶେଷରେ ସେ ବି ଜଣେ ମଣିଷ,

ଲୁହ ଲହୁକୁ ଏକତ୍ର କରି ସେ ଗଢ଼ା,

ସେମିତିରେ କଣ ତାର ଭାବନା ରହିବନି,

ଅନ୍ୟ ଲାଗି ଗପର ତାଜମହଲ ତିଆରି କରୁ କରୁ,

ଅଜାଣତରେ ସେ ଗଢିଦିଏ ନିଜ ଲାଗି ଗୋଟିଏ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନେକ ସ୍ୱପ୍ନ ଦେଖି ଦେଖାଏ ।

କିନ୍ତୁ ଏ ଦଇବ ବଡ଼ ବିଚିତ୍ର,
ଅଚନାକ ତାସ ପତି ଭଳି ଭୁଶୁଡିଯାଏ,
ତା ସ୍ୱପ୍ନର ତାଜମହଲ,
କେବଳ କେତେ ଜଣ କୁଟିଳ ଙ୍କ ଲାଗି,
ଏଥିରେ ତ ପତିକ୍ରିୟା ଆସିବା ସ୍ୱାଭାବିକ,
ତଥାପି ନିଜକୁ ସମ୍ଭାଳେ,
ଅନେକ କ୍ଷୟ କ୍ଷତି ଧ୍ୱଂସର ସ୍ତୁପ ଉପରେ,
ଚେଷ୍ଟା କରି ଗାଢ଼େ ଅଷ୍ଟମ ଆଶ୍ଚର୍ଯ୍ୟ,
ଶେଷରେ ତାକୁ ଶୁଣିବାକୁ ମିଳେ,
ସ୍ୱାର୍ଥପର, କାମାନ୍ଧ, ବାଚାଳର ନାମବାଚକ ଉପାଧି ।।

ସୁରଡ଼ିହ, ନନ୍ଦିପୁର, ଯାଜପୁର ।
ଦୂରଭାଷ-୮୨୪୯୨୨୦୮୩୦ .

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୁଖଦୁଃଖ ବେନି ଭାଇ



ଅଲେଖ ମେହେର

ଅନୁକୂଳେ ଐରେୟ  ସର୍ବ ଜନେ ବିଧେୟ
ଉଲ୍ଲସିତ କରି ପରାଣ,
ତେଜି ଅଳସ ପଣ  ସୁବାସ କରି ଠଣ
ଅଳି ପ୍ରାୟେ କରେ ଭ୍ରମଣ ।
କ୍ଷିତିପ ମନ,
ଭୋଗ ବିଳାସେ ଦିଏ ଧ୍ୟାନ,
ମୋହ କରଇ ଆଚ୍ଛାଦନ ।

ପ୍ରତିକୂଳେ ନିର୍ଜର  ଅବା ଡାକେ ଭୂସୁର
କର୍ତ୍ତନ ସକାଶେ କଷଣ,
ନିନ୍ଦି ଆପଣା କର୍ମେ  ମଜ୍ଜେ କ୍ଷଣିକ ଧର୍ମେ
ଉଚ୍ଚାରି ସୁଶୀଳ ବଚନ ।
ଛାଡି ଗର୍ହିତ,
ମୁଖେ ରଟଇ ଉମାକାନ୍ତ,
ବିଚିତ୍ର ଅଟଇ ଜଗତ ।

ଜମଜ ଭ୍ରାତା ବେନି  ସୁଖ ଦୁଃଖକୁ ଘେନି
ଆସନ୍ତି ଓହ୍ଲାଇ ଜୀବନେ,
ଯେସନେ ଷଡ଼ଋତୁ  ରମଇ ଜୀବଜନ୍ତୁ
ଏକ ଏକ ଆସି ଭୁବନେ ।
ଯେଝା ଆଚାର
ସମ୍ପାଦେ ହୋଇ ଆଗଭର,
ନୋହି ସ୍ଥିତପ୍ରଜ୍ଞ ଅଥିର ।

ସୋହେଲା ବରଗଡ
ମୋ-୬୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଫଗୁଣର ରଙ୍ଗ



କୁଞ୍ଜବିହାରୀ ସାହୁ

ରଙ୍ଗଟି ଲାଗିଲେ ଦେହରେ /ଗାଲରେ
ସିରିସିରି ଲାଗେ ମୋତେ
ଗେହ୍ଲେଇ ପ୍ରିୟା ମୋ ମୁରୁକି ହସଇ
ଗେଲ କରିଦିଏ କେତେ ।

ଛାତିରେ ଲାଗିଲେ ଫଗୁଣ ଅବିର
ଜାବୁଡି ଧରଇ ଛାତି
ପ୍ରେମରେ କୁହଇ ଏମିତି ଛାତିରେ
ବିତାଇ ଦିଅନ୍ତି ରାତି ।

ଫଗୁଣ ହୋଲିରେ ମୋ ସାଥେ ଖେଳଇ
ମନ ଭରି ହୋଲି ଖେଳ
ଖେଳରେ ଖୋଜେନା ଜିତିବା, ହାରିବା
ଖୋଜଇ ପ୍ରେମର ମେଳ ।

ଫଗୁଣ ଆସିଲେ ଶିହରି ଉଠଇ
ପ୍ରିୟା ମୋ ବିଭୋର ଛନ୍ଦେ
ବିମୁଗ୍ଧ ମନରେ ଅଜାଡି ପଡଇ
ରଜନୀଗନ୍ଧାର ଗନ୍ଧେ ।

ସର୍ବଦା କହଇ ଆସନ୍ତା ଫଗୁଣ
ପ୍ରୀତିର ପରଷ ଦେଇ
ଗଆନ୍ତା ଗୀତଟେ ସୁରରେ ତାଳରେ
ନାଚନ୍ତା ଥେଇକିଥେଇ ।

ଏଲ୍. ଆଇ. ଜି ୧୫
ନୟାପଲ୍ଲୀ, ବ୍ରୀଟ୍ କଲୋନୀ, ଭୁବନେଶ୍ୱର
ଭ୍ରାମ୍ୟଭାଷ : ୭୦୦୮୧୪୨୦୪୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝିଅ



ସାଗରିକା ସାହୁ

ମାଁ ବାପା ତୁମେ ସରଗଠୁ ବଡ଼
କର କେତେ ମୋତେ ଆଦର
ତୁମ ହାତ ଧରି ଚାଲିବା ଶିଖିଛି
ତୁମେ ତ ସାକ୍ଷାତ ଈଶ୍ୱର । ।

ଝିଅ ବୋଲି ତୁମେ ମୋତେ
କେବେ କରିଦେବ ନାହିଁ ପର
ପାଠ ପଢିବି ବଡ଼ ମଣିଷ ହେବି
ସପନକୁ କରିବି ସାକାର । ।

ତୁମେ ଛାଡ଼ିଦେଲେ ହାତ ମୋର
କିଏ ଦେବ ମୋତେ ଉତ୍ସାହ
କାହା ପ୍ରେରଣାରେ ଆଗକୁ ବଢିବି
କିଏ ଦେବ ମୋତେ ସାହସ । ।

ଝିଅ ନୁହେଁ କେବେ ପୁଅଠୁ କମ
ପାଠରେ ହେଉକି ଗୁଣରେ
ସାରା ଦୁନିଆଁ କୁ ଦେଖେଇଦେବି
ତୁମ ଆଶିର୍ବାଦ ଥାଉ ମୋ ଉପରେ । ।

ଗିଧମାଲ, ଗାଇସିଲେଟ୍, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝିଅ



ଶୁଭଦର୍ଶିନୀ ଦାଶ

ଦୁନିଆ କୋଳରେ ପକ୍ଷୀ ଟିଏ ସିନା
ହେଲେ ତଥାପି ଉଡିବାକୁ ଡର
ମୁଠାଏ କାଚଚୁଡି ଆଉ ଟୋପାଏ ସିନ୍ଦୂର
ବଦଳାଇ ଦିଏ ମାନଚିତ୍ର ଝିଅ ଜୀବନର....

ଥରେ ସିନ୍ଥିରେ ସିନ୍ଦୁର ଲାଗିଗଲେ
ବଦଳି ଯାଏ ରେ ପରିଚୟ ତାହର
ପରଘରୀ ହୋଇ ଚାଲିଯାଏ ସିଏ
ବାପ, ମାଆଙ୍କୁ ଛାଡି ବହୁଦୂର...

କର୍ତ୍ତବ୍ୟ ଓ ପ୍ରଣୟର ପ୍ରଶ୍ନବାଚୀରେ
ଅହରନିଶୀ  ଖୋଜିଚାଲେ ସେ ଉତ୍ତର
ଟିକିଏ ଅସାବଧାନତା କାଳେ
ଲେଖି ଦେବ କାହାଣୀ ଲୁହ ଆଉ ଲହୁର....

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରନାହିଁ ଆଉ ଟାଣ



ନରେନ୍ଦ୍ର ପ୍ରସାଦ ବେହେରା

ଡାକିଡାକି ମୋର ଶୁଖିଲାଣି କଣ୍ଠ
ଦେଖାଦିଅ ଚକାଡୋଳା
କେତେଦିନ ଆଉ ଡାକିବି ତୁମକୁ
ଗଡି ଯାଉଅଛି ବେଳା ।୧ ।

ଦିନ ଗଲାପରେ ସଞ୍ଜ ଆସିଥାଏ
ଆକାଶେ ଦିଶଇ ତାରା
ଖୋଜୁଛି ତୁମକୁ ଦର୍ଶନ ପାଇଁ କି
କାହିଁକି ଦେଉନ ଧରା ।୨ ।

ଜଗତ ବାସୀଙ୍କ ଦୁଃଖ ବୁଝିବାକୁ
ଶ୍ରୀକ୍ଷେତ୍ରେ କରିଛ ଘର
ଆଜି କାହିଁ ପ୍ରଭୁ ହେଉଛ ନିଷ୍ଠୁର
ଶୁଣିବାକୁ ଦୁଃଖ ମୋର ।୩ ।

ହୁଅନି ଅବୁଝା ହେ କଳାଠାକୁର
ନେତ୍ରଖୋଲି ଥରେ ଦେଖ
ବେଳୁବେଳୁ ଦୁଃଖ ହୁଏ ଅସମ୍ଭାଳ
ମିଳୁନାହିଁ ଟିକେ ସୁଖ ।୪ ।

ଅନ୍ୟାୟ ଅନୀତି ଚୋରି ଡକାୟତି
ବଢିବଢି ଚାଲେ ଆଜି
ମଣିଷ ଭାବୁଛି ସବୁଠୁ ଚାଲାକ
ପାଇବେନି କେହି ଖୋଜି । ୫ ।

ହତ୍ୟା ଓ ଲୁଣ୍ଠନ ନାରୀ ଅସମ୍ମାନ
ପାଇଁ ଦେଉଛନ୍ତି ମନ
କଳୁଷିତ ଆଜି ହେଉଛି ସମାଜ
କିପରି କଟିବ ଦିନ ।୬ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପଯୁକ୍ତ ଶିକ୍ଷା ଦିଅ ସେମାନଙ୍କୁ
ଆହେ ପ୍ରଭୁ ଚକାଡୋଳା
ହାତେ ଖଡ୍ଗ ଧରି କର ବିଚରଣ
ହିଂସ୍ରଙ୍କର ବୁଢ଼ୁ ଭେଳା ।୮ ।

ତୁମେ ନ ଚାହିଁଲେ ମଣିଷ ସମାଜ
ଧ୍ୱଂସ ହେବ ଦିନେ ଜାଣ
ଆସ ଅବତରି ରତ୍ନ ସିଂହାସନୁ
କର ନାହିଁ ଆଉ ଟାଣ ।୯ ।

ଜଗତ ଯାକର ଗୋଟିଏ ଦେବତା
ନୀଳଗିରି କ୍ଷେତ୍ରବାସୀ
କର ହସ୍ତକ୍ଷେପ ବଞ୍ଚିବ ସମାଜ
ସମସ୍ତେ ହୋଇବେ ଖୁସି ।୧୦ ।

କବିକମଳ ନରେନ୍ଦ୍ର ପ୍ରସାଦ ବେହେରା,
ସମ୍ପାଦକ--ମୋ ଅନୁଷ୍ଠାନ,
ଆଳଦା, ଖଇରା, ବାଲେଶ୍ୱର,
ମୋ-୯୮୫୩୧୪୨୫୧୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଦୁର୍ନୀତି



ମହାଦେବ ନାଗ

ଦେଶର ସରଳ ଜନତାର ଚିତ୍କାର,

ଭ୍ରଷ୍ଟ ରାଷ୍ଟ୍ରର ଅନୈତିକ କ୍ରିୟା,

ଲମ୍ବିଯାଇଛି ସେହି ସ୍ମୃତିର ଦୁଃଖଦ କାହାଣୀ,

କେବେ ହତ୍ୟାକାଣ୍ଡ ତ କେବେ ଗୁଳିକାଣ୍ଡ ।

ଅନ୍ୟାୟ, ଅତ୍ୟାଚାର ପୁଣି ବର୍ବରତାର ଶିକାର,

ହୋଇଛି କେତେ ଯେ ଲୁପ୍ତ ଆକାଶର ତାରାମାନେ

ପ୍ରଗତିର ଭାଷଣ ତ ଉଡେ,

ବିକଳ୍ପ ପରିବର୍ତ୍ତେ ଚାଲେ,

ଶୋଷଣ, ବଳାତ୍କାର ଅମାନୁଷିକ ଅତ୍ୟାଚାର ।

ଏ ବିରୁଦ୍ଧରେ ଉଠୁଥିବା କଲମ, ଆବାଜ,

ହୋଇଯାଏ ଦମନ କୁଆଡେ,

ଦବିଯାଏ କ୍ରୁରତାର ଇତିହାସ ।

ପ୍ରକୃତିର ନଷ୍ଟ ସାଜି ଜୁଲୁମର ଉର୍ଦ୍ଧରେ ଏ ରାଷ୍ଟ୍ର,

ଷଡଯନ୍ତ୍ରର ମୁନରେ ତ

କେବେ ବେଇମାନିର ହାତରେ ।

ପର୍ଦାଫାଶରେ ଉଠୁଥିବା ପ୍ରତେକ ସ୍ୱର,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୁଆଡେ ଦେଶ ପ୍ରଗତିରେ ବାଧକ !

ଦେଶ ମୁକ୍ତି ତଥା ଶୋଷଣ ମୁକ୍ତିର ମାର୍ଗରେ

ବିଚାରର ଖଣ୍ଡାଧାରରେ ଚାଲିଥିବା ସେମାନଙ୍କ ବିଶ୍ୱାସ,

କୁଆଡେ ସେଇଟା ଦେଶଦ୍ରୋହ ?

ଜୁଲୁମର ଗାଥା କହିଲେ ନ ସରେ

ଛଳନାର ଭିତ୍ତିଭୂମିରେ ଜନ ଜାଗରଣ ନାମରେ,

କ୍ଷୀପ୍ର ବେଗରେ ଚାଲେ ଜନ ଦମନ ଅଭିଯାନ ।

ସରଳ, ଶାନ୍ତ ଆଦିବାସୀଙ୍କ ଜୀବନ,

ସେମାନଙ୍କ ପାଇଁ କୀଟ ସଦୃଶରେ ଭରା,

ବାଧ୍ୟ ବାଧକରେ ସହ୍ୟ କରିଛି.. .

ପୋଲିସ ପ୍ରଶାସନର !

ବଳାତ୍କାର ତଥା ଅମାନୁଷିକତାର ନଗ୍ନ ଚିତ୍ର ।

କମ୍ପାନୀ ନାମରେ ଅବା ଜନ ବିକାଶ,

ସରଳତାର ଆଖି ଆଗରେ ଛଳନାର ଛିଟା,

ପ୍ରମାଣିତ ସଲଜ୍ଜା ଜୁଡୁମର ବିଭତ୍ସ ଗାଥା ।

ମହାଦେବ ନାଗ, ବେହେରା, କଳାହାଣ୍ଡି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବ୍ରହ୍ମାଣ୍ଡ ବିଶ୍ୱବିହାରୀ



ଶାନ୍ତନୁ କୁମାର ରାଉତ

ଆହେ ଲୀଳା ମୟ
ତୁମ କରୁଣାରୁ
ଚାଲିଛି ସଂସାର ରଥ
ତବ ପାଦତଳେ
ଏ ଜୀବନ ଯାଉ
ଆହେ ପ୍ରଭୁ ଜଗନ୍ନାଥ.. ! !
ଏ ଭବ ସାଗରେ
ସଂଜ୍ଞାହୀନ ମୁଯେ
ଜୀବିତ ତୁମରି ପାଇଁ
ଜୀବ ଗଲା ବେଳେ
ତୁମେ ଟାଣି ନିଅ
ଆହେ ଭାବର ଗୋସାଇଁ... ! !
ସଂକଟେ ଅଭାବେ
କି କାର୍ଯ୍ୟ କରିବି
ବୁଡି ଯାଉଛି ମୋ ଭେଳା
ସବୁ ସଂକଟରୁ
ତୁମେ ଉଦ୍ଧାରୁଛ
ଆହେ ପ୍ରଭୁ ଚକାଡୋଳା.... ! !

ଜିତିବା ହାରିବା
ପାଇ ହଜେଇବା
ଦେଖାଅ ସବୁରି ପଥ
ଭଲ ଲାଗି ଭଲ
ମନ୍ଦ ଲାଗି ମନ୍ଦ
ତୁମେ କାଳିଆ ସାଆନ୍ତ... ! !
ତୁମ କରୁଣାରୁ
କରିବନି ଊଣା
ଘେନିବ ମୋର ଗୁହାରୀ
ସାରା ବିଶ୍ୱର ଯେ
ତୁମେ ରକ୍ଷାକର୍ତ୍ତା
ବ୍ରହ୍ମାଣ୍ଡ ବିଶ୍ୱ ବିହାରୀ... ! !

ପାଟରଙ୍ଗା, ଯାଜପୁର
୯୮୨୧୭୫୬୧୯୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁଃଖ ପରେ ସୁଖ



ଆଶୁତୋଷ ମେହେର

କାଳଚକ୍ର ନୀତି ଉପର ତଳ

ନିୟମରେ ବନ୍ଧା ନିୟତି ଫଳ

କାହାର ଆରମ୍ଭ, କା' ସରେ ବେଳ

ଏଇ ତ' ଦୁନିଆଁ ନିଇତି ଖେଳ ।।

ବରଷ କେ ବନ୍ଧା ଋତୁ ଯେ ଛଅ

ଗ୍ରୀଷିମ ବରଷା ଶରତ ସହ

ହେମନ୍ତ ଶିଶିର ବସନ୍ତ ରାସ

ମଣିଷ ଜୀବନେ ଭରଇ ବାସ ।।

ବିଷମ ସମୟ ଶୀତର ଜାଡ

ହୃଦ ଦେହ ଥରେ ଛାତି ର ହାଡ

କଷ୍ଟ ଉପସମି ବସନ୍ତ ହସେ

ଦୁଃଖ ପରେ ସୁଖ ଜୀବନାକାଶେ ।।

୫୪ ଆର୍ଯ୍ୟପଲ୍ଲୀ

କିଟଛକ,ପଟିଆ

ଭୁବନେଶ୍ୱର ୭୫୧୦୨୪

ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମନମାରୀ



ଦୁଷ୍ମନ୍ତ ବେହେରା

ଏଠି ଲୁହର ବେଦନା
　　ଆଖି ବୁଝେନା
ଏଠି କୋହର ବେଦନା
　　ଛାତି ମାପେନା
ଏଠି ଦୁଃଖର ବେଦନା
　　ସୁଖ ବୁଝେନା
ଏଠି ଦେହର କଷ୍ଟ
　　ତୁମେ ବୁଝନା
ଏଠି ମନ ମାରୀ ତୁମେ ପ୍ରିୟା !!!!!!

ଏଇ ଦେହର ଯୌବନ
　　ତୁମେ ବୁଝନା
ଏଇ ରକ୍ତର ଛିଟାକୁ
　　ତୁମେ ଜାଣନା
ଏଇ ମନ ଭିତର କୋହ
　　ତୁମେ ବୁଝନା
ଏଇ ଶରୀର ଯନ୍ତ୍ରଣା
　　ତୁମେ ଜାଣନା
ଏଇ ମନ ମାରୀ ତୁମେ ପ୍ରିୟା !!!!!!!

ମନ ତୁ ବୁଝିଜା
　　ଆଉ ତୁ କାନ୍ଦେନା
ମନ ତୁ ଛାତିର
　　ଦରଦ ବୁଝେଇ ଦେ
ମନ ତୁ ମାରୀ ପ୍ରିୟା
　　ତତେ ଆଖି ଝୁରେ
ମନ ତୁ ବୁଝିଜା
　　ଏ ଦୁନିଆ ସ୍ୱାର୍ଥପର
ମନ ମାରୀ ତୁମେ ପ୍ରିୟା !!!

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଇଏ ଶରୀର
ଜଳୁଛି ପ୍ରିୟା
ଇଏ ମନ କୁହୁଳୁଛି
ଏଠି ପ୍ରିୟା
ଇଏ ଦେହ ଜିଇଁଛି
ମରାରି ପ୍ରିୟା
ଇଏ ଲୁହ ଆଖିର
ଲୁହ ପ୍ରିୟା
ଇଏ ମନ ମାରୀ ତୁମେ ପ୍ରିୟା !!!!!!!

ସାଇତା ଲୁହରେ
ସ୍ୱପ୍ନ ଦେଖୁଛି
ସାଇତା ଭିଜା ପ୍ରମରେ
ଅଭୁଲା ଚେହେରା
ତୁମେ ଭୁଲେଇ ଦେଲ
ମୋ ନିଜ ଠିକଣା
ମନ ମାରୀ ତୁମେ ପ୍ରିୟା !!!!!!!!!!

ରାସୋଳ (ମୁଣ୍ଡିଆପଖି)
ଢେଙ୍କାନାଳ, ମୋ ନଂ-୯୯୩୭୬୫୨୫୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଷ୍ଠା



ଜଗନ୍ନାଥ ପ୍ରଧାନ

ତମେ ଲିପ୍ତ ହୁଅ
ସାଧନାରେ
ଯେମିତି ବୈଶାଖର ପ୍ରଚଣ୍ଡ ଖରାରେ ବି
ଲଭିବ ଚନ୍ଦନର ସ୍ନିଗ୍ଧତା
ଶ୍ରାବଣର ପ୍ରବଳ ବର୍ଷାରେ ବି
ତମକୁ ଛୁଇଁ ପାରିବନି ଆର୍ଦ୍ରତା
ନୀତିନିଷ୍ଠ ହୋଇ
ଆଗେଇ ଯାଅ
ପ୍ରକୃତ ଲକ୍ଷ୍ୟପଥରେ ।

ନିଜକୁ ହଜାଇ ଦିଅ
ନିଷ୍ଠାର ନିଶାରେ
ତମ କଙ୍କାଳରେ ଭରିଯାଉ
ଶୃଙ୍ଖଳ ଛିଣ୍ଡାଇବାର ଜୋଶ୍
ନିଃସ୍ୱାର୍ଥପର ସେବାରେ
ଭରିଦିଅ ଜୀବନ
ଅନ୍ୟର କଙ୍କାଳରେ ।

ତମେ ମାତାଲ୍ ହୁଅ
ଇନ୍ଦ୍ରିୟ ଆସକ୍ତିର ବାହାରେ
ପାର୍ଥିବ ବିଳାସର ଊର୍ଦ୍ଧ୍ୱରେ
ଏଡ଼ାଇ ଦିଅ ସବୁ ସୁରା ସାକିର ମୋହ
ଚେତନା ଓ ଚିନ୍ତନର ମନ୍ଥନ କରି
ଖୋଜ ଜୀବନର ମୂଳତତ୍ତ୍ୱ
ସ୍ୱାର୍ଥହୀନ ଖମ୍ବ ହୋଇ
ତୋଳିଦିଅ ସଭ୍ୟତାର ଅଭ୍ରଂକଷ ଅଟ୍ଟାଳିକା ।

କେଳାକଟା, ବୌଦ୍ଧ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବସନ୍ତ



ରୋହିତ୍ ସେଠୀ

ବସନ୍ତ ଅଇଲା ଧରାକୁ ଧରି ମଳୟ ବାତ

କୋଇଲି ଆନନ୍ଦେ ଗାଇଲା କୁହୁ ମଧୁର ଗୀତ ।।

ପେନ୍ଥା ପେନ୍ଥା ଆମ୍ବ ବଉଳ ଶୋଭେ ଆମ୍ର ଶାଖାରେ

ମନ ମତାଣିଆ ସୁଗନ୍ଧେ ତନୁ ମନକୁ ହରେ ।।

ବଣେ ବଣ ମଲ୍ଲୀ, ଶେଫାଳି ଗଙ୍ଗଶିଉଳି ବାସେ

କୃଷ୍ଣଚୂଡ଼ା ଆଉ ପଳାଶ ପୁଷ୍ପ ଫୁଟେ ହରଷେ ।।

ବୃକ୍ଷରାଜି ତ୍ୟଜେ ଶରୀରୁ ପକ୍ୱ ପତ୍ର ସମ୍ଭାର

ନବ କିଶଳୟେ ଶୋଭଇ ଯେତେ ଶାଖା ତାହାର ।।

ମଧୁଲବ୍ଧ ମଧୁ ମକ୍ଷିକା ମୃଦୁ ମୃଦୁ ଗୁଞ୍ଜନେ

ଫୁଲରୁ ଫୁଲକୁ ଉଡ଼ନ୍ତି ଯେତେ ପୁଷ୍ପ ଉଦ୍ୟାନେ ।।

ଫୁଲେଇ ଫଗୁଣ, ବସନ୍ତ ସାଥେ ଆସଇ ଥିରି

ସାତରଙ୍ଗ ଆଉ ଅବିର ମାଥେ ପସରା ଧରି ।।

ମଧୁମୟ ଋତୁ ବସନ୍ତ ବସୁନ୍ଧରାକୁ ଆସି

ଶାନ୍ତି ସନ୍ତୋଷ ପ୍ରେମର ବାର୍ତ୍ତା ଦିଏ ପରଷି ।।

ଶିକ୍ଷକ, ଖଜୁରୀପଡ଼ା,କନ୍ଧମାଳ


ସଂପର୍କ:୭୭୩୫୨୧୪୩୭୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅସ୍ତିତ୍ୱ ଯୁଦ୍ଧ



ପ୍ରାଚୀପ୍ରଭା ନନ୍ଦ

ଶରଣାଗତ ରାତି ଅଳସ ଭାଙ୍ଗେ
ବାହୁଡ଼ିବାକୁ ନିଜ ରାଇଜେ
ଅସମର୍ଥ ଘଞ୍ଚ ବନାନୀ ଶିଶିର ବିନ୍ଦୁରେ ଭିଜି
କୋହର କୁଜ୍ଝଟିକାରେ ବିଦାୟ ଦିଏ ରାତିକୁ ପୁଣି ଥରେ

କଢ଼ ଲେଉଟାଏ ତରୁଲତା
ମାଆ କଜଳପାତୀ ଚଞ୍ଚୁ ଘଷେ ଶାଖାରେ
ଭିଡ଼ିମୋଡ଼ି ହୁଅନ୍ତି ରାତ୍ରିଚର
ଲୁଚିବାକୁ ପଥର ଗାତ୍ରରେ

ଶିଶୁ ସୂର୍ଯ୍ୟ ଉଙ୍କିମାରେ ପତ୍ର ଗହଳରୁ
ଭଲକରି ଦେଖିନିଏ ଥରେ
ସାମ୍ରାଜ୍ୟ ତାର ନୁହେଁ ତ ନିଷ୍ପେଷିତ
ନିଶିର ତାଡ଼ନାରେ

ଗାଇ ଉଠନ୍ତି ବିହଙ୍ଗମ
ମଧୁର କଳ କାକଳୀରେ
ଜଳଜୀବ ଉଲ୍ଲସିତ ହୋଇ ଖେଳନ୍ତି ନିର୍ଝରିଣୀ ନିରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରତିକ୍ଷିତ ଦିବସର ଶୁଭାଗମନରେ

ତରୁଲତା ଡ଼ାଳୁ ଉଇଁ ଆସନ୍ତି ନବ କିଶଳୟ
କଳି ପ୍ରସ୍ଫୁଟିତ ହୋଇ ବାସ ପ୍ରସାରେ
ସେ ବାସକୁ ମନ ଭରି ଅଙ୍ଗେ ସମାହିତ କରି
ସମୀର ଝୁମି ଝୁମି ଘୁରି ବୁଲେ
ବନାନୀର ପ୍ରତି କୋଣ ଅନୁକୋଣରେ

ଉଚ୍ଚାଟ ହୁଏ ଭ୍ରମର ସେ ପୁଷ୍ପ ବାସରେ
ଉଡି ବୁଲେ ଫୁଲରୁ ଫୁଲକୁ ମଧୁର ଗୁଞ୍ଜନରେ
ଉଚ୍ଚାଟିତ ପୁଷ୍ପର ଉତ୍ତେଜନାକୁ ପ୍ରଶମିତ କରି
ଆଶ୍ୱସ୍ତ ହୁଏ ପୁଣି ପରମ ପ୍ରଶାନ୍ତିରେ

ପ୍ରଭାତକୁ ଆତିଥ୍ୟ ଦେଇ ପ୍ରକୃତି
ଲାଗିପଡ଼େ ଦିନଚର୍ଯ୍ୟାରେ
କର୍ମମୁଖର ହୋଇ ଉଠେ ସକଳଜୀବ
ଆଉ କିଛି ଦିନ ଜିଇଁ ଯିବାକୁ ଏ ସୁନ୍ଦର ଧରାପୃଷ୍ଠରେ
ବିଜୟ ମୁକୁଟ ପିନ୍ଧି ଅସ୍ତିତ୍ୱ ଯୁଦ୍ଧରେ

ଗୁଣ୍ଡିଚା ବିହାର, ପୁରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ କାହାଣୀ



ଟୋନିସ୍ ରୋହିଦାସ

ପ୍ରେମ ହୁଏ ବିଶ୍ୱାସରେ
ପ୍ରେମ ହୁଏ ଭରଷାରେ...
ମନକୁ ଯାହା ଭଲ ଲାଗେ
ଯାହା ପାଇଁ ମନ ବିକଳ ହୁଏ...
ଯାହାର କଥା ନୀତି ମନେ ପଡ଼େ
ପ୍ରେମର କାହାଣୀ ଆହୁରି ଗଭୀର ହୁଏ...
ମେଘ ବିନା ମୟୁର କି ନାଚିବ
ଫୁଲ ବିନା ଭଅଁର କି ବସିବ....
କଷ୍ଟ ଓ ଯାତନା ନ ଥିଲେ
ସୁଖ କେମିତି ମିଳିବ...
ସେମିତି ପ୍ରେମ ବିନା ଦୁନିଆ କି ଚଳିବ...

ପ୍ରେମ ଅଟେ ପୂଜା
ହୃଦୟ ମନ୍ଦିରେ ପାଉଥାଏ ପୂଜା...
କେତେ ଖାଲ ଢ଼ିପ ଆସେ ଜୀବନେ
ଯିଏ ସହି ପାରେ ସିଏ ହୁଏ ପ୍ରେମର ରାଜା....

ସାଗର ପରି ପ୍ରେମ କାହାଣୀ
ପ୍ରେମ ତ କେବେ ସରେ ନାହିଁ...
ଯୁଗେ ଯୁଗେ ଲେଖା ରହିଗଲା
ରାଧା କୃଷ୍ଣ ପ୍ରେମ କାହାଣୀ
କେବେ ସରି ନି କି ସରିବ ନାହିଁ....
ପ୍ରେମର ମୁଲ ବୁଝିଛି ଯିଏ
ହାରିବା ପାଇଁ ଜାଣିନି ସିଏ....
ଭଲ ପାଇବା ପାଇଁ ହୃଦୟ
ଦେଖେନି ଅନ୍ତର....
କଣ୍ଟା ଭରା ଚଲାପଥେ
ଚାଲିବାକୁ ଲାଗେନି ଡ଼ର...
ମନରେ ଥିଲେ ବିଶ୍ୱାସ
ଚାଲୁ ଚାଲୁ ମିଳିବ ମହୁରସ....
ଆଖିର ଲୁହ ଦେଖି ହୃଦୟ ସହେନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାଚର ଆଇନ କେବେ ମିଛ କହେନା...

କେତେ ବେଳେ ପ୍ରେମ ହୋଇଯାଏ

କେହି କେବେ ଜାଣି ପାରେନା...

ପ୍ରେମ ତ ଅଢ଼େଇ ଅକ୍ଷର

କେହି କେବେ ଗଣି ପାରେନା...

ପ୍ରେମ ଥରେ ହେଲେ କେବେ ସରେନି

ଜୀବନ ଥିବା ଯାଏ ସାଙ୍ଗ ଛାଡ଼େନି....

ସୁନ୍ଦରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଅପେକ୍ଷା



ଜୁୟ୍ଲା ତ୍ରିପାଠୀ

କରୁଣା କରିଛ'  ନଟବର ତୁମ୍ଭେ'
ଆଗମନ ହେଉ' ଏବେ' ।
ମିନତୀ ବିନତି'  ଜଣାଉଛି ଭକ୍ତ'
ଆଶୀର୍ବାଦ ଦିଏ' ତେବେ' ।।୧।।

ମଣିଷ ଭୁଲିଛି'  ମାନବିକ ରୂପ'
ଐତିହାସିକ ଛବି' ଶେଷ' ।
ଭୋକିଲା ପେଟରେ' ପାପକର୍ମ କରେ'
ମାରିଥାଏ ଯେବେ' ମେଷ' ।।୨।।

ରଜନୀ ମହକେ'  ନିଶାଚର ମାୟା'
କରୁଣାକର ହେ' ଦେଖ' ।
ମତୁଆଲା ହେଇ'  ବାମା କୁ ପିଟେ'
ନାରାୟଣୀ ମାଗେ' ଭିକ' ।।୩।।

କାମନା ବାସନା'  ଦୁଷ୍କର୍ମୀ କରୁଛି'
ରକ୍ଷାକର ପ୍ରଭୁ'  ଆସ' ।
ଯନ୍ତ୍ରଣା ପାଉଛି'  ଶୋଣିତ ବହୁଛି'
ଧନବାନ କରେ' ଗ୍ରାସ' ।।୪।।

ଅପେକ୍ଷା ରଖିଛି' ଭକତ ତୁମ୍ଭର'
ଆଶାବାଦୀ ହୁଏ' ଆଜି' ।
ଗଗନ ପୃଥିବୀ'  ପାତାଳ ଦେଖିବ'
ଜିତେଇବ ତୁମେ' ବାଜି' ।।୫।।

ବଲାଙ୍ଗୀର, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀ



ପ୍ରଭାସିନୀ ସେନାପତି

ନାରୀ ସ୍ନେହ ମମତାର ସ୍ନିଗ୍ଧ ନିର୍ଝରିଣୀ
ତ୍ୟାଗ ଓ ବଳିଦାନର ମଧୁର ରାଗିଣୀ ।

ଜନନୀ ସେ ଜନ୍ମଦାତ୍ରୀ ଜୀବନ୍ତ ବିଗ୍ରହ
ନିଜ ହାଡ ରକ୍ତେ ଗଢେ ସନ୍ତାନର ଦେହ ।

ସୁଧା ଦାନେ ଦିଏ ପୁଣି ତାକୁ ଜୀବନ୍ୟାସ
ତା ପଣତ ମମତାର ଅନନ୍ତ ଆକାଶ ।

ପତ୍ନୀ ରୂପେ ପତନରୁ ଉଦ୍ଧାର ସେ କରେ
ସମ ଦୁଃଖୀ ହୋଇଥାଏ ସ୍ୱାମୀର ଦୁଃଖରେ ।

ଭଗ୍ନୀ ରୂପେ ସୁଭଦ୍ରା ସେ ସେନେହ ରଙ୍କୁଣୀ
ମମତା ବନ୍ଧନେ ବାନ୍ଧେ ଭାଇ ମନ ଜାଣି ।

କନ୍ୟା ରୂପେ ଚାହିଁ ବସେ ଫେରିବାର ବାଟ
ହସି ହସି ସହେ ସବୁ ଗାଳି ଓ ଆକଟ ।

ସଫଳ ଅଭିନେତ୍ରୀ ସେ ସବୁ ଚରିତ୍ରରେ
ସାରା ଜୀବନ କଟଇ ସଂଘର୍ଷ ଭିତରେ ।

ସ୍ନେହ, ପ୍ରେମ ବଦଳରେ ମିଳେ ନିର୍ଯାତନା
ନାରୀ ଜୀବନର ଏ ଯେ ଅବ୍ୟକ୍ତ ଯନ୍ତ୍ରଣା ।

ଭୁବନେଶ୍ୱର ,ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ



ଦମୟନ୍ତୀ ଜେନା

ନାରୀ ନୁହେଁ ଦୁର୍ବଳା
ସଦା କାହାର ଛାୟା ତଳେ ରହିବ
ନାରୀ ଅଟେ  ଶକ୍ତି
କେବେ ଦୁର୍ଗା କି ନାରାୟଣୀର ରୂପ ନେବ ।

ନାରୀ ନୁହେଁ  ଅବଳା
ସଦା ଅଗ୍ନି ପରୀକ୍ଷା ଦେଇ ଜଳିବ
ନାରୀ ଅଟେ ମୁକ୍ତି
ମୋହୀନି ସାଜି ଅମୃତ ବାଢିପାରିବ  ।

ନାରୀ ନୁହେଁ ଲତା
ସଦା କାହା ହାତ ଧରି ଚାଲିବ
ନାରୀ ଅଟେ ଶ୍ରଦ୍ଧା
ସ୍ନେହ ଦେଇ ସଭିଙ୍କ ମନ ଜିଣିପାରିବ ।

ନାରୀ ନୁହେଁ ଲଜ୍ଜ୍ୟା
ସଦା ଉପହାସର ପାତ୍ରଟିଏ ହେବ
ନାରୀ ଅଟେ ସେବା
ଶୁଶ୍ରୁସା କରି ସଭିଙ୍କୁ ଜୀବନ ଦେବ ।

ନାରୀ ନୁହେଁ ଦାସୀ
ପାଦର ପାଣ୍ଡୋଇ ହୋଇ ରହିବ
ନାରୀ ଅଟେ ଭକ୍ତି
ଜୀବନ ଜ୍ଞାନର ବାଟୋଟେ ଖୋଲିବ  ।

ଶିକ୍ଷୟିତ୍ରୀ, ବ୍ରହ୍ମପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଭିମାନ



ସୁଜାତା ମହାପାତ୍ର

ତୁମ ନିକ୍ଷେପିତ ଅସ୍ତ୍ରର ପ୍ରତିଟି ଆଘାତରେ
ଫେରାଇଲି ସାତସୁରର ଝଙ୍କାର
ପାରିବ ତ ! ଏ ସରଗମକୁ ଆତ୍ମସ୍ଥ କର ।

ତୁମ ଦିଆ ପ୍ରତିଟି କ୍ଷତରେ
ଆହୁରି ଝଟକି ଉଠେ ମୋ ଅସ୍ମିତା ।

ମୁଁ ବ୍ୟାପ୍ତ,
ମାଟିରୁ ଆକାଶ ଯାଏଁ,
ସମୁଦ୍ରରୁ ସୂର୍ଯ୍ୟ ଯାଏଁ,
ଦେହରୁ ବିଦେହ ଯାଏଁ ।

ତୁମଠୁ ଅଲଗା ହେବାପରେ
ମୋ ଦେହରେ ଗଜୁରେଇ ସାରିଛି
ଶକ୍ତ ହଳେ ଡେଣା,
ଲଙ୍ଘି ଯିବାକୁ ଅଲଂଘ୍ୟ ଯାହା
ସାବଜେଇ ପାରିଛି
ଚିରହରିତ ପୃଥିବୀ ।

ଉଧାରି ନେଇଥିବା ପାଦ ହଳକ
ମୁଁ ଫେରାଇସାରିଛି ଅନେକ ଦିନୁ ।

ବାଟ ଭାଙ୍ଗି ବାଟଟେ ପ୍ରଶସ୍ତ କରି
ଭେଟିବାକୁ ମୋ ମୁତାବକ ସ୍ୱର୍ଗ କି ପାତାଳ
ଯେଉଁଠି ନର୍କ ହିଁ ନିଶ୍ଚିହ୍ନ ।

ଯୋଗାଡୁଥାଅ ଯେତେ ପାର
ମୋ ପାଦ ଖସିଯିବାର ପ୍ରମାଣ !

ଭୂମିରୁ ଭୂମାକୁ ଲମ୍ବିଛି ମୋ ଦେହ,
ଆଞ୍ଜୁଳାଏ ନିଃଶ୍ୱାସ ତୁମ ଖୁବ କ୍ଷୀଣ
ମୋ ଅଖଣ୍ଡ ବିଶ୍ୱାସ ପାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ଦାନଦିଆ ସ୍ୱପ୍ନମାନଙ୍କୁ
ପୁରୁଣା ବସ୍ତାନୀରେ ବାନ୍ଧି
ମୁଁ ଫିଙ୍ଗିଦେଲି ସମୁଦ୍ରକୁ
ସେ ଏବେ ତୁମ ମୁହାଁ ଫେରନ୍ତା ଲହଡିରେ ।

ପାଉଁଶିଆ ପରଳରେ ଝାପ୍ସାହେବା ପରେ
ସେସବୁ ନିଖୋଜ ଏବେ ମୋ ପୃଥିବୀରୁ ।

ମୁଁ ମୁକ୍ତ କରିଛି ମୋ ହସଙ୍କ ବଗିଚା ।

ମୋ ସାମ୍ନା ଝର୍କାରୁ ଉଙ୍କିମାରୁଛି
ଦରଫୁଟା କଢ଼ଙ୍କ ସ୍ମିତରେ ଉଜ୍ଜ୍ୱଳ
ପବିତ୍ର ବେଦମନ୍ତ୍ରରେ ଝଙ୍କୃତ
ଚିକମିକ ଫର୍ଚ୍ଛା ସକାଳଟେ ।

ଶିବାନୀ ଏଂକ୍ଲେଭ,
ବମୀଖାଲ କେନାଲ ରୋଡ,
ଭୁବନେଶ୍ୱର, ୭୫୧୦୧୦
ଫୋନ : ୯୪୩୭୩୬୦୯୭୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିରବତା



ତପନ କୁମାର ସାହୁ

ଆଜିବି ସେ ଶେଷ ଦେଖା
ମନେ ପଡେ
ଯେତେ ବେଳେ ଅସ୍ତଗାମି ସୂର୍ଯ୍ୟର
ଶୀତଳ ସ୍ପର୍ଶରେ
ରଙ୍ଗମାଖେ ପଶ୍ଚିମ ଆକାଶ
ଯୌବନ ଯନ୍ତ୍ରଣା ଭୋଗେ
ସର୍ବାଙ୍ଗ ଶରୀର
ଆଲିଙ୍ଗନର ସେ ହୃଦସ୍ପନ୍ଦନ
ଧକ୍ ଧକ୍ ଶବ୍ଦ କାନେ ହୁଏ ଗୁଞ୍ଜରିତ  !

ସେ ସ୍ପର୍ଶ ଆଙ୍କିଦିଏ
ଅନ୍ଧାର ରାତିର ଦେହରେ
ଉଷ୍ଣତାର ଭୟରେ ଥରୁଥିବା ବିବସ୍ତ୍ର ଶରୀର
ଚିତ୍ର
ଝରେଇ ଦିଏ ମଧୁଭିଜା ସ୍ୱପ୍ନ
ଶୀରା ପ୍ରଶୀରା ଖୋଜେ
ଶେଷ ସ୍ପର୍ଶର ମିଳନ  !

ଧିରେ ଧିରେ ନିଶ୍ୱାସ ରେ
ଘନ ଘନ ଉଷ୍ଣତା ର ବନ୍ୟା ଛୁଟେ
ବନ୍ୟାରେ ଭାସନ୍ତି
ମାଂସ,ହାଡ଼ ଓ ରକ୍ତର ଅହେତୁକ ଇଚ୍ଛା
ମାନେ  !

ତୁମ ଅନୁପସ୍ଥିତି ରେ
ଏଠି ଶୁଷ୍କ ରଜନୀଗନ୍ଧା
ଭୋଗୁଛି ଅମାପ ରାତିର ନିରବତା  !

ମୋ ନିରବତା ର ଆୟୁଷ ମାନେ
ମୃତ୍ୟୁ ଭୋଗିବାକୁ
ତୁମ ସନ୍ଧାନ ରେ ସହର ମୁହାଁ  !

ବେଲଗାଁ, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବ୍ୟର୍ଥ ଜୀବନ



ହେମନ୍ତ ନାଏକ

ଅବ୍ୟର୍ଥ ଦୁର୍ଲ୍ଲଭ ମନୁଷ୍ୟ ଜୀବନ
ଶ୍ରେଷ୍ଠ ଜୀବ ମଧ୍ୟେ ଜାଣ
ମାନବ ହୋଇଣ ଅସୁର ପ୍ରକୃତି
କରୁଅଛି ଆଚରଣ ।।

ଈଶ୍ୱର ପ୍ରେରିତ ଶ୍ରେଷ୍ଠତ୍ୱ ସନ୍ତାନ
ଜ୍ଞାନ ହରା ଏ ଧରାରେ
ଦୁଷ୍କର୍ମରେ ଲିପ୍ତ ଭ୍ରମେ ଇତଃସ୍ତତଃ
ଲୋଭାସକ୍ତ କାମନାରେ ।।

ଷଡ଼ରିପୁ ଜାଲେ ଛନ୍ଦି ମହାକୂପେ
ବୁଡି ମରୁଅଛି ଏଠି
ମୁକ୍ତି ଯେ କେଉଁଠି ସାମର୍ଥ୍ୟ ଥାଇ କି
ଲିପ୍ସା ବାରଙ୍ଗନା କୋଠି ।।

ମଦ ମାତ୍ସର୍ଯ୍ୟ ହିଂସା ପରଶ୍ରିକାତର
ଚିହ୍ନେନା ପରମାତ୍ମାଙ୍କୁ
ଈଶ୍ୱର ପ୍ରେରିତ ସନ୍ତାନ ବୋଲି କି
ଚିନ୍ତେନା କେବେ ନିଜକୁ ।।

ଭୁଲିଯାଏ ମନୁ ପ୍ରଭୁ ଆତ୍ମାନାମ
ହରେକୃଷ୍ଣ ହରେରାମ
ମୋକ୍ଷ ନିର୍ବାଣରେ ପୁନର୍ଜନ୍ମ ନାହିଁ
ଆଶ୍ରାକଲେ ପରଂବ୍ରହ୍ମ ।।

କିରାବାହାଲ , ପାଟଣାଗଡ଼
ମୋ: ୮୧୪୪୪୭୪୯୩୦

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଏହା କି ବଡ଼ କଥା



ରଞ୍ଜନ କୁମାର ବ୍ରହ୍ମା

ଜୀବନ ଦେଖିଛି
ବଡ଼ ଭୟଙ୍କର
ମରୁଡି ବେଳରେ
ଜୀଇଁଛେ ଏକା ।

ସୁନାମି ଆସୁଛି
ମୁଣ୍ଡ ଉପରକୁ
ତଥାପି ନୋଇଁନୁ
ଆମରି ମଥା ।।

କରୋନା ତାହାର
ଦିହକୁ ଘଷୁଛି
ନାହିଁ ଭୟ ଆମ
ତିଳେ ସେଇଠି ।

ସତର୍କ ଆମର
ଅତୁଆ ତା ପାଇଁ
ଭାବୁଛି ସେ ଯିବ
ଆଉ କୋଉଠି ।।

ଭୂମିକମ୍ପ ଆମ
ପାଦତଳେ ଅଛି
ଚାଲିବା ଛାଡିନୁ
ନ କରି ଭୟ ।

ଅଂଶୁଘାତ ଡର
ଯୁଗେଯୁଗେ ଅଛି
ମୁଣ୍ଡର ଠେକାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆମେ ନିର୍ଭୟ ।।

ରୋଗବ୍ୟାଧି ସବୁ
ଆମ ସହଚର
ଆମରି ଘରେ
ତାଙ୍କରି ଘର ।

ପ୍ରକୃତିର ଦାନ
ଆମେରେ ସଭିଏଁ
ମାନ ରଖି ଯିବା
ନିଜ ନିଜର ।।

ବାତ୍ୟା ମହାବାତ୍ୟା
ଆମ ସଖା ଭଳି
ପ୍ରତିବର୍ଷ ଆସେ
ଥରକୁ ଥର ।।

ଆସିଅଛେ ଏକା
ଯିବା ଏକା ଏକା
ଯିବେ ନାହିଁ କେହି
କାହାରି ସଙ୍ଗେ ।

ଆମ ଉଠା ବସା
ସେମାନଙ୍କ କୋଳେ
ସମ୍ପର୍କରେ ସବୁ
ଖୁବ୍ ନିଜର ।


କାହିଁ ରାଗରୁଷା
ଗର୍ବ ଅଣଦେଖା
ସବୁ କ୍ଷଣସ୍ଥାୟୀ
ଜୀବନ ରଙ୍ଗେ ।।

ଚିକିଟୀ ଗଡ଼, ଗଞ୍ଜାମ
ଫୋନ୍ ନଂ - ୯୪୩୭୬୫୮୭୮୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶୂନ୍ୟସ୍ଥାନ



ଅର୍ଚ୍ଚନା ନାୟକ

କିଛି ଅହରହ ଅବ୍ୟକ୍ତ ଭାବନା
ଜାଳେ ଆଉ ଜଳାଏ
ଜୀବନର ଦୋଛକି ରାସ୍ତାରେ ଛିଡ଼ା କରି
ମଣିଷକୁ ଖେଳାଏ ।

ଏପାଖେ ମଧୁ ମରୀଚିକା ର ମୋହ
ସେ ପାଖେ ତିକ୍ତ ବାସ୍ତବତା
ଏଣେ ନିଶବ୍ଦ ହୃଦୟ ଘରୁ ଶୁଭେ
ଶକ୍ତିହୀନ ପ୍ରତିରୋଧ ର ବାର୍ତ୍ତା ।

ଶବ୍ଦର କୋଳାହଳ ମଧ୍ୟେ
ଡେଣା ବିହୀନ ପକ୍ଷୀ ପରି ମୁଁ ଯେ
ମୋ ପାଖେ ସୁନାର ପଞ୍ଜୁରୀ
ତଥାପି ମୁଁ ଆକାଶ କୁ ଦେଖେ ।

ଶୂନ୍ୟତା ହୃଦୟେ ଅମାପ
ପାଖେ ମୋ ନିଶବ୍ଦ ଅତୀତ
ଘୋର ଅନ୍ଧକାରେ ବିଜୁଳି ପରି
କରାଏ ନିତି ଭୟଭୀତ ।

କେ ଅବା ପାରିବ ଦେଇ ?
ନିଗିଡା ଲୁହର ମୂଲ୍ୟ
ଅଧୁରା ଅପୂର୍ଣ୍ଣ ରହିଛି, ରହିବ.....
ଏ ହୃଦୟର ଶୂନ୍ୟସ୍ଥାନ !

ସ୍ଥାନ- କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଲୋକ ଦେଖାଅ ମୋତେ



ପ୍ରତିମା ମେହେର

କାହିଁକି କରିବି ଆତ୍ମହତ୍ୟା ?ତ୍ୟାଗିବି ଜୀବନ,

ନିର୍ଦ୍ଦୋଷ, ନିଷ୍କଳଙ୍କ, ସ୍ୱାଭିମାନୀ ମୁଁ

ପ୍ରଜାପତି ସମ ଉଡ଼ିବି ଦୁନିଆର ପ୍ରାଙ୍ଗଣରେ

ନୁହେଁ ମୁଁ କଳଙ୍କିନୀ, ନୁହେଁ ଅଭିଶପ୍ତା

କରିବି କାହାକୁ ଲାଜ ? ପରିଚୟ ସମସ୍ତ ପୁରୁଷ

ବାପା ଭାଇ ସମାନ, ଆତ୍ମୀୟ ମୋର

ମୁଁ କି କେବେ ଚାହେଁ !

ବନ୍ଧା ପଡ଼ୁ ମୋ ଜୀବନ ଅଜଣା ଜହ୍ଲାଦ'ର

ବିଷାକ୍ତ ବାହୁପାଶେ, କରିବି କେଉଁଠି ସ୍ୱଚ୍ଛନ୍ଦରେ ବିଚରଣ

ମନେ ଉଠେ ପ୍ରଶ୍ନ ?

ପାଉନି ସ୍ୱାଧୀନ ପଥ, ବୁଲିବି କିଛିକ୍ଷଣ

ପ୍ରକୃତିର ସବୁଜିମା କୋଳରେ..

କାହିଁକି ନେବି ଶପଥ ?

ଅନ୍ଧାର ମୋର ମିତ ନୁହେଁ ବୋଲି, ଚିତ୍କାର କରି କହିବି

ହେଇନି ନିଲାମ ମୋ'କୁମାରୀତ୍ୱ

ଝିଅଟିଏ, ଭଗ୍ନୀଟିଏ ମୁଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଦ୍ୟ ପ୍ରସ୍ଫୁଟିତ କଳିକା ମହକିବି ଅଗଣାରେ..

ହେବି ବହୁଟିଏ ହେବି ପୁଣି ମାଆ, ରହିବି ସବୁରି ହୃଦୟେ

ଆଶା ମୋର ଅସୁମାରୀ..

ନିଅ ନାହିଁ ତୋଳି ମୋତେ ହେ କାପୁରୁଷ !

ସଜାଅନି କାଳ କୋଠରୀରେ

ଅନ୍ଧକାରୁ ଆଲୋକ ଦେଖାଅ ମୋତେ

ଅନ୍ଧକାରୁ ଆଲୋକ ଦେଖାଅ ମୋତେ

ପାଟଣାଗଡ଼, ଜି.ବଲାଙ୍ଗିର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିନ୍ନ ଏକ ନାୟିକା



ରଶ୍ମୀରଖା ମଲ୍ଲିକ

ପ୍ରେମ ଓ ପ୍ରଣୟର ଧୂସର ଆସ୍ତରଣରେ
ନିଜର ଅସ୍ତିତ୍ୱ ନ ହଜାଇ
ବାସ୍ତବତାର ସ୍ତିମିତ ଆଲୋକର
ସୁଗମ୍ୟ ପଥ ଅନୁସନ୍ଧାନ କରୁଥିବା
ଆଉ ଏକ ବିରହୀ ପ୍ରେମିକା ସିଏ

ନିଜର ଅପ୍ରାପ୍ତ ବୟସ୍କର
ଅଚେତନୀୟ ଲଗ୍ନରେ
ଅଜଣା ଅଚିହ୍ନା ନାୟକ ପାଇଁ
ହୃଦୟର ଅନ୍ତରୀପରେ ପ୍ରେମର
ଜଉଘର ତୋଳିଥିବା
ଭିନ୍ନ ଏକ ନାୟିକା ସେ

ସମୟର ଆବର୍ତ୍ତନରେ
ଯେବେ ଭିନ୍ନ ଏକ ନାୟିକାର
ଆକସ୍ମିକ ସାକ୍ଷାତ ହୁଏ ସେଇ
ଅଜଣା ଅଚିହ୍ନା ନାୟକ ସହ

ହଠାତ୍ ଯୋଡି ହୋଇଯାଏ
ଆଉ ଏକ ନୂଆ ସମ୍ପର୍କ
ଭିନ୍ନ ଏକ ନାୟିକା ନା ଭୁଲିପାରେ
ଅଚିହ୍ନା ନାୟକ କୁ ନେଇ
ଦେଖିଥିବା ସେଇ ପୁରୁଣା ସ୍ୱପ୍ନର ଝଲକକୁ
ଅବା ଆପଣାଇ ପାରେ
ସେଇ ନୂତନ ସମ୍ପର୍କ ର ଡୋରକୁ ।।

ଶ୍ରୀଜଙ୍ଗ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବସନ୍ତର ଆଗମନ



ଡମ୍ବରୁଧର ଦାଶ

ହୃଦୟ କନ୍ଦରେ ପାରିଜାତ ଆଜି
 ହୋଇଲାକି ପ୍ରସ୍ଫୁଟିତ
ମୃଦୁ ମଳୟର ପ୍ରୀତି ଛୁଆଁ ପାଇ
 ହୋଇଯାଏ ବିମୋହିତ ।।୧।।

ପୁଲକିତ ହୁଏ ପରାଣ ମୋହର
 ଦେହେ ଖେଳେ ଶିହରଣ
ନୟନେ ଦେଖିଣ ପ୍ରକୃତି ରାଣୀର
 ଅପରୂପ ଯଉବନ ।।୨।।

ଚଉଦିଗ ଆଜି ମହକି ଉଠୁଛି
 ଆମ୍ବ ବଉଳର ବାସ
କୋକିଳ ଗାଉଛି ପଞ୍ଚମ ତାନରେ
 ଝୁମି ଉଠେ ଦଶଦିଶ ।।୩।।

ମନ ପକ୍ଷୀ ଆଜି ଉଡ଼ଇ ଆନନ୍ଦେ
 ପ୍ରେମ ରଙ୍ଗ ବୋଳି ଦେହେ
ମଦନ ଶରରେ ଶରୀର କାତର
 ସାଥିଟିଏ ଖୋଜୁଥାଏ ।।୪।।

ପ୍ରୀତି ମଧୁ ଆଶେ ରଜନୀ ଦିବସେ
 ଖୋଜୁଥାଏ ଗୋଟେ ମିତ
ସାତସୁର ଯୋଡ଼ି ମିତ ପାଇଁ ଆଜି
 ଗାଉଅଛି ପ୍ରେମେ ଗୀତ ।।୫।।

ଫଗୁଣ ଦେହରେ ଫଗୁ ରଙ୍ଗ ବୋଳି
 ପ୍ରେମ ଋତୁ ଆସିଯାଏ
ଜାତି ଜାତି ଫୁଲେ ସଜାଇ ଧରାକୁ
 ଉନ୍ମାଦନା ଭରିଦିଏ ।।୬।।

ନୂଆ ନୂଆ ଆଶା ମନେ ବାନ୍ଧେ ବସା
 ଦେଖେ ମିଠା ମିଠା ସ୍ୱପ୍ନ
ଧରଣୀ ମାଆର କୋଳେ ଋତୁରାଜ
 ବସନ୍ତର ଆଗମନ ।।୭।।

କୁଣ୍ଡାପିଠା, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା, ସେ ପରା ମୋ ମା



ରୋହିତ ପଟ୍ଟନାୟକ

ସୁନ୍ଦର ଥିଲା ତା ଘର କରଣା
ଜନ୍ମ ଦେଲା ଆଦର କଲା
ଭାଗ୍ୟ ଲିଖି ଜାଣେନା
ସୂକ୍ଷ୍ମ ତନ୍ତ୍ରରେ ଘୋଡେଇ ରଖିଲା
ବକ୍ଷ ଦାନରେ ରକ୍ତ କଣିକା ଶୁଖିଲା
ସେ ପରା ମୋ ମା -----

ନ ମାସ ଧରି କଷ୍ଟ ଯେ ସହିଲା
ଜନ୍ମ ଦେଇ ପୁଣି କଷ୍ଟ ଭୋଗିଲା
ନ ଖାଇ ସେ ଅସହାୟ ଯୋଚିଲା
ଫଳ ଖାଇବା ସ୍ୱପ୍ନ ଦେଖିଲା
ଜନ୍ମିତ ପୁଅ ଯେ ଧଙ୍ଗଡା ହେଲା

ଉଚ୍ଚ ଶିକ୍ଷିତରେ ନାମ ପାଇଲା
ବକ୍ଷ ପାନରେ ଯଶସ୍ୱୀ ହେଲା
ମା'ର ନ ହୋଇ ସ୍ତ୍ରୀର ହେଲା
ପୁଅର ଉତ୍ତରରେ ମା ମୁଣ୍ଡ ନୁଆଇଲା
ମା ତୁ ପରା ମୋର ମା
ସବୁ ସହିବୁ ଲୋ ତୁ କରିବୁ କାହିଁ ଗେଲ
ସ୍ତ୍ରୀ ଝାଡୁରେ ମୋ ପିଞ୍ଜରା ଖୋସିଲା
ଜୀବନ ମୋର ତୋ ଆତ୍ମାରୁ ଖସିଗଲା
ତୁ ପରା ମୋ ମା ଲୋ ତୁ ପରା ମୋ ମା

ଭବାନୀପାଟଣା, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଈଶ୍ୱର



ଶାରଦା ପ୍ରସାଦ
ପରିଡ଼ା

ପଣ ପଣ ଈଶ୍ୱର  !
ଈଶ୍ୱରମାନଙ୍କ ସମାବିଷ୍ଟ ଏ ସହର
ଭକ୍ତେ ଜାଣନ୍ତି  !
କେଉଁ ଈଶ୍ୱରଙ୍କ କେଉଁ ଭୋଗ  ।

ଈଶ୍ୱରଙ୍କ ଉପର ତଳ
ସବୁ ଈଶ୍ୱର
ଈଶ୍ୱର ଙ୍କ ଦ୍ୱାରୀ, ଚର
ଏଠି କେବଳ ଈଶ୍ୱର ମାନେ ରୁହନ୍ତ
ମୂଢ଼, ସଭିଙ୍କୁ ଆହୁତି ଦେବା କୁ ହୁଏ ।

ତଥାପି ଈଶ୍ୱର ଅସନ୍ତୁଷ୍ଟ
ଯଜ୍ଞ ର ସିଂହ ଭାଗ ବଡ଼ ଈଶ୍ୱର ଙ୍କ
ସାନ ଈଶ୍ୱର ଖୁବ ଜାଣନ୍ତି ଏ କଥା
ସେ ବି ଦିନେ ବଡ଼ ହେବେ
ତେଣୁ ମନ ଊଣା ନାହିଁ ।

ଯଥାରୀତି ଧଂ ସଂ ଧାଉଁଥାନ୍ତି ଭକ୍ତେ
ସେ ଈଶ୍ୱରଙ୍କ ଠିକଣାକୁ
କିଛି ଦେବେ କିଛି ନେବେ ! !

ହେଲେ ସବୁକିଛି ଦେବାପରେ
ଈଶ୍ୱର ରାଗନ୍ତି  !
ଏଇଟା ସ୍ୱଭାବ
ସୂଚନା
ଆଉ କିଛି ଭୋଗ ଦିଅ
ସାନ ଈଶ୍ୱର ମଧ୍ୟସ୍ଥି
ନିଅନ୍ତି, ରଖନ୍ତି, ଯାଚନ୍ତି  ! ! !

ଭକ୍ତେ ଯଦିଚ ସବୁ ଜାଣେ
କିଙ୍କର୍ତ୍ତବ୍ୟ ବିମୁଢ଼
କାନ ଆଉଁସିବା ବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାନ ଇଶ୍ୱର ତୁଣ୍ଡ ସାଜନ୍ତି !

ମୂଢ଼
ଈଶ୍ୱର କୋପରୁ କଣ ତ୍ରାହି ଅଛି ?
ସେମାନେ ରାଗିବେ
ଭୋଗିବେ
ତତେ, ମତେ,
ଭୋଗ ଚେକିବାକୁ ହେବ
ଏବେ ଯାହା ପାଇବୁ
ତାହା ବର

ସାନ ଇଶ୍ୱର ଆଉ କିଛି ନିଅନ୍ତିନି
ଖୁବ ସଚ୍ଚୋଟ
ହେଲେ ତଳ ହସ୍ତ ଖୋଲା
ବଡ଼ କଥାଟାଏ କଲେ ବୋଲି
ସାବାସୀ ଖୋଜନ୍ତି
ଏବେ ଭକ୍ତେ ତୁମେ
ଖୁସିରେ ଯାହା ଦେବ ଦିଅ
ସିଏ ଭୋଗ ନୁହଁ ଚଣ୍ଡ !!!

ଭକ୍ତ ଖୁସି ହୁଏ !!
କେଡେ କଥାଟାଏ ହେଲା !!
ମିଛରେ ଲୋକ କୁହନ୍ତି
ଈଶ୍ୱରଙ୍କୁ ଭୋଗ ଦେବାକୁ ହୁଏ
ମିଛ ଟୁପୁରୁ ଟାପୁରୁ

ପୂର୍ବବତ
ସେମିତି ଖୋଲାଥାଏ
ଈଶ୍ୱରଙ୍କ ଦ୍ୱାର
ଦ୍ୱାରୀ, ଚର, ବଡ଼ ସାନ
ଭକ୍ତ ଠିକଣା ଖୋଜି ଖୋଜି
ଆପେ ଆପେ ଧା'ନ୍ତି
ସେ ପଚାରକ୍ତ ମାଂସ ଧାରୀ
ଈଶ୍ୱରଙ୍କ ଛାମୁକୁ !!!!

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପେଚା ପିଠିରେ ଦୁଃଖ



ଯୀଶୁକ୍ରୀଷ୍ଟ ଦାସ

ନିଜକୁ ପେଚା କରି
କେବେ ତ ଥରେ ଭାବିଛି
ମୋ ପାଇଁ ଦିନ କଣ, ରାତି କଣ ?
-ଦେଖି ପାରିଲେ ଅନ୍ଧାର,
ସିଏ ରାତି ।
ନ ଦେଖି ପାରିଲେ ବି ଅନ୍ଧାର,
ସିଏ ମୋ ଅସହାୟତା ।

ଅନ୍ଧାର ଦେଖିଲେ
ଆପେ ଆପେ ନୀରବି ଯିବାର ଠାଣି
କାହିଁ କେବେଠାରୁ ବଞ୍ଚିଆସିଛି ମୋ ପିଠିରେ ।
ବହୁ ଆଗରୁ ମୁଁ ନିଜକୁ
ନେଇ ଠିଆ କରେଇଛି
ରାତ୍ରି ଅନ୍ଧକାରେ,
ସେଇ ଗଛ ମୂଳେ
ଯେଉଁଠି କେବେ ପେଚା ଦଳେ
କାହାଣୀ ଲେଖୁଥିଲେ ବିକ୍ରମ ବେତାଳର,
ଆଉ ଜୀବନକୁ ପ୍ରହେଳୀ କରି
ପ୍ରଶ୍ନ ପଚାରୁଥିଲେ,
"କହ ରାଜନ୍, କେଉଁ ବାଟେ ଗଲେ
ଦୁଃଖ ସରିବ ?"

ସେ ରାତି ସେମିତି ବ୍ୟସ୍ତ ରହୁ ରତିଶଯ୍ୟାରେ
ଅନ୍ଧାର ବି ଚହଲା ମାରୁ ମୁଗ ବାଡ଼ିରେ,
ମୋତେ କିନ୍ତୁ ଡେଇଁ ଯିବାର ଅଛି
ସକଳ ଯାତନାର ବଣ ଜଙ୍ଗଲ ।
ମୁଁ ଆଉ ସହି ପାରୁନି ଦୁଃଖ ।

ହେ ରାଜନ୍, ସୁଖ କଣ ସତରେ
ପାହାଡ଼ିଆ ଅପନ୍ତରା ରାସ୍ତା,
ଆଉ ଅପହଞ୍ଚ ଠିକଣା ?
ମାତ୍ର ଦୁଃଖ ତ ସଳଖ ରଶ୍ମି ରେଖା ।
ଏଇ ଏବେ ସରିବ ସରିବ କହି ଅପେକ୍ଷା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଅଁପେ ।

ବେଳକୁ ବେଳ ଅପେକ୍ଷା ବି
ବୟସ୍କ ହେଇ ଭାଗ୍ୟ ଡାଳରେ ଓହଳି ରହେ
ଓଲଟା ବାଦୁଡ଼ିଟିଏ ହେଇ ।

ରାଜନ୍, ସତରେ କଣ
କାମନାର ବିନାଶରେ ଦୁଃଖର ବିନାଶ ?
ହେଲେ
କାହିଁ ଏଠି ଆହତ ହଂସ ?
ଧମ୍ମଚକ୍ର ପ୍ରବର୍ତ୍ତନର ପୀଠ ?
କିମ୍ବା ବିରାଟ ବରଗଛ ?

କିଏ ଶୁଣେଇବ ଗୌତମକୁ ବୁଦ୍ଧ ହେବାର ମନ୍ତ୍ର ?
ଏଇ ପେଚା ଦଳ ?
ସେଇମାନଙ୍କ ପାଇଁ ତ
ଜୀବନ କାହାଣୀ ହେଇ
ଦୁଃଖକୁ ବେତାଳ କରି ପିଠିରେ ବୋହିଛି ।

୯୬୬୮୫୯୭୫୪୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଚ୍ଛେଦ



ଅଜୟ କୁମାର
ବେହେରା

ନିରଳାରେ ବସି     ଗପୁଥିଲୁ କେତେ
ଭାବିଲୁ ନାହିଁ ତୁ ଥରେ
ପଡ଼ି ଗଲୁ ବୋଧେ     କାହା ପ୍ରେମେ ତୁହି
ଦୁଃଖୀ ମୁହିଁ ରାସ୍ତା ଧାରେ ।୧ ।

ଭଲ ଲାଗୁଥିଲା     ଚାଲୁ ଥିଲୁ ସାଥେ
ପାଣି କି ପଥର ଡେଇଁ
ଭାବୁଥିଲି ଏକା     ତୋପରି ପ୍ରେମିକା
କୋଉଠି ପାଇବି କାହିଁ ।୨ ।

ତୋ ବିଚ୍ଛେଦ ଆଜି     ଦେଇଗଲା ଦୁଃଖ
କାହାକୁ କହିବି ମୁହିଁ
ଆଖି ଲୁହ ଆଜି     ଆଖିରେ ମରୁଛି
ତୋ ବାଟକୁ ଚାହିଁ ଚାହିଁ ।୩ ।

ତୁ ଥିଲୁ ଜୀବନ     ତୋବିନା ହୃଦୟ
ଯାଇଛି ପଥର ହୋଇ
ଯେତେ ବୁଝେଇଲେ     ମନ ମୋ ବୁଝୁନି
ନିରବୀ ଯାଇଛି ମୁହିଁ ।୪ ।

ଏକା ଏକା ଲାଗେ     ଜୀବନ ମୋହର
ଶୁଷ୍କ ତୃଣଟିଏ ପରି
ସତ ମୁଁ କହୁଛି     ତୋବିନା ଲୋ ପ୍ରିୟା
ଆପେ ଆପେ ଯିବି ମରି ।୫ ।

ମୋରଡ଼ା, ମୟୂରଭଞ୍ଜ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାୟାକର ଭଗ୍ନସ୍ତୁପ



ଲକ୍ଷ୍ମଣ ମହାନ୍ତି

ବ୍ୟଗ୍ରେ ଭଗ୍ନସ୍ତୁପ ଅନ୍ତରୀକ୍ଷେ ଚାହିଁ
ହେଜଇ ଅତୀତ ସ୍ମୃତି
ଅକଳିତ ଶୋଭା ଅପୂର୍ବ ଗାରିମା
ଥିଲା ତା'ର ଦିବ୍ୟ ଭୁତି ।।
ପ୍ରାଚୀ ତଟୁ ଭାନୁ-କର ବିଚ୍ଛୁରିତେ
ଥିଲା ତନୁ ହେମବର୍ଣ୍ଣ
ସେ ଦୃଶ୍ୟେ ପଥିକ ଆକର୍ଷିତ ପ୍ରାୟ
ବାଚ୍ୟଯୋଗ୍ୟ ହେଲା ସ୍ଥାନ ।।
ଗର୍ବ-ଗ୍ରାସେ ସ୍ତୁପ ମଦମତ୍ତେ ରହି
ଚିନ୍ତନ କଲା ବିକୃତ
ବସୁନ୍ଧରା ତଳେ କେହି ନୁହଁ ଶ୍ରେୟ
ସ୍ତୁପ ମୁହିଁ ସର୍ବଶ୍ରେଷ୍ଠ ।।
ସମୟ ପ୍ରବାହେ ଖେଦମେଳେ କାଳେ
ନିସତ ହୋଇଲା ସ୍ତୁପ
କଳେବର କାନ୍ତି ଜୀର୍ଣ୍ଣ ହୋଇ ଆଜି
ସାଜିଅଛି ଭଗ୍ନସ୍ତୁପ ।।
ତେଣୁ ଭଗ୍ନସ୍ତୁପ କରେ ଉପରୋଧ
ଦେବ-ପ୍ରାଣୀ ଦିଅ ଦୃଷ୍ଟି
ତୁଚ୍ଛ ମୂଲ୍ୟହୀନ ଏ' ଭବ ସଂସାର
ଅଭିଷ୍ଟ ହିଁ ସତ୍ୟ ଏଠି ।।
ଗର୍ବ-ଅହଂକାର ବଶବର୍ତ୍ତୀ ହୋଇ
ମାନବ କରୁ ଗୁମାନ
ଅଳ୍ପସ୍ଥାୟୀ ପ୍ରାୟ ଶକ୍ୟ, ସୁଷମାଦି
ମଶାଣି ଭସ୍ମ ସମାନ ।।
ଭିଆଇ ରଖିଛୁ ଯେତେ ଯଶ-କୀର୍ତ୍ତି
କ୍ଷଣକେ ନାଶ ସେ ଯିବ
ବୈଶ୍ୱାନର କୋଳେ ସ୍ମସାନ ଭୂଇଁରେ
ତୋ' ଦୀପ ଲୀନ ହୋଇବ ।।
ସର୍ବଶ୍ରେଷ୍ଠ ପ୍ରାଣୀ ମାନବ ତୁହିରେ
ହୃଦୟ ଦୟା ସାଗର
ସତ୍ୟ ପଥେ ରହି ଧରଣୀ ବୁକୁରେ
କର ତୁ ପୂର୍ଣ୍ଣ ସଂସାର ।।

ସୌରିପାଲୀ, ଖଟଖଟିଆ, ବୌଦ୍ଧ, ୭୬୨୦୩୦
ଭ୍ରାମ୍ୟଭାଷ : ୬୩୭୨୯୪୫୦୮୩୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିହାତି ଅନ୍ତରଙ୍ଗ



ସତ୍ୟବ୍ରତ ସାହୁ

ସେମାନେ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ
ଗୋଟିଏ ତରୁର ଦୁଇଟି ବୀଜପତ୍ର ।
ଜଣକୁ ମୁଁ ଆପଣାର ଭାବିଲି, ଖୁବ ଆପଣାର
ନିବିଡ଼ ଭାବରେ ଭଲପାଇଲି ତାକୁ
ଚାହିଁଲିନି ହାତଛଡା କରିବାକୁ ମୁହୂର୍ତ୍ତେଟେ ।
ଅଥଚ..ଅବିଶ୍ୱାସୀ, ଅହଂକାରୀ ଭାବି ସେ ଦୂରେଇ
ଗଲା ମୋ' ଠାରୁ
ତାକୁ ହରାଇ ଭାଙ୍ଗି ପଡ଼ିଲି ମୁଁ ।
ଆଉ ଜଣକୁ ଖୁବ ଘୃଣା କଲି
ତାକୁ ଦୂରେଇ ଦେବାକୁ ଚାହିଁଲି ମୋ' ସୀମାରେଖାରୁ
ମୁହଁ ବୁଲେଇ ନେଲି ତା' ଠାରୁ
ଅଥଚ..ସେ ମୋତେ ନଛାଡିବା ପାଇଁ ଯିଦ୍ ଧରିଲା
ମୋ' ସହଚର ହେବା ପାଇଁ ସେ ଯେପରି ଥିଲା
ଦୃଢ଼ ପ୍ରତିଜ୍ଞ ।
ତାପରେ.. ମୋର ଜ୍ଞାନ ଉଦୟ ହେଲା
ମୁଁ ଦୁହିଁଙ୍କୁ କରିନେଲି ଆପଣାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏବେ କାହାକୁ ରଖିବାର ବା ହରାଇବାର ଚିନ୍ତାରୁ ମୁଁ ମୁକ୍ତ

କେହିବି ଡରାଇ ପାରୁନି ମୋତେ

ମୁଁ ଆଜି ଆଶ୍ୱସ୍ତ

ଏବେ ସେ ଦୁହେଁ ମୋର ନିହାତି ଅନ୍ତରଙ୍ଗ

ଜଣେ 'ସୁଖ' ଆଉଜଣେ 'ଦୁଃଖ' ।

ପଲ୍ଲୀସାହି, କମାଳପୁର

ଅହିୟାସ, ଯାଜପୁର-୭୫୫୦୩୬

ମୋ: ୯୩୩୮୧୬୫୬୧୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଷୀ



ବ୍ରହ୍ମର୍ଷି ନାଏକ
ଯାଦବ (ଲୁଲୁ)

ମଣ୍ଡିରେ ପଡ଼ି ରହିଛି ଧାନ
କାନ୍ଦୁଛି ଆଜି ଏହି ମାଟିର ଚାଷୀ
ଦିନରାତି ଧାନକୁ ଜଗି ରହିଛି
ତା' ମନରେ ଟିକିଏ ବି ନାହିଁ ଖୁସି ।୧

ଶୁଣିଥିଲି, 'ଚାଷ କାମ ଯାହାର
କି ଆନନ୍ଦ ତାହାର'
ଦେଖୁଛି କିନ୍ତୁ ପୁରା ଓଲଟା
ଏଠି ଚାଷୀ ଖାଉଛି ଜହର ।୨

ସାରା ଦୁନିଆକୁ ଖାଦ୍ୟ ଯୋଗାଏ
ସେ ଯେ ଆମ ଅନ୍ନଦାତା
ତା'ପାଇଁ ଶସ୍ୟ ଶ୍ୟାମଳା
ହୁଏ ଆମରି ବସୁଧା ମାତା ।୩

ଖରା ବର୍ଷା ଶୀତ ସହେ
ଦେଶ ଗଠନରେ କରେ ଅବଦାନ
ତାକୁ ମିଳିବା କଥା ସମ୍ମାନ
ତା'ର ମଧ୍ୟ ଅଛି ସ୍ୱାଭିମାନ ।୪

କୃଷକ ସମାଜର ହିତ ସକାଶେ
ଜନମାନସ ଦିଅନ୍ତୁ ଦୃଷ୍ଟି
ନଚେତ ଖାଦ୍ୟ ଅଭାବେ ଦିନେ
ହାହାକାର ହେବ ସୃଷ୍ଟି ।୫

ମେଦିନୀପୁର, ଭବାନୀପାଟଣା, କଳାହାଣ୍ଡି
ଭ୍ରାମ୍ୟଭାଷ : ୯୩୪୮୩୦୧୩୪୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାଗ୍ୟ ହାତେ ଡୋରି



ନିରଞ୍ଜନ ସାହୁ

ମଣିଷ ତ ଯଦି ଭାଗ୍ୟ ହାତେ ବନ୍ଧା
କି କରମ ସିଏ କରିବ
ଭାଗ୍ୟବାଦୀ ହୋଇ ବଞ୍ଚିବ କେବଳ
ନ ହେଲେ ନିଶ୍ଚୟ ମରିବ ।୧

କର୍ମମୟ ଏହି ଜଗତେ ମଣିଷ
ସର୍ବଦା କର୍ମରେ ରତ
କର୍ମବାଦୀ ହୋଇ କର୍ମ କରିଚାଲେ
ଏକଥା ନିଶ୍ଚୟ ସତ । ୨

ତଥାପି କେମିତି ଫଳ ମିଳେନାହିଁ
ଯନ୍ତ୍ରଣା କାହିଁକି ବରିବ ?
ଦଇବ ଦଉଡ଼ି ଧରିକି ନଚାଏ
ମଣିଷ ନାଚଇ ଏଠି

ତାହେଲେ ବୁଝିବା ସମୟ ଦୁଆରେ
ମଣିଷ ଖଟଇ ବେଠି
ପରିଶ୍ରମ ଫଳ ହୋଇଲେ ନିଷ୍ଫଳ
କିଏ ସେ କ୍ଷତିକୁ ଭରିବ ?

ନିହଲପ୍ରସାଦ, ଗନ୍ଧିଆପାଟଣା, ଢେଙ୍କାନାଳ
୭୫୯୦୧୬, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୮୭୪୨୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଥମ ପ୍ରେମ



ଦେବାଶିଷ ମହାପାତ୍ର

Rose day ରେ ଦେଲି ମୁଁ ଗୋଲାପ
ତା ପରଦିନ ଡରି କରିଲି Propose,
Chocolate dayରେ ମନେଇଲି ତାକୁ
ସଫଳ ହେଲା ମୋ ପ୍ରେମର Purpose I -୧

Teddy day ରେ ଦେଲି  ଟେଡି ଗୋଟେ
କହିଲା ମୋତେ ସେ ତମ ପେଟ ନା ପେଡ଼ି,
ତୁରନ୍ତ କହିଲି  moody ହୁଅ ନା ପ୍ରୀୟେ
ଖାନଦାନି ପେଟେ ମୋର natural teddy  I-୨

ଚିନ୍ତାରେ ରହିଲି ଏବେ କରିବି କଅଣ
କଣ ବୋଲି କହି ମୁଁ କରିବି promise ,
Hug Dayରେ ଧରି ବାହୁ ବନ୍ଧନରେ
Kiss dayରେ କଲି compromise   I-୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାତ ଛାଡ଼ିଦେଇ କହିଲେ ସେ ମୋତେ
ଏତେ ବ୍ୟସ୍ତ କିଆଁ ତୁମେ ପ୍ରେମିକ ପ୍ରବର
Valentine's Day ଦିନ କଥା ଦିଅ ତୁମେ
ବାହାଘର କେବେହେବ ଦୁଇଜଣଙ୍କର ।-୪

ବାହାଘର କଥା ଶ୍ୁଣି ଘୁରିଗଲା ମଥା
ଢାଳେ ପାଣି ପିଇ ଭାବେ ସରିଲା ମୋ କଥା,
କହିଲି ମୁଁ ବ୍ୟସ୍ତ ଜମା ହୁଅ ନାହିଁ ପ୍ରୀୟେ
ଆସନ୍ତା valentine dayରେ କରିବା ବ୍ୟବସ୍ଥା ।-୫

ଏତିକି କହିଦେଇ ମୁଁ ଫେରିଲି ଘରକୁ
ଭାଗ୍ୟ ଖରାପ ଯେଣୁ ପୁଣି ଫସିଗଲି,
ଘରେ ପଚାରିଲେ କଣ କରୁଥିଲୁ କହ
ସାର୍ଟରେ ତୋର ଯେ ଲାଗିଛି ଟିକିଲି । -୬

ପ୍ରୀୟାର ଟିକିଲି ଲାଗିଛି ସାର୍ଟରେ
Hug Day ପାଳନ ଦିନ
ଲିପଷ୍ଟିକ୍ ଲାଗିଛି ଓଠରେ ମୋହର
Kiss day ପାଳନ ଦିନ । -୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କହିଲି ମୁଁ ଘରେ ନଡରି ଅଚିରେ
ଟିକିଲି ନାହିଁ ଏ ତ indicator salt,
Chemistry Labରେ ଲାଗିଛି ଏଇଟା
ଏହାହିଁ ତ ଅଟେ ମୋ final  result -୮

ଏତିକି କହି ମୁଁ ଲୁଚାଏ କଥାକୁ
ପୁଣି ଦିଶିଲା ଚିହ୍ନ ଲିପ୍ ଷ୍ଟିକ୍ ର ,
ବୁଝାଇ କହିଲି ଏଇଟା ହେଉଛି
ଟୋମାଟୋ ସଅସ ଚାଉମିନ୍ ର  । -୯

ଏତିକି କହି ମୁଁ ଉଠିଲି ସେଇଠୁ
ଭୁଲିଗଲି ପୁରା valentine ପ୍ରେମ
ଡାଏରୀ ପୃଷ୍ଠାରେ କିନ୍ତୁ ପ୍ରୀୟାର ଟିକିଲି
ରଖିଛି ସାଇତି କରି ଫଟୋ ଫ୍ରେମ  । -୧୦

ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଭ୍ରାମ୍ୟଭାଷ : ୭୯୭୮୬୭୬୨୨୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିରହୀ ଶ୍ରାବଣୀ



ପ୍ରହ୍ଲାଦ ସାହୁ

ଶ୍ରାବଣୀ ଗୋ.....

ତୁମେ ଦୂରେନାହଁ କି – ପାଶେନାହଁ, ଅଛ ମୋ ମନ ମନ୍ଦିରେ
ମୁଁ ଭୁଲିନାହିଁ କି – ଭୁଲେନାହିଁ, ଅଛି ସଦା ତୁମ ହୃଦୟରେ ।।୧।।
ସଞ୍ଜ ନଇଁଆସୁଥିବ ତୁମ ଓଢଣୀ ତଳୁ ଅନାୟାସରେ
ଯେବେ ପ୍ରଣତୀ ବାଢୁଥିବ ଆମରି ସୁଖ କାମନାରେ ।।୨।।
ଦେଖିହୁଏନାହିଁ କି ଦେଖେଇହୁଏନା,
ଏ ମନ ତଳର ଗହନ ବେଦନା
କହିପାରୁନାହିଁ କି ସହିପାରୁନାହିଁ,
ପୁଲକିତ ହୁଏ ହୃଦୟ ମୁର୍ଚ୍ଛନା ।।୩।।
ବିରହୀ ନାଇକା ମୋ ଦେଖୁଥିବ ସ୍ୱପ୍ନ,
ଏକା ଏକା ଶୀକ୍ତ-ତକ୍ତପୋଇ ସାଥେ
ଅନ୍ଧାର-ଆଲୋକର ନଥିବ ପ୍ରଭେଦ,
ଯେବେ କାନ୍ଦୁଥିବ ଏକାବସି ନିରବେ।।୪।।
ସେ'ପୁରେ ଝରୁଛି ଟୋପାଟୋପା ଲୋତକ,
ଶ୍ରାବଣୀର ପିୟାସୀ ହୃଦୟ ଫାଟି
ଏ'ପୁରେ ଦେଖୁଛି ମୁଁ ଲୁହଧାରେ ତୁମକୁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବିନ୍ୟସ୍ତ କେଶ ତୁମ ଯାଇଛି ଫିଟି ।।୫।।

କେଶ-ବାସ କଥା ବୁଝୁଛି କିଏ,

ବିରହ ବେଦନାରେ ସବୁଲାଗଇ ବିଶ

ବେଳଉଣ୍ଡି ଭାଳୁଥିବ ତୁମେ ବସି,

ଏ ବିରହ ଯନ୍ତ୍ରଣା କେବେ ହେବ ଶେଷ ।।୬।।

ଯାହାଲାଗି ଆଜି ଏ ଦୁଃଖ ଯନ୍ତ୍ରଣା,

ସିଏତ ବଢୁଛି ତୁମରି ଗରଭେ

ତା'ଲାଗି ତୁମେ ସଜାଗ ରୁହ ପ୍ରୀୟା ,

ସେଆସିଲେ ସବୁନାଚିବେ ଗରବେ ।।୭।।

ରାତି ପାହିଲାଣି କାଉ ରାବିଲାଣି,

ବାକି ଯାହା ଖାଲି ମିଳନର ସୁଖ

ଦିନ ସରିଯାଏ ସ୍ମୃତି ରହିଯାଏ,

ଖୁସିରେ ନାଚିବୁ ଦେଖିଲେ ପୁତ୍ର ମୁଖ ।।୮।।

କେହି ନଶୁଣନ୍ତୁ କେହି ନଜାଣନ୍ତୁ ଏହି ଶୁଭ ଇଛା

ପରଂବ୍ରହ୍ମ ପରମେଶ୍ୱର ଜାଣିଛନ୍ତି ବସି ଏକା ଏକା ।।୯।।

ଶୀତବାସ ଖଣ୍ଡେ ଦେହପରେ ନେଇ କରିବ ଶୟନ

ସେହି ସ୍ମୃତି କମ୍ବଳ ମୋ ପରି ସଦା ରଖିବ ତୁମ ଧ୍ୟାନ ।।୧୦।।

ଚିଫ୍ ଏଡିଟର, ଆକାଶ ଇନଷ୍ଟିଟ୍ୟୁଟ୍, ନୂଆଦିଲ୍ଲୀ

ଫୋନ୍ – ୮୧୭୮୬୪୪୨୭୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମଦୁଆ କାହାଣୀ



ଅର୍ଜୁନ ଦାସ

ନାଲିପାଣୀ ଟିକେ ତୁଣ୍ଡରେ ବାଜିଲେ
ଭୁଲେ ସେ ସାରା ଦୁନିଆ
ଦିନରେ ପୁଣି ସେ ଦେଖେଇ ଦିଅଇ
କେତେ ଜହ୍ନତାରା ମାନିଆ ।
ଠିକଣା ଟା ତାର ନିର୍ଦ୍ଧିଷ୍ଟ ନୁହଇଁ
କେତେବେଳେ ନର୍ଦ୍ଦମାରେ
କେତେବେଳେ ପୁଣି କୁକୁର ସାଥିରେ
ପଡିଥାଏ ମଝି ରାସ୍ତାରେ ।
ଭାବୁଥାଏ ମୁହିଁ ରଜା ଏ ଦେଶର
ସଭିଏଁ ମୋହର ପ୍ରଜା
ମୋ କଥା ଟିକିଏ ନ ଶୁଣିଲେ କେହି
ବଜେଇ ଦେବି ମୁଁ ବାଜା ।
ଫୁଟାଣି କଥାକୁ ଗପ ମାରୁଥାଏ
ମୁଣ୍ଡରେ ମାରିକି ପାନିଆ
ଗୋଡ଼ ପଡୁଥାଏ ଏପଟ ସେପଟ
ପାରୁନାହିଁ ହୋଇ ସେ ଠିଆ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସହୀଦର ଶେଷ କଥା



ଲିଟୁ ନାୟକ

ଘରର ଘରଣୀ ପ୍ରାଣ ପ୍ରିୟା ମୋର
ଫେରିବି ନାହିଁ ଲୋ ଆଉ
ଏ ପ୍ରେମ ଦିବସ କଳା ବାଦଲ ଲୋ
ରଚିଲା ଦୁଃଖ ର ଢେଉ
ଗର୍ଭ ଧାରୀ ମା ତୋ ସନ୍ତାନ ଆଜି
ଶୋଇଲା ମୃତ୍ୟୁର ନିଦ
ଭାରତ ମାତାର ସେବା ପାଇଁ ପୁଅ
ହୋଇଗଲା ଲୋ ସହିଦ
ବାପା ଦିନେ ଜନ୍ମ ଦେଇଥିଲ ମୋତେ
ମୁଖାଗ୍ନି ପାଇବା ପାଇଁ
ଆଜି ମୋ ମୁହଁରେ ଦେବ ଟିକେ ନିଆଁ
ଜଳିଯିବ ମୋର ଜୁଇ

ଭାରତ ମାତାର କୋଳେ ହେଲି ଲୀନ
ଯଶ ରଖି କାଳ କାଳ
ଗୋଟିଏ ମାର କୋଳ ଖାଲି କରି
ଆଦରିଲି ମାଟି କୋଳ
ଭାରତ ମୋ ଦେଶ ରହୁ ତାର ଟେକ
ତ୍ରିରଙ୍ଗା ଝଣ୍ଡା ଝଲସୁ
ବିଶ୍ରାମ ନେଲି  ମୁଁ ତ୍ରିରଙ୍ଗାର ତଳେ
ଏ ଦେହ ମାଟିରେ ମିଶୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନର ସତ୍ୟ



ଅମୀୟ କୁମାର ପଧାନ

ସୌର ଜଗତରେ ଆପଣା ପଥରେ ଘୂରିବୁଲୁଥାଏ ଗ୍ରହ
ଏ ମହିକୀ ଅବା ଛାଡିକି ପାରିବ ଆପଣାର ସେହି ମୋହ ।
ମୋହ ନୁହେଁ ତାହା ଧରାର ଚକ୍ଷୁରେ ଅଟେ ତାର କାର୍ଯ୍ୟବହ
ଏଣୁ ଏ ଅବନୀ ନୀତି ଘୂରିବୁଲେ ହୋଇ ଈଶ ଆଜ୍ଞା ବହ ।
କାଳର ଗତିରେ ଆପଣା ପଥରେ ସର୍ବେ ଯାନ୍ତି ଅହରହ
ଏ ନର କି ଅବା ତହୁଁ ଟଳିଯିବ ଛାଡି ତାର ମାୟା ମୋହ ।
ଧରାର ବକ୍ଷରେ ମୁକ୍ତ ଗଗନରେ ଉଡି ବୁଲେ ଯେ ବିହଗ
ଏଣୁ ତ ସେ କେବେ ନିଜକୁ କରିନି ସରଗର ଇନ୍ଦ୍ରଦେବ ।
ଆତ୍ମାର ସଞ୍ଚାର ସର୍ବ ଘଟଠାରେ ରହିଥିବା ଯାଏ ଯିବ
ଏ ଦେହରୁ ଯଦି ପ୍ରାଣ ଚାଲିଯିବ ହୋଇଯିବ ସେ ନିର୍ଜୀବ ।
ସ୍ୱଳ୍ପ କାଳରେ ଅନନ୍ତ ଶାସ୍ତ୍ରରେ ଅନେକ ଜ୍ଞାନ ବିଭବ
ଯାହାକିଛି ସାର ସେ ସବୁ ଗ୍ରହଣ ଅଟେ ଯେ ମହାନୁଭାବ ।
ଚକର ସଦୃଶ ଏ ଭାଗ୍ୟର ଚକ୍ର ନୀତି ଘୂରୁଛି ଘୂରିବ
ଏଣୁ ଏ ମାନବ ସତ୍ କର୍ମ କରିବା ଅଟେ ଯେ ଶ୍ରେଷ୍ଠ ବିଭବ ।
ସ୍ୱଧର୍ମ ଆଦରି ସୁକର୍ମ କରି ଯଦି ବଞ୍ଚିବ ମାନବ
ସତ୍ୟ ସୂର୍ଯ୍ୟଚନ୍ଦ୍ର ନକ୍ଷତ୍ର ଯେ ଆଦି ଉଦୁଛନ୍ତି ଉଦୁଥୀବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଂସାରେ କରମ ଅଟଇ ସଂପଦ ଫଳରେ ନ ରହୁ ଭାବ
ଏ ବିଶ୍ୱ ବ୍ରହ୍ମାଣ୍ଡେ ସତ୍ କର୍ମ ଆଧାରେ ଫଳ ଦିଅନ୍ତି ଦଇବ ।
ଏଣୁ ହେ ମାନବ ନିତ୍ୟ ନିରନ୍ତର ସତରେ ରଖୀ ତୁ ଭାବ
ଅନ୍ତିମ କାଳରେ ମରଣର ବେଳେ ସତ୍ ହେବ ସତ୍ୟ ବିଭବ । ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପ୍ରାକ୍ତନ ଓଡିଆ ସମ୍ମାନ ଛାତ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ କ୍ଷୁଦ୍ର ଏକ ଶୁକ୍ତି



ପ୍ରଦୀପ କୁମାର
ଜିଲିକାରା

ମୁଁ କ୍ଷୁଦ୍ର ଏକ ଶୁକ୍ତି, ଫେରିଯିବାକୁ ଚାହେଁ
ମୋର ସେ ଅତଳ ଗଭୀର ସାଗର ବକ୍ଷରେ,
ନିର୍ଜନ ସାଗର ବେଲାଭୂମିରେ
ଉପଳ ସୈକତ ତଳପ ଶଯ୍ୟାରେ
କାହୁଁ କେତେ କେତେ ଶୁକ୍ତି
ଭିତରେ ମୁଁ ଗୋଟେ କ୍ଷୁଦ୍ର ଏକ ଶୁକ୍ତି
ନିଃଶେଷ ହୋଇ ଶେଷ ଶଯ୍ୟା
ଭାବି ଆଦରି ନେଇଛି ଏ ବେଳା ଭୂମିକୁ,
ହଜିଯାଇଛି ଏ ନୀର୍ଜୀବ ଶୁକ୍ତି ମାନଙ୍କ ଗହଣରେ,
ଖୋଜୁଛି ମୁଁ ମୋ ଇତିହାସକୁ
ମନେ ପଡ଼େ ସେ ସ୍ମୃତି, ମୋତି ସାଉଁଟିବାର ଆଶା
ବୟସର ଅପରାହ୍ନରେ ଢେଉର ତରଙ୍ଗେ
ଶେଷେ ମୁଁ ବେଳାଭୂମିର ଦକ୍ଷିଣାୟନରେ ସ୍ତମ୍ଭିତ,
ବିଶ୍ରାମ ନେବାର ଶେଷ ଶଯ୍ୟା ଭାବି
ଆଦରି ନେଇଛି ଏ ନିସ୍ତବ୍ଧ ତଳପ ତଳପ ଶଯ୍ୟା
ସୈକତ ବେଳାଭୂମିକୁ ନିଃସହାୟ ହୋଇଯାଇ,
ଫେରିଯିବା ପାଇଁ ମନେ କରୁଛି
ସେ ସାଗର ବକ୍ଷର ଅତଳ ଗଭୀରତାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ କି ସେ ସାଗର ପୁଣି ଥରେ ଆଦରି ନେବ
ତା କୋଳକୁ ନେଇ ମୋତେ ଆଶ୍ଳେଷ କରି
ମୋତେ ଶାନ୍ତିର ବିଶ୍ରାମ ଦେବ
ପୁଣି ମୁଁ ଆରମ୍ଭ କରି ନବୀନ ଜୀବନ
ପୁଣି ମୁଁ ମୁକ୍ତ ଭାବରେ ମୁକ୍ତା ସାଉଁଟିବି
ଆଉ ତଲ୍ଲୀନ ଉତପୁଲ୍ଲିତ ହୋଇଯିବି
ଗାଇଯିବି ମୋ ଜୀବନର ସଙ୍ଗୀତ
ଆଉ ଶେଷରେ ମୁକ୍ତାର ଶେଯରେ
ମୁଁ ଶଯ୍ୟାଶାୟୀ ହୋଇ ମୁକ୍ତା ସାଉଁଟିବାର
ସେ ଆନନ୍ଦ କୁ ଉପଭୋଗ କରିବି,
ସାଗରର ଗଭୀର କୋଳରେ ଶୋଇ
ନିଶାର୍ଦ୍ଧରେ ଦେଖି ରହିବି ପୂର୍ଣ୍ଣିମୀର
ସେ ବର୍ତ୍ତୁଳ ଇନ୍ଦୀବରକୁ, ତାର କୌମୁଦୀ ରସକୁ
ଆସ୍ୱାଦନ କରିବି ମୋ ନେତ୍ର ରୂପକ ଜିହ୍ୱାରେ,
ଆଉ ମୋତେ ନିର୍ଜନ ସୈକତ ବେଳାଭୂମିର
ଶଯ୍ୟାରେ ପଡି ରହି ଦୋସର ଭଳି ପଦାଘାତର
କଷଣ ଭୋଗିବାକୁ ପଡିବ ନାହିଁ
ମୁଁ ପୁଣି ଫେରିଯିବାକୁ ଚାହେଁ
ସେ ଅତଳ ଗଭୀର ସାଗର ବକ୍ଷରେ
ମୋର ସେ ଆଦ୍ୟ ଜନ୍ମସ୍ଥାନକୁ ।

ଗ୍ରାମ- ହାଡ଼ଶିଙ୍ଗୁଳା ପୋ- ଚାଟିକୋଣା, ଗୋଷ୍ଠୀ- ବିଷମକଟକ ଜିଲ୍ଲା- ରାୟଗଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ଭଲଲାଗେ ବୋଲି



ମଞ୍ଜୁରାଣୀ ମିଶ୍ର

ଭଲ ଲାଗେ ବେଳା ଭୂଇଁ ବାଲିଦେଉଳ
ଝାଉଁବଣର ସାହାନାଇ ଚନ୍ଦ୍ରଭାଗାରେ ସ୍ନାନ
ଭଲ ଲାଗେ ଘଞ୍ଚ ତାଳବଣ ବାଇ ଚଢେଇର ବସା
ନଈ ସେପାରି ଜହ୍ନ ସବୁ ଋତୁର ପାର୍ବଣ
ଭଲ ଲାଗେ ପଥପ୍ରାନ୍ତର ଦୃଶ୍ୟ
ସ୍ମୃତିର ସବୁଜ କ୍ଷେତ ମାପିବାକୁ ସ୍ୱପ୍ନର ବୟସ
ଜୀବନ କଡ ଲେଉଟାଏ
ସବୁ ଝାପ୍ସା ଦେଖାଯାଏ
ଛାଇ ଆଲୁଅର ଗମ୍ବୁଜ ଭିତରେ
ପାଦ ଚିପି ଚିପି ଚାଲିବାକୁ ପଡେ
ସ୍ୱପ୍ନର ଇମାରତଟା ଦିଶୁଥାଏ ଲୁଚୁଥାଏ
ହାତ ଠାରୁଥାଏ ମରୀଚିକା ପରି
ସବୁ ଥାଇ କିଛି ମିଳେ ନାହିଁ
ଖୁସିର ଚାବିକାଠିଟା ହଜିଯାଏ ପାଖରେ କେଉଁଠି
ମମତାର ମୂଲ ଆଉ ଦାନର ପ୍ରତିଦାନ
ଏଇ ତ ଜୀବନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନାମିକା ସୂତ୍ରଟିଏ ଖୋଜିବାକୁ ପଡେ

ପୃଥିବୀର ଅକ୍ଷାଂଶ ଦ୍ରାଘିମାକୁ ପରଖି ପରଖି

ଅନୁତାପ ଅନଳରେ ସିଝି ସିଝି

ଭୁଲ ନଥାଇ ବି ବିନା ଦୋଷରେ

ପ୍ରାୟଶ୍ଚିତ କରିବାକୁ ପଡେ

ତଥାପି ଜୀବନ ଭଲ ଲାଗେ

ଭୁଲି ହୋଇଯାଏ ମନକୁ ମନ ସବୁ ଦୁଃଖର ପାଣ୍ଡୁଲିପି

ଫୁଲର ସୁରଭିରେ ଭର୍ତ୍ତି ହୋଇଯାଏ

କେଉଁଠି ଥାଏ ମଳୟର ମୁର୍ଚ୍ଛନାଟେ ଛୁଇଁ ହୋଇଯାଏ

ଜୀବନ ଭଲ ଲାଗେ ବୋଲି ସକାଳ ପାହିଲେ ହାରଜିତ ପଶାପାଲି ଖେଳ

ଜୀବନର କିଛି ଅଙ୍କ ଭୁଲ ହୋଇଯାଏ

କିଛି ଅଂଶ ଛିଡି ଯାଉଥାଏ ପୁଣି ଯୋଡୁଥାଏ

କଅଁଳୁଥାଏ ପତ୍ର ପତ୍ର ହୋଇ ମନକୁ ମନ

ଜୀବନ ଭଲ ଲାଗେ ବୋଲିତ

ମହଣ ମହଣ ଦୁଃଖ ଚାପିବାକୁ ପଡେ ଛାତି ଛାତ ଭିତରେ

ଗ୍ରୀଷ୍ମରେ ବର୍ଷାରେ ଶୀତ ଭିଜା କୁହୁଡି ରାତିରେ

ଏଇତ ଜୀବନ

ପଛ କଥା ଭୁଲିଯା ସଙ୍ଗାତ

ନିଜ ଖୁସି ଟିକେ ଖୋଜିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁଃଖ ତ ଅକାତ କାତ

ଆଉ ଥରେ ଅଭିନୟ କରିବା ନିଜ ପାଖରେ

ସମ୍ଭାବନାର ପରିଧି ଭିତରେ

ଯାହା କିଛି ଅବଶିଷ୍ଟ ସଂଳାପର ସାରାଂଶ

ନିଜ ପାଖରେ ଥାଉ

ଦେଇଦେଲେ ଧରା ପଡ଼ିଯିବା

ସମୟର ବୁଲାଣି ଛକରେ

ହାଇଦ୍ରାବାଦ

୭୩୮୧୦୨୬୫୭୬୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମାନ ନୁହନ୍ତି



କୌଶିକ ସାହୁ

ସବୁ ତାରା ଗଣ ସମାନ ନୁହନ୍ତି
ନୁହନ୍ତି ସମ ଉଜ୍ଜ୍ୱଳ,
ସବୁ କଳା ମେଘେ ବରଷା ନହୁଏ
ମାଡି ଆସଇ ଅନ୍ଧାର ।ଃ।

ସବୁ ସାଗରର ନୀର ନୁହେଁ ସ୍ୱାଦ
ମେ୍‌ଟି ପାରେନାହିଁ ଶୋଷ,
ସବୁ ନଦୀ ଗର୍ଭେ ସମାନ ନୁହଇ
ବିଧାତାର କିମ୍ବା ଦୋଷ ।ଃ।

ସବୁ ମାଟି କେବେ ସମାନ ନୁହେତ
ଅଟେ ରଙ୍ଗ ବେ୍‌ରଙ୍ଗର,
ସବୁ ଶସ୍ୟ କ୍ଷେତେ ସମାନ ନ୍‌ଫଳେ
ନହୁଏ ସୁନା ଫସଲ ।ଃ।

ସବୁ ନାରୀ ଜାତି ସମାନ ନୁହନ୍ତି
ଅଛନ୍ତି ସତୀ ଅସତୀ,
ସବୁ ପୁରୁଷର ନଥାଏ ପୌରୁଷ
ଦେଇନ ପାରନ୍ତି ପ୍ରୀତି ।ଃ।

ସବୁ ରାଜାଗଣ ସମାନ ନୁହନ୍ତି
ନୁହନ୍ତି ପ୍ରଜା ବତ୍ସଳ୍,
ସବୁ ନଦୀ ଜଳ ନୁହେଁ ପବିତ୍ରତା
ପବିତ୍ରତା ଗଙ୍ଗା ଜଳ ।ଃ।

ସବୁ ଗିରିଶୃଙ୍ଗ ନୁହଇ ତ ଏକା
ରହିଅଛି ବଡ଼ ସାନ,
ସବୁ ବୃକ୍ଷଲତା ନୁହଇ ତ ଏକା
ପ୍ରକୃତି ରାଣୀ ଶୋଭନ ।ଃ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବୁ ରୋଗବ୍ୟାଧି    ସମାନ ଅଟେ କି
ଔଷଧୀ ନୁହେଁ ସାମାନ,
ସବୁ ବଇଦର    ଜଡିବୁଟି ପାଗ
ନୁହଇ ସମ୍ ନିଦାନ ।ା।

ସବୁ ହାତେ ସମ    ମିଳେନାହିଁ ଦାନ
ନ ମିଳଇ ସମ ପୁଣ୍ୟ,
ସବୁ ସମୟଟା    ନୁହଇ ସମାନ
ଅସମୟେ କାଳ ବାଣ ।ା।

ଭେଜିଁପଦର, ଘୁନସର, ବଲାଙ୍ଗିର
ମୋ.ନଂ. ୭୭୩୫୯୨୫୨୪୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧରଣୀ ବୁକୁ



ଅନନ୍ତ ପଟେଲ

ଜନମ ଏଇ ମାଟିରେ ହୋଇ ଗାଇବୁ ତୋରି ଗାଥା
ସକଳ ଏହି ବୀର ମାଟିରେ ଚାଲଇ ଟେକି ମଥା ।
ତୋହରି ଲଟା ତୋହରି ବଣ ସବୁତ କରୁଛି ମନୁଆ
ତୋହରି କୋଳେ ଜନମି ଆମେ ଦେଖି ଅଛୁ ଦୁନିଆ ।
ସୁନ୍ଦର ଏହି ସବୁଜ ଡାଳେ ସରଗର ତୋରା ଫୁଲ
ମାତିଛନ୍ତି ସବୁ ହସଖୁସିରେ ଗଢ଼ିବେଟି ତୋ ମହଲ ।
ଶସ୍ୟଶ୍ୟାମଳା ପରିପୂର୍ଣ୍ଣ ହୋଇ ପ୍ରଫୁଲ୍ଲ ଧରଣୀ
ବୀର ସନ୍ତାନ ବୁଦ୍ଧି ବଳରେ ଜଗତ ପାରିଛି ଜିଣି ।
କୋଟି କୋଟି ଓଡ଼ିଆଙ୍କ ମନରେ ଅଛୁ ତୁ ବସି
ତୋ ଜନମ ମାଟିରେ ସମସ୍ତେ ନାଚି ଉଠନ୍ତି ହସି ।
ପ୍ରକୃତି ଆଜି ସୁନ୍ଦର ଦିଶେ ତୋହରି କରୁଣା ବଳେ
ପଶୁପକ୍ଷୀ ସବୁ ଖେଳି ଉଠନ୍ତି ସବୁଜ ଧରଣୀ ତଳେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହୃଦୟ ତୁ ହେଲୁ ଏକୁଟିଆ



ପଙ୍କଜ କୁମାର ମଙ୍ଗଳ

ହୃଦୟରେ ହୃଦୟ ତୁ ହେଲୁ ଏକୁଟିଆ
ମୋତେ ଛାଡି ଚାଲିଗଲା ଆଜି ମୋର ପ୍ରିୟା ।
କେତେ କଥା ଭାବିଥିଲି ତାକୁ ନେଇ, କେତେ ସ୍ୱପ୍ନ ଦେଖିଥିଲି ମୁହିଁ .....
ସମୟ ସୁଅରେ ନେଇଗଲା ଭସେଇ ।

ହୃଦୟରେ ହୃଦୟ ତୁ ହେଲୁ ଏକୁଟିଆ,
ମୋତେ ଛାଡି ଚାଲିଗଲା ଆଜି ମୋର ପ୍ରିୟା ।
ଭାବିଥିଲି ଜୀବନଟା କଟାଇବା ସାଥିରେ,
ଏକା ବାଟଇ ସାଜିଲି ସେ ଗଲାପରେ ।
ମୋର ସପନ ଅଧା ରହିଲା, ମୋର ବାଟ ଅଧାରେ ସରିଲା.....
ଆପଣାର ଥିଲା ଯିଏ ପର କରି ଗଲା ।

ହୃଦୟରେ ହୃଦୟ ତୁ ହେଲୁ ଏକୁଟିଆ,
ମୋତେ ଛାଡି ଚାଲିଗଲା ଆଜି ମୋର ପ୍ରିୟା ।
ଦିଗହରା ନାବିକ ମୁଁ କୂଳ ଫେରି ପାଉ ନାହିଁ,
ମୋ ଆଖିର ଲୁହ ମୋତେ ନେଉଛି ଦୂରେ ଭସାଇ ।
କୂଳ ପରି ଲାଗେ ସବୁ ଯେବେ ଧରିବାକୁ ଯାଏ ମୁଁହିଁ,
କୂଳ ନୁହଁ ମରିଚିକା ଯେବେ ଛୁଏଁ ଯାଉଛି ସେ ଉଭେଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୃଦୟରେ ହୃଦୟ ତୁ ହେଲୁ ଏକୁଟିଆ,
ମୋତେ ଛାଡି ଚାଲିଗଲା ଆଜି ମୋର ପ୍ରିୟା ।
ମନରେ ମନରେ ତୁ ଜାଜାବର ହେଲୁ,
ପାଇଥିବା ଠିକଣା ତୁ ପୁଣି ହଜାଇଲୁ ।
ତା ବାଟକୁ ରହନା ଚାହିଁ, ସେ ତୋର ପାଖକୁ ଫେରିବ ନାହିଁ.....
ବିଶ୍ୱାସ ସୂର୍ଯ୍ୟକୁ କିଏ ଦେଇଛି ଲୁଚାଇ ।


ହୃଦୟରେ ହୃଦୟ ତୁ ହେଲୁ ଏକୁଟିଆ,
ମୋତେ ଛାଡି ଚାଲିଗଲା ଆଜି ମୋର ପ୍ରିୟା ।
କେଇପଦ କଥା ଆମ ମନେ ପଡ଼େ ଅତୀତର,
ଭୁଲିବୁନି କଥା ଦେଇ କେମିତି ହେଲୁ ପଥର ।
ଏ କେମିତିକା ପ୍ରତିଶ୍ରୁତି, ନିଜେ ଭାଙ୍ଗି ଗଲୁ ଚାଲି.....
ଆଜିବି ମୁଁ ଅପେକ୍ଷାରେ ତୁ ଫେରିବୁ ବୋଲି ।
ହୃଦୟରେ ହୃଦୟ ତୁ ହେଲୁ ଏକୁଟିଆ,
ମୋତେ ଛାଡି ଚାଲିଗଲା ଆଜି ମୋର ପ୍ରିୟା ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର,
ଓଡିଶା, ୭୫୬୦୩୭
ଦୂରଭାଷ-୭୭୫୯୯୩୬୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାନିଲେ ଠାକୁର



ଗୌରୀ ପଣ୍ଡା

ମାନିଲେ ଠାକୁର ନ ମାନିଲେ ପଥର
ସେଇ ଅଟନ୍ତି କିନ୍ତୁ ମୂଳ ଏ ସୃଷ୍ଟି ର ।
ସେ କାହାରି କୁ କେବେ କରନ୍ତିନି ପର
କୁହନ୍ତି ନି କାହାକୁ, ମୋତେ ପୂଜା କର ।
ଗର୍ବ,ଅହଂକାରେ ଭରା ମଣିଷ ଜାତି
ନମାନି ଚାଲେ ଦେଖ ଫୁଲାଇଣ ଛାତି ।
ମାନିଲା ବୋଲି ସିନା ଦାସିଆ ବାଉରୀ
ନଡିଆ ନେଲେ ପ୍ରଭୁ ହାତକୁ ପସାରି ।
ମାନିଥିଲେ ବୋଲି ତ ପ୍ରଭୁ ଙ୍କୁ ଶବରୀ
ଅଇଁଠା କୋଳି ଖାଇଲେ ସେଇ ଶ୍ରୀହରି ।
ମାନିଥିଲେ ବୋଲି ସେ ଭକ୍ତ ପ୍ରହଲ୍ଲାଦ
ବାହାରିଲେ ସ୍ତମ୍ଭ ରୁ କରି ସିଂହ ନାଦ ।

ଗଜ ଉଦ୍ଧାର କଲେ  ଏକା ସେଇ ପ୍ରଭୁ
ବିପତ୍ତି ଦେଖି ଗଜ ଡାକିଲା ହେ ବିଭୁ ।
କୋଟି ବସ୍ତ୍ର ଦେଇଣ କୁରୁସଭା ତଳେ
ଦ୍ରୌପଦୀ ମାନ ପ୍ରଭୁରକ୍ଷା କଲେ ବଳେ ।
ମାନିଲା ବୋଲି ମୀରା ଜହର ପିଇଲା
ତେଣୁ ଦେଖ ସେ ପ୍ରିୟ ପ୍ରଭୁ ଙ୍କର ହେଲା ।
ମାନିଲା ବୋଲି ସେଇ ଭକ୍ତ ସାଲବେଗ
ଚଳିଲା କି ରଥଚକ ପହଣ୍ଡେ ଆଗ ?
ଏମିତିକା ଅଛନ୍ତି ଅନେକ ଜଗତେ
ଠାକୁର ବୋଲିଣ ନଯାଆନ୍ତି ପରତେ ।
ଧନଗର୍ବେ ହୋଇଣ ହୁଅନ୍ତି ଉଦ୍ଧତ
ଗର୍ବ ଖର୍ବ  ହୋଇଣ ଶେଷେ ହୁଏ ଅନ୍ତ ।

ଜୟପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଁ ଅଗ୍ନୟେ ନମଃ



ସେବକ ବସନ୍ତ
କୁମାର ମହାପାତ୍ର

ଶୀତ ଆଜି ନେଉ    ଅଛନ୍ତି ବିଦାୟ,
ଧରାରୁ ବିଦାୟ ନେଇ ।
ପୂର୍ଣ୍ଣିମାର ପୂର୍ଣ୍ଣ    ଚନ୍ଦ୍ର ହସୁଛନ୍ତି,
ଶୀତଳ କିରଣ ଦେଇ ।

ବସନ୍ତ ଆସିଲା    ସେନେହ ଭାସିଲା,
ସ୍ନେହ ପ୍ରେମ ଓ ଆଦର ।
ନିର୍ମଳ ଆକାଶୁ    ଆଶୀଷ ହେ ଆସୁ,
ନ ହୋଇ କେହି ଇତର ।

ହେ ଅଗ୍ନିଦେବ    କର ପୂଜା ସ୍ୱୀକାର,
ଆମ୍ଭ ଦୋଷ କ୍ଷମା କର ।
ରହିବ ଶାନ୍ତ    ସଦା    ଶକ୍ତି ଦେଇଣ,
ମଙ୍ଗଳ ସର୍ବ ପ୍ରକାର ।

ନଜଳିବ କେବେ    ଘୃଣାର ନିଆଁଟି,
ହୋଇ ଧର୍ମ ଜାତି ଭେଦ ।
ଜାଳିବ ନାହିଁ ମୋ ଦେଶକୁ କେବେ ହେ,
ଶୁଣି କୁଟୀଳର ମନ୍ଦ ।

ସଦା ରହିଥିବ    ହୋଇ ଦୀପ ଶୀଖା,
ଅନ୍ଧାରୁ ନେଇ ଆଲୋକେ ।
ଜ୍ଞାନର ଜ୍ୟୋତିରେ    ହୁଅ ପ୍ରଜ୍ଜ୍ୱଳିତ,
ରକ୍ଷା କରି ଏ ଜଗତେ ।

ଯଜ୍ଞଶାଳା ମଧ୍ୟେ    ହୁଅ ଆବାହନ,
ଅଗ୍ନି ଯଜ୍ଞ କୁଣ୍ଡ ମଧ୍ୟ ।
ନିଅ ହେ ଆହୁତି    ସବୁରିଙ୍କ ଠାରୁ,
ବରି କରି ସ୍ୱାର୍ଥ ମେଧ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶୁଣ ହେ ବିନତି ଆହେ ଅଗ୍ନିଦେବ,
ବିନତି ଶୁଣ ଆମ୍ଭର ।
ସର୍ବଦା ଥିବ ରହି ଶାନ୍ତ ହୋଇଣ,
ରହୁ ଏ ଜଗ ସୁନ୍ଦର ।

ଗରିବ ଚୁଲିରେ ଜଳୁଥାଅ ନିତି,
ଫୁଟାଇ ହାଣ୍ଡିରେ ଅନ୍ନ ।
ଭୋକିଲା ପେଟରେ ନଶୋଇବେ କେହି,
ହୋଇଣ କେବେ ବିପନ୍ନ ।

ବଡ଼ ଦେଉଳରେ ରୋଷେଇର ଘର,
ଚୁଲି ଜଳେ ନିତି ନୀତି ।
ଆନନ୍ଦ ବଜାର ଅଭଡ଼ା ସୁଆଦ,
ଆହା କି ଲୀଳା ଶ୍ରୀପତି ।

ରାଷ୍ଟ୍ର ପ୍ରେମେ ବହ୍ନି ରହୁ ପ୍ରଜ୍ଜ୍ୱଳିତ,
ପୁଣି ହେଉ ବଳିଦାନ ।
କୋଟି ହସ୍ତେ ହସ୍ତେ ଜଳି ଉଠୁ ଥାଉ,
ମଶାଲ ଏ ଚିରଦିନ ।

ଘନ ଅନ୍ଧକାର ରାତ୍ରୀର ଗର୍ଜନ,
ଭୟର ରାଜୁତି ଚାଲେ ।
ପଥ ପଥିକ ରେ ରାସ୍ତା ଦେଖିବା ହେ,
ମଶାଲ ହାତରେ ଥିଲେ ।

କାଳରେ ଯାଉ ଜୀବନ ଶ୍ରୀ ପୟରେ,
ଶରୀର ଯିବ ମଉଳି ।
ଚିତାଟେ ସଜାଡ଼ି ମଶାଣି ଭୂଇଁରେ,
ଦେବ ଟିକେ ତାକୁ ଜାଳି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବସନ୍ତର ପଲ୍ଲୀଗୀତ



ବାଲାଜୀ ସେଠୀ

ମାଘୁଆ ଜାଡର ପହଡ଼ ଭାଙ୍ଗିଲା
ଆଖି ମଳେ ଖଟେ ବସି
ଆଉ ଦୁଇ ଘଡି ଚେଇଁ ଶୋଇଥାନ୍ତା
ଜହ୍ନ ଡାକିଦେଲା ଆସି ।
ରାଜହଂସୀ ପର ମାଟିଆ ଦିଶୁଛି
ପୋଖତି ଅଙ୍ଗର ମଳି
ବାରମ୍ବାର ଚଂଚୁ ମାରଇ ପିଠିରେ
ତେଜ ହେଲେ ଅଂଶୁମାଳୀ ।
ଆମ୍ବ ବୋଉଳର ମଳୟ ପବନ
ତନ ମନ ହେଲା ନେସି
ଥୁଣ୍ଟା ବରଗଛେ କଅଁଳ ପତର
ଗଜୁରି ଉଠିଲା ଆସି ।
ଫୁଲରୁ ଫୁଲକୁ ଉଡି ବୁଲୁଥାଇ
ଚଗଲା ପରଜାପତି
ଶିଶୁପାଳ ପରି ମଧୁପ ଫେରଇ
ଅଭିଯୋଗ କରେ ନିତି ।

ତୋଟା ଗହଳରେ ପଞ୍ଚମ ତାନରେ
କୋଇଲିର ପ୍ରୀତିରାଗ
ଫଗୁଣ ରଙ୍ଗରେ ବିରହୀ ହୃଦୟ
ଖୋଜେ ତା ପ୍ରୀତି ପରାଗ ।
ଚଇତାଳି ବାଆ ଦେହରେ ବାଜିଣ
ଯଉବନ ଆସେ ଫେରି
ସଜନା ପାଦପ ଲାଜେଇ ଅଳପ
ତନୁ ତା ହେଲାଣି ଭାରି ।
ଗ୍ରୀଷ୍ମ, ବର୍ଷା, ଶୀତ, ଶରତ,ହେମନ୍ତ
ସବୁ ଋତୁ ଫେଣ୍ଟାଫେଣ୍ଟି
ଋତୁ ରାଜେଶ୍ୱର ବସନ୍ତ ପ୍ରବର
ପ୍ରୀତି ସୁଧା ଦିଏ ବାଣ୍ଟି ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀଳସିନ୍ଧୁ



ମିତ୍ରଭାନୁ ବିଶ୍ୱାଳ

ଦିଗନ୍ତ ବିସ୍ତାରି  ନୀଳ ଜଳରାଶି
ପ୍ରକୃତିର ଉପହାର
ତରଙ୍ଗ ବୋଇତ  ଖେଳ ଖେଳୁଥାଏ
ନୀଳ ଦାରିଆରେ ତାର
ସାଗର ଲହଡି ତା ଘନ କୁହୁଡି
ଶ୍ୱେତରଙ୍ଗେ ରଙ୍ଗାୟିତ
ପୂରୁବ ଆକାଶେ ସୁରୁଜ ଉଇଁଲେ
ମନ ଜେ ହୁଅଇ ପ୍ରୀତ
ନାନା ପଶୁ ପକ୍ଷୀ କରିଥାନ୍ତି ମେଳି
ଭାବନାରେ ମତ୍ତ ହୋଇ
ଅପରୂପ ଦୃଶ୍ୟ ସାଗରର କୂଳେ
ଦୃଶ୍ୟମାନ ହୁଏ ଯାଇ
କବିର କଲମେ କବିତାଟି ହୁଏ

ନୀଳ ଜଳରାଶି ବିନ୍ଦୁ
ଗାଳ୍ପିକ ଗଳ୍ପରେ ଛନ୍ଦି ହୋଇଯାଏ
ସତେ ଅବା ଭାବବନ୍ଧୁ
ଧୀବର ନାବରେ ସୁ ଶୋଭିତ ଦିଶେ
ସାଗର ମୁହାଣ ଯେତେ
ପ୍ରେମିକ ପ୍ରେମିକା ସରାଗେ ତୋଳନ୍ତି
ବାଲିମାଟି ଘର କେତେ
ସାଗର ବକ୍ଷରେ ଉଚ୍ଚ ଶିର ଶୈଳ
ଦିଶୁଥାଏ ମନ ଲୋଭା
ପ୍ରତିବିମ୍ବ ପଡେ ତା ନୀଳ ଗର୍ଭରେ
ସାଥେ ସୂର୍ଯ୍ୟ ଚନ୍ଦ୍ର ତାରା

ବ୍ରାହ୍ମଣ ଡ଼ିହି  (ପାଇକମାଲ), ବରଗଡ଼
(୯୪୩୭୩୧୪୯୦୮)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ୍ବ ବଉଳ



ବାସନ୍ତୀଲତା ଜେନା

ଶୀତ ସକାଳରେ ଦୁର୍ବାଦଳ ହସେ
ଶିଶିରରେ ସ୍ନାନ କରି
ବୃକ୍ଷ ଲତା ବନ ସୁନ୍ଦର ଦିଶଇ
ମୁକ୍ତା ଝରା ଫୁଲ ପରି ।୧।

ଶୀତର ପରଶ ଦେହକୁ ଥରାଏ
ଆମ୍ବ ଯୌବନ ଆସିଲେ
ଆମ୍ବ ବୃକ୍ଷ ଡାଳେ ଶୋଭା ବଢ଼ି ଯାଏ
ବଉଳ ଯେବେ ଧଇଲେ ।୨।

ପେନ୍ଥା ପେନ୍ଥା ହୋଇ ବଉଳ ଆସଇ
ଆମ୍ବ ବୃକ୍ଷ ଶାଖା ପରେ
ବଉଳର ବାସ୍ନା ମହକି ଉଠଇ
ମନକୁ ହରଣ କରେ ।୩।

ଆମ୍ବ ତରୁ ଡାଳେ କୋଇଲି ରାବଇ
ସ୍ୱାଗତର ଗୁଞ୍ଜରଣ
ଶୀତୁଆ ପବନ ଛୁଇଁ ଛୁଇଁ ଯାଏ
ତନୁ ଖେଳେ ଶିହରଣ ।୪।

ପୌଷ ଅମାବାସ୍ୟା ବଉଳ ପୂଜନ
ଆମ୍ବ ଗଛ ମୂଳେ ହୁଏ
ବଡ଼ ଠାକୁରଙ୍କୁ ବଉଳ ଅର୍ପଣ
ଶ୍ରୀକ୍ଷେତ୍ରରେ ହୋଇ ଥାଏ ।୫ ।

ଶୀତ ସକାଳରେ କୁହୁଡି ଆସିଲେ
ଗ୍ରାସଇ ଆମ୍ବ ବଉଳ
ବଉଳର କଢ଼ି ଶୁଖି ଝଡି ଯାଏ
ସବୁରି ମନ ବ୍ୟାକୁଳ ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଉଳର ପେନ୍ଥା ଟିକି ଟିକି ଆମ୍ବ
ଦେଖିବା ଭାରୀ ସୁନ୍ଦର
ସାହି ପିଲା ମାନେ ତୋଳି ଖାଇ ଥାନ୍ତି
ସେତ ଅଟେ ସଭିଙ୍କର ।୭।

କଞ୍ଚା ଆମ୍ବ ହୁଏ ଆମ୍ବୁଲ ଆଚାର
ଜ୍ୟାମ ଜେଲି ତରକାରୀ
ଗ୍ରୀଷ୍ମର ପରଶେ ଆମ୍ବ ଯେବେ ପାଚେ
ରସ ଯୁକ୍ତ ହୁଏ ଭାରି ।୮।

ସବୁରିଙ୍କ ପ୍ରିୟ ରସାଳ ଆମ୍ବ ତ
ସାନ ଠାରୁ ବଡ଼ ଯେତେ
ଖୁସିରେ ଖାଆନ୍ତି ଆନନ୍ଦ ବାଣ୍ଟନ୍ତି
ବନ୍ଧୁ ଚର୍ଚ୍ଚା ସରବତେ ।୯।

ଗାନ୍ଧିନଗର, ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜାଗ୍ରତ ପ୍ରହରୀ



ଗୁପ୍ତେଶ୍ୱର ଚାନ୍ଦ

ଈଶ୍ୱର ସର୍ବଦା ଜୀବ ର କଲ୍ୟାଣ ।
କାମନା କରନ୍ତି ଧନ୍ୟ ନାରାୟଣ ॥
ସୁପଥ ଧରିବେ ବୋଲି ନର ନାରୀ ।
ସଦା ଶୁଭ ଦୃଷ୍ଟି ଦେଇ ଛନ୍ତି ହରି ॥
କାଳେ ଭୁଲିଯିବେ ଅନୁଶାସନ ଟି ।
ତେଣୁ ଗୁରୁ ଗୁରୁଜନ ରୂପେ ଘଣ୍ଟି ॥
ଜଗି ରହି ଛନ୍ତି ଯେଣୁ ହିତାକାଂକ୍ଷୀ ।
ପାପ ପୂଣ୍ୟ କରମ କୁ ପରା ସାକ୍ଷୀ ॥
ପିତା ମାତା ଭାଇ ବନ୍ଧୁ ସଖା ହୋଇ ।
ହିତ ସାଧନ କରନ୍ତି ଭାବଗ୍ରାହୀ ॥

ଜନନୀ ଭଗିନୀ ଅର୍ଦ୍ଧାଙ୍ଗିନୀ ରୂପେ ।
ସେବା କରୁଥାନ୍ତି ସେବିକା ସ୍ୱରୁପେ ॥
ସ୍ନେହ ପ୍ରେମ ପ୍ରୀତି ମମତା କରୁଣା ।
ବିତରନ୍ତି ତେଜି ହୃଦରୁ ଛଳନା ॥
ଦେଖାଇ ଆମକୁ ସଦା ନାଲି ଆଖି ।
ଚରିତ୍ର ଗଠନ କରନ୍ତି ନିରେଖି ॥
ନଥାନ୍ତା ଯେବେ ଟି ତାଙ୍କରି ଶାସନ ।
ଭ୍ରଷ୍ଟାଚାରେ ନଷ୍ଟ ହୁଅନ୍ତା ଜୀବନ ॥
ଜାଗ୍ରତ ପ୍ରହରୀ ସଦୃଶ ସମାଜ ।
ଜଗିଛି ଆମକୁ ଏହା ମନେ ହେଜ ॥

କବି ଶ୍ରୀ ଗୁପ୍ତେଶ୍ୱର ଚାନ୍ଦ,
ଗ୍ରାମ /ପୋଷ୍ଟ :ସମାସିଙ୍ଗା,
ଜିଲ୍ଲା :ଝାରସୁଗୁଡା, ପିନ : ୭୬୮୨୧୩
ମୋ: ୭୮୩୮୪୧୦୬୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପଥଟିଏ



ଭାଗିରଥୀ ଯାନୀ

ପଥଟିଏ ମୁଁ ପଥଟିଏ
ଆସିବା ଜନର ବନ୍ଧୁ,
ଆଉ ଫେରିବା ଜନର ସାଥୀଟିଏ,
ପଥଟିଏ ମୁଁ ପଥଟିଏ । ।

ଘର ଅଗଣାରୁ ନଈର ତୁଠକୁ
ଏନ୍ତୁଡି ଶାଳରୁ ମଶାଣି ଭୂଇଁକୁ
ମୋ' ଘର ବାଡିରୁ ଚାଟଶାଳୀକୁ
କେଉଁ କାଳରୁ ଯେ ପଡିଅଛି,
ଆଜି ବି କହିପାରେନା ସେ କଥା, କାହିଁକି ନା ମୁଁ
ମୁକସାଖିଟିଏ,
ପଥଟିଏ ମୁଁ ପଥଟିଏ । ।

ନିର୍ଭର କରି ମୋ' ପଥ ଉପରେ
ଯିଏ ନିଜ କର୍ମ କ୍ଷେତ୍ରେ ହୁଏ ଅଗ୍ରସର,
ଭାବେ ମୁଁ ଟିକିଏ କରିଛି ଉପକାର,
ଆଉ ଖୁସି ହୁଏ,
କାହିଁକି ନା,
ପଥଟିଏ ମୁଁ ପଥଟିଏ । ।

ଉଭୟ ପାର୍ଶ୍ୱରେ ଥିବା ନାନା ଜାତିବୃକ୍ଷ,
ଯେବେ ହୋଇଯାଏ ଶୂନ୍ୟ,
ମୋ' ଜୀବନଟା ଲାଗେ ଶୂନ୍ ଶାନ୍,
ସବୁ ସପନ ଚୂନା ଚୂନା ହୁଏ,
କାହିଁକି ନା,
ପଥଟିଏ ମୁଁ ପଥଟିଏ । ।

ପଥିକଟେ ଯେବେ ଯାଉ ଯାଉ ଝୁଣ୍ଟି ପଡେ,
ତା' ରକ୍ତ ଛିଟା ଯଦି ବୋହିଯାଏ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ କ୍ଷୋଭ ପକାଶ କରି କହେ,

ଓଃ......

ଭଗବାନ !!!

ରକ୍ଷାକର ।

ତା' ଦୁଃଖ ଦେଖି ମୋ' ଅନ୍ତର ବି

ଟିକେ କଷ୍ଟ ଲାଗେ,

କାହିଁକି ନା,

ପଥଟିଏ ମୁଁ ପଥଟିଏ ।।

ପ୍ରକୃତିର କୋଳେ ଲମ୍ୱିଥାଏ ଯେତେଦୂରେ

ମୋ' ପାର୍ଶ୍ୱରେ ଯଦି ପ୍ରକୃତିର ସୌନ୍ଦର୍ଯ୍ୟ

ନିରନ୍ତର ଶୋଭାପାଏ,

ଜୀବନେ ଖୁସିର ସଂଚାର ହୁଏ,

ଆଉ ସର୍ବଦା ବଞ୍ଚିରହେ,

କାହିଁକି ନା,

ପଥଟିଏ ମୁଁ ପଥଟିଏ ।।

ଦଳପଡା, ଖଜୁରୀପଡା, ଫୁଲବାଣୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦରସିଝା ଜୀବନ



ସ୍ମୃତିରଞ୍ଜନ ପାତ୍ର

ନିସ୍ତଳ ମଣ୍ଡଳେ ରକ୍ତିମ ଆଭାରେ
ତମୋଘ୍ନ ପୂରବେ ଆସୁଛି,
ମୃଦୁଳ ଶେଫାଳି ମେଦୁରେ ଲୋଟିଛି
ପାହାନ୍ତି ଧୂମିକା ମାଖିଛି ।

ଭୂଧର ଶିଖରେ ପ୍ରଣୟୀ ବସିଛି
ତନୁକୁ ଛୁଇଁଛି କନକ,
ହୃଦୟ ଗର୍ଭରେ ପୀରତି ପିପାସା
ନିସଃଙ୍ଗତା ସାଜେ ଦାହକ ।

ସ୍ତବ୍ଧ ସେ ହୋଇଛି ଶୀତଳ ବାଆରେ
ଲୁହ ବି ସାଜିଛି ତୁଷାର,
ତଥାପି ଭିତରେ ଅଙ୍ଗାର କୁହୁଳେ
ଯନ୍ତ୍ରଣା ଧରୁଛି ଆକାର ।

ବିରହ ଧୂଆଁରେ ହୃଦୟ ଗହ୍ୱର
ପ୍ରତିକ୍ଷଣେ କଳା ଭରୁଛି,
ଆଶା ଅସୁମାରୀ ସପ୍ନ ମନ୍ଦାକିନୀ
ସବୁକିଛି ଶୁଖି ମରୁଛି ।

ବିଦଗ୍ଧ ନିଆଁରେ ବିଦାରିତ ହୃଦ
ଦୁଃଖର ଧୂମଜ ବେଷ୍ଟନ,
ବାଜୁଛି ଦୁନ୍ଦୁଭି ଧୂପିତ ମନରେ
ଦର ସିଝା ହୁଏ ଜୀବନ ।

କେତେ ଲୁଚେଇବି ପ୍ରତାରଣା ଦାଗ
ସମୟ ସ୍ରୋତରେ ଦିଶୁଛି,
ବିବାସିତ ପ୍ରେମ ଅନ୍ତର ଦହନେ
ଜଳି ଜଳି ମୁହିଁ ମରୁଛି ।

ବାଲିଘାଟ, ଗୋପାଳପୁର, ପୁରୀ, ୭୫୨୦୦୨
www.ankitranjanpatra@gmail.com
ଭ୍ରାମ୍ୟଭାଷ : ୯୩୪୮୯୮୭୦୦୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଙ୍ଗ



ନେପାଳ କୁମାର
ବେହେରା

ମୁଁ ଦେଖିନାହିଁ ପୃଥିବୀର କୋଣ ଅନୁକୋଣ

ଜାଣିନି ବି ଭାବରଂଗ ତାର,

ରଂଗମଞ୍ଚ କହନ୍ତି ତ ସମସ୍ତେ,

ମୁଁ ବି କୁହେ ।

ଏତେ ରଂଗ ଥାଇ କାହିଁ

ରଂଗହୀନ ଲାଗେ ମୋତେ ।।

ମୁଁ ଦେଖିଚି ଘୃଣାର ରଂଗ,

ମୁଁ ଦେଖିଚି ହିଂସାର ରଂଗ,

ମୁଁ ଦେଖିଚି ମିଥ୍ୟାର ରଂଗ ।

ରଜାମୁଖୋଲ, କଣ୍ଟାମାଳ, ବୌଦ୍ଧ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ଶୃଙ୍ଖଳା !



ନୂତନ କୁମାର ବେହେରା

ହେ ଶୃଙ୍ଖଳା ! ତୁମେ ଜୀବନର ଏକ ବ୍ରତ
ତୁମକୁ କରୁଛି ଅନ୍ତରରୁ ବିନମ୍ର ଅନୁରୋଧ
ପ୍ରତିଟି ହୃଦୟ ଭିତରକୁ ତୁମେ କର ପ୍ରବେଶ
ତୁମ ବିନା ଆଜି ପତନମୁଖୀ ଏ ସମାଜ,
ମଣିଷର ମନ ହୃଦୟରୁ ମଶାଣିର ଜୁଇ ଯାଏଁ
ଘର ପରିବାରରୁ ସମଗ୍ର ପ୍ରକୃତି ପୁରୁଷ ପର୍ଯ୍ୟନ୍ତ
ଯେଉଁଠି ତୁମେ ନାହିଁ ସେଠି କିଛି ନାହିଁ
ନା ଅଛି ଜୀବନ ନା ଅଛି ଜୀବିକାର ଆନନ୍ଦ,
କେବଳ ଅଛି ମାତ୍ର ବଞ୍ଚିବାର ପ୍ରବଞ୍ଚନା
ଏ ମଣିଷ କାଠଗଣ୍ଡି ସମ ଏକ ଶରୀର ନେଇ
ସ୍ୱେଚ୍ଛାଚାରିତାରେ କରି ଚାଲିଛି ତାର ଅବକ୍ଷୟ ।
ହେ ଶୃଙ୍ଖଳା ! ତୁମେ ଶାନ୍ତି ସନ୍ତୋଷର ଚାବି
ତୁମେ ଥିଲେ ପାଶେ ଖୋଲିଦେଇ ଜ୍ଞାନର ଭଣ୍ଡାର
ହସ ଖୁସି ସବୁ ନେଇ ଆସ ଫଗୁଣର ରଙ୍ଗ ଭରି
ଜୀବନର ଯେତେ ଆଶା ଆକାଂକ୍ଷା ଅଭିପ୍ସା
ସମୁଦ୍ରର ଲହରୀ ଭଳି ମାଡି ଆସି ଛୁଇଁ ଯାନ୍ତି
ସାର୍ଥକତାରେ ସଫଳତାର ବେଳାଭୂମିକୁ,
ତୁମେ ସମୟ ସୁବିଧାର ହୋଇ ଅଗ୍ରଦୂତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିଅ ସଭିଙ୍କୁ ଆବଶ୍ୟକତା ଅନୁଯାୟୀ ପରାମର୍ଶ
ହୋଇ ପୁଣି ପଥପ୍ରଦର୍ଶକ ଦେଖାଅ ମାର୍ଗ
ତୁମେ ଜୀବନ ଗଢିବାର ଅସରନ୍ତି ଇନ୍ଧନର ଉତ୍ସ,
ଅସତାକୁ ସଜାଡି ଦିଅ କରି ସର୍ବାଙ୍ଗ ସୁନ୍ଦର
ହାତ ଧରି ଆଲୋକକୁ ନେଇ ଯାଅ ଆଶ୍ରିତଙ୍କର
ତୁମେ ସଖା ଭାଇ ବନ୍ଧୁ କୁଟୁମ୍ବର ସଦସ୍ୟ ପରି
ସଦା କଲ୍ୟାଣ କାମନା କରି ଦିଅ ଆଶୀର୍ବାଦ ।
ହେ ଶୃଙ୍ଖଳା ! ତୁମେ ଜୀବନର ଆବାହନୀ ମନ୍ତ୍ର
ତୁମକୁ ବିନତି କରେ ମନ ହୃଦୟ ଆତ୍ମାରୁ
ଏ ମଣିଷ ଜାତିକୁ ଦିଅ ଅଭୟ କର ନିର୍ଭୟ
ହଟି ଯାଉ ତୁମ ସାନ୍ନିଧ୍ୟରେ ଧରାରୁ ଆତଙ୍କରାଜ
ଚାଲିଯାଉ ଦୂରେ ସବୁରି ମନରୁ ହିଂସାଭାବ,
ଲେସ ମାତ୍ର ନ ରହୁ ଛଳନା ପ୍ରତାରଣା ପ୍ରହସନ
କାଚ ପରି କରିଦିଅ ସ୍ୱଚ୍ଛ ସୁନ୍ଦର ପ୍ରତିଟି ହୃଦୟ
ମଣିଷ ମଣିଷକୁ ଭଲପାଉ ମଣିଷଟିଏ ହୋଇ
ଏ ପରିବେଶ ଜୀବଜଗତର ନେଉ ସଠିକ ଯତ୍ନ
ବିନିଯୋଗ କରି ତାର ସବୁ ଜ୍ଞାନ ବୁଦ୍ଧି ବିବେକ,
କାହା ପାଇଁ ଆଉ ଲୋଡା ହେବନାହିଁ ସ୍ୱର୍ଗ
ଏ ବସୁନ୍ଧରା ହେବ ସ୍ନେହ ପ୍ରେମ ଶ୍ରଦ୍ଧା ମମତାର
ନ ରହିବ କିଛି ପାପ ଶଙ୍କା ସନ୍ଦେହ ଅବିଶ୍ୱାସ
କେବଳ ଅମର ହୋଇ ରହିଥିବ ଆତ୍ମୀୟତା ।

କୋହି, ଗଡ଼ିଆ, ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଆଁ ଭିତର ଜୀବନ



ଦୀନବନ୍ଧୁ ବେଜ

ପାଳ ଗଦାଟିଏ ଜଳିଗଲେ ପରା
ଚାଷୀର ଆଖିରୁ ବହି ଯାଇଥାଏ
ନଦୀପରି ଲୁହ ଧାର ,
ଗୋରୁ ଗାଈଙ୍କର ସାଇତା ଆହାର
ବରଷ ଯାକକୁ ନିଶ୍ଚିନ୍ନ ହୋଇଲେ
ଭରେ ଘନଘଟା ଅନ୍ଧାର ।
ବୋଧେ ହସଖୁସିର ଏହି ସଂସାର
ମାଗି ଆଣିଥିବା ତୁଣନୁଣ ସଢ଼କେ
ସମୁଦ୍ରରୁ ଶଙ୍ଖେ ପାଣିପରି,
ଜଳିଗଲେ ଗଛ ବିଜୁଳି ଆଘାତେ
ବ୍ୟସ୍ତ ବିବ୍ରତରେ ଆନମନ ହୋଇ
ଦୁଃଖରେ ହୁଦୟ ଯାଏଭରି ।

ଜଳିଗଲେ ଜଙ୍ଗଲ ନକହିବା ଭଲ
ଅନ୍ତର ଦୁଃଖ ଆତ୍ମା ବିଳାପର କଥା
ଜଦି ଜଳିବ ଅଭୟାରଣ୍ୟ,
ଭାଙ୍ଗିଯିବ ତାଙ୍କ ହସଖୁସି ବିଚରଣ
ପରିସଂସ୍ଥାର ଏହି ମର୍ମନ୍ତୁଦ ଘଟଣା
ଭାବ ନାହିଁ କେବେ ନଗଣ୍ୟ ।
ଶିମିଳିପାଳ ଆମ ଅସ୍ମିତାର ସ୍ୱୀକୃତି
ତାକୁ ସୁରକ୍ଷିତ ରଖିବା ଆମ ଦାୟିତ୍ୱ
ଆମ ସାମର୍ଥର ପରିଚିତି,
କର ଉତ୍କଳୀୟ ହୃଦୟରୁ ଅଙ୍ଗୀକାର
ମିଳିମିଶି କରିଲେ ଏହାର ମୁହାଁମୁହିଁ
ଘୁଞ୍ଚିବ ନିଶ୍ଚେ ସବୁ ବିପତ୍ତି ।

ମାଲକାନଗିରି
ଭ୍ରାମ୍ୟଭାଷ :-୭୬୮୩୯୨୦୨୨୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଉ ଚଳିବନି ଫୁସୁରୁଫାସ



ଶିଶିର କୁମାର ପଣ୍ଡା

ଭାରିଜା କହିଲା , କବି ହେଲବୋଲି
ମୁହଁ କି ମାରିବ ସବୁଠି ବୁଲି
ବୁଲା ଷଣ୍ଢପରି ତିନିଟା ମାସରେ
ଦେହଟା ଦେଖୁନ ଗଲାଣି ଫୁଲି ।

ଏଇ ବୟସରେ ନୁଙ୍ଗୁରୁପୁଙ୍ଗୁରୁ
ଆଉ ଦଉନାହିଁ ତୁମକୁ ଶୋଭା
ଦେଖିଚ ତ ମୋଓ ରଣଚଣ୍ଡୀ ରୂପ
ଚାରିମାସ ଆଗୁ ଖାଇଚ ଖୋବା !

କି ଲାଭ ପାଉଚ ଜାଣି ମୁଁ ପାରୁନି
ଲୁଚିଛପି ପର ଅଇଁଠା ଚାଟି
ନିଶ୍ୱାସ ମୋହର ପଡ଼ିଲେ ଉପରେ
ଅକାଳରେ ଯିବ ଛାତିଟା ଫାଟି ।

କବିତା ଚରଚା କରିବା ଆଳରେ
କେତେ ରସବତୀ ଜୁଟନ୍ତି ଆସି
ତାଙ୍କରି ସେବାରେ ଲଗେଇ ଦଉଚ
ସତେ ଅବା ତାଙ୍କ ପୋଇଲି ଦାସୀ !

କଳା କାରନାମା ଜାଣି ସାରିଲିଣି
ଆଉ ଚଳିବନି ଫୁସୁରୁଫାସ
ଛାଞ୍ଚୁଣୀ ଧରିକି ଦୁଆରେ ବସିଲି
ଦେଖିବା କେମିତି ରଚିବ ରାସ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:-୮୯୮୧୭୩୭୨୨୮

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆମ ଗାଁ



ବନ୍ଦନା ନାୟକ

ଆଜି ପୁଣି ତୁ ଆଉଥରେ
ସେଇ ସ୍ମୃତି ଗୁଡିକୁ ତାଜା କରିଦେଲୁ
ଯାହାକୁ ମୁଁ ଭୁଲିବାକୁ
ଚେଷ୍ଟାକରି ବି ଭୁଲି ପାରୁନି
ସେଇ କଥା ଗୁଡ଼ିକ ବଖାଣି ବସିଲୁ
ଯାହାକୁ ମୁଁ ପ୍ରତି ମୁହୂର୍ତ୍ତ ରେ
ଘାରି ହେଉଛି ମନ ଭିତରେ
ଦୁଷ୍ପ୍ରାପ୍ୟ, ଦୁର୍ମୂଲ୍ୟ ସେ ସମୟ
କେବେ ଫେରିବନି ଜାଣିକି ବି
ଗପି ଚାଲିଲୁ ଏଣ୍ଡୁଡ଼ି ରୁ ମଶାଣି ଯାଏ
ନଈ କୂଳରୁ ଝାରବଣ ଯାଏ
ମହାପୁରୁଷଙ୍କ ଠାରୁ
ଠାକୁରାଣୀ ମାଳ ଯାଏ
ଧାନ ଗଦା ଠାରୁ ଢ଼ିଙ୍କିଶାଳ ଯାଏ .....
ଗୋଟି ଗୋଟି କରି ସବୁ
ମନେ ପଡ଼େ
ଆଖିର ଲୁହ ଓଠ ପିଏ
ମନର କୋହ ଛାତିକୁ ଛୁଏଁ
ବିଦାରି ହୋଇଯାଏ ହୃଦୟ
ଇଏତ ଜନ୍ମ ମାଟିର ମୋହ
ଗୁମୁରି ଗୁମୁରି କାନ୍ଦେ ସ୍ମୃତି
ହେଲେ ଏବେ ତ ସେ ସ୍ମୃତି
ସ୍ମୃତିରେ ରହି ଯାଇଛି....
ମଣିଷ ବେଳେ ବେଳେ ଭୁଲ୍ କରେ
ନିଜେ କୁରାଢି ସାଜି ନିଜକୁ ହାଣେ
ଲହୁଲୁହାଣ ହୁଏ
ନିଜେ ଲକ୍ଷ୍ମଣ ରେଖା ଟାଣି
ନିଜେ ବନ୍ଦୀ ହୋଇଯାଏ
ବଦଳିଯାଉ ଥାଏ ସଂପର୍କର ସଂଜ୍ଞା
ବଦଳି ଯାଉଥାଏ  ଗାଁର ନକ୍ସା
ଆଜି କାହିଁ ସେଇ ଗୋଧୂଳି  ?
ଗାଁ ଟା ସାରା କୋଠା ମାଳ ମାଳ
ଲାଉ,କଖାରୁ ମାଡିବାକୁ ନାହିଁ
ନାହିଁ ଗୋଟେ ଚାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଂକ୍ରିଟ ରାସ୍ତା ଲମ୍ବି ଯାଇଛି
ସେଇ ସବୁ ଦୁର୍ଗମ ଦିଗକୁ
ଯେଉଁଠିକୁ ଆମେ ଯାଉଥିଲେ
ପଚ ପଚ କାଦୁଅ ରେ
ଅଟକି ଯାଉଥିଲା ସାଇକେଲର ଚକ
ଫୁଟି ଯାଉଥିଲା ପାଦରେ କଣ୍ଟା
ଗୋରୁ ଦଣ୍ଡା ତ ଅଛି
ଚରି ବାକୁ ଗାଇଟେ ନାହିଁ
କ୍ଷେତ ସବୁ ପଡିଆ ପଡିଛି,
ଖାଁ ଖାଁ ଲାଗୁଛି ଖଳା
ସୁକୁଟା ଭାଇ ଓମ୍ନେଡ୍ ପାର୍ଲର ଖୋଲିଛି
ଆଉ କୂଅ, ଢ଼ିଙ୍କି, ଚୂଲି, ଲଙ୍ଗଳ, ଯୁଆଳି
ଏସବୁ କେବଳ ଶବ୍ଦରେ ଶବ୍ଦରେ ଅଟକି ଯାଇଛି
ଏବେ ତ ଆମ ଗାଁ ସହର ସହର ବାସୁଛି
ମଦ ଦୋକାନରୁ ପୁରିଆ ଭାଇ
ଭଲ ରୋଜଗାର କରୁଛି
ମଦ ନ ହେଲେ ଶବ ବି ଉଠୁନି ଗାଁରେ
ବ୍ରାହ୍ମଣୀ ର ସେପଟ ଧାରରେ
ଚାଲିଛି ଧାରେ ପାଣି
ନଈ ଗାଧୁଆ ଲୋକେ ଭୁଲି ଗଲେଣି
ସରକାରୀ ଯୋଜନା ଭିତରେ
ସତେ ଯେମିତି
ନିଜର ଅସ୍ତିତ୍ୱ ହରେଇ ଦେଇଛି
ଆମ ଗାଁ ...
ଏତେ ଭିତରେ
ଗୋଟେ ଖୁସିର କଥା କଣ ଜାଣିଛୁ
ସଦ୍ୟ ଆମ ଗାଁ ଭୂଗୋଳ ରେ ସ୍ଥାନିତ ହୋଇଛି
ବ୍ରାହ୍ମଣୀ କୂଳରେ ବୁଢ଼ା ବରଗଛ
ମୂଳରେ ଥିବା ଆମ ଜଟିଆ ସାଆନ୍ତ
(ବାବା ମହାପୁରୁଷ) ଙ୍କ ପୀଠକୁ
ପର୍ଯ୍ୟଟନ ସ୍ଥଳ ର ମାନ୍ୟତା ମିଳିଛି
ସେଥି ପାଇଁ ବୋଧ ହୁଏ
ଆମ ଗାଁ ସହର ସହର ବାସୁଛି
ଆମ ଗାଁ ସହର ସହର ବାସୁଛି.....

ରାମ ନାୟକ ଡିଆ
ତରଡ଼ିପାଳ, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକୃତି



ଉମାକାନ୍ତ ଦାସ

ପ୍ରକୃତିର ସୌନ୍ଦର୍ଯ୍ୟକୁ ଦେଖି
ମନ ମୋହିତ ହେଲା
ପ୍ରକୃତିର କଥା ଭାବୁ ଭାବୁ
କିଛି ମନେ ପଡ଼ିଲା ।
ସେହି କଥା ଭାବୁ ଭାବୁ
ମନରେ ଆଶାଟି ହେଲା
ସେହି ଆଶାରୁ
ଓଡ଼ିଆ ଭାଷାଟି ହେଲା ।

ଡେଙ୍ଗାଗୁଡ଼ା, କୋକସରା, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୂର୍ଯ୍ୟ



ସରୋଜ ସାହୁ

ପୂରୁବ ଦିଗରେ ଉଇଁଲେ ସୂର୍ଯ୍ୟ
ହୋଇଥାଏ ନିତି ସକଳ କାର୍ଯ୍ୟ,
ଅନ୍ଧାରକୁ ସିଏ କରଇ ନାଶ
ତା ପାଇଁ ଜଗତ ଦେଖେ ଆକାଶ ।

ଜଳ, ସ୍ଥଳ ତାର ସବୁଠି ବାସ
ତେଜରେ ଜଗତେ ହୁଅଇ ଚାଷ,
ଅସହ୍ୟ ହୋଇଲେ ତାହାରି ତାତି
ସହି ପାରେନାହିଁ ଆମ ପ୍ରକୃତି ।

ବୃକ୍ଷଲତା ଯେତେ ଉଠନ୍ତି ଚେଇଁ
ସରୋବରେ ପରା ଫୁଟଇ କଇଁ
ପଶୁପକ୍ଷୀ କୀଟପତଙ୍ଗ ଗଣ
ସର୍ବେ କରିଥାନ୍ତି ପ୍ରାଣ ଧାରଣ ।

ଭୂମିରେ ପଡ଼ିଲେ ଦିଶେ ଉଜ୍ଜ୍ୱଳ
ସ୍ୱଚ୍ଛ ହୋଇଯାଏ ନଦୀର ଜଳ,
ସୁନ୍ଦରତାର ସାଜେ ଆଧାର
ଧରାକୁ ଆସଇ ସେ ବାରମ୍ବାର ।

ବୃକ୍ଷପାଇଁ ଲୋଡ଼ା ପ୍ରତିଟି ବିନ୍ଦୁ
ଖାଦ୍ୟ ପ୍ରସ୍ତୁତିରେ ସାଜଇ ବନ୍ଧୁ
ତା ବିନା ଜଗତ ହୋଇବ ଧ୍ୱଂସ
ଆଲୋକିତ କରେ ସେ ସାରା ବିଶ୍ୱ ।

ଆଠଗଡ଼, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ସୁନାଭଉଣୀ(ରିଲୁ)



ସାଗର ନାୟକ

ଜୀବନର ପରିଚୟ

ନୁହେଁ ଖାଲି ଦୁଇଦିନିଆ ସମ୍ପର୍କ

ଏ ବନ୍ଧନ ଯୁଗ ଯୁଗର

ଯୋଉଠି ସବୁ ସମ୍ପର୍କ ଫିକା ପଡ଼ିଯାଏ ସବୁ ରାଇଜରେ

ତୁଚ୍ଛ ସମ୍ପର୍କର ଲିଭିଯାଏ ଭଉଣୀର ଭଲପାଇବା ଆଗରେ

ଅଭିମାନ ଅନୁଭୂତି ସତେ ଯେମେତି ଉଭେଇ ଯାଏ ତୋ ସଞ୍ଚାରୀ ଉଠିଲେ

ନିଜର ବୋଲି ଭାବି କାହା ଉପରେ ଗର୍ବ କରୁଥିବା ମଣିଷ

ବାହୁନି ବାହୁନି କାନ୍ଦେ

ଆଉ କେହି ତୋ ଫେରିବା ବାଟକୁ ଚାତକ ପରି ଚାହିଁ ବସିଥାଏ

ନିଜଠୁ ଅଧିକ କାହାକୁ ଭଲ ପାଇବାରମଣିଷ ଆଉ କାହାର ହେଇଯାଏ

ଯେଉଁ ଭଲ ପାଇବାରେ ନଥାଏ

କିଛି ଲୁକ୍କାୟିତ ଲାଳସା ଅବା କିଛି ପାଇବାର ଆଶା

ଥାଏ ତ କେବଳ ନିଶ୍ୱାର୍ଥପର ସ୍ନେହ,ଶ୍ରଦ୍ଧା,ଆଉ ଆବେଗ............(୧)

ଭାଇ ର ଭଉଣୀ ପାଇଁ ସବୁବେଳେ ଠାକୁର ଙ୍କୁ କୁହେ

ତାର ସୁଖ, ସମୃଦ୍ଧି ଓ ସୁରକ୍ଷା ପାଇଁ ସବୁବେଳେ ପାଖରେ ଥାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଇଥାଇ ପାରେ ଗରିବ ମୂଲଲଗା ଭାଇ

କିନ୍ତୁ ଭଉଣୀ ପାଇଁ  ଦୁନିଆ ଆଗରେ ସବୁବେଳେ ଆଗରେ ରହି

ତା ପାଦରେ ଯେମିତି କଣ୍ଟା ଟେ ନ ଫୁଟୁ

ତା ଚଲା ପଥ ରେ କୌଣସି ବାଧା ନ ରହୁ

ଆଉ ତା ଆଖିରୁ କେବେ ଲୁହ ନ ଝରୁ

ଝରୁ କେବଳ ତା ଓଠରୁ ଦୁଇ ଧାର ହସ,

ଆଖିରୁ ସାହସର ବହ୍ନି ଆଉ ହୃଦୟରୁ ଅଦମ୍ୟ ବିଶ୍ୱାସ............(୨)

ନିଜକୁ ସ୍ୱତନ୍ତ୍ର ପରିଚୟ ଦବାର

ନିଜ ସ୍ୱାଭିମାନ କୁ ବଜାୟ ରଖିବାର

ନିଜକୁ ନିଜେ ମଜବୂତ କରି ଗଢି ତୋଳିବାର

ଆଉ ଏ ସ୍ୱାର୍ଥପର ଦୁନିଆ ରେ

ନିଜ ସ୍ୱାର୍ଥ ପାଇଁ ନିଜ ପରିଧିକୁ ଟିକେ ବିସ୍ତାର କରିବାର

ଯେଉଁଠି ପ୍ରତିଟି ନିଶ୍ୱାସ ରେ ଥିବ ଆତ୍ମବିଶ୍‌ୱାସ

ପ୍ରତିଟି ନିରବତାରେ ଥିବା ଆତ୍ମସମୀକ୍ଷା

ଆଉ ପ୍ରତିଟି ହସ ରେ ଥିବ ଆତ୍ମସନ୍ତୋଷ..........(୩)

ଭଉଣୀର ଖୁସି ରେ ଭାଇ ହୃଦୟରେ କୂଳ ଲଂଘୁଥିବା

ଅସୁମାରୀ ଆନନ୍ଦ, ଆଖି କୋଣରେ ଜକେଇ ଆସୁଥିବା

Listen to Odia Podcast on https://anchor.fm/aahwaan
ଆହ୍ଵାନ ଇ-ପତ୍ରିକା

 Magazine Downloaded from www.aahwaan.com

କେଇ ଟୋପା ଅଶ୍ରୁ ଅବା ଗର୍ବରେ ଫୁଲି ଉଠୁଥିବା

ଛାତି ଯାହା ଦିନେ ନିଜ ଖୁସିରେ ନିରବ ରହିଥିବା

କୋହ ହଉ କି ନିଜ କଷ୍ଟରେ ଯନ୍ତ୍ରଣା ଜର୍ଜରିତ ଥିବା

ଭଙ୍ଗା ମନ ର ଦରଭଙ୍ଗ । ସପନ...........(୪)

ଭଉଣୀକୁ ରାଜକୁମାରି ପରି ଗଢି ତୋଳିବାର

ତା ପାଇଁ ଆକାଶରୁ ଚାନ୍ଦ ତୋଳି ଆଣିବାର

ତାର ସବୁ ଅଳୀ ଅର୍ଦଳି କୁ ସହି ତା ଅବୁଝା ମନକୁ ସାନ୍ତ୍ୱନା ଦବାର

ତା ଖୁସି ପାଇଁ ଦୁନିଆ ଆଗେ ଠିଆ ହୋଇ ଲଢିବାର

ତାକୁ ବୋଝ ନୁହଁ ନିଜ ଅଧିକାର ସାବ୍ୟସ୍ତ କରିବାର

ଆଉ ତାକୁ ନିଜ ସାହସ ଗର୍ବ ଆଉ ସ୍ୱାଭିମାନ ବୋଲାଇବାର

ସବୁ ସମ୍ପର୍କରୁ ଶ୍ରେଷ୍ଠ ଗୋଟେ ପରିଚୟ ଦବାର

ଭାଇ ଜନ୍ମ କୁ ଯଥାର୍ଥ , କୃତାର୍ଥ ଆଉ ସ୍ୱୀକୃତ କରିବାର..........(୫)

ରିୟାଦ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଃରେ ଆଇନ୍ !



ରାଧାମୋହନ
ପୂଜାହାରୀ

ରେଳଗାଡ଼ି ରେ ଥାଏ ସତୁରୀ ସିଟ୍
ତିନି ଶହ ଲୋକ ପଶି ଯାଆନ୍ତି,
ଡବ୍ଲୁଟି ରେ ଯାଉଥିବା ଲୋକ ମଧ୍ୟ
ମାଗଣାରେ ରେଳ ହାୱା ଖାଆନ୍ତି ।

କ୍ଲାସ୍ ଜାଣି ରେଳ ସଭିଠୁଁ ପଇସା
ନିଏ କେଡ଼େ ଆଦରରେ,
ଡବ୍ଲୁଟି ବାଲା ବି ବସେ ସେଠି ସାଥେ
ବିଛାଇ ତା' ଚାଦରରେ ।

ରେଳଗାଡ଼ି ରେ ମାତ୍ରାଧିକ ଯାତ୍ରୀ
ପାଇଁ ପଡ଼େ ନାହିଁ ଫାଇନ୍,
ଓଭରଲୋଡିଂ ନାମରେ ଏଇଠି
କାମ ଦିଏ ନାହିଁ ଆଇନ୍ ।

ବସ୍ ରେ ରହୁଛି ତିରିଶ ସିଟ୍
ଚଢ଼ନ୍ତି ସେଥିରେ ଷାଠିଏ ଲୋକ,
ଠେଲାପେଲା ହୋଇ ଭିଡ଼ ଭିତରେ
ମରିଯାଏ ତାଙ୍କ ପେଟର ଭୋକ ।

ଉପରେ ହେଉ କି ଭିତରେ ହେଉ
ହେଉ ଅବା ଗେଟ୍ ପାଖରେ,
ଗହଳି ଭିତରେ ରୋଗୀଣା ସ୍ତ୍ରୀ ବି
ଛୁଆକୁ ଜାବୁଡ଼େ କାଖରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଟଙ୍କାଟାଏ ପାଇଁ କଣ୍ଡକ୍ଟର ଭାଇ
ଦେଖାଏ କେତେ ଯେ ଆଇନ୍,
କିନ୍ତୁ ଓଭରଲୋଡିଂ ନାଁ ରେ ଏଇଠି
ଜମା ପଡ଼େ ନାହିଁ ଫାଇନ୍ ।

ସ୍ୱାମୀ ସାଥେ ସ୍ତ୍ରୀ ଛୁଆ ପିଲା ମିଶି
ଚାରିଜଣ ଯଦି ହୋଇବେ,
ଓଭରଲୋଡିଂ ନାମେ ପୋଲିସବାବୁ
ଫାଇନ୍ ଦେବା ପାଇଁ କହିବେ ।

ନିୟମ କହୁଛି ଦୁଇ ଚକିଆ ରେ
ଯିବେ ମାତ୍ର ଦୁଇ ଜଣ,
କିନ୍ତୁ ବାପା-ମାଆ ଛୁଆ ଦୁଇ ଟାକୁ
ଫୋପାଡ଼ି ଦେବେ ନା କ'ଣ ?

ହେଲମେଟ ସାଙ୍ଗେ କାଗଜ ପତର
ଯଦିଓ ବା ଠିକ୍ ଥିବ,
ଓଭରଲୋଡିଂ ନାମରେ ତାହାର
ହାତରୁ ପଇସା ଯିବ ।

ସେଇ ସମଦଶା ଭୋଗେ ଅଟୋବାଲା
ଓଭରଲୋଡିଙ୍ଗ ପାଇଁ,
ପୁଲିସ ବାବୁଙ୍କ ଦାଦାଗିରି ପାଇଁ
ନିୟମ କାନୁନ ନାହିଁ ।

ସିଗନାଲ୍ ଭାଙ୍ଗି ଅଟୋବାଲା ଯଦି
ସାହାଯ୍ୟ କରୁଛି କାହାର,
ଲାଞ୍ଚ ନେଇ ବାବୁ ପକେଟ୍ ଭରନ୍ତି
ନିୟମକୁ ଆଖି ଠାର ।

ନିୟମକୁ ନେଇ ସରକାର ଆମ
ବଡ଼ ବଡ଼ କଥା କୁହନ୍ତି,
ପୁଲିସ ବାବୁ ବେନିୟମ ଫାଇନ
କାଟି ମାଲାମାଲ୍ ହୁଅନ୍ତି ।

ଗ୍ରାମ - ଲସ୍ତଲା (ଉଲୁଣ୍ଡା)
ଜିଲ୍ଲା - ସୋନପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁନିଆଁ



ଡଃ ଆଭାଞ୍ଜଳି
ଶତପଥୀ

ଦୁନିଆଁ

ଦୁନିଆଁରୁ ଦୁନିଆଁ

ଦୁନିଆଁରେ ଦୁନିଆଁ

ଦୁନିଆଁଠୁ ଦୁନିଆଁ

ଦୁନିଆଁ ପାଇଁ ଦୁନିଆଁ

ଏ କେମିତି ଦୁନିଆଁ ? କାହାର ଦୁନିଆଁ ? କୋଉ ଦୁନିଆଁ ?

ଏ ଦୁନିଆଁରୁ ସେ ଦୁନିଆଁ

ଏ ପଟୁ ସେପଟ

ସେପଟୁ ଏପଟ

ଏ ଡାଳରୁ ସେ ଡାଳ

ମନ ମାଙ୍କଡ଼ ଚିତ୍ତ

ଡେଇଁ ଡେଇଁ ଖୋଜେ ତା'ର ଲୋଡା ଦୁନିଆଁ

ଡାଳ ଭାଙ୍ଗି ଗଲେ କଚଡ଼ା ଖାଇ ପାଏ ଅଲୋଡ଼ା ଦୁନିଆଁ ।

ଲୋଡ଼ା ଦୁନିଆଁ ଅଲୋଡ଼ା ଦୁନିଆଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନକୁ ଲୋଡ଼ା ସେ ଦୁନିଆଁ

ଚକମକ ଦୁନିଆଁ

ରଙ୍ଗରଙ୍ଗିଆ ଦୁନିଆଁ

ଗୋଟେ ଟାଣ ଖରାରେ ରଙ୍ଗ ଉଡ଼ି ଗଲା

ଅଦିନିଆ ମେଘରେ ଚମକ ଧୋଇଗଲା

ଚୋରା ବାଲିରେ ପାଦ ଥାପି  ବେଳାଭୂମିର ଆନନ୍ଦ ନେଉଛି

ମାୟା ମିରିଗ ପଛରେ କେତେ  ଧାଉଁଛି

ପୁଣି ବଡ଼ ଦୁନିଆଁ ।

ସେତ ସମୁଦ୍ରକୁ ଶଙ୍ଖେ

ଜୁଳୁଜୁଳୁଆ ପୋକ ପୁଣି କହୁଛି ମୁଁ ସୂର୍ଯ୍ୟଙ୍କୁ ଆଲୁଅ ଦେଖେଇବି  !

ପୁଣି ଛୋଟ ଦୁନିଆଁ

ଛୋଟରୁ ମୋଟ

କୂପ ମଣ୍ଡୁକ ପୁଣି  ଜ୍ଞାନମଣ୍ଡିତ ?

କୋଇଠି ହଜିଗଲା ତା'ର ଲୋଡା ଦୁନିଆଁରେ

ଲେଉଟି ଆସିଲା ପୁଣି ଅଲୋଡ଼ା  ଦୁନିଆଁକୁ

ଅଲୋଡା ଦୁନିଆଁରେ ଖାଲି  ନିରାଶର କେଁ କଟର ରଡ଼ି

ଅଲୋଡ଼ାରୁ ଲୋଡା ଲୋଡ଼ାରୁ ଅଲୋଡ଼ା

ଜୁଆର ଭଟ୍ଟାର ଦୁନିଆଁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତୃପ୍ତିରୁ ତୃପ୍ତି ଆଉ ତୃପ୍ତିରୁ ଅତୃପ୍ତି

ଏକ ଆବର୍ତ୍ତର ଦୁନିଆଁ

ଭାବ ଅଭାବ ର ଦୁନିଆଁ

ସୁଖ ଦୁଃଖ

ଆଲୋକ ଅନ୍ଧାର

ଆଶା ନିରାଶା

ଅନୁକୂଳ ପ୍ରତିକୂଳର ଚକରି ଦୋଳି ।

ଭାବରେ ଅଭାବ ପୁଣି ଅଭାବରେ

ସେ କେମିତି ଦୁନିଆଁ ?

ଅଲଗା ଅଲଗା ଦୁନିଆଁ

ତା ଦୁନିଆଁ ମୋ ଦୁନିଆଁ

ବଡ଼ ଛୋଟ

ସ୍ଥୂଳ ସୂକ୍ଷ୍ମ

ଛୁଆଁ ଅଛୁଆଁ

ଲିଙ୍ଗ ,ଜାତି ଧର୍ମ,ବର୍ଣ୍ଣର ଦୁନିଆଁ

ଭିନ୍ନରେ ଅଭିନ୍ନ ନା ଅଭିନ୍ନରେ ଭିନ୍ନ

ସେ ପୁଣି କେମିତି ଦୁନିଆଁ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁନିଆଁ ଭିତରେ ପୁଣି ଦୁନିଆଁ

ବ୍ରହ୍ମାଣ୍ଡରେ ହିଜି ଯାଏ

ନିଜ ସତ୍ତା ଖୋଜେ ଦୁନିଆଁ ରୁ

ସମଷ୍ଟିରୁ ବ୍ୟଷ୍ଟି

ବିରାଟରୁ ସଂକ୍ଷିପ୍ତ

ମହାଦେଶ,ଦେଶ, ପ୍ରଦେଶ

ଜିଲ୍ଲା,ଗ୍ରାମ,ପଞ୍ଚାୟତ, ସାହି, କୁଟୁମ୍ବ,

ପରିବାର , ପୁଣି ଆମେ ଦୁଇ ଆମର ଦୁଇ

ତାପରେ ମାମୁଁ ମାଇଁ ଦୁଇ ପ୍ରାଣୀ

ଦୁଇ ପ୍ରାଣୀରୁ ପୁଣି ଏକ

ଏକରୁ ଏକାନ୍ତ ।

ଏକାନ୍ତ ଦୁନିଆଁ

ଏକାନ୍ତରେ ବି ନାହିଁ ନୀରବତା, ସ୍ଥିରତା

ଖାଲି କୋଳାହଳ

ଆସଂଲଗ୍ନ ଚିନ୍ତାମାଳା

ଅଧୁରା ସପନର ଗୁମୁରା କାନ୍ଦ

କାମନା ବାସନାର ମତୁଆଲା ତାତି

ଆଶା ବୈତରଣୀରେ ଉଛୁଳି ପଡୁଛି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିରାଶର ଆର୍ତ୍ତନାଦ

ସ୍ମୃତିରେ ଅଦିନିଆ ମେଘ

ଭାବ ଅସ୍ତ ବ୍ୟସ୍ତ

ମାନ ଅଭିମାନ

ହିଂସା ପ୍ରତିହିଂସା

ସ୍ପର୍ଦ୍ଧା ପ୍ରତିସ୍ପର୍ଧା

ମିଳନ ବିଚ୍ଛେଦ

ମୋହର ମହକ

ମନ ଖୋଜୁଥାଏ ଆଉ ଏକ

ଏକାନ୍ତରୁ ନିରବତାର ଦୁନିଆଁ

ଷଡ ଶତ୍ରୁ ନିହିତ ଦୁନିଆଁ

ସ୍ଥିର ଦୁନିଆଁ

ତୃପ୍ତିର ଦୁନିଆଁ

ଆନନ୍ଦର ଦୁନିଆଁ

ଶାନ୍ତିର ଦୁନିଆଁ ।

ଡକ୍ଟର ଆଭାଞ୍ଜଳି ଶତପଥୀ , ଗବେଷିକା

avanjali@yahoo.co.uk

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା : ଦୁଇଟି କବିତା



ପବିତ୍ର ସାହୁ

ସବୁ କଷ୍ଟକୁ ବରଣ କରି
ଜନ୍ମ ଦେବାର ଅସରନ୍ତି ଖୁସିକୁ
ଯିଏ ଅବିଳମ୍ବେ ସାଉଁଟି ନେଇଥିଲା
ସେଇ ପୃଥିବୀ ପରି ମହାନ
ମୋ ବୋଉ ।
ଆଉ ବାପା
ଆକାଶ ପରି ଅନ୍ତରଙ୍ଗ ଅଥଚ
ଧୈର୍ଯ୍ୟ ସାହାସର ଦରୁଆନ ସାଜି
ଆମକୁ ପ୍ରତି ମୂହୁର୍ତ୍ତରେ
ବଞ୍ଚିବା ପାଇଁ ଶକ୍ତି ଯୋଗାଇ ଆସିଥାନ୍ତି ।
ହଁ ସେ ମୋ ବାପା
ଯିଏ ପିଲାଦିନେ ଆମକୁ
କଠୋର ହୋଇ ଶାସନ କରିଥିଲେ
କେତେ ଗାଳି ଆକଟ ଭିତରେ
ଯେତେବେଳେ ଆମର ଦୃଷ୍ଟାମି
ବଢିଯାଏ କିମ୍ବା ଅମାନିଆ ପଣ
ସବୁ ପରିଧିର ବାହାରକୁ ଚାଲିଯାଏ
ସେତେବେଳେ ତାଙ୍କର
ଦୁଇପଦ ଟାଣ କଥା
ନାଲି ପଡିଯାଇଥିବା ଆଖି
ବାମ ହାତର ଥାପଡ
ଆମକୁ ସ୍ତବ୍ଧ କରିଦିଏ
କିନ୍ତୁ ବାରିପାଖ ଘସି ଚାଲିଆରେ
ମୁଁ ଦେଖେତ
ବାପାଙ୍କ ଆଖିରେ ଅବିଶ୍ରାନ୍ତ ଭାବରେ
ଝରି ଚାଲିଛି ଅଜସ୍ର ଲୁହ
ବୋଧହୁଏ ଆମ ଲୁହଠାରୁ
ଢେର ଅଧିକ ।
ସେଦିନ କଥା ମୋର ଠିକ ମନେ ଅଛି
ଭାଇକୁ ପ୍ରବଳ ଜ୍ୱର
ଉତ୍ତାପ ବଢିବଢି ଚାଲିଥାଏ
ବାପା କିନ୍ତୁ ଶୂନ୍ୟ ହସ୍ତରେ
ହଠାତ ରାତି ଅଧରେ
ଝଡ ବେଗରେ ଧାଇଁ ଯାଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଥି ନେଇ ଆସିଥିଲେ
ଆଉ ମୁଁ ପରେ ଦେଖେତ
ବାପାଙ୍କ ଶୋଇବା ଘରେ ଥିବା
ପୁରୁଣା କଳଙ୍କି ଲଗା ବାକ୍ସ ଖୋଲା ....

ବାପା - ୨

ବାପ ମୋର ମହାଦେବ
ନୀଳକଣ୍ଠ ପରି ସବୁ ବିଷକୁ ପିଇଦେଇ
ଅମପାଇଁ ଅମୃତର ମହଣ
ସାଇତି ରଖିଥାନ୍ତି ।
ବୋଉ ବାଢିଥିବା ଖାଇବାରୁ
ଉପରୁ ଉପରୁ ଟିକିଏ ଖାଇ ଦେଇ
ସବୁତକ ଆମକୁ ଖୁଆଇ ଦେଇ
ହୃଷ୍ଟପୃଷ୍ଟ କରିବର ବ୍ରତ ପାଳନ କରନ୍ତି
ମୋ ବାପା ।
ଚେତନାରେ ହେଉ
କିମ୍ବା ଅଚେତନନାରେ
ବାପା ସ୍ୱପ୍ନ ଦେଖନ୍ତି
ଆମକୁ ବଡ ହାକିମ କରିବା ପାଇଁ
ଦିନରାତି ଏକ କରିଦିଅନ୍ତି
ସବୁ ପରିଶ୍ରମ କଷ୍ଟକୁ
ହସିହସି ବରଣ କରି ନିଅନ୍ତି
କେବଳ ଦୁନିଆ ଦାଣ୍ଡରେ
ଆମର ମୁଣ୍ଡ ଉପରକୁ କରିବା ପାଇଁ ।
ସ୍କୁଲରେ ପଢୁଥିବା ବେଳେ
ଦିନକର କଥା
କଲମ ସରିଯାଇ ଥାଏ
ବାପାଙ୍କୁ କହିଲି ଆଣିବା ପାଇଁ
ବାପା ଅବିଳମ୍ବେ ମୋ ଲାଗି
ଗୋଟେ ଅର୍ଦ୍ଧ ନୂଆ କଲମ ଆଣିଥିଲେ
ସେହିକ୍ଷଣୀ ମୋର ଖୁସି କହିଲେ ନସରେ
କିନ୍ତୁ ସନ୍ଧ୍ୟାରେ
ଛିଣ୍ଡା ସଉପ ଉପରେ
ବାପା ଏପଟ ସେପଟ କର ନେଉଟାଇ
ବହୁତ କଷ୍ଟ ପାଉଥିଲେ
କାରଣ ମୋତ କଲମ ଦେବାପରେ
ସେଦିନ ବିଡି ଆଉ ଟାଣି ନାହାନ୍ତି
ବୋଧହୁଏ ବିଡି ଆଣିବା ପାଇଁ
ଟଙ୍କାଟିଏ ବି ତାଙ୍କ ପାଖରେ ନାହିଁ .....

ଓଡ଼ଙ୍ଗ, କେନ୍ଦ୍ରାପଡା
ଫୋନ ୮୦୯୩୪୫୧୨୪୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତିନୋଟି ପ୍ରଶ୍ନ



ସନାତନ ମହାକୁଡ଼

ମୂଳ ରଚନା ହିନ୍ଦୀ: ଧରମ ଦୁବେ

( ୧)

ହଁ

ସତ କହିଲେ ଆପଣ

ଏତେ ଭାବିବାର କଣ ଅଛି

ଗର୍ଭରେ ଶିଶୁ ସହିତ

ଏକ ହାତୀ ତ ମଲା

କେହି ନେତା ଅବା

ତାଙ୍କ ସଂପର୍କୀୟ ତ ନୁହେଁ !

(୨)

ଆରେ ଭାଇ

ଗୋଟିଏ ପଶୁର ମୁହଁରେ ହିଁ

ବାରୁଦ ଖୁନ୍ଦା ହେଇଛି

କୌଣସି 'ସାଧୁ' 'ମହାତ୍ମା' ଙ୍କୁ ନୁହଁ

ତୁମେ ଭୁଲି ଯାଉଛ କାହିଁ

ଏଇ ଯେ କଳିଯୁଗ !!

(୩)

ମୋତେ ବି ଦେଖିବାର ଥିଲା

ତୁମର ଦୁନିଆଁ

ନିଜ ସମାଜ

ନଦୀ ପାହାଡ଼ ଝରଣା ଖୋଲା ଆକାଶ

କିନ୍ତୁ ମୋତେ

ମାନବଙ୍କ ନଜର ଲାଗିଗଲା !!!

* ଗ୍ରାମ/ପୋ.ଅ-ବେରୁଆବାରୀ-୭୫୨୦୮୨

ଜିଲ୍ଲା- ନୟାଗଡ଼, ଓଡ଼ିଶା.

ଦୂରଭାଷ:୦୯୩୩୯୭୧୦୦୯୮

ଇମେଲ- sanmahakud@gmail.com

ୱେବସାଇଟ:www.sanatanmahakud.in

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କବିତା ବିରୋଧୀ ସମୟ



ଡଃ ବିଣାପାଣୀ ଦେବତା

ହିନ୍ଦୀ କବି : ଅଭିଜ୍ଞାତ

ଓଡ଼ିଆ ଅନୁବାଦ : ଡଃ ବିଣାପାଣି ଦେବତା

ଏଇ ସମୟ କବିତା ବିରୋଧୀ
କାରଣ ଚାଟୁକାରମାନେ ସତ କହନ୍ତି ନାହିଁ
ଆଉ କବିତା ମିଛ କହେ ନାହିଁ
ତାହା ସତରେ ଯଦି କବିତା ହୋଇଥାଏ ।
ଯେତେବେଳେ ବିରୋଧୀ  ମତ ଉପରେ
ଜୋକ୍ସ ତିଆରି ହେଉଛି
ଓ ଲୋକେ ତାର ମଜା ନେଉଛନ୍ତି
ଏହା କବିତା ବିରୋଧୀ ସମୟ ।
କାହିଁକି ନା ଅଦାଲତ ବି କରିଦିଏ
ଅପରାଧ ବୋଧରୁ ମୁକ୍ତ
ଯେମିତି ମହାକୁମ୍ଭରେ ପଡ଼ିସାରିଛି ବୁଡ଼ ।
ମେରୁଦଣ୍ଡର ବିପଣନ ଘୋଷଣା ପରେ
ଆମେ ଜୋର୍ ଜୋର ତାଳି ବଜାଉ ।

୧, ସତ୍ୟ ଡକ୍ଟର ରୋଡ୍, କୋଲକାତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହିଁ ନାଇଁ ନ ଶାନ୍ତି

"ଯାତ୍ରୀଗଣ ଧ୍ୟାନ ଦିଅନ୍ତୁ ଦୁରୁଗ ପୁରୀ ଏକ୍ସପ୍ରେସ ତା ନିର୍ଦ୍ଧାରିତ ସମୟ ଠାରୁ ଏକ ଘଣ୍ଟା ବିଳମ୍ବ ରେ ପହଞ୍ଚିବ " ଏଇ ଅସୁବିଧା ପାଇଁ ...... ।

ଅଧଘଣ୍ଟା ହେଲାନ ପ୍ଲାଟଫର୍ମ ନେ ବସି କରି ବିତବିତା ହେଲା ବେଲ୍ କେ ଆରୁ ଘଣ୍ଟା ଟେ ଟାକବା ପଡ଼ବା ଭାବୁଛନ୍ ଗୌର ବାବୁ । ପୁରୀ ଯିବେ ବୋଲି ସେ ଇଟା ସମଲପୁର ନେ ଘରୁ ବାହାରି ଛନ୍ ଯେ, ଦେଖଲେ ତାଙ୍କର ପିଲାଦିନର୍ ସାଙ୍ଗ ମହନ କେ ।

"ଆରେ ମହନ ! ତୁଇ କେଁ ବୋ, କାହିଁ ? ମହନ ବି ଦେଖିକରି ଯେତେ ଉସତ୍ ଯେ ନାଇଁ କହ ନ । ଦିହେଁ ଦିହି କେ ହାତ ମିଲେଇ ପୁଟୁଲା ପୁଟୁଲି ହେଇ ଗଲେ ଆରୁ ବେଞ୍ଚ ନେ ବସି କରି ଚଲାଲେ ତାଙ୍କର ସୁଖ ଦୁଃଖ ର୍ କଥା । ମହନ କହେଲେ "ହଏ ବୋ ଗୌର ତୁଇ ବନେ ବଛର୍ ହେଲା ଗାଁ ନୁ ଆସିକରି ସହରେ ରହିଗଲୁ । ଇନ ଚାକିରୀ ବାକିରି କରି ସବୁ ସୁବିଧା ସୁଖ ଶାନ୍ତି ଥି ରହେଲୁ । ଆରୁ ଗାଁ କେ ଫିରବୁ କେଁ ? ଆମକେ ମାନକେ ତ ପାଶରୀ ଉସୁରି ଦେବୁ ନ" ।



ସତ୍ୟନାରାୟଣ ମିଶ୍ର

"ଆରେ ନାଇଁ ରେ, ଗାଁ କେ ମୁଇ ଯେତେ ହେଲେ ଭୁଲି ପାର୍ମି କେଁ । ହେନ୍ ତ ମୋର୍ ଜନମ୍ । ତମର ମାନକର୍ ସଂଗେ ଗୁଜୁରୀଛେ ମୋର୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିଲା ଦିନ୍ । ଗାଁ ଇସ୍କୁଲ ଥି ପଢିଛୁଁ ଖେଳିଛୁଁ, ବନ୍ଧର ପାନି ଉଧୂଳିଛୁଁ ଝୁରି ମାରିଛୁଁ, ସେ ସବୁ କେ ପାଶରୀ ହେବା କେଁ ? ଚାକିରୀ ଲାଗି ସହର କେ ଆସଲି, ଇନେ ବିହା ହେଲି, ଘର ଦୁଆର ବନେଇ କରି ରହିଗଲି । ଇନ ସବୁ ସୁବିଧା ଅଛେ ସତ୍, ହେଲେ ଶାନ୍ତି ନାଇଁ ନ ଭାଇ ! ସହରୀକରଣ ନାଁ ଥି ଜୋର ସୋର୍ ବଢି ଚାଲିଛେ ବିଲ୍ଡିଂଗ ତିଆରି । ରାସ୍ତା ତିଆରି । କଲ କାରଖାନା । ମିଲ୍ ମଲ୍ କେତେନି କେତେ । ମଟର ଗାଡି କୁହୁଲା ଧୁଇଲ ବାଲି ଲାଗି ପବନ୍ ଯେତେ ଦୂଷିତ ହେଲାନ କହ ନାଇଁ । ତାର ସଙ୍ଗେ ନାଲି ର୍ ଦୁର୍ଗନ୍ଧି କେଚେରା ଅସ୍କଟ୍ ଥି ଉକୁବୁକୁ ହେଇଯିବୁ । ଇ ପାନି ପବନ୍ ସବଦ୍ ଆବଦ୍ ପ୍ରଦୁସଁନ୍ ଥି କାହିଁ ପାଏବୁ ଶାନ୍ତି ? ? ତୁଇ ଗାଁ ନେ ଅଛୁ, ବନେ ଅଛୁ ରେ ଭାଇ," ସୁନି କରି ମହନ କହେଲା "କାହିଁ ର୍ କଥା ଭାଇ, ଏଭେ ତ ଗାଁ ନେ ଗାଡି ମଟର, ରାସ୍ତାଘାଟ, ପାନି ବିଜିଲି ର୍ ସବୁ ସୁବିଧା ହେଲା ନ ସତ୍, ମାତର ଗାଁନେ ଭିଲ ଶାନ୍ତି ନାଇଁ । ଲୋକ ର୍ ମନ ଭିତିରେ ତ ଅହଂକାର ହିଂସା ଛନ୍ କପଟ୍ ଭରି ହେଇଗଲା ନ ।

କାହାକେ କାହାର୍ ହୁରୁଦ ଭରା ସର୍ଦା ନାଇଁ । କାମ ହାସଲ କର୍ବାକେ କକା ବବା ଦାଦା କି ଭାଇ । ବାକି ବେଲେ ଆଡ଼ ମୁହାଁ । ଗାଁ ର୍ ରାଜନୀତି ତ ସହରୁ ଜିତିଲା ଟା । ସହରେ ପାନି ପବନ୍ ସିନା ଦୂଷିତ୍, ଗାଁ ନେ ତ ଲୋକ ର୍ ମନ ମଏଲ୍ । ହେନ୍ତା ପରିବେଶ ଥି ଶାନ୍ତି ଖୁଜୁଲେ ମିଲସି କେଁ " ?

ଟିକେ ଗୁମ୍ ହେଇକରି ଫେର୍ ଖେଚେଡେ ଖେଚେଡେ ଗୌର କହେଲେ "ହଁ ବୋ, ଗାଁ କି ସହରେ କାହିଁ ତ ଶାନ୍ତି ନାଇଁ ବୋଲି ଆଗେ ଋଷି ମୁନି ଯେତେ ଜଂଗଲେ ରହୁଥିଲେ । ଏଭେ ତ ଜଙ୍ଗଲ ଭିଲ ସୁଇନ୍ । ମୁନୁଷ କାଣା, ପଶୁପକ୍ଷୀ ମାନେ ବି ଶାନ୍ତି ଥି ନଇଁ ନ ବୋ ! ମୁନୁଷ ମରିଗଲେ ଶାନ୍ତି କହେସନ୍ । ହେଲେ ତାର ଆତ୍ମା ର୍ କେନେ ଶାନ୍ତି ଅଛେ? ଫେର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥରେ କେଁ କେଁ ଜନମ ନେସି ପରେ ।"

ଇ ଦୁହିଜନ ର୍ କଥା ସୁନୁଥିଲେ ଝନେ ପୁରଖା ଲୋକ୍ । ହସିକରି କହେଲେ "ହଏ ହୋ ବାବୁ ! ତମେ ଯେନ୍ କଥା କେ ବଲାଙ୍ଗୀର ନୁ ବେଙ୍ଗାଲୁରୁ କେ ନେଲନ ଆରୁ ଶାନ୍ତି ନୁରି ବୁଲୁଛ ତାର କାରନ୍ କେଁ ଟା ଯେ ଟିକେ ବିଚାର । କାରନ୍ ଜାନିକରି ତାହାର୍ ପ୍ରତିକାର୍ କର । ଯଦି ଜଙ୍ଗଲ ସୁରକ୍ଷା ହେତା, ସହରୀ କରନ୍ ରୋକ୍ ଲାଗତା, ପରିବେଶ ସୁରକ୍ଷାର୍ ଭାବନା ଲୁକେ କରତେ ଆରୁ ଲୋକର୍ ମନ ଭିତିରେ ଭାଇଚାରା ଭାଵ ଆସି ଯାଏତା, ସହଯୋଗ ସଦ୍ଭାବ ଆସ୍ ତା, ବେଲେ ତ ଶାନ୍ତି କେ ନୂରା ଖୁଜା ନି ପଡେ । ଆପେ ଆପେ ପହଁଚିବା ସେ" ,.....କହତେ କହତେ ଟ୍ରେନ୍ ଆସିଗଲା ଟେସନ୍ ପାଖ ପାଖ୍ । ମାଇକ୍ କହେଲା " ଯାତ୍ରୀମାନେ ଧ୍ୟାନ ଦିଅନ୍ତୁ, ଦୁରୁଗ ପୁରୀ ଏକ୍ସପ୍ରେସ କିଛି ସମୟ ମଧ୍ୟେ ଏକ ନମ୍ବର ପ୍ଲାଟଫର୍ମ ରେ ପହଞ୍ଚିବ ".....

ସିଂଧେକେଲା ବଲାଙ୍ଗୀର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚାଷୀର୍ ମନ୍

ଚାଷୀର୍ ମନ୍'ଟା ଗହଲ୍ ଚହଲ୍

ଲାଗିବସୁଛେ କେଥି'ନିକେତେ

ଚାଷ୍ ବାଡ଼ି ଟିକେ ଭଲ୍ ହଉ ବଲି

ଆଶା କରୁଛେ ଯାହାକେ ଯେତେ..... !

ହିସାବର୍ ହାଟେ ବୁଲିବସୁଛେ

ଇଆଡ଼୍ ସେଆଡ଼୍ ଉଷତେ ଉଷତେ

ଭାବ୍'ନାର୍ ଦୁଲିଥି ଦୁଲିନଉଛେ

ସୁଖର୍ ଆକାଶେ ଉଡ଼ୁଛେ ସଥେ..... !

ତା'ର୍ ଦୁନିଆଁର୍ ତାପ୍'ନେ ରଜା

ମନ୍ କେ କହେସି ଯେତେ

ମନ୍ ଭି କେଥି'ନି ନାଚି ବସ୍'ସି

କାମ୍ କରି କରି ନିଜର୍ ଖେତେ..... !



ବିଶ୍ୱନାଥ ଭୁଏ

କେଶାଇପାଲି, ଭଟଲି

ଜିଲ୍ଲା - ବରଗଡ଼, ମୋ-୯୬୬୮୮୭୮୫୮୮

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ରେ, ଫଗୁନ୍

ରେ, ଫଗୁନ୍

ତୁଇ ଆମ୍ ବଉଲର୍

ମଧୁର୍ ମଧୁର୍ କହଁର୍ ଥି

ଚାର୍‌ହିକୁତି ଚମ୍ ଚମେଇ ଦେସୁ

ଛନେ ମୋର୍ ଜଁଜାଲିଆ ମନ୍‌କେ ଭି ତୁଇ

ଘିଚିନେସୁ ପର୍‌କୁତି ରାନୀର୍ କୁଲ୍ କେ ।।

ରେ, ଫଗୁନ୍

ତୋର୍ ହୁର୍‌ହୁରିଆ ଧୁକା

ଦିହେଁ ଠଟେଇ ହେଇଗଲେ

ଧଂଗ୍‌ରା ବଏସର୍ ପିର୍‌ତି କଥାକେ

ସୋର୍ ପକେଇ ଦେସୁ

ଆରୁ ହେତେଇ ଦେସୁ

ମୋର୍ ଧାଂଗ୍‌ରି ପ୍ରିୟାର୍

ଚଏଁଡ୍ ମଲ୍‌କା ହଁସିକେ ଭି ।।



ସନ୍ତୋଷ କୁମାର ଅଦାବର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ହେତୁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରକାଶିତ Aahwaan.com 

 Magazine Downloaded from www.aahwaan.com

ରେ, ଫଗୁନ୍

କୁଇଲିର୍ କୁହୁକୁହୁ ଗୀତର୍ ସୋର୍ ଥି

ଶୁଭୁଥିସି ପଏଁରି ପିନ୍ଧା ଫୁଲ୍ମତୀର୍ ଗୁରାପାହାର୍

ଛୁମୁକ୍ ଛୁମୁକ୍ ଶବଦ୍ ।।

ଶେତୁଆ ମଏଲ୍ଚିଆ ହୁରୁଦ୍ କେ ମୋର୍

ଗୁଧେଇଦେସୁ କେତ୍ନି କେତେ

ଭାବର୍ ରଂଗ୍,ସେନ୍ହୋର୍ ରଂଗ୍ ଥି ।।

ସହକାରୀ ଶିକ୍ଷକ, ବୀରମହାରାଜପୁର, ସୁବର୍ଣ୍ଣପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏକଲା ଆଏଁ ମୁଇଁ

ଇ ବିଶାଲ୍ ଜଗତ୍ ନେ
ଏକଲା ଆଏଁ ମୁଇଁ
ସାଂଗ୍ ବଏଲେଁ – ମୋର୍ ଛଏଁରା
ଆଏ ପହରା-
ଏକଲା ଆଏଁ ମୁଇଁ ।

ନୁଏସେ ମୁଇଁ ପରଲା ବୁହି
ନୁଏସେ ଶୁଭ୍ ଭରିଆ
ଆହାଲାଦି ଉଲେଦୁଲେ
କେନସି ବିହା ଘରର୍ ।



ସନାତନ ବେହେରା

ସୁଇଁନ୍ ଆକାଶ୍ ତଲେଁ
ସୁଇଁନ୍ ଧରସାର୍ କୁଲେ,
ତହବି କାଢିଛେଁ ଗୋଡ୍
ଟେକିଛେଁ ଦୁହିଁ ବାହା....
କାଏଁ ଦୁଖ୍, କାଏଁ ସୁଖ୍, କାଏଁ ମୁକାମ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଇଁ ତ ଆଏଁ ମନର୍ ବାଟୁଆ ।

କାହାକେ ଆଶା ନାଇଁ
କାହାକେ ରିସା ନାଇଁ
ଆରୁ ନାଇଁ ଲଲେହି ଇତିହାସର୍ ।

ଯେଂତା, କଲା ଝାଏଁଝାଏଁ ତେଲି ମୁଡାର୍ ପାନି
ହଂସରେଲ୍ ଚରସି ଏକଲା ଏକଲା
ହେଂତା, ଇ ସଁସାର୍ ଭି ବାର ରଂଗିଆ
ହାଟ୍ ବସାସି ଠାରେ ସମିଆଁର୍ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉକିଆ ହେବା କାଏଁନ

ପରହର୍ ଶିରି ଦେଖି
ରଗରଗା ଅଂଗରା
ଖପବାର୍ କେ କାଏଁନ ।ା

ସବୁ ଜାନିସୁନି
ଜଲୁଥୁସ ଡାଓ ଡାଓ
କଲଜା ହଁଣାକେ
ଅଦରବା କରବାକେ କାଏଁନ ।ା

ଛାତି ନ ତୋ ଦମ୍ ନାଇଁ
କରବାକେ ସତର୍ ସାମନା
ବିଗଡେଇ ଭଗନସ୍
ପାହାଟେକି ଡିଡି ହେସ କାଏଁନ ।ା



ସହଦେବ ଧରୁଆ

ତମେ ତୋ ପରକୁତି ଛଡା
ସୁଧରିବ ହେଲେ କେନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହରମେସା କୁଦରୁପି ହତେର୍

ପଜେଇ ତିଆର୍ କାଏଁନ ।ା।

ସଭାବ୍ ତୋ ଖଲିଚଟା

ଚାଟୁଥିବାର୍ ପଟେ ଲୁହୁଂଗ୍ ଲୁହୁଂଗ୍

ଯା'ର୍ ଖାଏସ

ତାର୍ ଗୁନ୍ ଗାଏସ କାଏଁନ ।ା।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁଲଭ ଜନମ

ସମିଆଁର ଶିଡି ଚଢତେଲ

ଦିନେ କେଭେଁ ଅଟକି ଯିମା,

ସମିଆଁର ଗରଭ ନେ

ସଭୁ ଧସକି ବିଦ୍ରି ସମସାମ

ହେଇଯିବା ।

ଖାଲି ବଁହଁକୁ ଥିବା ଚକା

ଆଗକେ ଆଗକେ

ଜନମ ପରେଁ ଜନମ

କେତେ ଜନମ ଥରକେ ଥର

ଗାଏ, ଘୁଷରି,ପୋକ କିରଙ୍ଗା ଆର

କେତେ କେତେ

ଫେର ଦୁଲଭ ଜନମ ଟେ

ମିଲବା ?

ସୁରତେଇ କରି

ହାତେ ନାପି କାଁଡେ

ଚାଲି ଶିଖଲେ



ମନୋରଞ୍ଜନ ସୁରୁଜାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧରମ କରମେ ହାତ ଦେଇ

ଖାଲି ଏକ ମନ ଏକ ଚିତ

ଲଏ ରଖି ଜୁରା ପାହା ତଲେ

ସଅଁପି ହେଲେ,

ଡୁରି ଲାଗି ଯିବା ।

ଦୁଲଭ ଜିବନ

ସାଫୁଲ ହେବା ।

ମନୋରଞ୍ଜନ ସୁରୁଜାଲ

ଅଇଁଲାପାଲି ଧମା ସମ୍ବଲପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀକାରୀ

(ଭାଗ ୭ )

ପିଲା ଗୁଟେ ସାଙ୍ଗେ ଉଧୁଲିଆ ଗଲା
ସବୁ ସୁନାରୁପା ଧରି,
ବୁଢ଼ୀଗୁଟେ ଥିଲା ସହି ନି ପର୍ଲା
ଲାଜେ ମରିଗଲା ଡରି ।
ତାର୍ ଗଲା ଦିନ ରାତିକା କେନ୍ତା
ବୁଢ଼ୀ ଖଟେ ମରିଗଲା,
ସୁନାଫୁଲି ସାଙ୍ଗେ କହେବ କେନ୍ତା
ନାକ୍ ବି ଉଭେଇ ଗଲା ।
ଗୁଟେ ରାତି ଦୁଇ ଅଘଟନ୍ ହେଲା
ବୁଢ଼ୀ ସାଙ୍ଗେ ଶାଳୀ ଗଲା,
ଗୁଟେ ସାଙ୍ଗେ ଗୁଟେ ପୁରା ହଜିଗଲେ
ଗୁଟେ ଗଲା ଗୁଟେ ମଲା ।
ଇ ଦୁହି କଥାକେ ସୁର୍ତା ଯେ କରି
ମାହାଝି କାନ୍ଥ୍ଲା ଖଟେଁ,
ଛୁଆପିଲା ଗୁଟେ ଆମର୍ ତ ନେଇଁ
ଦୁଃଖ୍ ଥିଲା ଆରପଟେଁ ।
ଦଶ୍ରେଯ ବଛର୍ ଗଲା ଉତାରୁଁ ତ



ଦେବଦତ୍ତ ସନ୍ସ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାହେଝି କଁଲାଲା ଛୁଆ,
ଗୁଟେଗୁଟେ କରି ବଛର୍ କେ ବର୍ଷ
ପାଞ୍ଚ୍ ଟା କହେଲେ ବୁଆ ।
ସବୁ ଝିଇଝିଇ ପାଞ୍ଚ୍ ଟା ଗଦେଇ
ଦିହେଁ ତ ନି ବୁହିବାର୍,
ପିଲା ଗୁଟେ ହେଲେ ଘରେ ହେଇଥିଲେ
କର୍ତା କାମ୍ କବାର୍ ।
ଝିଇମାନେ ସବୁ ଜୁଆନ୍ ହେଲେନ
ପାଚ୍ଲା ମୁଡର୍ ବାଲ୍,
ଗୁଟେ ପରେ ଗୁଟେ ପାଞ୍ଚଟା ଅଛନ୍
ଇଟା ବାଆ ମାଆର୍ କାଲ୍ ।
ଇଇ ସବୁ କଥା ଭାବିଦେଲେଁ ଘାଏ
ରାତିକେ ଝୁମ୍ରା ନେଇଁ,
ଯାହା ଘର୍ ନିଅ କାହାକେ ହଉଛେ
କାହାକେ ହେବାର୍ ନେଇଁ ।
ଖାଏବାର୍ କଥା କହୁଛେଁ ବଲତ
ଅଲ୍ପାଟା ନେଇଁ ବୁଝ,
ଗୁଟେ ପରିବାରେଁ ଆଠ ଜଣ ଅଛୁଁ
ଖାଏବାର୍ ଟା ତ ଖୁଜ ।
ଘାଏ ଅଟକିଲିଁ ଆଖି ମୁଜିଦେଲିଁ
ଦିଶ୍ଲା ଜଗ ଅନ୍ଧାର୍,

ତାର୍ ପରେ ଘାଏ ମନେ ଭାବୁଥାଏଁ
ଇଟା କହେସିଁ ସଂସାର ।
ଆଖି ଖୁଲିଥିଲେ ଅବା ମୁଜିଥିଲେଁ
ସବୁକୁତି ଯେ ଅନ୍ଧାର୍,
ଜେନ୍ ଆଡ଼େଁ ଗଲେ ଖାଲି ସବୁ ବେଲେଁ
ଶିକାରୀ ଚାହେଁ ଶିକାର ।
ଶିକାର୍ ତ କଲେଁ ଶିକାର ମିଲ୍ବା
ଏନ୍ତା ରହେଲେ ଁ ଘାଏ,
ଠିଆଡ଼ ଉଠିଛେଁ ଆଖିଁକେ ମୁଦିଛେଁ
ଇଟାତ ଖରାପ୍ ଆଏ ।
ଏଛି ବେଲେଁ ତ କଅଁଲିଆ ହେଇ
ବଏଁଶି ଶୁଭ୍ଲା କାହିଁ,
ଅନ୍ତର୍ ଭେଦ୍ଲା ଉଠହୋ ବଏଲା
ଦେଖ ଖୁଜ ଆଖି ଚାହିଁ ।
ଆଖିଁ ଖୁଲିଦେଲିଁ ଫେର୍ ଘାଏ ପାଦ୍
ବଢ଼ାଲିଁ ଜଙ୍ଗଲ ପଥେଁ,
ବେଲୁଡ଼ା ତକ୍ ଶିକାର୍ ନି କଲେଁ
ଭୁଖେଁ ଶୁଇମା ଯେ ସଥେଁ ।
(ଆଗକେ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗବତ୍ ଜ୍ଞାନ

ଓଁ ନମଃ ଭଗବତେ ବାସୁଦେବାୟ !

ଓଁ ନମୋ ଗଣେଶ ବିଘ୍ନେଶ, ଗିରଜା ନନ୍ଦନ ପ୍ରଭୋ ।

ମମ ବିଘ୍ନଂ ବିନାଶାୟ ଗଣାଧିପତୟେ ନମଃ । ।

ଓଁ ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭଃ ।

ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା ।

ବିଦ୍ୟାରମ୍ଭେ ବିବାହେ ଚ ପ୍ରବାସେ ଦୁର୍ଗମେ ତଥା ।

ସଂଗ୍ରାମେ ସଂଙ୍କଟେ ଚୈବ ବିଘ୍ନସ୍ତସ୍ୟ ନ ଜାୟତେ । ।

ଖର୍ବଂ ସ୍ଥୁଳତନୁ ଗଜେନ୍ଦ୍ର ବଦନଂ ଲମ୍ବୋଦରଂ ସୁନ୍ଦରଂ ।

ପ୍ରସ୍ୟଂଦ ମଦ୍ ଗନ୍ଧଲୁବ୍ଧ ମଧୁପ ବ୍ୟାଲୋଳ ଗଣ୍ଡ ସ୍ଥଳଂ । ।

ଦନ୍ତାଘାତ ବିଗାରି ତାରି ରୁଧିରୈ ସିନ୍ଦୂର ଶୋଭାକରଂ ।



ବନ୍ଦେ ରୋହ ସୁତାସୁତଂ ଗଣପତି ସିଦ୍ଧି ପ୍ରଦଂ କାମଦଂ । ।

ଗୁରୁର୍ବହ୍ମା ଗୁରୁର୍ବିଷ୍ଣୁଃ, ଗୁରୁରେବ ମହେଶ୍ୱରଃ ।

ଗୁରୁର୍ସାକ୍ଷାତ୍ ପରଂବ୍ରହ୍ମ, ତସ୍ମୈ ଶ୍ରୀ ଗୁରବେ ନମଃ । ।୧ । ।

ଅଖଣ୍ଡ ମଣ୍ଡଳାକାରଂ, ବ୍ୟାପ୍ତଂ ଯେନ ଚରାଚରମ୍ ।

ତତ୍ପଦଂଦର୍ଶିତଂ ଯେନ, ତସ୍ମୈ ଶ୍ରୀ ଗୁରବେ ନମଃ । ।୨ । ।

ଅଜ୍ଞାନତିମିରାନ୍ଧସ୍ୟ ଜ୍ଞାନଞ୍ଜନ ଶଳାକୟା ।

ସହଦେବ ପ୍ରଧାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚକ୍ଷୁରୁନ୍ମିଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ । ।୩ । ।

ମାତୃବତ୍ ଲାଳୟିତ୍ରୀଚ, ପିତୃବତ୍ ମାର୍ଗଦର୍ଶିକା ।

ନମୋଽସ୍ତୁ ଗୁରୁସତ୍ତାୟୈ, ଶ୍ରଦ୍ଧା-ପ୍ରଜ୍ଞାୟୁତା ଚ ୟା । ।୪ । ।

ଓଁ ବ୍ରହ୍ମାନନ୍ଦଂ ପରମ ସୁଖଦଂ, କେବଳଂ ଜ୍ଞାନମୂର୍ତ୍ତିଂ ।

ଦ୍ୱନ୍ଦାତୀତଂ ଗଗନ ସଦୃଶଂ, ତତ୍ତ୍ୱମସ୍ୟାଦି ଲକ୍ଷ୍ୟମ୍ । ।୫ । ।

ଏକଂ ନିତ୍ୟଂ ବିମଲମଚଳଂ, ସର୍ବଧୀସାକ୍ଷିଭୂତଂ,

ଭାବାତୀତଂ ତ୍ରିଗୁଣରହିତଂ, ସଦ୍ଗୁରୁଂ ତଂ ନମାମି । ।୬ । ।

ଅଖଣ୍ଡାନନ୍ଦବୋଧାୟ, ଶିଷ୍ୟସଂତାପହାରିଣେ ।

ସଚ୍ଚିଦାନନ୍ଦରୂପାୟ, ତସ୍ମୈ ଶ୍ରୀ ଗୁରବେ ନମଃ । ।୭ । ।

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋ3ମଂ

ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ୍ ।

ମୁକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ

ଯତ୍କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।

ଆଦୌ ଦେବକୀ ଦେବୀ ଗର୍ଭ ଜନନଂ ଗୋପୀଗୃହେ ବର୍ଦ୍ଧନଂ ।

ମାୟା ପୁତନା ଜୀବିତାପହରଣଂ ଗୋବର୍ଦ୍ଧନଂ ଧାରଣଂ । ।

କଂସୋଚ୍ଛେଦନଂ କୌରବାଦିଦହନଂ କୁନ୍ତୀସୂତାଃ ପାଳନଂ ।

ଏତଦ୍ଭାଗବତଂ ମହାପୁରାଣ କଥିତଂ ଶ୍ରୀକୃଷ୍ଣଲୀଳାମୃତଂ ।

ଅନାମ୍ନୋ ଜାୟତେ ନାମଃ ନାମାଷ୍ଟକ୍ଷର ସମ୍ଭବଃ ।

ଅକ୍ଷରୋଜ୍ଜାୟତେ ମୂର୍ତ୍ତି ମୂର୍ତ୍ତିମନ୍ତଂ ପ୍ରକାଶୟେତ୍ । ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।

ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବି ଭାବୁକାଃ । ।

ଶ୍ରୀମଦ୍ଭାଗବତ ହେଉଛି ବେଦରୂପୀ କଳ୍ପବୃକ୍ଷର ସୁପକ୍ୱ ଫଳ । ଏଥିରେ କେବଳ ରସ ହିଁ ପରିପୂର୍ଣ୍ଣ ହୋଇ ରହିଛି । ଶ୍ରୀ ଶୁକଦେବଙ୍କ ମୁଖ କମଳର ମକରନ୍ଦ ରସ ମିଶି ଏହା ଆହୁରି ଅଧିକ ପରମାନନ୍ଦମୟୀ ସୁଧାରେ ପୂର୍ଣ୍ଣ ହୋଇଯାଇଛି । ତେଣୁ ହେ ରସଜ୍ଞ ଭାବୁକ ଭକ୍ତଗଣ ! ଏହି ଦିବ୍ୟ ଅମୃତ ଏବେ ଭୂଲୋକରେ ସୁଲଭ ହୋଇଗଲା । ତେଣୁ ମୋକ୍ଷ ନ ହେବା ପର୍ଯ୍ୟନ୍ତ ଏହାକୁ ବାରମ୍ବାର ପାନ କର ।

## ଶ୍ରୀମଦ୍ଭାଗବତ ମହାପୁରାଣର ୧ମ ସ୍କନ୍ଧ ବିଷୟସୂଚୀ ଏବଂ ଅଧ୍ୟାୟଗତ ସାରାଂଶ -

ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଟି ସ୍କନ୍ଧ ମଧ୍ୟରୁ ଏହି ସଂସ୍କରଣରେ ୧ମ ସ୍କନ୍ଧ ବିଷୟରେ ସବିସ୍ତୃତ ବିବରଣ ପ୍ରଦାନ କରାଯାଉଛି । ପ୍ରଥମ ସ୍କନ୍ଧର ବିଷୟସୂଚୀ ଠାରୁ ଆରମ୍ଭ କରି ସର୍ବମୋଟ ୧୯ଟି ଅଧ୍ୟାୟର ସାରାଂଶ ଏଠାରେ ବର୍ଣ୍ଣନା କରାଯାଉଛି । ତେଣୁ ହେ ପ୍ରିୟ ପାଠକବୃନ୍ଦ - ଭାଗବତରୂପୀ ଅମୃତ ପାନ କରିବା ହୁଅନ୍ତୁ ।

ଆନନ୍ଦେ କର ସୁଧା ପାନ । ଯେଣେ ପାଇବ ଦିବ୍ୟ ଜ୍ଞାନ । ।

## ପ୍ରଥମ ସ୍କନ୍ଧ - ୧୯ଟି ଅଧ୍ୟାୟ

*ସଂଖ୍ୟା ଅଧ୍ୟାୟ ବିଷୟ ବସ୍ତୁ*

୧ ପ୍ରଥମ ନୈମିଷା ଅରଣ୍ୟରେ ଋଷିମାନଙ୍କର ସମାଗମ ଓ ସୁତ ଋଷିଙ୍କ ସହ କଥୋପକଥନ

୨ ଦ୍ୱିତୀୟ ନୈମିଷା ଅରଣ୍ୟରେ ସୁତ ମୁନିଙ୍କ ଦ୍ୱାରା ଶ୍ରୀ ଭଗବଦନୁଭବ ବର୍ଣ୍ଣନ ।

୩ ତୃତୀୟ ନୈମିଷା ଉପାଖ୍ୟାନେ - ବ୍ରହ୍ମାଙ୍କର ଆବିର୍ଭାବ ଓ ସୃଷ୍ଟିର ଉତ୍ପତ୍ତି-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଷ୍ଣୁଙ୍କର ୨୧ଟି ଅବତାର ବର୍ଣ୍ଣନ ।

୪ ଚତୁର୍ଥ ଶୌନକ ଋଷି, ସୁତ ଋଷିଙ୍କୁ ବ୍ୟାସଋଷିଙ୍କ ଦ୍ୱାରା ଭାଗବତ ରଚନା ବିଷୟ ପଚାରିଲେ ।

୫ ପଞ୍ଚମ ବ୍ୟାସ ନାରଦ ସମ୍ବାଦ - ଭଗବାନଙ୍କ ମହିମା ବର୍ଣ୍ଣନ - ନାରଦଙ୍କ ପୂର୍ବ ଜନ୍ମ ବୃତ୍ତାନ୍ତ ।

୬ ଷଷ୍ଠ ବ୍ୟାସ ନାରଦ ସମ୍ବାଦ - ଦାସୀପୁତ୍ରରୁ ନାରଦଙ୍କ ରୂପାନ୍ତର ବିଷୟ ବର୍ଣ୍ଣନ- ନାରଦଙ୍କ ପୂର୍ବ ଜନ୍ମ ଅବଶିଷ୍ଟ ।

୭ ସପ୍ତମ ସୁତ ଶୌନକ ସମ୍ବାଦ - ପାଣ୍ଡବଙ୍କ ଦ୍ୱାରା ଦ୍ରୋଣୀ (ଅଶ୍ୱତ୍ଥମା)କୁ ଦଣ୍ଡ ବିଧାନ ବର୍ଣ୍ଣନ ।

୮ ଅଷ୍ଟମ ପରୀକ୍ଷିତ ରକ୍ଷଣ, ଯୁଧିଷ୍ଠିରଙ୍କ ଖେଦ ନିବାରଣ ।

୯ ନବମ ଯୁଧିଷ୍ଠିର ରାଜ୍ୟୋପ୍ରଲମ୍ଭୋ; ଭୀଷ୍ମଙ୍କ ମହା ପ୍ରୟାଣ, ଶବ ସତ୍କାର ।

୧୦ ଦଶମ ଶ୍ରୀକୃଷ୍ଣଙ୍କ ଦ୍ୱାରିକା ପ୍ରତ୍ୟାବର୍ତ୍ତନ ।

୧୧ ଏକାଦଶ ଶ୍ରୀକୃଷ୍ଣ ଓ ଦ୍ୱାରିକାବାସୀଙ୍କ ସମାଗମ – ଶ୍ରୀକୃଷ୍ଣଙ୍କୁ ରାଜୋଚିତ ସମ୍ବର୍ଦ୍ଧନା

୧୨ ଦ୍ୱାଦଶ ପରୀକ୍ଷିତ ଜନ୍ମ ବର୍ଣ୍ଣନ; ବ୍ରାହ୍ମଣଙ୍କ ଦ୍ୱାରା ପରୀକ୍ଷିତଙ୍କ ଜାତକ ବିଚାର ।

୧୩ ତ୍ରୟୋଦଶ ବିଦୁର, ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ହିମାଳୟ ଗମନ ଓ ଯୁଧିଷ୍ଠିରଙ୍କୁ ନାରଦଙ୍କ ସାନ୍ତ୍ୱନା ।

୧୪ ଚତୁର୍ଦ୍ଦଶ ଯୁଧିଷ୍ଠିରଙ୍କ ଦ୍ୱାରା ପ୍ରଳୟ ଲକ୍ଷଣ ବର୍ଣ୍ଣନ, ଅର୍ଜୁନଙ୍କ ତେଜହାନି, ଅର୍ଜୁନଙ୍କ ପ୍ରତି ଯୁଧିଷ୍ଠିରଙ୍କ ପ୍ରଶ୍ନ ।

୧୫ ପଞ୍ଚଦଶ ଅର୍ଜୁନଙ୍କ ଦ୍ୱାରା ଯଦୁକୂଳ କ୍ଷୟ ବିଷୟ ବର୍ଣ୍ଣନ, ପରୀକ୍ଷିତଙ୍କ ରାଜାଭିଷେକ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଣ୍ଡବଙ୍କ ହିମାଳୟ ଗମନ ।

୧୬ ଷୋଢ଼ଶ ପରୀକ୍ଷିତଙ୍କ ରାଜ୍ୟ ଓ ପ୍ରଜାପାଳନ, ବୃଷଭ (ଧର୍ମ) ଓ ଧେନୁ (ପୃଥିବୀ) ସମ୍ବାଦ ।

୧୭ ସପ୍ତଦଶ କଳି ନିଗ୍ରହ - ଧର୍ମଙ୍କ ମାୟା ବୃଷଭ ରୂପରେ ପରୀକ୍ଷିତ ସହ କଥୋପକଥନ, କଳିକୁ ରାଜ୍ୟ ବହିଷ୍କାର ।

୧୮ ଅଷ୍ଟାଦଶ ପରୀକ୍ଷିତଙ୍କ ବ୍ରହ୍ମଶାପ ଲଭନ, ବ୍ରାହ୍ମଣର ଶାପ ଦେଇଥିବା ସ୍ୱପୁତ୍ର ଶୃଙ୍ଗୀଙ୍କୁ ଭର୍ତ୍ସନା ।

୧୯ ଊନବିଂଶ ପରୀକ୍ଷିତଙ୍କ ରାଜ୍ୟତ୍ୟାଗ ଓ ଗଙ୍ଗାକୂଳେ ଅନଶନବ୍ରତ ତଥା ଶୁକମୁନିଙ୍କ ସେ ସ୍ଥାନକୁ ଆଗମନ ।

## ୧ମ ସ୍କନ୍ଧ ଅଧ୍ୟାୟଗତ ସାରାଂଶ -

ପ୍ରଥମ ସ୍କନ୍ଧର ପ୍ରଥମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ଯେ ଥରେ ପୂଣ୍ୟମୟ କ୍ଷେତ୍ର ନୈମିଷା ଅରଣ୍ୟରେ ଋଷିକୁଳଶ୍ରେଷ୍ଠ ଶୌନକ ଋଷିଙ୍କ ପ୍ରତିନିଧିତ୍ୱରେ ସମସ୍ତ ମୁନିଋଷି ଏକତ୍ର ସମାବେଶ ହୋଇ ସହସ୍ର ବର୍ଷରେ ପୂର୍ଣ୍ଣ ହେଉଥିବା ଏକ ଜ୍ଞାନଯଜ୍ଞ ଅନୁଷ୍ଠାନ କଲେ । ସେମାନେ ସମସ୍ତ ପ୍ରକାର ନିତ୍ୟକର୍ମ ସାରି ଇତିହାସ, ପୁରାଣ ତଥା ଧର୍ମଶାସ୍ତ୍ର ବିଷାରଦ ପୂଣ୍ୟପରୁଷ ସୁତମୁନିଙ୍କୁ, ଶୌନକ ଋଷିଙ୍କ ପ୍ରତିନିଧିତ୍ୱରେ ସାଦରପୂର୍ବକ କିଛି ପ୍ରଶ୍ନ ପଚାରିଲେ । କେଉଁ ସାଧନାଟି କଳିଯୁଗର ଜୀବମାନଙ୍କର ପରମକଲ୍ୟାଣର ସହଜ ଉପାୟ ବୋଲି ନିର୍ଣ୍ଣୟ କରାଯାଇପାରେ, ତାହା ଶୌନକ, ସୁତମୁନିଙ୍କୁ ଏହି ଅଧ୍ୟାୟରେ ପଚାରିଥିଲେ । ପୁନଶ୍ଚ ସେ ପଚାରିଥିଲେ, "ଶ୍ରୀକୃଷ୍ଣ ମର୍ତ୍ତ୍ୟମଣ୍ଡଳରେ କାହିଁକି ଦେହଧରି ବିଭିନ୍ନ ଲୀଳା ଖେଳା କଲେ ?"

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦ୍ୱିତୀୟ ଅଧ୍ୟାୟରେ ସୁତ ମୁନି, ଶୌନକ ଋଷିଙ୍କୁ ଉତ୍ତରରେ ଭଗବତ୍ କଥା ଓ ଭଗବତ୍ ଭକ୍ତି ମାହାତ୍ମ୍ୟ କ୍ରମରେ କହିଲେ ଯେ, କଳିଯୁଗରେ ଜୀବମାନେ, ନିଜର ତଥା ଜଗତର ପରମକଲ୍ୟାଣ ନିମନ୍ତେ, ସର୍ବଦା ଭଗବାନଙ୍କ ପ୍ରତି ନିତ୍ୟନିରନ୍ତର ନିଷ୍କାମ ଭକ୍ତି କରିବା ଉଚିତ । ସତ୍ତ୍ୱଗୁଣର ଶ୍ରେଷ୍ଠତ୍ୱ ଉପରେ ଜ୍ଞାନ ଅର୍ଜନ କରି ଭଗବତ୍ ପ୍ରେମ-ଭକ୍ତିରେ ଜୀବମାନେ ମଜ୍ଜିଯିବା ଉଚିତ । ଧନ ଓ ଦ୍ରବ୍ୟକୁ ଭୋଗ-ବିଳାସର ମାଧ୍ୟମ ନକରି, ଜନକଲ୍ୟାଣାର୍ଥେ ଓ ଭଗବତ୍ ପ୍ରୀତ୍ୟର୍ଥେ ବିନିଯୋଗ କରିବା ଉଚିତ । ଯଥା-

ଅର୍ଥ ସନ୍ତି ଯେତେ ନର । କେବଳ ଶ୍ରମ ତାହାଙ୍କର । ।
ଅର୍ଥେ ନ ପାଇ କାମ ମୋକ୍ଷ । ସେ ପ୍ରାଣୀ ଅଧମ ପ୍ରତ୍ୟକ୍ଷ । ।
ଜୀବର ତତ୍ତ୍ୱ ଜାଣିବାରେ । କେ ଜ୍ଞାନୀ ଅଛି ଏ ସଂସାରେ । ।
କୃଷ୍ଣ ଶ୍ରବଣେ ଭକ୍ତି ଯାର । ସେ ପ୍ରାଣୀ ଭବ ମଧ୍ୟେ ସାର । ।
ହରି ଚରଣେ ଯାଇ ଶ୍ରଦ୍ଧା । ତାଙ୍କୁ ନ ଲାଗେ ଭବବାଧା । ।

ତୃତୀୟ ଅଧ୍ୟାୟରେ ଭଗବାନଙ୍କର ୨୪ ଅବତାର ମଧ୍ୟରୁ, ହଂସ ଓ ହୟଗ୍ରୀବ ନାମକ ୨ ଅବତାର ବ୍ୟତୀତ ଅନ୍ୟ ୨୨ଟି ଅବତାରମାନଙ୍କ ବିଷୟରେ ସଂକ୍ଷିପ୍ତ ବର୍ଣ୍ଣନା କରାଯାଇଛି । ଯଥା - ୧ମ ଅବତାର – କୁମାର (ସନକ, ସନନ୍ଦନ,ସନାତନ ଓ ସନତ୍ କୁମାର) – ଏମାନେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କଲେ । ୨ୟେ - ବରାହରୂପୀ ଯଜ୍ଞେଶ୍ୱର ନାମ - ରସାତଳୁ ମହୀ ଉଦ୍ଧାରଣ, ୩ୟେ - ନାରଦ ଋଷି ରୂପ - ନିଷ୍କାମ ଭାବ, ୪ର୍ଥେ - ଧର୍ମଙ୍କ ପତ୍ନୀ ମୂର୍ତ୍ତି ଘରେ ନରନାରାୟଣ ରୂପ - ବେଦରଚନା, ୫ମେ - ସିଦ୍ଧ ଅବତାର - କପିଳ ନାମ - ପିତାମାତାଙ୍କୁ ତତ୍ତ୍ୱଜ୍ଞାନ ସାଂଖ୍ୟଦର୍ଶନ ପ୍ରଦାନ, ୬ଷ୍ଠେ - ଦତ୍ତାତ୍ରୟ ରୂପେ ଅତ୍ରି ବଂଶରେ ଅତ୍ରିଙ୍କ ସନ୍ତାନ ରୂପେ ଜନ୍ମ, ଜ୍ଞାନ ଶାସ୍ତ୍ର ଚର୍ଚ୍ଚା, ୭ମେ- ଯଜ୍ଞ (ପତ୍ନୀ ନାମ ଦକ୍ଷିଣା) ଅବତାର-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିତା ରୁଚି ଋଷି ମାତା ଆକୁତି – ସ୍ୱାୟମ୍ଭୁବ ମନ୍ୱନ୍ତର ପାଳନ, ୮ମେ – ରାଜା ନାଭି ଘରେ ଋଷଭ ନାମେ ମେରୁ ଦେବୀଙ୍କ ଠାରୁ ଜନ୍ମ – ତପସ୍ୟା ଓ ଜ୍ଞାନ ବନ, ୯ମେ - ପୃଥୁ ରାଜା ରୁପେ ନାମ ଉଷତମ – ବସୁନ୍ଧରୀ ଗାଭୀ ଦୁହିଁଲେ (୪ର୍ଥ ସ୍କନ୍ଧ ୧୯ଶ ଅଧ୍ୟାୟରେ ସବିସ୍ତୃତ ବର୍ଣ୍ଣନ କରାଯିବ), ୧୦ମେ - ଚାକ୍ଷୁସ ମନୁ ଅନ୍ତରେ ମତ୍ସ୍ୟ ରୂପ - ଔଷଧି ବୀଜ ସଂରକ୍ଷଣ ଏବଂ ବୈବସ୍ୱତ ମନୁ ଉଦ୍ଧାରଣ, ୧୧ଶ – କୁର୍ମ ରୂପ ସମୁଦ୍ର ମନ୍ଥନେ ମନ୍ଦର ଗିରି ଧାରଣ, ୧୨ଶ - ଧନ୍ୱନ୍ତରୀ ରୂପ ଧାରଣ - କ୍ଷୀର ସମୁଦ୍ରରୁ ଅମୃତ ସଂଗ୍ରହ, ୧୩ଶ – ମୋହିନୀ ରୂପ - କାମାବେଶେ ଅସୁର ନିବାରଣ, ୧୪ଶ - ନୃସିଂହ ରୂପ - ହିରଣ୍ୟକଶ୍ୟପୁ  ବଧ, ୧୫ଶ – ବାମନ - ବଳୀକୁ ଚାପିଲେ, ୧୬ଶ - ପର୍ଶୁରାମ –ମାତୃବଧ –ଏକୋଇଶ ବାର ଧରଣୀ ପରିକ୍ରମା – ଦୁଷ୍ଟ କ୍ଷତ୍ରିୟ ନିଧନ, ୧୭ଶ – ପରାଶର ବୀର୍ଯ୍ୟରେ ସତ୍ୟବତୀ ଗର୍ଭରୁ ବେଦବ୍ୟାସ ନାମରେ ଆବିର୍ଭାବ ଓ ନିଗମ(ବେଦରୂପୀ) ବୃକ୍ଷ ଶାଖା ବିସ୍ତାର, ୧୮ଶ - ଶ୍ରୀରାମ, ୧୯ଶ ଓ ୨୦ଶ - ବଳରାମ ଓ ଶ୍ରୀକୃଷ୍ଣ, ୨୧ଶ -  ମଗଧ (ବିହାର)ରେ କୀକଟ ନଗରେ ଅଜନଙ୍କ ପୁତ୍ର ବୁଦ୍ଧଦେବ, ୨୨ଶ - କଳ୍କୀ ରୂପେ କଳି ଅନ୍ତଆଡକୁ ବିଷ୍ଣୁଯଶା ଘରେ ଜନ୍ମ । (୨ୟ ସ୍କନ୍ଧ ୭ମ ଅଧ୍ୟାୟରେ ଏ ଗୁଡ଼ିକପୁଣି ସଂକ୍ଷେପରେ ଆବୃତ୍ତି ହୋଇଛି)

ଚତୁର୍ଥ ଅଧ୍ୟାୟରେ ସୁତ ମୁନିଙ୍କୁ ଶୌନକ, ଭଗବାନ୍ ଶୁକଦେବ ଯେଉଁ ଭାଗବତ ରାଜା ପରୀକ୍ଷିତଙ୍କୁ କହିଥିଲେ ସେହି ଚରିତ କହିବାକୁ ଅନୁରୋଧ କରିଥିଲେ । ସେହି ଚର୍ଚ୍ଚା କେଉଁ ଯୁଗରେ, କେଉଁ ସ୍ଥାନରେ  ଏବଂ କାହିଁକି ହୋଇଥିଲା ଏବଂ କାହାର ପ୍ରେରଣାରେ ମୁନିବର ଶ୍ରୀକୃଷ୍ଣଦ୍ୱୈପାୟନ ଏହି ସଂହିତା ରଚନା କରିଥିଲେ, ତାହା କହିବାକୁ ବି ସେ ଅନୁରୋଧ କରିଥିଲେ । ସୁତମୁନି କହିଲେ ଯେ, ପରାଶର ଋଷିଙ୍କ ଔରସ ଓ ଯୋଜନଗନ୍ଧା (ବସୁଙ୍କ କନ୍ୟା ସତ୍ୟବତୀ)ଙ୍କ ଗର୍ଭରୁ ବ୍ୟାସ ଋଷିଙ୍କ ଜନ୍ମ । ତାଙ୍କ ଦ୍ୱାରା ୪ ବେଦ ଋକ୍, ଯଜୁଃ, ସାମ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଓ ଅଥର୍ବର ଉଦ୍ଧାର (ପୃଥକୀକରଣ) ହେଲା । ଏହିସବୁ ମଧ୍ୟରୁ ପୈଳ ମୁନି ଋକ୍ ବେଦ, ଜୈମିନି ମୁନି ସାମ୍ ବେଦ, ବୈଶମ୍ପାୟନ ମୁନି ଯଜୁଃ ବେଦ, ଅଙ୍ଗିରା (ବରୁଣ ନନ୍ଦନ ସୁମନ୍ତ) ମୁନି ଅଥର୍ବ ବେଦ ଏବଂ ରୋମହର୍ଷଣ ମୁନି ଇତିହାସ ଓ ଅଠର ଖଣ୍ଡ ପୁରାଣରେ ପ୍ରବୀଣ ହେଲେ । ପରେ ପରେ ଏମାନଙ୍କର ଶିଷ୍ୟ ଓ ପ୍ରଶିଷ୍ୟମାନଙ୍କ ଦ୍ୱାରା ବେଦ ବହୁତ ଶାଖାରେ ବିଭକ୍ତ ହେଲା ଯାହା କି ୧୨ଶ ସ୍କନ୍ଧର ୬ଷ୍ଠ ଓ ୭ମ ଅଧ୍ୟାୟରେ ସବିସ୍ତୃତ ବର୍ଣ୍ଣିତ ।

ପଞ୍ଚମ ଅଧ୍ୟାୟରେ ବ୍ୟାସ-ନାରଦ ସଂବାଦ କ୍ରମରେ ଭଗବାନଙ୍କ ଯଶ-କୀର୍ତ୍ତିର ମହିମା ଓ ଦେବର୍ଷି ନାରଦଙ୍କ ପୂର୍ବଜନ୍ମ ବୃତ୍ତାନ୍ତ ବର୍ଣ୍ଣନା କରାଯାଇଛି । ବ୍ୟାସଦେବ ନାରଦଙ୍କୁ ପଚାରିଛନ୍ତି ଯେ, ସେ ଅନେକ ଶାସ୍ତ୍ର ପଢ଼ିଛନ୍ତି ଏବଂ ପରଂବ୍ରହ୍ମ ଓ ଶବ୍ଦବ୍ରହ୍ମ ଉଭୟଙ୍କ ବିଷୟରେ ଜ୍ଞାନ ଅର୍ଜନ କରିଛନ୍ତି, ତଥାପି ସେ କାହିଁକି ପରମାନନ୍ଦ ଅନୁଭବ କରିପାରୁ ନାହାନ୍ତି ? ଉତ୍ତରରେ ନାରଦ କହିଛନ୍ତି, ଯେଉଁ ଶାସ୍ତ୍ର ବା ଜ୍ଞାନ ଦ୍ୱାରା ଭଗବାନ ସନ୍ତୁଷ୍ଟ ହୁଅନ୍ତି ନାହିଁ, ତାହା ହେଉଛି ଅପୂର୍ଣ୍ଣ । ଭଗବାନଙ୍କର ଯଶ-କୀର୍ତ୍ତି ବର୍ଣ୍ଣନ ହୋଇ ନଥିବା ଶାସ୍ତ୍ର ଯେତେ ରସ-ଭାବ-ଅଳଙ୍କରାଦି ପୂର୍ଣ୍ଣ ହୋଇଥିଲେ ବି ସେଥିରୁ ପରମାନନ୍ଦ ମିଳେ ନାହିଁ ।

୧/୫/୧୫

ଯେ ବାକ୍ୟେ କୃଷ୍ଣ ଗୁଣ ଗାଇ । ନିଶ୍ଚୟେ ପୂଣ୍ୟତୀର୍ଥ ସେହି । ।
ନିନ୍ଦିତ କାମ୍ୟ କର୍ମ ଚିନ୍ତି । ଯେ ଧର୍ମୀ ଧର୍ମ ଶିକ୍ଷା ଦ୍ୟନ୍ତି । ।
ସ୍ୱଭାବେ ମୂଢ଼ ସେହୁ ଜନ । ତାହାର ବିଅର୍ଥ ଜୀବନ । ।

୧/୫/୩୩, ୩୪

ଯାହା ଭୋଜନେ ବ୍ୟାଧି ଜାତ । ତହୁଁ କେବେ ହେଁ ନୋହେ ଶାନ୍ତ । ।
ମିଶିଲେ ସେ ଅନ୍ୟ ଦ୍ରବ୍ୟରେ । ତେବେ ସେ ବ୍ୟାଧି ନାଶ କରେ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯେ କର୍ମ ସଂସାର କାରଣ । ସେ ନୋହେ ତାହାର ବାରଣ ।।
ହେଲେ ଈଶ୍ୱର ସମର୍ପଣ । ବିନାଶେ କର୍ମର ବନ୍ଧନ ।।

ତେଣୁ ସଂସାରର ଦୁଃଖ-ସୁଖ ବିଷୟାଦି ଜଞ୍ଜାଳରେ ଛନ୍ଦି ନହୋଇ ଭଗବାନଙ୍କୁ ନିଷ୍କାମ ଭକ୍ତି କରି ଭଗବତ୍ କୃପା ଲାଭ କରିବାକୁ ନାରଦ, ବ୍ୟାସଦେବଙ୍କୁ ପରାମର୍ଶ ଦେଇଥିଲେ । ଏହି ଛଳରେ ସେ ନିଜେ କିପରି ବ୍ରାହ୍ମଣର ଦାସୀ ଗର୍ଭରେ ଜନ୍ମ ହୋଇ ଯୋଗୀମାନଙ୍କର ସତ୍ସଙ୍ଗରୁ ଅମୃତ ଲାଭ କରିପାରିଲେ ତଥା ସେହି ଯୋଗୀମାନେ ଯିବା ସମୟରେ ଯେଉଁ ଜ୍ଞାନ ଉପଦେଶ ଦେଲେ ତାକୁ ପାଥେୟ କରି ଭଗବାନ କେଶବଙ୍କର ଆତ୍ମଜ୍ଞାନ, ଐଶ୍ୱର୍ଯ୍ୟ ଓ ଭାବରୂପୀ ପ୍ରେମଭକ୍ତି ପ୍ରାପ୍ତ କଲେ ତାହା ଏହି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ।

ଷଷ୍ଠ ଅଧ୍ୟାୟରେ, ବ୍ୟାସଦେବ ନାରଦଙ୍କୁ ପଚାରିଲେ ସେହି ଯୋଗୀପୁରୁଷମାନେ ଗଲାପରେ ସେ କଣ କଲେ, କିପରି ଦିନ ବିତାଇଲେ ଏବଂ କିପରି ତାଙ୍କର ଦେହତ୍ୟାଗ ହେଲା । ଉତ୍ତରରେ ନାରଦ କହିଲେ ଯେ ସାପ କାମୁଡ଼ିବାରୁ ତାଙ୍କ ମାଆଙ୍କ ମୃତ୍ୟୁ ହେବାରୁ ସେ ଘର ଛାଡ଼ି ଉତ୍ତର ଦିଗ ଅଭିମୁଖେ ଗତିକଲେ । ରାସ୍ତାରେ ନଦ-ନଦୀ, ପାହାଡ଼-ପର୍ବତ, ଶସ୍ୟକ୍ଷେତ୍ରାଦି ଅତିକ୍ରମ କରି ଯାଇ ଏକ ଅଶ୍ୱତଥ୍ ବୃକ୍ଷମୂଳେ ବସି ପରମାତ୍ମାଙ୍କ ସ୍ୱରୂପକୁ ଧ୍ୟାନ କରିବାକୁ ଲାଗିଲେ । ଭଗବାନ ପ୍ରକଟ ହୋଇ ତାଙ୍କ ଉପରେ କୃପାବର୍ଷା କଲେ । ତଦ୍ୱାରା ତାଙ୍କର ହୃଦୟ ଶୁଦ୍ଧ ହୋଇଗଲା । ମୃତ୍ୟୁ ସମୟ ଆସିବାରୁ ପ୍ରାରବ୍ଧ କର୍ମ ସମାପ୍ତ ହୋଇ ଭୌତିକ ଶରୀର ନଷ୍ଟ ହୋଇଗଲା । ପ୍ରଳୟକାଳୀନ ଜଳରେ ବ୍ରହ୍ମାଙ୍କ ଶୟନ ବେଳେ ତାଙ୍କ ଶ୍ୱାସରେ ନାରଦ ବ୍ରହ୍ମାଙ୍କ ହୃଦୟରେ ପ୍ରବେଶ କରି, ସହସ୍ର ଚତୁର୍ଯ୍ୟୁଗୀ ବିତିଯିବା ପରେ ମରୀଚି, ପୁଲସ୍ତ୍ୟ, ପୁଲହ, କ୍ରତୁ, ଅତ୍ରି, ଅଙ୍ଗିରା, ବଶିଷ୍ଠ ଆଦି ମୁନିଙ୍କ ସମେତ ସେ ବି ବ୍ରହ୍ମାଙ୍କ ଇନ୍ଦ୍ରିୟମାନଙ୍କରୁ ପ୍ରକଟ ହେଲେ ଓ ସେମାନଙ୍କ ମେଳରେ ରହିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସପ୍ତମ ଅଧ୍ୟାୟରେ ଅଶ୍ୱତ୍ଥାମା ଦ୍ୱାରା ଦ୍ରୌପଦୀଙ୍କ ପୁତ୍ରମାନଙ୍କର ହତ୍ୟା ଏବଂ ଅର୍ଜୁନଙ୍କ ଦ୍ୱାରା ଅଶ୍ୱତ୍ଥାମାର ମାନମର୍ଦ୍ଦନ ବିଷୟ ବର୍ଣ୍ଣନା କରାଯାଇଛି । ଅର୍ଥାତ୍ ଅଶ୍ୱତ୍ଥାମା, ପାଞ୍ଚପାଣ୍ଡବ ଭାବି ଦ୍ରୌପଦୀଙ୍କ ପୁତ୍ରମାନେ ଶୋଇଥିବା ବେଳେ ତାଙ୍କର ହତ୍ୟା କରିଥିଲେ । ଏଠାରେ କୁହାଯାଇଛି ଯେ, "ଅଗ୍ନିଦୋ ଗରଦଶ୍ଚୈବ ଶସ୍ତ୍ରପାଣିର୍ଦ୍ଧନାପହାଃ । କ୍ଷେତ୍ରଦାରାପହର୍ତ୍ତା, ଚ ଷଡ଼ତେ ହ୍ୟାତତାୟିନଃ । ।" (ବଶିଷ୍ଠ ସ୍ମୃତି ୩/୧୯) । ଅର୍ଥାତ୍ ଘରେ ନିଆଁ ଲଗାଇ ଦେଇଥିବା, ବିଷ ଦେଇଥିବା, ମନ୍ଦ ଉଦ୍ଦେଶ୍ୟରେ ଶସ୍ତ୍ର ଧରି ହତ୍ୟା କରିବା ପାଇଁ ଉଦ୍ୟତ ହୋଇଥିବା, ଧନ ଲୁଟି ନେଇଥିବା, କ୍ଷେତ ଓ ପର ସ୍ତ୍ରୀ ହରଣ କରିଥିବା – ଏପରି ଛଅ ପ୍ରକାର ଲୋକଙ୍କୁ ଆତତାୟୀ କୁହାଯାଏ । ତେଣୁ ଅର୍ଜୁନ ସେହି ଆତତାୟୀକୁ ବଧ କରିବାକୁ ବାହାରିଲେ । ଫଳରେ ଅଶ୍ୱତ୍ଥାମା ବୁଦ୍ଧି ଶୂନ୍ୟ ହୋଇ ବ୍ରହ୍ମାସ୍ତ୍ର ପ୍ରୟୋଗ କଲା । ଅଶ୍ୱତ୍ଥାମାକୁ ବହ୍ମାସ୍ତ୍ର ପ୍ରୟୋଗ କରିବାର ଜଣାଥିଲା କିନ୍ତୁ ଫେରେଇ ନେବାର ଜଣା ନଥିଲା ଭଗବାନଙ୍କ ଆଦେଶରେ ଅର୍ଜୁନ ସେହି ବ୍ରହ୍ମାସ୍ତ୍ରକୁ ନିସ୍ତେଜ କରିଦେଲେ । ଦ୍ରୌପଦୀ ମଧ୍ୟ ନିଜର ଉଦାର ଗୁଣରେ ଅର୍ଜୁନଙ୍କୁ, ଅଶ୍ୱତ୍ଥାମାର ପ୍ରତିଶୋଧ ନେବା କର୍ମରୁ ନିବୃତ୍ତ୍ ହେବାକୁ ଅନୁରୋଧ କରିଥିଲ । ଅଶ୍ୱତ୍ଥାମା ଉଦ୍ଦେଶ୍ୟରେ ଭାଗବତର ଏହି ଅଧ୍ୟାୟରେ କୁହାଯାଇଛି -

୧/୭/୩୬ ମତ୍ତ ପ୍ରମତ୍ତ ଉନମତ୍ତ । ବାଳ ବନିତା ନିଦ୍ରାଗତ । ।
ଶରଣାଗତ ରଥ ହୀନ । ସଂଗ୍ରାମେ ଦେଖି ରିପୁଜନ । ।
ଏହାଙ୍କୁ ବଧ ଯେ କରନ୍ତି । ଜୀବନ ଥାଉ ସେ ମରନ୍ତି । ।
୧/୭/୫୩ ଯେ ଆତତାୟୀ କର୍ମ କରେ । ଅଧର୍ମ ଯୁଦ୍ଧେଶସ୍ତ୍ର ଧରେ । ।
ଜୀବନ ଥାଉଁ ସେ ମରନ୍ତି । ଅନ୍ତେ ସେ ନରକେ ପଡ଼ନ୍ତି । ।

ଅଷ୍ଟମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ଯେ, ଅର୍ଜୁନଙ୍କ ଦ୍ୱାରା ଅପମାନିତ ହୋଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଶ୍ୱତ୍ଥାମା, ପାଣ୍ଡବ ୫ ଭାଇଙ୍କୁ ମାରିବାକୁ ବ୍ରହ୍ମାସ୍ତ୍ର କ୍ଷେପଣ କଲା । କିନ୍ତୁ ଭଗବାନ ଶ୍ରୀକୃଷ୍ଣ ସେମାନଙ୍କୁ ବଞ୍ଚେଇ ଦେଲେ । ଫଳରେ ଅଶ୍ୱତ୍ଥାମା ଉତ୍ତରାର ଗର୍ଭ ଆଡ଼କୁ ବ୍ରହ୍ମାସ୍ତ୍ର ନିକ୍ଷେପ କଲେ । କିନ୍ତୁ ଉତ୍ତରାଙ୍କ ଅନୁରୋଧ କ୍ରମେ ଶ୍ରୀକୃଷ୍ଣ ନିଜର ମାୟାକବଚ ଦ୍ୱାରା ତାଙ୍କର ଗର୍ଭକୁ ରକ୍ଷା କରିଦେଇ ଗର୍ଭସ୍ଥ ପରୀକ୍ଷିତଙ୍କୁ ମୃତ୍ୟୁମୁଖରୁ ରକ୍ଷା କରିଦେଲେ । "ଯାହାକୁ ରଖିବେ ଅନନ୍ତ । କି କରି ପାରେ ବଳବନ୍ତ । ।" ଏହି ଅଧ୍ୟାୟରେ କୁନ୍ତି ଭଗବାନଙ୍କୁ ତାଙ୍କର ମହିମା ଓ ପାଣ୍ଡବମାନଙ୍କ ପ୍ରତି ଥିବା ସହାନୁଭୂତି ନିମନ୍ତେ ସ୍ତୁତି କରିଛନ୍ତି । ପୁନଶ୍ଚ ଏହି ଅଧ୍ୟାୟରେ ଯୁଧିଷ୍ଠିର ନିଜ ଦ୍ୱାରା କୁରୁ-ପାଣ୍ଡବ ଯୁଦ୍ଧରେ ନିଜ ପ୍ରିୟଜନ ଓ ଅନେକ ଅକ୍ଷୌହିଣୀ ସେନାଙ୍କ ମୃତ୍ୟୁ ହୋଇଥିବା କଥା ମନେ ପକେଇ ଶୋକ ପ୍ରକାଶ କରିଛନ୍ତି ।

ନବମ ଅଧ୍ୟାୟରେ ଯୁଧିଷ୍ଠିରାଦିଙ୍କର ଭୀଷ୍ମଙ୍କ ନିକଟକୁ ଆଗମନ ଏବଂ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ସ୍ତୁତି କରିବା ପରେ ଭୀଷ୍ମଙ୍କର ମହାପ୍ରୟାଣ ଇତ୍ୟାଦି ବିଷୟ ବର୍ଣ୍ଣନା କରାଯାଇଛି । ଏହି ବିଷୟ ମହାଭାରତରେ ସବିସ୍ତୃତ ବର୍ଣ୍ଣିତ ।

ଦଶମ ଅଧ୍ୟାୟରେ ଶ୍ରୀକୃଷ୍ଣଙ୍କ ଦ୍ୱାରକା ଗମନ ଓ ଏକାଦଶ ଅଧ୍ୟାୟରେ ଦ୍ୱାରକାରେ ଶ୍ରୀକୃଷ୍ଣଙ୍କୁ ରାଜୋଚିତ ସ୍ୱାଗତରେ ସମ୍ବର୍ଦ୍ଧନା ବିଷୟ ବର୍ଣ୍ଣିତ ଯାହାକି ଦଶମ ସ୍କନ୍ଧରେ ସୁବିସ୍ତୃତ ପୁନଃ ବର୍ଣ୍ଣିତ ।

ଦ୍ୱାଦଶ ଅଧ୍ୟାୟରେ ଉତ୍ତରା ଗର୍ଭରୁ ରାଜା ପରୀକ୍ଷିତଙ୍କ ଜନ୍ମ ବିଷୟ ବର୍ଣ୍ଣିତ । ଏହି ଜନ୍ମ ସମୟରେ ଯୁଧିଷ୍ଠିର ଜ୍ୟୋତିଷଜ୍ଞ ବ୍ରାହ୍ମଣମାନଙ୍କୁ ବାଳକଟିର ଜନ୍ମ ଲଗ୍ନର ଫଳ ପଚାରିଥିଲେ ଏବଂ ତାଙ୍କ ଠାରୁ ସେହି ଫଳ ଶୁଣି ସେମାନଙ୍କୁ ପ୍ରଚୁର ଦାନ ଦେଇ ସନ୍ତୁଷ୍ଟ କରିଥିଲେ । "ପୁତ୍ରେ ଜାତେ ବ୍ୟତିପାତେ ଦତ୍ତଂ ଭବତିଚାକ୍ଷୟମ୍ ।" ଅର୍ଥାତ୍ ସନ୍ତାନ ଜାତ ସମୟେ ଦାନ ଅକ୍ଷୟ ଅଟେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

"ଯାବନ୍ନ ଛିଦ୍ୟତେ ନାଳଂ ତାବନ୍ନୋପ୍ନୋତି ସୂତକମ୍ । ଛିନ୍ନେ ନାଳେ ତତଃ ପଶ୍ଚାତ୍ ସୂତକଂ ତୁ ବିଧୀୟତେ ।"

ନାଭି କାଟିବା ପରେ ହିଁ ସୂତକ ଲାଗେ । ତା ପୂର୍ବରୁ ଦାନ ଅକ୍ଷୟ ହୋଇଥାଏ । (୧/୧୨/୧୪)

ତ୍ରୟୋଦଶ ଅଧ୍ୟାୟରେ ବିଦୁରଙ୍କ ଉପଦେଶ କ୍ରମେ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ବନଗମନ । ଧୃତରାଷ୍ଟ୍ର କିପରି ପୁତ୍ର ସ୍ନେହରେ ଅନ୍ଧ ହୋଇ ଅନ୍ୟାୟ ଅତ୍ୟାଚାରକୁ ପ୍ରଶ୍ରୟ ଦେଇଥିଲେ ଓ ବିଦୁରଙ୍କ ହିତବାଣୀ ଶୁଣି ତାଙ୍କର ଆଖି ଖୋଲିଗଲା ଏବଂ ସେ ତପ କରି ମୁକ୍ତି ପାଇବାକୁ କିପରି ବନଗମନ କଲେ ସେହି ବିଷୟ ବର୍ଣ୍ଣନା କରାଯାଇଛି ।

କଣ୍ଟିତ ରାଜା ଦ୍ୱାରା ମାଣ୍ଡବ ଋଷି ଚୋର ବିବେଚିତ ହୋଇ ଶୂଳୀ ପାଇବାରୁ ସେ ଯମଙ୍କୁ ଏହାର ରହସ୍ୟ ପଚାରିବାରୁ ଯମ କହିଲେ ସେ ବାଲ୍ୟକାଳେ କର୍କିକୁ କୁଶବିଦ୍ଧ କରିଥିଲେ । ମାଣ୍ଡବ ଋଷିଙ୍କ ଅଭିଶାପରେ ଯମରାଜା ବିଦୁର ରୂପେ ଜନ୍ମ ଗ୍ରହଣ କରିଥିଲେ । ଏବଂ ଅର୍ଯ୍ୟମା (ବୈଶାଖ ମାସର କାର୍ଯ୍ୟ ନିର୍ବାହକ ସୂର୍ଯ୍ୟ), ଯମରୂପେ ଦାୟିତ୍ୱ ନେଲେ । (୧/୧୩/୧୫)

ଚତୁର୍ଦ୍ଦଶ ଅଧ୍ୟାୟରେ ଅପଶକୁନ ଦେଖି ମହାରଜ ଯୁଧିଷ୍ଠିରଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଥିବା ବିଷୟ ବର୍ଣ୍ଣିତ । ଆକାଶରେ ଉଲ୍କାପାତ ଓ ପୃଥିବୀରେ ଭୂମିକମ୍ପ ଏବଂ ଶରୀରରେ ରୋଗ ଆଦି ଭୟଙ୍କର ଅପଶକୁନ ଯୁଧିଷ୍ଠିର ଦେଖିବାକୁ ପାଉଛନ୍ତି । ଯୁଧିଷ୍ଠିରଙ୍କ ବାଆଁ ଜଙ୍ଘ, ବାଆଁ ଆଖି, ବାଆଁ ଭୁଜ ବାରମ୍ବାର ଡ଼େଉଁଛି । ମାଇ ବିଲୁଆଟି ସୂର୍ଯ୍ୟଙ୍କ ଆଡ଼କୁ ଚାହିଁ ରଡ଼ୁଛି । ତା ମୁହଁରୁ ନିଆଁ ବାହାରୁଛି । କୁକୁରଟି ନିର୍ଭୟରେ ତାଙ୍କ ଆଡ଼କୁ ଚାହିଁ ଭୁକୁଛି । ଗାଈ ଆଦି ଶୁଭଙ୍କର ପଶୁ ତାଙ୍କ ବାମପଟ ଦେଇ ଏବଂ ଗଧ ଆଦି ଅଶୁଭଙ୍କର ପଶୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡ଼ାହାଣପଟ ଦେଇ ଚାଲିଯାଉଛନ୍ତି । ତାଙ୍କର ଘୋଡ଼ା ଆଦି ବାହାନମାନେ ତାଙ୍କୁ ଦେଖି କାନ୍ଦିଲା ପରି ଜଣାପଡ଼ୁଛନ୍ତି । ମୃତ୍ୟୁଦୂତ କପୋତ, ପେଚା ଓ ପେଚକମାନଙ୍କ ଶତ୍ରୁ କୁଆଗୁଡ଼ାକ ରାତି ସାରା ଚେଇଁ ରହି ଏପରି ବୋବାଉଛନ୍ତି ଯେ, ମଣିଷକୁ ଶୁଆଇ ଦେଉନାହାନ୍ତି । ଦିଗସବୁ ଧୂସର ଦେଖା ଯାଉଛି । ସୂର୍ଯ୍ୟ ଓ ଚନ୍ଦ୍ରର ଚତୁର୍ଦିଗରେ ବଳୟ ପଡ଼ିଥିବାର ଦେଖାଯାଉଛି । ପୃଥିବୀ ଓ ପର୍ବତମାନେ ବାରମ୍ବାର ଥରୁଛନ୍ତି । ଜୋରରେ ମେଘ ଗର୍ଜନ ହେଉଛି । ଚାରିଆଡ଼େ ବିଜୁଳି ଚମକୁଛି । ଚାରିଆଡ଼େ ଧୂଳିଝଡ଼ ଏପରି ଉଠୁଛି ଯେ ଚତୁର୍ଦିଗ ଅନ୍ଧାର ହୋଇଯାଉଛି । ମେଘମାନେ ଭୟଙ୍କର ଦୃଶ୍ୟ ଦେଖାଇ ରକ୍ତ ବର୍ଷା କରୁଛନ୍ତି । ସୂର୍ଯ୍ୟ ମଳିନ ଦେଖାଯାଉଛନ୍ତି । ଆକାଶରେ ଗ୍ରହମାନେ ପରସ୍ପର ଧକ୍କା ଖାଉଛନ୍ତି। ବହୁତ ଭୂତପ୍ରେତ ଏଠିସେଠି ଜମା ହେଉଛନ୍ତି । ଆକାଶ ଓ ପୃଥିବୀରେ ସର୍ବତ୍ର ନିଆଁ ଲାଗିଥିଲା ପରି ମନେ ହେଉଛି । ନଦ-ନଦୀ ଓ ପୁଷ୍କରିଣୀ ଶୁଖିଯାଉଛି । ଲୋକମାନଙ୍କ ମନ କ୍ଷୁବ୍ଧ ହୋଇଯାଉଛି । ନିଆଁରେ ଘିଅ ଢ଼ାଳିଲେ ନିଆଁ ଜଳୁନାହିଁ । ବାଛୁରୀମାନେ ଦୁଧ ପିଉନାହାନ୍ତି, ଗାଈମାନେ ଦୁଧ ଦେଉନାହାନ୍ତି କିନ୍ତୁ ଗୋଶାଳାରେ ଲୁହ ଗଡ଼ାଇ କାନ୍ଦୁଛନ୍ତି । ବଳଦମାନେ ମନରେ ମଳିନ ଦେଖାଯାଉଛନ୍ତି । ଦେବଦେବୀ ମୂର୍ତ୍ତିମାନେ କାନ୍ଦିବା ପରି ଦେଖାଯାଉଛନ୍ତି । ସେମାନଙ୍କ ଦେହରୁ ଝାଳ ବୋହୁଥିବା ପରି ତଥା ସେମାନେ ନିଜ ନିଜ ସ୍ଥାନରେ ଦୋହଲୁଥିବା ପରି ବୋଧ ହେଉଛି । ଦେଶ, ଗ୍ରାମ, ନଗର, ଉଦ୍ୟାନ, ଖଣି ଓ ଆଶ୍ରମ ସବୁ ଶ୍ରୀହୀନ ଓ ଆନନ୍ଦ-ଉତ୍ସବବିହୀନ ହୋଇ ଗଲେଣି । ସମଗ୍ର ପୃଥିବୀଟା ସମ୍ପୂର୍ଣ୍ଣରୂପେ ଶ୍ରୀହୀନ ହୋଇଯାଇଥିବା ପରି ଯୁଧିଷ୍ଠିରଙ୍କୁ ଦେଖାଯାଉଛି ।

ସେହିପରି ଅର୍ଜୁନଙ୍କର ଦ୍ୱାରକାରୁ ପ୍ରତ୍ୟାବର୍ତ୍ତନ ବିଷୟ ମଧ୍ୟ ଏହି ଅଧ୍ୟାୟରେ ବର୍ଣ୍ଣିତ। ଅର୍ଥାତ୍ ଅର୍ଜୁନ ଦ୍ୱାରିକାରୁ ଫେରିଲା ପରେ ଯୁଧିଷ୍ଠିର ତାଙ୍କୁ ଅଯୋଧ୍ୟାବାସୀଙ୍କ କୁଶଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅକୁଶଳ ଆଦି ସମାଚାର ତଥା ଶ୍ରୀକୃଷ୍ଣ ଓ ତାଙ୍କ ଜ୍ଞାତି, କୁଟିମ୍ବ ଓ ପ୍ରିୟଜନ ମାନଙ୍କର ଭଲ ଅସାର ବିଷୟ ପଚାରିଛନ୍ତି ।

ପଞ୍ଚଦଶ ଅଧ୍ୟାୟରେ ପରୀକ୍ଷିତଙ୍କୁ ରାଜ୍ୟ ପ୍ରଦାନପୂର୍ବକ କୃଷ୍ଣବିରହ ବ୍ୟଥିତ ପାଣ୍ଡବମାନଙ୍କର ସ୍ୱର୍ଗାରୋହଣ ବିଷୟ ବର୍ଣ୍ଣିତ ଯାହାକି ମହାଭାରତରେ ସବିସ୍ତୃତ ବର୍ଣ୍ଣନା କରାଯାଇଛି ।

ଷୋଡଶ ଅଧ୍ୟାୟରେ ପରୀକ୍ଷିତଙ୍କ ଦିଗବିଜୟ ତଥା ଧର୍ମ ଓ ପୃଥିବୀଙ୍କ କଥୋପକଥନ ବର୍ଣ୍ଣନା କରାଯାଇଛି । ପରୀକ୍ଷିତ ପାଣ୍ଡବମାନଙ୍କର ଆଚରଣ ଅନୁସରଣ କରି ଦିଗବିଜୟ କରିଚାଲିଥାନ୍ତି । ଦିନେ ତାଙ୍କର ଶିବିରଠାରୁ କିଛି ଦୂରରେ ସେ ଦେଖିଲେ ଯେ ବୃଷଭ ରୂପ ଧରି ଧର୍ମ ଗୋଟିଏ ପାଦରେ ବୁଲୁଥିଲେ । ବୁଲୁ ବୁଲୁ ଧର୍ମ, ପୃଥିବୀ ଆଖିରେ ଲୁହ ଦେଖି ଏହାର କାରଣ ତାଙ୍କୁ ସେ ପଚାରିଲେ । ପୃଥିବୀ ଉତ୍ତରରେ ଧର୍ମକୁ କହିଲେ ଯେ, କଳିଯୁଗର ଆଗମନର ପ୍ରଭାବରେ ଏସବୁ ଘଟୁଛି ଏବଂ ସେ ଦୁଃଖ ପାଉଛନ୍ତି । ଏମାନଙ୍କ ମଧ୍ୟରେ ଏପରି ବାର୍ତ୍ତାଳାପ ସମୟରେ ପରୀକ୍ଷିତ ଆସି ସେଠାରେ ପହଞ୍ଚିଲେ ।

ସପ୍ତଦଶ ଅଧ୍ୟାୟରେ ପରୀକ୍ଷିତ ସେଠାରେ ଆସି ଦେଖିଲେ ଯେ, ଜଣେ ରାଜବେଶଧାରୀ ଶୂଦ୍ର ହାତରେ ଠେଙ୍ଗା ଧରି ଗୋଟିଏ ଗାଇ ଓ ଗୋଟିଏ ଷଣ୍ଢକୁ ପିଟି ଚାଲିଛି । ପରୀକ୍ଷିତ ଅତି କ୍ରୋଧ୍ୟରେ ତାକୁ ତାର ପରିଚୟ ପଚାରିଲେ । ତା ପରେ ସେ ସେହି ବୃଷଭକୁ ଅଭୟ ଦେଇ ତାଙ୍କର ଗୋଡ଼ କିଏ କାଟିଦେଲା ବୋଲି ପଚାରିଲେ । ବୃଷଭରୂପୀ ଧର୍ମ ପରୀକ୍ଷିତଙ୍କୁ ତତ୍ତ୍ୱଜ୍ଞାନ ମାଧ୍ୟମରେ ଦୁଃଖର ଅସଲ କାରଣ କଣ ଓ ଦୁଃଖ ଦେବାରେ କିଏ ଦାୟୀ ସେହି ସବୁ ବିଷୟ ବୁଝାଇ କହିଲେ । ପରୀକ୍ଷିତ ଜାଣିବାକୁ ପାଇଲେ ଯେ ସତ୍ୟଯୁଗରେ ଧର୍ମଙ୍କର ୪ଟି ପାଦ - ତପ, ପବିତ୍ରତା, ଦୟା ଓ ସତ୍ୟ ଥିଲା । ଏବେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଧର୍ମର ଅଂଶ ଗର୍ବ, ଆସକ୍ତି ଓ ମଦ ପ୍ରବଳ ହୋଇଯିବାରୁ, ଧର୍ମଙ୍କର ତିନିପାଦ କଟିଯାଇଛି ଏବଂ ସତ୍ୟରୂପକ ୪ର୍ଥ ପାଦଟି ହିଁ ଅବଶିଷ୍ଟ ରହିଛି । କଳିଯୁଗର ଅସତ୍ୟ ସେହି ପାଦଟିକୁ ବି ନଷ୍ଟ କରିଦେବାକୁ ଚାହୁଁଛି । ଉପର ବର୍ଣ୍ଣିତ ଗୋମାତା ହେଉଛନ୍ତି ମାତା ପୃଥିବୀ । କଳିର ପ୍ରଭାବ ବୃଦ୍ଧି ଯୋଗୁଁ ଧର୍ମଦ୍ରୋହୀ ଲୋକଙ୍କ ଦୌରାତ୍ମ୍ୟରୁ ମାତା ପୃଥିବୀ ଅଭାଗିନୀଙ୍କ ପରି ଚକ୍ଷୁରୁ ଅଶ୍ରୁ ଝରାଉଛନ୍ତି । ପରୀକ୍ଷିତ ଧର୍ମ ଓ ପୃଥିବୀକୁ ସାନ୍ତ୍ୱନା ଦେଇ କଳିକୁ ମାରିବା ପାଇଁ ଉଦ୍ୟତ ହୁଅନ୍ତେ କଳି ନିଜର ରାଜବେଶ ଖୋଲି ପରୀକ୍ଷିତଙ୍କ ଶରଣ ପଶିଲା । ପରୀକ୍ଷିତ କଳିକୁ କ୍ଷମା କରିଦେଇ ତାଙ୍କ ରାଜ୍ୟରୁ ଚାଲିଯିବାକୁ ଆଦେଶ ଦେଲେ । କିନ୍ତୁ ପରେ କଳିର ଅନୁରୋଧ ରକ୍ଷା କରି ତାକୁ ଦ୍ୟୁତ, ମଦ୍ୟପାନ, ସ୍ତ୍ରୀସଙ୍ଗ ଓ ହିଂସା ତଥା ସୁନା ମଧ୍ୟରେ ରହିପାରିବା ଅନୁମତି ଦେଲେ । ଫଳରେ କଳିକୁ ମିଥ୍ୟା, ମଦ, କାମ, ବୈରତା ଏବଂ ରଜୋଗୁଣରେ ରହିବାକୁ ପାଞ୍ଚଟି ସ୍ଥାନ ମିଳିଗଲା । ଅର୍ଥାତ୍ ଏହି ଅଧ୍ୟାୟରେ ମହାରାଜା ପରୀକ୍ଷିତଙ୍କ ଦ୍ୱାରା କଳିଯୁଗଦମନ ବିଷୟ ବର୍ଣ୍ଣନା କରାଯାଇଛି ।

ଅଷ୍ଟାଦଶ ଅଧ୍ୟାୟରେ ରାଜା ପରୀକ୍ଷିତଙ୍କୁ ଶୃଙ୍ଗୀ ଋଷିଙ୍କର ଅଭିଶାପ ବିଷୟ ବର୍ଣ୍ଣନା କରାଯାଇଛି । ଦିନକର କଥା ରାଜା ପରୀକ୍ଷିତ ମୃଗୟା ଅର୍ଥେ ବନକୁ ଯାଇ କ୍ଳାନ୍ତ ହୋଇଗଲେ । ତାଙ୍କୁ କ୍ଷୁଧାତୃଷା ବି ଲାଗୁଥିଲା । ସେ ଖୋଜି ଖୋଜି କେଉଁଠି ବି ଜଳ ନ ପାଇ ଜଣେ ଋଷି (ଅଙ୍ଗୀରସ /ଶମୀକ)ଙ୍କ ଆଶ୍ରମରେ ପହଞ୍ଚିଲେ । ସେତେବେଳେ ଋଷି ତପମଗ୍ନ ଥିଲେ । ରାଜାଙ୍କୁ ଜଳ ମିଳିବା ତ ଦୂରର କଥା, ତାଙ୍କୁ ସେଠି ବସିବା ପାଇଁ ବି କେହି କହିଲେ ନାହିଁ । ଏଣୁ କ୍ଷୁଧାତୃଷା ଯୋଗୁଁ ସେ ଈର୍ଷା ଓ କ୍ରୋଧ୍ୟରେ ସେଠାରେ ପଡ଼ିଥିବା ଏକ ମଲାସାପ ଧନୁହୁଳରେ ଆଣି ଋଷିଙ୍କ ଗଳାରେ ପକେଇଦେଲେ । ତା ପରେ ସେ ସେଠାରୁ ନିଜ ରାଜଧାନୀକୁ ଚାଲିଗଲେ । ଶମୀକଙ୍କ ପୁତ୍ର ଶୃଙ୍ଗୀ ଅନ୍ୟ ମୁନିକୁମରଙ୍କ ସହ କିଛି ଦୂରରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖେଳୁଥିବା ସମୟରେ ରାଜା, ତାଙ୍କ ପିତାଙ୍କ ପ୍ରତି ଦୁର୍ବ୍ୟବହାର କରିଥିବା କଥା ଶୁଣି ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ସେହି ଦିନଠାରୁ ସପ୍ତମ ଦିବସରେ ରାଜାଙ୍କୁ ତକ୍ଷକ ସର୍ପ ଦଂଶନ କରୁ ବୋଲି ଅଭିଶାପ ଦେଲେ । ଆଶ୍ରମକୁ ଆସି ପିତାଙ୍କ ଗଳାରେ ସାପଟିଏ ଦେଖି ମୁନିକୁମର ଶୃଙ୍ଗୀ କ୍ରନ୍ଦନ କରିବାରୁ ଋଷି ଶମୀକଙ୍କ ଧ୍ୟାନ ଭଙ୍ଗ ହେଲା ଏବଂ ସେ ନିଜ ଗଳାରୁ ସାପଟିକୁ ଫିଙ୍ଗିଦେଇ ପୁତ୍ର କାନ୍ଦୁଥିବା କାରଣ ପଚାରିଲେ । ପୁତ୍ରଙ୍କ ଠାରୁ ସମସ୍ତ ବିଷୟ ଶୁଣି ନିଜ ପୁତ୍ର, ରାଜାଙ୍କୁ ଅଭିଶାପ ଦେଇଥିବା ଜାଣି ବହୁତ ଦୁଃଖିତ ହେଲେ । ଏବଂ କହିଲେ ଯେ ସେ ହେଉଛନ୍ତି ତାଙ୍କର ରାଜା, ସେ ରାଜ୍ୟକୁ ରକ୍ଷା କରନ୍ତି, ପ୍ରଜାଙ୍କର ମଙ୍ଗଳ ଓ ସୁରକ୍ଷା କରନ୍ତି । କ୍ଷୁଧାତୃଷା ଓ କ୍ଳାନ୍ତି ଯୋଗୁଁ ବିରକ୍ତ ହୋଇ ହିଁ ସେ ଏପରି କଲେ, କିନ୍ତୁ ତାଙ୍କୁ ଅଭିଶାପ ଦେବା ଉଚିତ ନ ଥିଲା । ରାଜାମାନଙ୍କର ସୁଗୁଣ ବର୍ଣ୍ଣନା ପୂର୍ବକ ନିଜ ପୁତ୍ରର ଅଭିଶାପ ଦେବା କର୍ମକୁ ଧିକ୍କାର କରିଥିଲେ । ସେ ଜଣେ ମହାତ୍ମା ହୋଇଥିବାରୁ ନିଜକୁ ରାଜା ଅପମାନିତ କରିଥିବା ବିଷୟକୁ ଧ୍ୟାନ ନ ଦେଇ ନିଜ ଉଦାର ଗୁଣରେ ରାଜାଙ୍କୁ ଦଣ୍ଡ ଦେବା ପରିବର୍ତ୍ତେ ନିଜ ପୁତ୍ରକୁ ହିଁ ନିନ୍ଦା କରିଥିଲେ ।

ଊନବିଂଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ଯେ, ରାଜଧାନୀରେ ପହଞ୍ଚିବା ପରେ ରାଜା ପରୀକ୍ଷିତ ସେହି ନିନ୍ଦନୀୟ କାର୍ଯ୍ୟ ପାଇଁ ବହୁ ପଶ୍ଚାତାପ କଲେ । ଏପରି କି ସେ ନିଜର ଧନ ସମ୍ପତ୍ତି ନଷ୍ଟ ହୋଇଯାଉ ଓ ତାଙ୍କୁ ଦଣ୍ଡ ମିଳୁ ବୋଲି କାମନା କଲେ । ଏହି ସମୟରେ ସେ ତାଙ୍କୁ ତକ୍ଷକ ଦଂଶିବା ଅଭିଶାପ ମିଳିଥିବା ବିଷୟ ବି ଶୁଣିବାକୁ ପାଇଲେ । ସେ ସଂସାର ସୁଖ ଓ ଭୋଗକୁ  ତ୍ୟାଗ କରିବାକୁ ଚାହିଁଲେ । ନିଜକୁ ଭଗବାନଙ୍କ ଠାରେ ସମର୍ପଣ କରି ଆମରଣ ନିରାହାର ରହିବା ସଂକଳ୍ପ କରି ଗଙ୍ଗାତଟରେ ବସି ପଡ଼ିଲେ । ଏହି ସମୟରେ ଅତ୍ରି, ବଶିଷ୍ଠ, ଶରଦ୍ୱନ, ଅରିଷ୍ଟନେମି, ଚ୍ୟବନ, ଅଙ୍ଗିରା, ବିଶ୍ୱାମିତ୍ର, ପର୍ଶୁରାମ, ଭରଦ୍ୱାଜ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମରୀଚି, ପରାଶର, ଭୃଗୁ, ଉତଥ୍ୟ, ଗାଧି, ଇନ୍ଦ୍ରପ୍ରମଦ, ଇନ୍ଦ୍ରବାହ, ମେଧାତିଥି. ଦେବଳ, ଆର୍ଷ୍ଟିଷେଣ, ଗୌତମ, ଔର୍ବ, ବ୍ୟାସ, ନାରଦ, କ୍ରତୁ, ସୁବାହ. ମୈତ୍ରେୟ, କବଷ, କୁମ୍ଭଯୋନି (ଅଗସ୍ତ୍ୟ), ପିପ୍ପଳାଦ, ପୁଲହ, ପୁଲସ୍ତ୍ୟ, କଶ୍ୟପ ତଥା ଆହୁରି ଅନେକ ଶ୍ରେଷ୍ଠ ଦେବର୍ଷି, ବ୍ରହ୍ମର୍ଷି ଓ ଅରୁଣାଦି ରାଜର୍ଷିଙ୍କର ଶୁଭାଗମନ ହେଲା । ବିଷୟ ବୈରାଗୀ ମହାରଜା ପରୀକ୍ଷିତ ତକ୍ଷକ ଦଂଶନ ପ୍ରତି ଭ୍ରୂକ୍ଷେପ ନ କରି ମୁନିମାନଙ୍କୁ ପୂଜାର୍ଚ୍ଚନା କରି ଭଗବାନଙ୍କର ରସମୟ ଲୀଳା ଗାନ କରିବାକୁ ଅନୁରୋଧ କଲେ । ଭଗବାନଙ୍କ ପରମଭକ୍ତ ପରୀକ୍ଷିତଙ୍କ ନଶ୍ୱର ଦେହର ଅବସାନ ପର୍ଯ୍ୟନ୍ତ ସେହି ସମସ୍ତ ମୁନିଋଷି ସେଠାରେ ରହିବାକୁ ପ୍ରତିଶ୍ରୁତି ଦେଲେ । ପରୀକ୍ଷିତ ମୁନି ଋଷିମାନଙ୍କୁ ଅନେକ ପ୍ରଶ୍ନ ପଚାରିଲେ । ଏହି ସମୟରେ କାହାଠାରୁ କିଛି ପାଇବାର ଅଭିଳାଷ ନ ରଖି ନିଜ ଇଚ୍ଛାରେ ବ୍ୟାସନନ୍ଦନ ଶୁକଦେବ ଆସି ସେଠାରେ ପହଞ୍ଚିଗଲେ । ଶ୍ରୀଶୁକଦେବଙ୍କର ବୟସ ଷୋହଳ । ଏଠାରେ ଶୁକଦେବଙ୍କର ଶରୀର ଗଠନ ତଥା ଆକାର ଓ ସୌନ୍ଦର୍ଯ୍ୟର ବର୍ଣ୍ଣନା ହୋଇଛି । ମହାତ୍ମା ଶୁକଦେବଙ୍କୁ ପ୍ରଣାମ କରି ପରୀକ୍ଷିତ ସ୍ୱାଗତ ସମ୍ବର୍ଦ୍ଧନା କଲେ । ତାଙ୍କୁ ଉତ୍ତମ ଆସନରେ ବସାଇ ସେ ତାଙ୍କର ସତ୍କାର କଲେ ଏବଂ ନିଜକୁ ଭାଗ୍ୟବାନ୍ ମଣିଲେ । ତା ପରେ ସେ ଶୁକଦେବଙ୍କୁ ପଚାରିଲେ ଯେ, ଆସନ୍ନ ମରଣ ସମୟରେ ଅର୍ଥାତ୍ ମୃତ୍ୟୁ ମନୁଷ୍ୟର ସାମନାରେ ଆସନ୍ନ ଉପସ୍ଥିତ ହେବା ସମୟରେ ବ୍ୟକ୍ତି କାହା କଥା ଶ୍ରବଣ କରିବ, କାହାର ନାମ ଜପ କରିବ, କାହାକୁ ସ୍ମରଣ କରିବ ଏବଂ କାହାକୁ ଭଜନ କରିବ ତଥା କଣ ତ୍ୟାଗ କରିବ ? ରାଜା ଅତ୍ୟନ୍ତ ମଧୁର ଭାବରେ ଏପରି ସମ୍ଭାଷଣ ଓ ପ୍ରଶ୍ନ କରିବାରୁ, ସମସ୍ତ ଧର୍ମର ମର୍ମଜ୍ଞ ବ୍ୟାସନନ୍ଦନ ଭଗବାନ୍ ଶ୍ରୀଶୁକଦେବ ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଅରମ୍ଭ କଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ସର୍ବେଷାମ୍ ଅଧ୍ୟାୟନାମ୍ ସାରସଂଗ୍ରହ ବିଶ୍ଳେଷଣ ଚିତି ସମାପ୍ତଃୟମ୍ ପ୍ରଥମ ସ୍କନ୍ଧଃ ।

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।
ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ ।।
ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ ।
ତେନ ତ୍ୱଦଂଘ୍ରିକମଳେ ରତିଂ ମେ ଯଚ୍ଛ ଶାଶ୍ୱତମ୍ ।।
ମନ୍ତ୍ରହୀନଂ କ୍ରିୟାହୀନଂ, ଭକ୍ତିହିନଂ ସୁରେଶ୍ୱର ।
ଯତ୍ ପୂଜିତଂ ମୟାଦେବ ! ପରିପୂର୍ଣ୍ଣଂ ତଦସ୍ତୁମେ ।।
ଯଦକ୍ଷରପଦଭ୍ରଷ୍ଟଂ, ମାତ୍ରାହୀନଂ ଚ ଯଦ୍ ଭବେତ୍ ।
ତତ୍ସର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ୱର ।।

କ୍ରମଶଃ - - - - - - - - -

। ହରି ଓଁ ତତ୍ ସତ୍ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ
ମୋବାଇଲ୍ ନଂ – ୬୩୭୨୧୩୩୬୩୫
e-mail: sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଚନ୍ଦ୍ରଭାଗା ସ୍ନାନ ଓ ମାଘ ସପ୍ତମୀ

କଥାରେ ଅଛି ବାର ମାସରେ ତେରପର୍ବ । ଅର୍ଥାତ ବେଳକାଳ ତୁଳନାରେ ଆମ ଦେଶରେ ହେଉ ବା ଆମ ରାଜ୍ୟରେ ହେଉ ବିଭିନ୍ନ ପର୍ବ ପର୍ବାଣୀ ପାଳିତ ହୋଇଥାଏ । ଉତ୍କଳର ପର୍ବପର୍ବାଣୀ ସାଧାରଣତଃ ଧର୍ମ ଓ ପୌରାଣିକ ଉପାଖ୍ୟାନକୁ ଭିତ୍ତି କରି ହୋଇଥାଏ । ଉତ୍କଳୀୟ ମାନଙ୍କୁ ପର୍ବ ପାଳନରେ ବହୁ ଆନନ୍ଦ ଓ ଶିକ୍ଷା ମିଳିଥାଏ । ସଂସ୍କୃତି ଓ ପରମ୍ପରା ବଞ୍ଚି ରହେ । ପର୍ବପର୍ବାଣୀ ପାଳନରେ ମୌଳିକ ଲକ୍ଷ୍ୟ ତିନି ପ୍ରକାର । ଯଥା : ୧. ସାମାଜିକ ଚେତନାର ଅଭିବୃଦ୍ଧି ଓ ସହଯୋଗର ବିକାଶ, ୨. ସାମୁହିକ ଆନନ୍ଦ ଉଲ୍ଲାସ ୩. ସାମାଜିକ ଧର୍ମ ନୀତିର ସ୍ମରଣ ଓ ସାଧନ । ଉକ୍ତ ତିନିଟି ଲକ୍ଷ୍ୟକୁ ଆଧାର କରି ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନମାନେ ପର୍ବ ପାଳନ କରନ୍ତି । ନିଜ ନିଜ ଧର୍ମର ମହତ୍ୱ ବଜାୟ ରଖନ୍ତି । ହିନ୍ଦୁ ମାନଙ୍କର ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ମକର ସଂକ୍ରାନ୍ତି ଶାମ୍ବ ଦଶମୀ, ସରସ୍ୱତୀ ପୂଜା, ହୋଲି, ଦଶହରା, ତିଳ ଓ ମାଘ ସପ୍ତମୀ ଇତ୍ୟାଦି । ଏଥି ମଧ୍ୟରୁ ତିଳ ଓ ମାଘ ସପ୍ତମୀ ଅନ୍ୟତମ । ମକର ମାସର ଉତ୍ତରାୟଣରେ ଏହି ପର୍ବ ପଡ଼ିଥାଏ।



ବାସନ୍ତୀଲତା ଜେନା

ଅର୍କ ତୀର୍ଥ କୋଣାର୍କ ।

ଅର୍କ ତୀର୍ଥର ମାହାତ୍ମ୍ୟ ପଦ୍ମ ପୂରଣରେ ପ୍ରାଚୀ ମହାତ୍ମ୍ୟରେ ବର୍ଣ୍ଣନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରାଯାଇଛି । ସେହି ଅର୍କ ତୀର୍ଥ ନାମରେ ପ୍ରସିଦ୍ଧି ଲାଭ କରିଛି । ଶାମ୍ବ ନିଜ ପିତା ଶ୍ରୀକୃଷ୍ଣଙ୍କ ଠାରୁ ଅଭିଶାପ ପାଇ କୃଷ୍ଠ ରୋଗରେ ଆକ୍ରାନ୍ତ ହୋଇ ଥିଲେ । ଦୁର୍ବସାଙ୍କ ପରାମର୍ଶ ଅନୁଯାଇ ଚନ୍ଦ୍ରଭାଗା ନଦୀରେ ସ୍ନାନ କରି ସୂର୍ଯ୍ୟ ପୂଜା କରି ଥିଲେ । ଏବଂ କୁଷ୍ଠ ରୋଗରୁ ମୁକ୍ତି ଲାଭ କରି ଥିଲେ । ଶାମ୍ବ ଚନ୍ଦ୍ରଭାଗା ନଦୀରେ ସ୍ନାନ କରିବା ସମୟରେ ସୂର୍ଯ୍ୟଙ୍କର ମଣିବିଗ୍ରହ ପାଇ ଥିଲେ । ସୂର୍ଯ୍ୟ ଦେବ ସେହି ମୂର୍ତ୍ତିକୁ  ଚନ୍ଦ୍ର ଭାଗା ନଦୀ ତୀରରେ ମନ୍ଦିର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ ପ୍ରାଚୀନ କାଳରୁ ଚନ୍ଦ୍ର ଭାଗା ପୂଣ୍ୟ ତୀର୍ଥ ଭାବରେ ଖ୍ୟାତି ଲାଭ କରିଛି । ସାରଳା ଦାସ ମହାଭାରତରେ ବନ ପର୍ବର ଅର୍କ କ୍ଷେତ୍ର ବିଷୟରେ ଉଲ୍ଲେଖ ଅଛି ଯେ, ପବିତ୍ର ମାଘ ସପ୍ତମୀ ତୀର୍ଥରେ ସୂର୍ଯ୍ୟ ଦେବ ଅର୍କ ନାମକ ଏକ ଦୈତ୍ୟକୁ ପାତାଳକୁ ଚାପି ଅର୍କ ତୀର୍ଥ ସୃଷ୍ଟି କରି ଥିଲେ । ତେଣୁ ପ୍ରତି ବର୍ଷ ମାଘ ମାସ ଶୁକ୍ଳ ସପ୍ତମୀ ଦିନ ଏହି ତୀର୍ଥରେ ସ୍ନାନ ଉତ୍ସବ ଅନୁଷ୍ଠିତ ହୁଏ  । କୋଣାର୍କ ସୂର୍ଯ୍ୟ କ୍ଷେତ୍ର ବା ଅର୍କ କ୍ଷେତ୍ର ନାମରେ ପ୍ରତିଷ୍ଠିତ ହୋଇଛି ।

ପଦ୍ମ ପୂରାଣରେ ବର୍ଣ୍ଣନା ଅଛି ଯେ ସୂର୍ଯ୍ୟ ଦେବ ନିଜର ପାପ ମୋଚନ ପାଇ ଅର୍କ ତୀର୍ଥରେ ତପସ୍ୟା କରି ମୁକ୍ତି ଲାଭ କରି ଥିଲେ । ମହାଦେବ ମଧ୍ୟ ଏଠାରେ ତପସ୍ୟା କରି ବ୍ରହ୍ମା ଶିର ଛେଦନ ନିମିତ୍ତ ପାପରୁ ମୁକ୍ତି ପାଇଥିଲେ  ।

କୁହା ଯାଏ ଯେ ମାଘ ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ତିଳ ତେଲ ବା ରାଶି ତେଲ ଲଗାଇ ପ୍ରାତଃ ସ୍ନାନ କରି ସୂର୍ଯ୍ୟ ଦେବଙ୍କୁ ପୂଜା କଲେ ବାତ ପୀତ ରୋଗ ଭଲ ହୁଏ । ଦାନ ଧର୍ମ କଲେ  ଗରିବଙ୍କୁ ଅନ୍ନ ଭୋଜନ ଦେଲେ କୋଟି ଗୋଦାନର ଫଳ ମିଳି ଥାଏ । ଦେହ ସୁସ୍ଥ ରହେ । ଏହି ଦିନ ଅପୁତ୍ରିକ ନାରୀ ଦାନ କଲେ ତା କୋଳ ପୂରି ଉଠେ  । ଆଜିର ଦିନ ହେଉଛି ସୂର୍ଯ୍ୟ ଦେବଙ୍କର ଜନ୍ମ ଦିନ  । ତେଣୁ ମାଘ ସପ୍ତମୀ ଦିନଟି ହେଉଛି ପବିତ୍ର ଦିନ  ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତେଣୁ ଲକ୍ଷ ଲକ୍ଷ ଭକ୍ତ ଗଣ କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗରେ ବୁଡ଼ ପକାଇ ପୂଣ୍ୟ ଅର୍ଜନ କରନ୍ତି । ନାରୀମାନେ ସ୍ନାନ କଲା ବେଳେ ହୁଳହୁଳି ପକାଇ ବୁଡ଼ ପକାନ୍ତି । ସକଳ ଶକ୍ତିର ଆଧାର ସୂର୍ଯ୍ୟ ଦେବଙ୍କୁ ନୈବେଦ୍ୟ ଦେଇ ପୂଜା କରନ୍ତି । ଏହା ଚନ୍ଦ୍ର ଭାଗା ମେଳା ନାମରେ ପରିଚିତ । କୁହାଯାଏ ଏହି ମେଳା ଉପଲକ୍ଷେ ସୂର୍ଯ୍ୟ ଓ ଚନ୍ଦ୍ର ଏକ ବିମାନରେ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରନ୍ତି । ଏବେ ଚନ୍ଦ୍ରଭାଗା ପୋତି ହୋଇ ନିଜରସତ୍ତା ହରାଇଛି । ତଥାପି ଏଠାକୁ ଲକ୍ଷ ଲକ୍ଷ ଲୋକ ପ୍ରତି ବର୍ଷ ମାଘ ସପ୍ତମୀରେ ବୁଡ ପକାଇବାକୁ ଆସନ୍ତି । ଲଙ୍ଗୁଳା ନରସିଂହ ଦେବ କୋଣାର୍କ ମନ୍ଦିରକୁ ବାର ବର୍ଷ କାଳ ବାର ଶହ ବଢ଼େଇ ଲଗାଇ ସୂର୍ଯ୍ୟ ମନ୍ଦିରକୁ ଚଳନ୍ତା ରଥ ସଦୃଶ୍ୟ ରୂପ ଦେଇଥିଲେ । କୋଣାର୍କ ମନ୍ଦିର ହେଉଛି ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଅନ୍ୟତମ ।

ଏହି ମାଘ ସପ୍ତମୀ ତିଥିରେ ସାଧୁ ସନ୍ଥମାନେ ଏକତ୍ର ହୋଇ ବିଭିନ୍ନ ଧର୍ମ ଆଲୋଚନା ଓ ଯଜ୍ଞରେ ଭାଗ ନେଇ ବିଭିନ୍ନ ଧାର୍ମିକ ପରିବେଶ ସୃଷ୍ଟି କରିଥାନ୍ତି । ସୂର୍ଯ୍ୟଙ୍କର ଉତ୍ତରାୟଣ ଗତିରେ ମାଘ ମାସ ଏକ ପୂଣ୍ୟର ମାସ ହୋଇ ଥିବାରୁ ତ୍ରିବେଣୀ ଅମାବାସ୍ୟା, ଶ୍ରୀପଞ୍ଚମୀ, ମାଘ ସପ୍ତମୀ ଇତ୍ୟାଦି ପୂଣ୍ୟ ଦିବସ ମାଘ ମାସର ତାପୂର୍ଯ୍ୟକୁ ବଢାଇ ଦିଏ ।

ଗାନ୍ଧୀନଗର, ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭକ୍ତ ମାଧବ ଦାସ

ଶଙ୍କରାଚାର୍ଯ୍ୟ ହୁଅନ୍ତୁ ଅଥବା ତୁଳସୀ ଦାସ ହୁଅନ୍ତୁ; ନାନକ ହୁଅନ୍ତୁ ଅଥବା କବୀର ହୁଅନ୍ତୁ; ଚୈତନ୍ୟ ହୁଅନ୍ତୁ ଅଥବା ସାଲବେଗ ହୁଅନ୍ତୁ; ଦାସିଆ ବାଉରୀ ହୁଅନ୍ତୁ ଅଥବା ଭକ୍ତ ବଳରାମ ଦାସ ହୁଅନ୍ତୁ; ଯୁଗେ ଯୁଗେ ଏ ସମସ୍ତେ ନୀଳାଚଳ ଧାମକୁ ଆସି ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଭକ୍ତିରେ ନିମଗ୍ନ ହୋଇ ଭକ୍ତିର ଯେଉଁ ତରଙ୍ଗ ଖେଳାଇ ଯାଇଛନ୍ତି ତା'ର ତୁଳନା ନାହିଁ । ଭକ୍ତବତ୍ସଳ ଭାବଗ୍ରାହୀ ସେ କାଳିଆ ସାଆନ୍ତ ! କୋଟି କୈବଲ୍ୟ ନାଥ ସେ ! ଅବତାର ନୁହେଁ ଅବତାରୀ ସେ । ଏହା ବହୁ ପୁରାତନ କାଳର କଥା । ପୁରୀ ହେଉଛି ମଠମାନଙ୍କ ଏକ ଅପୂର୍ବ ସଙ୍ଗମସ୍ଥଳୀ । ମଠଟିଏ ଥାଏ ଗୁଣ୍ଡିଚା ମନ୍ଦିର ନିକଟରେ । ମଠଟିର ନାମ ଦଶାବତାର ମଠ । ଭକ୍ତ ଜଣେ ରହୁଥାନ୍ତି ସେଠି । ନାମ ତାଙ୍କର ମାଧବ ଦାସ । ଗୈରିକ ବସ୍ତ୍ରଧାରୀ, ସ୍ୱଳ୍ପାହାରୀ, ମିଷ୍ଟଭାଷୀ, ସ୍ୱପାକି ସିଏ । ଶ୍ରୀଜଗନ୍ନାଥଙ୍କ ଠାରେ ଅଚଳାଚଳ ଭକ୍ତି ତାଙ୍କର; ଦିନରାତି ପ୍ରଭୁଙ୍କ ନାମ କୀର୍ତ୍ତନରେ ନିମଜିତ ସେ । ନିଜ ସାଧ୍ୟ ମତେ ଅନ୍ୟମାନଙ୍କ ସେବା ମଧ୍ୟ କରୁଥାନ୍ତି ସେ । ପ୍ରତ୍ୟହ ଚାଲି ଚାଲି ଆସି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରୁଥାନ୍ତି ସେ ଶ୍ରୀମନ୍ଦିରରେ । ତା'ପରେ ଯାଆନ୍ତି ମହୋଦଧିକୁ । ମହୋଦଧିରେ ପୁଣି ସ୍ନାନ କରନ୍ତି ସେ । ମହୋଦଧିରୁ ଶ୍ରୀମନ୍ଦିରର ନୀଳଚକ୍ର ଏବଂ ପତିତପାବନ ବାନା ଦର୍ଶନ କରି ଭକ୍ତିରେ କୃତକୃତ୍ୟ



ନିତ୍ୟ ରଞ୍ଜନ ନନ୍ଦ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ହୋଇଉଠନ୍ତି ସେ । ଏପରି କିଛିଦିନ ଗଲା । ହଠାତ୍ ଦିନେ ଶ୍ରୀମନ୍ଦିରରୁ ଫେରି ମହୋଦଧିରେ ସ୍ନାନ କରିବା ପରେ ଅସୁସ୍ଥ ଅନୁଭବ କଲେ ସେ; ଆସ୍ତେ ଆସ୍ତେ ଜ୍ୱର ଏବଂ ଅତିସାର ରୋଗର ନାନା ଉପସର୍ଗ ଦେଖାଗଲା ତାଙ୍କ ଶରୀରରେ । ଫେରିପାରିଲେ ନାହିଁ ସେ ନିଜ ମଠକୁ । ଅତି କଷ୍ଟରେ ମହୋଦଧି ନିକଟସ୍ଥ ପରିତ୍ୟକ୍ତ ବାସଗୃହ ନିକଟରେ ପହଞ୍ଚି ସେଠି ସେଦିନ ରହିଯିବାର ନିଷ୍ପତ୍ତି ନେଲେ ସେ ଏବଂ ଅସୁସ୍ଥତା ଯୋଗୁଁ ବିଶ୍ରାମ ନେଲେ ସେହି ପରିତ୍ୟକ୍ତ ବାସଗୃହରେ । ଦିନକୁ ଦିନ ଜ୍ୱର ଏବଂ ଅତିସାର ରୋଗର ପ୍ରକୋପ ବଢ଼ିବାରେ ଲାଗିଲା । ଏହିପରି ତିନି ଚାରିଦିନ ଗଲା । ବହୁତ ଦୁର୍ବଳ ଅନୁଭବ କରୁଥାନ୍ତି । ଖାଦ୍ୟ ନାହିଁ, ଔଷଧ ନାହିଁ, ପାଣି ଟୋପେ ଦେବାକୁ ପାଖରେ କେହି ନାହିଁ, ତନ୍ଦ୍ରାଛନ୍ନ ହୋଇ ଅହରହ ଜଗନ୍ନାଥଙ୍କ ନାମ ଜପ କରୁଥାନ୍ତି । ଏମିତି ପୁଣି ଦୁଇଦିନ ଗଲା । ସ୍ନାନପୂର୍ଣ୍ଣିମୀ ପୂର୍ବରାତ୍ରିରେ ହଳାୟୁଧ ପ୍ରଭୁ ବଳଭଦ୍ର, ଶ୍ରୀଜଗନ୍ନାଥଙ୍କୁ କହୁଛନ୍ତି, "କାଳିଆ, ଗତ ତିନି ଚାରି ଦିନ ହେଲା ମୋର ମନ ଜମା ଭଲ ଲାଗୁନାହିଁ; ବାଳଧୂପ, ମଧ୍ୟାହ୍ନ ଧୂପଠୁ ଆରମ୍ଭ କରି ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ଯାହା ଖାଇଲେ ବି ମୋତେ ରୁଚୁ ନାହିଁ ।" ଅନ୍ତର୍ଯ୍ୟାମୀ ଜଗନ୍ନାଥ ନିଜ ସ୍ମିତହାସ୍ୟ ଦେଇ କହିଲେ, "ଭାଇ, ଆମ ଭକ୍ତ ମାଧବ ଦାସ ପରା ଅସୁସ୍ଥ, ଜ୍ୱର ଏବଂ ଅତିସାର ରୋଗରେ ପୀଡିତ ହୋଇ, ବିନା ଖାଦ୍ୟ, ବିନା ଔଷଧରେ ମହୋଦଧି ନିକଟସ୍ଥ ପରିତ୍ୟକ୍ତ ବାସଗୃହରେ ପଡ଼ିରହି ଆମ୍ଭ ନାମ ଜପି ଚାଲିଛି, କେମିତି ଭଲ ଲାଗିବ ଆମକୁ ? ଚାଲ ଦୁହେଁ ଯାଇ ତା'କଥା ବୁଝିଆସିବା ।" ଏହାପରେ ଜଗନ୍ନାଥ ଓ ବଳଭଦ୍ର ଦୁଇ ଭାଇ, ଦୁଇଟି ଛୋଟିଆ ବାଳକର ରୂପ (ଜଣେ କଳା, ଜଣେ ଧଳା) ଧାରଣ କରି ପହଞ୍ଚିଲେ ମହୋଦଧି କୂଳରେ ଥିବା ସେଇ ପରିତ୍ୟକ୍ତ ବାସଗୃହ ନିକଟରେ, ଯେଉଁଠି ପଡ଼ିରହିଥିଲେ ଭକ୍ତ ମାଧବ ଦାସ । ସାଧାରଣତଃ ଶ୍ରୀଜଗନ୍ନାଥଙ୍କ ସାଗର ବିଜେ ବା ମହୋଦଧି ବିଜେ ନୀତି ଅନୁଷ୍ଠିତ ହୋଇଥାଏ ପ୍ରତି ଅମାବାସ୍ୟାରେ । କିନ୍ତୁ ନିଜ ଭକ୍ତ ପାଇଁ, ଭକ୍ତ ବତ୍ସଳ ଭାବଗ୍ରାହୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଜି ଚତୁର୍ଦ୍ଦଶୀ ତିଥିରେ ପହଞ୍ଚିଛନ୍ତି ମହୋଦଧି କୂଳରେ ! ଦୁଇ ଠାକୁର (ବାଳକ ବେଶରେ), ସମୁଦ୍ରକୂଳର ସେହି ପରିତ୍ୟକ୍ତ ଗୃହରେ ପହଞ୍ଚି ଦେଖିଲେ, ଶୋଇଛନ୍ତି ଭକ୍ତ ମାଧବ ଦାସ; ଅର୍ଦ୍ଧ ଚେତନ ଅବସ୍ଥାରେ, ଦିଶୁଛନ୍ତି ଅତ୍ୟନ୍ତ କ୍ଷୀଣ, ଦୁର୍ବଳ; ପାଖରେ କେହି ନାହିଁ ଆହା ପଦେ କହିବାକୁ । ବାଳକ ରୂପୀ ଜଗନ୍ନାଥ, ବଳଭଦ୍ର ବସି ପଡ଼ିଲେ ଭକ୍ତ ମାଧବ ଦାସଙ୍କ ପାଖରେ ଏବଂ ମାଧବ ଦାସଙ୍କ ଦୁଇ ଗୋଡ଼କୁ ଘଷି, ମୋଡ଼ିବାରେ ଲାଗିଲେ; ଉଦ୍ଦେଶ୍ୟ ଭକ୍ତର ଅସୁସ୍ଥତା ଜନିତ ପୀଡ଼ାର ସାମାନ୍ୟ ଲାଘବ । ଯେଉଁ ପରଂବ୍ରହ୍ମଙ୍କ ଭେଦ ବ୍ରହ୍ମା, ଶଙ୍କର, ମୁନି, ଋଷି, ଯୋଗୀ, ତପୀମାନଙ୍କୁ ଯୁଗେ ଯୁଗେ ଅଗୋଚର, ଯାହାଙ୍କ ପାଦ ନଖ କୋଣରୁ ପତିତପାବନୀ ମାତା ଗଙ୍ଗା ଆବିର୍ଭାବ ହୋଇଛନ୍ତି, ଯାହାଙ୍କ ପାଦପଦ୍ମ ଦ୍ୱୟକୁ ସାଗର ତନୟା ମହାଲକ୍ଷ୍ମୀ ସଦା ସର୍ବଦା ସେବା କରୁଥାନ୍ତି, ସେହି ଭକ୍ତବତ୍ସଳ ଭାବଗ୍ରାହୀ ଆଜି ନିଜ ଭକ୍ତର ଗୋଡ଼ ଘଷିବାରେ ଲାଗିଛନ୍ତି । କିଛି ସମୟ ଗଲା । ସାମାନ୍ୟ ପ୍ରକୃତିସ୍ଥ ହେଲେ ମାଧବ ଦାସ । ହଠାତ୍ ଆଖି ଖୋଲିଲେ ସେ, ଦେଖିଲେ ଦୁଇଜଣ ବାଳକ ତାଙ୍କର ପଦସେବା କରୁଛନ୍ତି । ପଚାରିଲେ ମାଧବ ଦାସ, "କିଏ ତୁମେମାନେ ?" ଦୁଇ ବାଳକ ଉତ୍ତର ଦେଲେ, "ଆମେ ଦୁଇଜଣ, ନୋଳିଆ ପୁଅ; ଏଇ ସମୁଦ୍ର ପାଖରେ ଆମ ଘର; ଏଠି ଯେଉଁମାନଙ୍କ ଦେହ ଖରାପ ହୁଏ, ଆମେ ଦୁଇଜଣ ତାଙ୍କ ସେବା କରୁ; ଆପଣ ଶୁଅନ୍ତୁ, ଆମେ ଆଉ ଟିକେ ଆପଣଙ୍କୁ ଘଷି ମୋଡ଼ି ଦେବୁ ।" ହଠାତ୍ କିଛି ବୁଝିପାରିଲେ ନାହିଁ ମାଧବ ଦାସ । ମନରେ ଅନେକ ସନ୍ଦେହ, ଅସୁମାରୀ ପ୍ରଶ୍ନ: କିଏ, ଏହି ଦୁଇଜଣ ଦିବ୍ୟ ବାଳକ ? ପୁଣି କିଛି ସମୟ ଗଲା । ପରଂବ୍ରହ୍ମଙ୍କ ଶ୍ରୀଅଙ୍ଗ ସ୍ପର୍ଶରେ ସତେଜ ଅନୁଭବ କରୁଥାନ୍ତି ମାଧବ ଦାସ । ସେ କିନ୍ତୁ ଆଖି ବୁଜି ପଡ଼ିଥାନ୍ତି । ଏହି ସମୟରେ ବାଳକରୂପୀ ବଳଭଦ୍ର, ବାଳକରୂପୀ ଜଗନ୍ନାଥଙ୍କୁ ପଚାରିଲେ, "କାଳିଆ, ଏହି ଭକ୍ତର ଜ୍ୱର କଷ୍ଟ ଭୋଗ କରିବା, କେତେ ଦିନ ଭାଗ୍ୟରେ ଅଛି ? ? ପନ୍ଦର ଦିନ" ଉତ୍ତର ଦେଲେ ଜଗନ୍ନାଥ । ବଳଭଦ୍ର ପୁଣି କହିଲେ, "କାଳିଆ, ଏ ଭକ୍ତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଇଁ କିଛି ଗୋଟାଏ ବ୍ୟବସ୍ଥା କର; ତା' ଦୁଃଖଯନ୍ତ୍ରଣା ଆଉ ଦେଖି ହେଉନାହିଁ କି ସହି ହେଉନାହିଁ ।" ହସିଲେ କାଳିଆ ସାଆନ୍ତ; କହିଲେ, "ଭାଇ ଠିକ ଅଛି, ଚାଲ, ମାଧବ ଦାସର ଜ୍ୱର, ପୀଡ଼ାତକ ଆମେ ଦୁଇଜଣ ଭୋଗ କରିବା କାଲିଠାରୁ ପନ୍ଦରଦିନ ପାଇଁ ।" ସେହି କ୍ଷଣରୁ ମାଧବ ଦାସଙ୍କ ଜ୍ୱରର ଉତ୍ତାପ, ପୀଡ଼ା, ଦୁର୍ବଳତା ଉଭେଇ ଗଲା ଏବଂ ଅଦୃଶ୍ୟ ହୋଇଗଲେ ଦୁଇଭାଇ । ହଠାତ୍ ଆଖି ଖୋଲିଲେ ଭକ୍ତ ମାଧବ ଦାସ । ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରୁଥିଲେ ସିଏ; ପୁଣି ଅନୁଭବ କରୁଥିଲେ ଚନ୍ଦନ, କର୍ପୂର, କସ୍ତୁରୀ, କୁଙ୍କୁମ, କେଶର ଆଦି ସୁବାସିତ ଦ୍ରବ୍ୟର ଏକ ଦିବ୍ୟ ସୁଗନ୍ଧ ନିଜ ଚତୁଃପାର୍ଶ୍ୱରେ; କୁଆଡ଼େ ଗଲେ ସେ ଦୁଇଜଣ ଦିବ୍ୟ ବାଳକ? ଏହା ସ୍ୱପ୍ନ ଥିଲା ନା ସତ୍ୟ? ବିଶ୍ୱାସ କରିପାରିଲେ ନାହିଁ ସେ । ପରିଶେଷରେ ତାଙ୍କର ହୃଦବୋଧ ହେଲା, ସ୍ୱୟଂ ନୀଳାଦ୍ରୀଶ, ପୁରୁଷୋତ୍ତମ, ଶ୍ରୀଜଗନ୍ନାଥ, ଅଗ୍ରଜ ବଳଭଦ୍ରଙ୍କ ସହିତ, ଆସିଥିଲେ ତାଙ୍କ ନିକଟକୁ ! ଲମ୍ୱ ହୋଇ ସେଠାରେ ସାଷ୍ଟାଙ୍ଗ ପ୍ରଣିପାତ କଲେ ସେ; ମୁଖରୁ ବାକ୍ୟ ସ୍ଫୁରୁ ନଥାଏ; ଚକ୍ଷୁରୁ ଝରିଯାଉଥାଏ ଅବିଶ୍ରାନ୍ତ ଅଶ୍ରୁ; ଭାବବିହ୍ୱଳ ହୋଇପଡ଼ିଲେ ସେ; କହିଲେ, "ହେ ପ୍ରଭୁ !!! ଦୁନିଆରେ ଅନେକ ଠାକୁର ଅଛନ୍ତି, ଯେଉଁମାନେ ନିଜ ଭକ୍ତମାନଙ୍କ ଦୁଃଖ, ପାପ ହରଣ କରିଥାନ୍ତି, ହେଲେ ଏପରି କିଏ ଠାକୁର ଅଛନ୍ତି, ଯିଏ ଭକ୍ତର ଜ୍ୱର, ଉତ୍ତାପ, କଷ୍ଟତକ ନିଅନ୍ତି? ତୁମେ ସର୍ବତନ୍ତ୍ର ସ୍ୱତନ୍ତ୍ର ପ୍ରଭୁ ! ସାରା ବିଶ୍ୱରେ ତୁମ ପରି କେହି ଭକ୍ତବତ୍ସଳ ନାହାନ୍ତି; ନିସ୍ତରିଲି ପ୍ରଭୁ; ନିସ୍ତରିଲି । ସେହି ଦିନଠାରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଦେବସ୍ନାନ ପୂର୍ଣ୍ଣିମାଠାରୁ ପନ୍ଦର ଦିନ ଯାଏ ଅଣସର ଘରେ ରହି ଜ୍ୱର, କଷ୍ଟ ଭୋଗ କରିବାର ମାନବୀୟ ଲୀଳା କରୁଛନ୍ତି; କେବଳ ଭକ୍ତର ମାନ ରଖିବା ପାଇଁ ମହାପ୍ରଭୁଙ୍କ ଏ ଲୀଳା । ଧନ୍ୟ ତୁମେ ମହାପ୍ରଭୁ ! ଧନ୍ୟ ତୁମେ କାଳିଆ ସାଆନ୍ତ ! ଧନ୍ୟ ତୁମେ ଭାବଗ୍ରାହୀ ! ଧନ୍ୟ ତୁମ ଭକ୍ତ ! ଧନ୍ୟ ତୁମ ଲୀଳା !

ଡି ଏଲ ଏ-୧୨, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର, ମୋ- ୯୪୩୭୨୭୮୪୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରହସନ

ଆଜ୍ଞା ! ଆପଣ ଠିକ୍ ଧରିଛନ୍ତି । ନେତାମାନଙ୍କ ଛଡା ଆଉ କିଏ ପ୍ରହସନ କରିବ କହିଲେ ? ଅବଶ୍ୟ ଅଳ୍ପକିଛି ସେମାନଙ୍କ ଭିତରେ ଭଲ ବି ଅଛନ୍ତି, ନହେଲେ ଦୁନିଆ ଚଳିବ କେମିତି ! ଏବେ ପଶ୍ଚିମବଙ୍ଗରେ ହଠାତ୍ ସମସ୍ତନେତା ରାଷ୍ଟ୍ରବାଦୀ ହୋଇଯିବାର ଏକ ଅନୋଖା ଉଦାହରଣ ସୃଷ୍ଟି କରୁଛନ୍ତି । ନିର୍ବାଚନୀ ସଭା ଅପେକ୍ଷା ମିଶ୍ରଣପର୍ବ ପ୍ରହସନ ବେଶୀ ଦେଖିବାକୁ ମିଳୁଛି । ସମସ୍ତେ ଭାବୁଛନ୍ତି ଏଥର ପରିବର୍ତ୍ତନ ନିଶ୍ଚିତ । ପରିବର୍ତ୍ତନ ଅର୍ଥ ତୃଣମୂଳ ଗଡିବ ପଦ୍ମମୂଳ ଚଢିବ ବୋଲି ସର୍ବସାଧାରଣଙ୍କ ସହ ଗଣମାଧ୍ୟମମାନେ ବିଶ୍ୱାସର ସହ ଡେଙ୍ଗୁରା ପିଟି କହୁଛନ୍ତି । ସତ୍ତା ବଦଳିବ ହେଲେ ବ୍ୟବସ୍ଥା ! ପୁରୁଣା ଶାସକମାନଙ୍କୁ ନେଇ ମୋଦୀ ମହୋଦୟ ଶାସନ କେମିତି ବଦଳେଇବେ ! ଆଶା କମ୍ । କାରଣ ସେଇସବୁ ବାମପନ୍ଥି ଚିନ୍ତାଧାରାରେ ଜନ୍ମିତ ଅସଂଖ୍ୟ ଲୋକନେତା ଜ୍ୟୋତିବସୁଙ୍କ ତମ୍ବୁରୁ ଖସିଆସି ବିଗତ କିଛି ବର୍ଷହେଲା ମମତାଦିଦିଙ୍କ ଛତ୍ରଛାୟା ତଳେ ଶାସନ କରୁଥିଲେ, ସେଇମାନେ ଏବେ ପଦ୍ମପତିଙ୍କ ଶରଣରେ ଆସି "ଜୟ ଶ୍ରୀରାମ" କହୁଛନ୍ତି । ଆଗରୁ "ଭାରତ ମାତା କି ଜୟ" କହିବାକୁ ଲଜ୍ଜ୍ୟା ଲାଗୁଥିଲା । ହେଲେ ଏବେ ଗଳା ଫଟେଇ ସେହି ସବୁ ନାରା ପ୍ରାଞ୍ଜଳ ଭାବରେ ଭକ୍ତିର ସହ ବଜାର ଗଳି କନ୍ଦିରେ ବୁଲିବୁଲି



ଇଂ ବିଦ୍ୟାଧର ପଣ୍ଡା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହୁଛନ୍ତି । ସବୁଜରଙ୍ଗ ପୋଷାକ ଛାଡି ଗେରୁଆ ପିନ୍ଧିଲେ କ'ଣ ଅନ୍ତର୍ମନର ବି·ର ବଦଳିବ ! ଭବିଷ୍ୟତରେ ଏ ବିଷୟ ସମୟ କହିବ । ନିର୍ବାଚନକୁ ଆଖିଆଗରେ ରଖି ବଜେଟରେ ସେହିସବୁ ରାଜ୍ୟମାନଙ୍କ ପାଇଁ ଯଥେଷ୍ଟ ପରିମାଣର ଲଲିପପ୍ର ବନ୍ଦୋବସ୍ତ କରାଯାଇଛି । ତେଣୁ ଚବିଶପରେ ଲାଗୁଛି ସମ୍ପୂର୍ଣ୍ଣ ଭାରତ ଗେରୁଆ ହେବ ସତ କିନ୍ତୁ ପଦ୍ମଫୁଲ ଛାଇରେ କିଛି ବାମପନ୍ଥି ଏବଂ ମାଓବାଦୀ ମଧ୍ୟ ନିଜକୁ ଉପରେଉପରେ ରାଷ୍ଟ୍ରବାଦୀ ବୋଲି ପରିଚୟ ଦେଇ ସୁଶାସନର ନାଟକ କରିବେ । ଏମାନଙ୍କୁ ଚିହ୍ନି ପ୍ରକୃତ କ୍ଷମତାର ବାହାରେ ରଖି ଜନସାଧାରଣଙ୍କୁ ନ୍ୟାୟ ଦେବା ବିଜେପି ଦଳର ପୁରୋଧାମାନଙ୍କ ପାଇଁ ଆଗାମିଦିନରେ ଏକ ବଡ ଚୁନୌତି ହିସାବରେ ସାମ୍ନାକୁ ଆସିବ । ଏମାନଙ୍କୁ ଖୋଲା ଛାଡିଦେଲେ ପଦ୍ମ ପୋଖରୀ ଗୋଳିଆ କରି ଗେରୁଆରଙ୍ଗରେ କାଦୁଅ ଛିଟା ବୋଳିଦେବେ ।

ଗତ ନିର୍ବାଚନରେ ଆମ ରାଜ୍ୟରେ ମଧ୍ୟ ଏପରି କିଛି ନେତା ରୁଖାଉପରକୁ ଉଠିଛନ୍ତି । ତନ୍ମଧ୍ୟରେ ଜଣଙ୍କୁ ଏବେ ବହୁତ ରାଗ ଆସୁଛି । ସକାଳୁ ସଞ୍ଜ ସାଂସଦ ପରିକା ପୂର୍ଣ୍ଣ ନିଶାରେ ରହୁଛନ୍ତି । ଯେବେଠାରୁ ସାହାକୁ ଅତିରିକ୍ତ ବ୍ୟକ୍ତିଗତ ସଚିବ ହିସାବରେ ନିଯୁକ୍ତି କଲେଣି ସେବେଠାରୁ ଆଉ ପଛକୁ ଦେଖି ·ହିଁବାକୁ ବେଳ ନାହିଁ । ସବୁଦୃଷ୍ଟିରୁ ଉନ୍ନତି କରୁଛନ୍ତି, ହେଲେ ଆରଥରକୁ କ'ଣ ହେବ କିଛି କହିହେଉନି । ତାଙ୍କ ବିଷୟରେ କିଛି କଥା ବିଜେପି ଦଳର କାର୍ପଟଦାରମାନଙ୍କ ସହ ଜନସାଧାରଣ ବି ଜାଣିବା ଉଚିତ୍ । କିନ୍ତୁ ତା ପୂର୍ବରୁ ମୁଁ ପ୍ରିୟଭାଇ, ଛୋଟେଲାଲ୍, ଅଶୋକଭାଇ, ରଥୁବାବୁ ଏବଂ ମୋର ଅନ୍ତରଙ୍ଗ ସହପାଠୀ ସୁଦର୍ଶନ ଓ ସୁବ୍ରତଭାଇଙ୍କୁ କ୍ଷମା ପ୍ରାର୍ଥନା କରୁଛି । ଏମାନେ ଟୁଡୁ ମହାଶୟଙ୍କ ଆଗରେ ସ୍ୱଚ୍ଛ ଦର୍ପଣ ରଖି ଏକାଧିକ ବାର ନିଜର ମୁହଁ ଦେଖିବାକୁ ବିନମ୍ର ଅନୁରୋଧ କରିଛନ୍ତି, ହେଲେ ସିଏ କାହାକୁ ଶୁଣିନାହାନ୍ତି । ଓଧ ସାଙ୍ଗରେ ଭୁଆଁ ବିରାଡି ବାଇ ହେଲା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ପରି ଗୋଟେ ମାରୁଆଡି ଜଣେ ନେତାଙ୍କୁ ଉଠେଇଦେଲା ବୋଲି ତୁମେ ଯଦି ସେମିତି ସେହି ଜାତିର ଗୋଟିଏ ବ୍ୟକ୍ତିଗତ ସଚିବ ଖୋଜି ରାଜନୀତିକୁ ବେପାର ବୋଲି ଭାବିବ ତେବେ କେମିତି ଚଳିବ ! ପ୍ରକଳ୍ପ ଅଧିକାରୀଙ୍କୁ ପ.ଶ ଲକ୍ଷ ମାଗିବା ପାଂଚ ଲକ୍ଷ ନେଇ ଚିଠି କରେଇବା କଥା କ'ଣ ସମ୍ପୁର୍ଣ୍ଣ ମିଥ୍ୟା ? ଠିକାଦାରଙ୍କ ସହ ପ୍ରକଳ୍ପ ଅଟକଳର ଏକ ପ୍ରତିଶତ, ଅର୍ଥାତ୍ ଆଠଶହ କୋଟିରୁ ଆଠ କୋଟି ଦାବିକରି ପରିଶେଷରେ ଏକ ଚୌଥା ଅର୍ଥାତ୍ ଶୂନ ଦଶମିକ ଦୁଇପାଂଚ ପ୍ରତିଶତ ଯାଏ ଖସି ଦୁଇକୋଟିରେ ଅଟକି ପ୍ରକଳ୍ପ ସହ ଜଡିତ ଅନେକ ନିରିହ ଲୋକମାନଙ୍କୁ ହଇରାଣ କରିବା କ'ଣ ଜଣେ ପାଗଳର କପୋଳ କଳ୍ପିତ ! ଆଖିବୁଜି ବିରାଡି କ୍ଷୀର ପିଇଲା ଭଳି ବ୍ୟବହାର ଜଣେ ଜନପ୍ରତିନିଧିଙ୍କ ଠାରୁ ଆଶା କରାଯାଏନି । ଡାକୁ କୁ ଡାକୁ କହିବା କି ଲେଖିବା ସାମର୍ଥ୍ୟ ସମସ୍ତଙ୍କ ପାଖରେ ଅଛି, ହେଲେ ଗେରୁଆ ଦଳପ୍ରତି ମୋହ ଏବଂ କିଛି ବନ୍ଧୁଙ୍କ ସମ୍ପର୍କ ଯୋଗୁଁ କିଛି ଉପକ୍ରମର ଉପସ୍ଥାପନା ବିଳମ୍ବ ହେଉଛି । ତଥ୍ୟ ଅଛି, ହେଲେ ଉଚିତ୍ ସମୟରେ ପ୍ରକାଶିତ ହେବ । କାରଣ ଅନ୍ୟାୟ ସହିବା ମଧ୍ୟ ମହାପାପ । ଜଣେ ବ୍ୟକ୍ତି ସାସଂଦରେ ପହଁଚି ମଧ୍ୟ କଟକି ମୟୁରଭଂଜ ଆଂଚଳିକ ଭାଦଭାବରୁ ଉର୍ଦ୍ଧକୁ ଉଠି ନ ପାରିଲେ କେମିତି ହେବ ? ଜଣେ ବୁଦ୍ଧିମାନ ବ୍ୟକ୍ତି ତାଙ୍କୁ ତାଙ୍କର ଜଣେ ବ୍ୟକ୍ତିଗତ ସହାୟକ ମାଧ୍ୟମରେ ଭ୍ରମିତ କରେଇ ଅନ୍ୟ ଜଣଙ୍କର ଘୋର ଅନିଷ୍ଟ କରିବାରେ କିପରି ସକ୍ଷମ ହେଲା ? କଣ ସାଂସଦ ମହାଶୟଙ୍କର ନିଜସ୍ୱ ବୁଦ୍ଧି କିଛି ନାହିଁ ! ସେଠୀର କ'ଣ ଅଛି, ସରକାରୀ ପୁର୍ତ୍ତବିଭାଗ ଏବଂ ରାଜପଥ ବିଭାଗରୁ ଲହୁଣି କାଢି ଯେତିକି ଘିଅ ଜମେଇଛି, ତା ନାତି ପଣନାତି ଚଉଦପୁରୁଷ ଖାଇଲେ ବି ସରିବନି । ତା ସାଙ୍ଗକୁ ସ୍ତ୍ରୀ ରୋଜଗାର ମାସକୁ ତିନିଲକ୍ଷ । ସିଏ ଚକ୍ରାନ୍ତ କରି ଏକ ସୁଚିନ୍ତିତ ଷଡଯନ୍ତ୍ର ଉପାୟରେ ସାଂସଦଙ୍କ କଂଚାକାନରେ ଯାହା ଫୋଡିବ, ସାସଂଦମହାଶୟ ବିନା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଖୋଳତାଡରେ ବିଶ୍ୱାସକରି କୁହୁଡି ପହଁରିଯିବା କେତେଦୂର ସମୀଚୀନ ? ବିଗତ ନିର୍ବାଚନରେ ଆମେ ଅପରାଜିତା ଷଡଙ୍ଗୀ ମହୋଦୟାଙ୍କ ପରି ଦକ୍ଷ ପ୍ରଶାସକ ସହ ପ୍ରତାପନନାଙ୍କ ପରି କିଛି ସଚ୍ଚୋଟ ନିର୍ମାୟା ମଣିଷଙ୍କୁ ବିଜେପି ଦଳରେ ପାଇଛେ । କିନ୍ତୁ ସବୁଥିରେ ଅଶିକୋଡିଏ ନିୟମ ଲାଗୁ, ସେମିତି ଆଠନଅ ଜଣଙ୍କ ଭିତରେ ଗୋଟେ ଦୁଇଟା ବାମପନ୍ଥି ଓ ମାଓବାଦୀ ଚିନ୍ତାଧାରାର ଅମଣିଷ ରହିବା ସ୍ୱାଭାବିକ୍ କଥା । ସେମାନେ ନିଜକୁ ରାଷ୍ଟ୍ରବାଦୀ ପରିଚୟ ଦେଇ ପ୍ରହସନ କରିବେ ହିଁ କରିବେ । ସ୍ୱୟଂସେବକ ନାଁରେ ସବୁଲୋକ କ'ଣ କେବଳ ସେବା କରିବାକୁ ସଂଘ ଶରଣରେ ଆସନ୍ତି ? ମୋଟେ ନୁହେଁ । କିଛି ନିଜର ମହତ୍ୱକାଂକ୍ଷାକୁ ଚରିତାର୍ଥ କରି ନିଜି ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ ସଂଘକାର୍ଯ୍ୟାଳୟ ଆସିଥାନ୍ତି । ଗଳିପଶି ନିଃସ୍ୱାର୍ଥପର ସ୍ୱୟଂସେବକମାନଙ୍କ ସାଙ୍ଗରେ ବସିଉଠି ଦିନେ ନା ଦିନେ ବିଧାୟକ କି ସାସଂଦଟିଏ ହେବେ । ଥରେ ରୁଖା ଉପରକୁ ଉଠିଗଲେ ଆଉ କିଏ କାହାକୁ ପ·ରେ ! ଯାହାହେଉ ନା କାହିଁକି ଏବେ ତ ଆମେ ନିରୁପାୟ, ଚବିଶଯାଏ ତାଙ୍କୁ ସହିବାକୁ ହେବ । ସାହାର ସାହାରାରେ କେତେ କାହାର ପେଟପାଟଣା ମାରି ସିଏ ରାଜନୀତି ଖେଳ ଖେଳିବେ ଆଗାମି ଦୁଇବର୍ଷରେ ଦେଖାଯାଉ ।

ରାଜ୍ୟରେ ଚବିଶ ମସିହା ଯେତେଯେତେ ପାଖେଇ ଆସୁଛି, ନେତାମାନଙ୍କ ମନରେ ସେତେସେତେ ଛନକା ପଶି ଛାତି ଧକଧକ ହୋଇ ବେଳେବେଳେ ଝାଳ ବୋହି ଯାଉଛି । କ'ଣ କରିବେ କିଛି ବୁଝି ହେଉନି । ସେଥିପାଇଁ ଅନେକ ନେତା ପ୍ରହସନ କରିବାର ଅଭିନବ ଉପାୟମାନ ନି◌ିତିନିତି ବାହାର କରି ବସ୍ତା ଡେରିବାରେ ଲାଗି ପଡିଛନ୍ତି । ମୋଦୀଙ୍କର ଅପାର କରୁଣା ଏବଂ ଧର୍ମେନ୍ଦ୍ରବାବୁଙ୍କର କୃପାଦୃଷ୍ଟିରେ ପଦ୍ମପୋଖରୀରେ ପହଁରିବାର ସୁଯୋଗପାଇ କିଛି ସାସଂଦ ହେଲେ ସିନା ହେଲେ ନିଜର ଅନ୍ତଃକରଣରେ ଆଦାହାନକାଳରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କ୍ୟାନସର୍ ପରି ଗଣ୍ଠି ହୋଇଯାଇଥିବା ସଂକୀର୍ଣ୍ଣତାକୁ ଛାଡି ପାରିଲେନି । ଛାଡିବା ବି ଏତେ ସହଜ ନୁହେଁ । ଅଙ୍ଗାର ଶତ ଧୌତେନ ମଳିନତ୍ୱ ନ ମୁଚ୍ୟେତେ । ଅନୁକୂଳ ପବନସ୍ରୋତରେ ଭାସି ମୋଦୀହାୱାରେ ସାସଂଦ ହୋଇ ଏବେ ମିଛ ନାଁ ନେବାକୁ ବହୁତ ମିଶ୍ରଣ ପର୍ବର ଆୟୋଜନ କରୁଛନ୍ତି । ପଶ୍ଚିମବଙ୍ଗରୁ ମିଶ୍ରଣ ପର୍ବର କୁଣ୍ଡିଆ ଏବେ ଆମରାଜ୍ୟକୁ ବହୁ ପରିମାଣରେ ଆମଦାନି ହୋଇଛି । ସେହିସବୁ ସ୍ଥିରଚିତ୍ର ସବୁଦିନ ଗ୍ରୁପ୍ରେ ଛାଡି ଦଳମୁଖିଆଙ୍କ ଶୁଭଦୃଷ୍ଟି ଆକର୍ଷଣ କରିବାରେ ଅନେକାଂଶରେ ସକ୍ଷମ ବି ହେଉଛନ୍ତି । ଏ ଦୌଡରେ ସବୁ ଦଳ ନିଜନିଜ ଭିତରେ ଭିଡାଭିଡି, ବହୁତ ବଡ ପ୍ରତିଯୋଗିତା । ଅଳ୍ପ କିଛିଦିନ ତଳେ ଜଣେ ଷଣ୍ଢମାର୍କା କଂଗ୍ରେସ ନେତା ଅଳ୍ପକିଛି ଲିଟର ପେଟ୍ରୋଲ ଏବଂ ବିରିୟାନି ପ୍ୟାକେଟ ବନ୍ଦୋବସ୍ତ କରି ଗୋଟିଏ ବିଜ୍ଞାପିତ ଅଂଚଳ ମୁଖ୍ୟାଳୟରେ ଭିନ୍ନଭିନ୍ନ ରାଜନୈତିକ ଦଳରୁ ପାଖାପାଖି କୋଡିଏ ଜଣ ପରିବାର ମୁଖିଆ ଏବଂ ସାଇନେତା ମାନଙ୍କୁ ନିଜଦଳରେ ଯୋଗଦାନ କରେଇବାକୁ ବହୁକଷ୍ଟରେ ସମର୍ଥ ହେଲେ । ଏସବୁ ପଦ୍ମଦଳର ସ୍ଥାନୀୟନେତାଙ୍କ ଦେହରେ ଗଲାନି । ସିଏ ପେଟ୍ରୋଲ ବିରିୟାନି ସାଙ୍ଗକୁ ସବୁଜ ଦାମିକାଗଜ ଟୁକୁଡା ଖଣ୍ଡେଖଣ୍ଡେ ବାଂଟି ସେହି ଜାଗାରେ ସେହିସବୁ ନେତାମାନଙ୍କ ସହ ଆଉ ଦଶଜଣ ଯୋଡି ତିରିଶଜଣଙ୍କୁ ପଦ୍ମନାଡ ଧରେଇଲେ । ପୂର୍ବଖବର ଯେଉଁ ଗଣମାଧ୍ୟମ ପ୍ରତିନିଧିମାନେ ଛାପିଥିଲେ ସେହିମାନେ ଏହି ସଭାର ଫଟୋ ବି ଛାପି ଖବର ତିଆରିକଲେ । ତାଙ୍କର ଯାଏ କେତେ ଆସେ କେତେ ! ଜଣେ ନାଗରିକକୁ କ'ଣ ଏକାଧିକ ରାଜନୈତିକ ଦଳରେ ଯୋଗଦେବା ଅପରାଧ କି ! ଆଦୌ ନୁହେଁ । ଏ ବିଷୟରେ ସମ୍ବିଧାନରେ କେଉଁଠି କିଛି ଏପର୍ଯ୍ୟନ୍ତ ଲେଖାଯାଇନି । ଶେଷରେ ଏସବୁ ମିଛ ପ୍ରହସନ ସେଠାକାର ସ୍ଥାନୀୟ ଶଙ୍ଖୁଆନେତାଙ୍କୁ ଆଦୌ ପସନ୍ଦ ହେଲାନି । ସିଏ ସେହି ଜାଗାରେ ତାଙ୍କ ବ୍ୟକ୍ତିଗତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବେସରକାରୀ ସହାୟକ ମାଧ୍ୟମରେ ମିଶ୍ରଣ ପର୍ବ ସଭାଟିଏ କଲେ । ସେଥିରେ ଆଗର ସବୁ ସୁବିଧା ସୁଯୋଗ ସହ ଗୋଟିଏ ଗୋଟିଏ ଗୋଲାପିନୋଟ୍ର ବନ୍ଦୋବସ୍ତ ଅଛି ବୋଲି ପ୍ର·ର କରାଗଲା । ଏତେ ନେତା ଯୋଗଦେବାକୁ ସ୍ୱତଃପ୍ରବୃତ ହୋଇ ଆସିଲେ ଯେ ମଂଚରେ ଜାଗା ହେଲାନି । ଏସବୁ ନାଗରିକମାନଙ୍କ ମଧ୍ୟରେ ସେହି ପୂର୍ବର ତିରିଶଜଣ ବି ଥିଲେ । ଏସବୁ ପ୍ରହସନ ସଭାସାଙ୍ଗ ହେବା ପରେ ଜଣେ ସେପରି ସାଇମୁରବିଙ୍କ ପାଖକୁ ଯାଇ ପ·ରିଲି, 'ଆଜ୍ଞା ! ଆପଣ ପ୍ରଥମେ କଂଗ୍ରେସରେ ଯୋଗଦେଲେ, ସପ୍ତାହ ପରେ ବିଜେପି ମଂଚରେ ବି ଦିଶିଲେ । ଏବେ ବିଜେଡିର ମିଶ୍ରଣପର୍ବର ମହାସଭାରୁ ଓହ୍ଲାଉଛନ୍ତି । ମୋ ମନର ସନ୍ଦେହ ଟିକେ ଦୂର କରିବାକୁ ଦୟା କରିବେକି ? ମାତ୍ର ଗୋଟିଏ ପ୍ରଶ୍ନର ମୋତେ ଉତ୍ତର ଦିଅନ୍ତୁ । ଆପଣ ଏବେ ତିନିଦଳର ପ୍ରାଥମିକ ସଭ୍ୟ, ତେବେ ଭୋଟ କାହାକୁ ଦେବେ ?' ଉତ୍ତରରେ ଭଦ୍ରବ୍ୟକ୍ତି ଜଣକ ଯାହା କହିଲେ ମୋ ଆଖି ଖୋଲିଗଲା । ସିଏ ନିଦ୍ୱର୍ନ୍ଦରେ କହିଲେ, 'ଆଜ୍ଞ ! ମୁଁ ଏହି ତିନିଦଳର ପ୍ରାଥମିକ ସଭ୍ୟ ସତ ହେଲେ କାହାର ଭୋଟର ନୁହେଁ, ମିଛରେ ଖାଲି ସଭାମଂଚରେ ରହି ଯାହା ମିଳୁଛି ନେଇକି ଘରକୁ ଯିବା କଥା । ମୁଁ ପ୍ରଥମରୁ ଜେଏମ୍ଏମ୍ ଦଳର, ସିବୁ ସୋରେନ୍ ମୋର ଆଦର୍ଶ ଏବଂ ଆମସାଇର ସବୁଭୋଟ୍ ତାଙ୍କଦଳର ପ୍ରାର୍ଥୀକୁ ଆମେ ସବୁ ନିର୍ବାଚନରେ ଦେଉ । ସେ ପ୍ରାର୍ଥୀଟି ଜିତୁ କି ହାରୁ, ଆମର କୋଉନେତା କ'ଣ ଲେଉଟାଉଛନ୍ତି ଯେ ଇଏ ନକଲେ ଆମେ ଭାସିଯିବୁ ! ଆଉ କେଇଟା ବର୍ଷ ପାଇଁ ଅନ୍ୟ କାହାକୁ ଅଯଥାରେ କାହିଁକି ଦେଇ ହାତ ଗନ୍ଧିଆ କରିବୁ ! ଏଗୁଡା ସବୁ ଗୋଟେଗୋଟେ ମିଛ ପ୍ରହସନ ।'

ଇଂ. ବିଦ୍ୟାଧର ପଣ୍ଡା, ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍ବି
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ /bdpanda1@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଷଡ଼ଯନ୍ତ୍ର

ସାଧାରଣ ମଣିଷର ଜ୍ଞାନ, ଭାବ ବହିର୍ଭୁତ ବିଷୟକୁ ନେଇ ରଚିତ, ଗଠିତ ନାଟକୀୟ ବର୍ଣ୍ଣନା ଓ ତଦ୍‌ଜନିତ ପ୍ରତାରଣାର ଯଦି ସହଜରେ ଅନ୍ଦାଜ ମଧ୍ୟ କରିହୁଏ ତା'କୁ ଷଡ଼ଯନ୍ତ୍ର କୁହାଯିବ କେମିତି ?

ତେଣୁ ଷଡ଼ଯନ୍ତ୍ର କରୁଥିବା ମଣିଷର କୁଚକ୍ରରୁ ନିଜକୁ ବ୍ୟାହତ ରଖିବା ଏତେ ସହଜ ନୁହେଁ ବରଂ ସେଇଥିରେ ପଡି ପେଶିହେବା ସୁନିଶ୍ଚିତ !!

ଗୃହ ବିବାଦଜନିତ ଷଡ଼ଯନ୍ତ୍ର, ଗ୍ରାମ ବିବାଦରୁ ଷଡ଼ଯନ୍ତ୍ର, ରାଜନୈତିକ ଷଡ଼ଯନ୍ତ୍ର, ବ୍ୟବସାୟୀକ ଷଡ଼ଯନ୍ତ୍ର ତଥା ଆନ୍ତଃରାଷ୍ଟ୍ରୀୟ ଷଡ଼ଯନ୍ତ୍ର ଇତ୍ୟାଦି ବିଭିନ୍ନ ସମୟ, ପରିବେଶ, ପରିସ୍ଥିତି ଜନିତ କୌଣସି / କେତେକ କୁଚକ୍ରୀଙ୍କ ଷଡ଼ଯନ୍ତ୍ର ଯାହା ସାଧାରଣ ଲୋକଙ୍କ ଭାବବହିର୍ଭୁତ ବିଷୟ ହୋଇଥାଏ । ଅନେକ ସମୟରେ ଦେଖିବାକୁ ମିଳେ, ଷଡ଼ଯନ୍ତ୍ରକାରୀ ନିଜର କାର୍ଯ୍ୟଧାରାକୁ ଏମିତି ଢଙ୍ଗରେ ରଚନା / ବର୍ଣ୍ଣନା କରିଥା'ନ୍ତି ଯାହା ସାଧାରଣ ନିର୍ମାୟା ଲୋକଙ୍କ ପାଇଁ ପ୍ରତାରଣାପୂର୍ଣ୍ଣ ହୋଇଥିବା ବେଳେ ସେମାନେ ତାହାର ବିପରୀତେ ଆନନ୍ଦ ଅନୁଭବ କରିଥା'ନ୍ତି । କାରଣ ଷଡ଼ଯନ୍ତ୍ରକୁ ଯଦି ସାଧାରଣ ଲୋକେ ବୁଝିପାରି ଥା'ନ୍ତେ ତାହେଲେ ତାକୁ ଷଡ଼ଯନ୍ତ୍ର ବୋଲି କୁହାଯିବ କେମିତି ? ଅତଏବ ଷଡ଼ଯନ୍ତ୍ରକୁ ବୁଝିବା ଏତେ



ପଙ୍କଜ କୁମାର
ପାଣିଗ୍ରାହୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହଜ ନୁହେଁ ଯାହା ଆମେ କିଛି ନବୁଝି ମଧ୍ୟ ତାହାର ବିପରୀତେ ଆନନ୍ଦ ଅନୁଭବ କରୁ ଯେ ତାହା ଆମ ପାଇଁ ଗୁଣକାରୀ ବୋଲି ଆମ ମନ ମାନସରେ ଉତ୍ତୋଳିତ ହୋଇଥାଏ !

ସାଧାରଣତଃ ବ୍ୟକ୍ତିଗତ ସ୍ୱାର୍ଥ କିମ୍ବା ପ୍ରକୋପକୁ ଚରିତାର୍ଥ କରିବା ପାଇଁ ଆବଶ୍ୟକ ମୁତାବକ ପ୍ରଚେଷ୍ଟା ସହିତ ଷଡ଼ଯନ୍ତ୍ର କରାଯାଇଥାଏ । ଏହା ଗୋଟିଏ ସାଧାରଣ ପାରିବାରିକ ଗୃହରୁ ଆରମ୍ଭ କରି ଗ୍ରାମ ଠାରୁ ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ ଦେଖିବାକୁ ମିଳୁଥିବା ବେଳେ ବ୍ୟବସାୟିକ ଏବଂ ରାଜନୈତିକ ଷଡ଼ଯନ୍ତ୍ର ଅନ୍ୟତମ । ଷଡ଼ଯନ୍ତ୍ରକାରୀ ଏମିତି ମାର୍ଗରେ ଉପସ୍ଥାପନା କରିଥା'ନ୍ତି ଯାହା ସବୁବେଳେ ଆମର କୌଣସି ଲାଭ କିମ୍ବା ହିତକାର୍ଯ୍ୟ ଭଳି ଅନୁଭବ ହେଉଥାଏ । କିନ୍ତୁ ସେହି କଥା / ବିଷୟର ଅନ୍ତରାଳେ ଏତେ ଯେ ବିପର୍ଜନକ ବିଷଭରା ଭାବନା / ଉଦ୍ଦେଶ୍ୟ ରହିଥାଏ ତାହା ଆମର ଭାବ ବହିର୍ଭୁତ ହୋଇଥାଏ । ତେଣୁ ଆମେ ସେହି ଉପର ଚିକ୍କଣ କଥାରେ କିମ୍ବା ପ୍ରଲୋଭନରେ ବିଚଳିତ ହୋଇ କୌଣସି ତୁରନ୍ତ ଲାଭ ହାତେଇ ନେବାରେ ଏତେ ବ୍ୟଗ୍ରତା ପ୍ରଦର୍ଶନ କରିଥାଉ ଯାହା ସାଧାରଣରେ ଆମ ହିତାହିତ ଜ୍ଞାନକୁ କଳା କରିଦେଇ ପରବର୍ତ୍ତୀ ସମୟରେ କେତେ ଯେ ଅମାପ କ୍ଷତି ଘଟାଇଥାଏ ସେ ସବୁ ଆମକୁ ଅବୁଝା ଥାଏ ! କୌଣସି କାରଣରୁ ସେହି ତୁରନ୍ତ ଲାଭ ହାତେଇବାରେ ଅକ୍ଷମ ହୋଇ ଦୁଃଖରେ ମ୍ରିୟମାଣ ହେଉଥିବା ମଧ୍ୟ ଲକ୍ଷ୍ୟ କରାଯାଇଥାଏ ସାଧାରଣ ମଣିଷଙ୍କ କ୍ଷେତ୍ରରେ । ଏବଂ ସେହି ତୁରନ୍ତ ଲାଭଜନିତ ଖୁସି ପରବର୍ତ୍ତୀ ଦୁଃଖର ଅନୁମାନ ହେଉନଥାଏ ସେତିକିବେଳେ । ଷଡ଼ଯନ୍ତ୍ରକାରୀଙ୍କ ଉଦ୍ଦେଶ୍ୟକୁ ଭଲଭାବେ ବୁଝି ପରଖି ସତ୍ୟାସତ୍ୟ ଜାଣିବା / ନିରୂପଣ କରିବା ସହଜ ହୋଇନଥିଲେ ମଧ୍ୟ ଅସମ୍ଭବ ନୁହେ ! କିନ୍ତୁ ସେସବୁ ବୁଝିବାକୁ ହେଲେ କୌଣସି ଶିକ୍ଷାଗତ ଯୋଗ୍ୟତା କିମ୍ବା ପ୍ରଶିକ୍ଷଣ ପ୍ରକ୍ରିୟା ଅପେକ୍ଷା ନିଜସ୍ୱ ଅନ୍ତର୍ଜ୍ଞାନର ଆବଶ୍ୟକତା ଯଥେଷ୍ଟ ଅଧିକ ହୋଇଥାଏ ଯାହା ତୀକ୍ଷ୍ଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିରୀକ୍ଷଣ, ପୁନର୍ବିଚାର ଏବଂ ଧ୍ୟାନରୁ ନିର୍ଗତ ସମ୍ଭବ । ଆଜିର ଏହି ବ୍ୟସ୍ତବହୁଳ ଜୀବନଧାରା ପ୍ରଣାଳୀରେ ସମୟ ସାପେକ୍ଷ ପ୍ରକ୍ରିୟା ମାଧ୍ୟମରେ ନିଜର ଅନ୍ତର୍ଜ୍ଞାନ ସୃଷ୍ଟିକରିବା ଉଦ୍ଦେଶ୍ୟବିହୀନ ମଣିଷ ଗୁଡିକୁ ଷଡ଼ଯନ୍ତ୍ରରେ ବିମୋହିତ କରିବା ଏତେ ସହଜ ହୋଇପଡିଛି ଯେ, ପ୍ରତ୍ୟେକ ମୁହୂର୍ତ୍ତରେ ସବୁ ମଣିଷ ବିଭିନ୍ନ ଦଳ / ଗୋଷ୍ଠୀ / ବ୍ୟକ୍ତିବିଶେଷଙ୍କ ଦ୍ୱାରା ଷଡ଼ଯନ୍ତ୍ରରେ ପ୍ରତାରିତ ହେଉଥିବା ଲକ୍ଷ୍ୟକଲେ ଜାଣିହେବ । ହେଲେ ସେହି ଷଡ୍‌ଯନ୍ତ୍ରକୁ ଜାଣି ନିଜେ ସତର୍କିତ ରହିବାର କିଛି ପ୍ରଣାଳୀ ଆଲୋଚନା କରିବା ଯାହା ସାଧାରଣ ଲୋକଙ୍କୁ କିଛି ପ୍ରେରଣା ଦେବାରେ ସହଯୋଗ ହେବ ।

କେତେକ ଉଦାହରଣ ସ୍ୱରୂପ ଷଡ଼ଯନ୍ତ୍ରକାରୀଙ୍କୁ ଚିହ୍ନିବା ଉପାୟ ଗୁଡିକ ହେଲା........ ଅଧିକ କଥା କହି କାର୍ଯ୍ୟରେ ନିପୁଣ ନଥିବା / ପ୍ରତିବାଦ ନକରି ସବୁ କଥାରେ ବାହାବା ଦର୍ଶାଇବା / ଅନ୍ୟ ସମ୍ମୁଖରେ ନିଜକୁ କ୍ଷୁଦ୍ର ଭଳି ଦର୍ଶାଇବା / କୌଣସି ସୂତ୍ରରେ ଆମକୁ ଲାଭବାନ କରାଇବାର ପ୍ରଲୋଭନ ଦେଖାଇବା / କୌଣସି ସୂତ୍ରରେ ଦାନ, ଉପହାର ଦେବା କିମ୍ବା ଦେବାପାଇଁ ଚୁକ୍ତିଭିତ୍ତିକ ଉପସ୍ଥାପନା କରିବା / ପ୍ରଥମେ କିଛି ଲୋଭାସକ୍ତ ଦ୍ରବ୍ୟ ପ୍ରଦାନ କରି ପରବର୍ତ୍ତୀ ସମୟରେ ଆମଠାରୁ ଅଧିକ ଗ୍ରହଣ କରିବା ପାଇଁ ଚୁକ୍ତି କରି ପୁଣି ସୁଖ ସାଗରରେ ଭସାଇବା ପ୍ରତିଶୃତି ଦେବା / ବିଭିନ୍ନ ଅଲୌକିକ ବିଷୟକୁ ନେଇ ମନକୁ ଆନ୍ଦୋଳିତ କରି ଅପୂର୍ବ ସୁଖ ସାଗରରେ ବିଚରଣ କରାଇବା ପ୍ରତିଶୃତି, ପ୍ରରୋଚନା ଦେବା / ମୁଖରେ ଶୃତିମଧୁର ପ୍ରଶଂସା କରିବା / ପାଟି ଚୁପି ଚୁପି କଥା କହିବା / ଅନ୍ୟକୁ ନିନ୍ଦା କରି ନିଜକୁ ଉଚ୍ଚସ୍ଥାନିତ କରିବା ଭଳି ଆହୁରି ଅଜସ୍ର ଲକ୍ଷଣ ଦେଖିବାକୁ ମିଳିଥାଏ ଷଡ଼ଯନ୍ତ୍ରକାରୀଙ୍କ ପାଖରେ ! ଏହିସବୁ ଲକ୍ଷଣ ଗୁଡିକ ବ୍ୟତୀତ ଆଶାତୀତ ଚରିତ୍ର ପ୍ରବାହ କରିଥାନ୍ତି ଷଡ଼ଯନ୍ତ୍ରକାରୀ ଯାହା ସ୍ଥଳବିଶେଷକୁ ନେଇ ବୁଝିବାକୁ ହୁଏ । ହେଲେ ସାଧାରଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ମାୟା ଲୋକେ ଏହି ସମସ୍ତ କଣ, କୌଣସି ଗୋଟିଏ ବିଷୟକୁ ମଧ୍ୟ ଅନୁଧ୍ୟାନ କରି ବୁଝି ପାରନ୍ତି ନାହିଁ ଯାହା ସେମାନଙ୍କୁ ତଳିତଳାନ୍ତ କରିଥାଏ । ଆଜି ସମୟରେ ପ୍ରାୟତଃ ସବୁ ମଣିଷ ଅହଂକାରରେ ଜର୍ଜରିତ, କ୍ରୋଧାଶକ୍ତ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳେ ଯାହା ସେମାନଙ୍କ ଚରିତ୍ରକୁ ଏହିଭଳି କରିଦେବାରେ ମଧ୍ୟ ଷଡ଼ଯନ୍ତ୍ରକାରୀଙ୍କ ଯଥେଷ୍ଟ ହାତ ରହିଛି ! ଏମିତି ଭାବଧାରାରେ ରହିଥିବା ମଣିଷ ଗୁଡିକ ସାଧାରଣତଃ ଯଥେଷ୍ଟ ଶିକ୍ଷା, ବୁଦ୍ଧି ଥାଇ ମଧ୍ୟ ଉପଯୁକ୍ତ ଜ୍ଞାନ ପାଇବାରୁ ବଂଚିତ ହୋଇ ନିଜକୁ ଷଡ଼ଯନ୍ତ୍ରର ଶିକାର କରୁଥିବା ଦେଖିବାକୁ ମିଳୁଛି ଅନେକ କ୍ଷେତ୍ରରେ । ଅର୍ଥାତ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ / ଗୋଷ୍ଠୀ ପ୍ରାୟତଃ ସମସ୍ତ ସାଧାରଣ ଶିକ୍ଷିତ, ଅଶିକ୍ଷିତ ମଣିଷଙ୍କୁ କରାୟତ କରି ନିଜସ୍ୱ ସ୍ୱାର୍ଥ ହାସଲ କରିବାରେ ଯଥେଷ୍ଟ କୃତକାର୍ଯ୍ୟ ହେଉଥିବା ହେତୁ ସାମାଜିକ ବ୍ୟବସ୍ଥା ଅତୀବ ନିମ୍ନଗାମୀ ହେଉଥିବା ଦେଖିବାକୁ ମିଳୁଛି । ନିଜ ପରମ୍ପରା ଛାଡି ପାଶ୍ଚାତ୍ୟ ପରମ୍ପରାକୁ ଆଦରିଥିବା ଭାରତୀୟଙ୍କ ନିଜସ୍ୱ  ସ୍ୱାଭିମାନ କ୍ଷୁର୍ଣ୍ଣ କରି ଷଡ଼ଯନ୍ତ୍ରକାରୀ ସମଗ୍ର ମଣିଷ ସମାଜକୁ ଧ୍ୱଂସାଭିମୂଖୀ କରୁଥିବା ଜ୍ଞାନ ବହିର୍ଭୁତ ମଣିଷର ଗତି ପଥଚ୍ୟୁତ ଅବସ୍ଥାରେ ! ଏଥିରୁ ନିସ୍ତାର କେବେ ? ପ୍ରଶ୍ନ ଆନ୍ଦୋଳିତ କଲେ ମନରେ କେବଳ ଭୟ ଜାଗ୍ରତ ହେବାଛଡା ପଥ ପରିସ୍କାର ଦିଶୁନାହିଁ !

ସାଧାରଣ ମଣିଷ କୌଣସି ଉଚ୍ଚସ୍ଥାନିତ ବ୍ୟକ୍ତି କିମ୍ବା ସଂସ୍ଥାଦ୍ୱାରା କୁହାଯାଇଥିବା କଥାକୁ ବେଦର ଗାର ଭଳି ଗ୍ରହଣ କରୁଥିବା ସ୍ୱୀକାର୍ଯ୍ୟ । କିନ୍ତୁ ସେମାନଙ୍କ କଥାରେ ଯେ ସବୁବେଳେ ଜନହିତକର ମନ୍ତବ୍ୟ ରହିଥାଏ ଏକଥା ଭାବିବା ଭୁଲ । କାରଣ ଆଜି ସମୟରେ କୌଣସି କଥାକୁ ଭଲଭାବେ ଦୃଷ୍ଟି ନିକ୍ଷେପ କରି ଦେଖିଲେ ଜାଣିହେବ ଯେ ପ୍ରତ୍ୟେକ ମଣିଷ କେବଳ ନିଜସ୍ୱ ସ୍ୱାର୍ଥରେ ଅନ୍ଧ ହୋଇ ଅନ୍ୟକୁ ପ୍ରତାରଣା କରିବା ଛଡା ସାମୁହିକ ସାମାଜିକ ସ୍ୱାର୍ଥରେ ନିଜକୁ ଜଳାଞ୍ଜଳି ଦେବାପାଇଁ ଚିନ୍ତା କରିପାରନ୍ତି ନାହିଁ ! ତେଣୁ ପ୍ରତ୍ୟେକ ସମୟରେ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

କୌଣସି କ୍ଷମତା ସମ୍ପନ୍ନ ମଣିଷ ହେଉ କିମ୍ବା ସଂସ୍ଥା ବିଭିନ୍ନ ବ୍ୟବସାୟିକ ଗୋଷ୍ଠୀଙ୍କ ସହିତ ଗୁପ୍ତ ସମ୍ପର୍କ ରଖି ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇ ଲୁଣ୍ଠନ କରୁଥିବା ଜାଣିହେବ ଭଲଭାବେ ତର୍ଜମା କଲେ ! ସାଧାରଣତଃ ଆମେ ଷଡ଼ଯନ୍ତ୍ରକାରୀର ଯୁକ୍ତାତ୍ମକ ପ୍ରକାଶ ଗୁଡିକରେ ଏତେମାତ୍ରାରେ ପ୍ରଭାବିତ ହୋଇଥାଉ ଯେ ତାହା ପଛରେ ଥିବା ବିଯୁକ୍ତାତ୍ମକ ରହସ୍ୟ ଗୁଡିକ ବିଷୟରେ ଭାବିବା ଭୁଲିଯାଇଥାଉ ଯାହା ପର୍ଯ୍ୟାପ୍ତ ପରିମାଣର ରହିଥାଏ । ଏବଂ ପରବର୍ତ୍ତୀ ସମୟରେ ସେଗୁଡିକ ଆମକୁ ଜଳିପୋଡ଼ି ଛାରଖାର କରିଦିଏ । ଉଦାହରଣ ସ୍ୱରୂପ କୌଣସି ଆନ୍ତର୍ଜାତିକ ସଂସ୍ଥା ଦ୍ୱାରା ଗଞ୍ଜେଇକୁ ଔଷଧୀୟ ମାନ୍ୟତା ଦିଆଯିବା କେତେଦୂର ଗ୍ରହଣୀୟ ହୁଏ ନିର୍ଭର କରୁଛି ବ୍ୟକ୍ତିଗତ ବିଚାରଧାରା ଉପରେ । ସେହି କଥାରେ କୌଣସି ବାସ୍ତବତା ଅଛି କି ଆଉ କିଛି ରହସ୍ୟ, ବୁଝିବା ଅସମ୍ଭବ ହୋଇପଡୁଛି ଆମଭଳି ସାଧାରଣ ଲୋକଙ୍କ ପାଖରେ । ଏହା କରାଯିବା ପଛରେ କୌଣସି ରହସ୍ୟ ରହିଛି ନା ବାସ୍ତବିକ ଗୋଟିଏ ସମୟୋପୋଯୋଗୀ ବିଚାର କି କୌଣସି ବୈଜ୍ଞାନିକ ସତ୍ୟତା ରହିଛି ସମୟ କହିବ ! କିନ୍ତୁ ଚିରାଚରିତ ଭାବେ ଆଦି କାଳରୁ ଗଞ୍ଜେଇକୁ ଗୋଟିଏ ନିଶା ବିଷ ଭଳି ଚର୍ଚ୍ଚିତ ବିଷୟଟିକୁ ତାହାର ବିପରୀତେ ଗ୍ରହଣ କରିବା ସହଜସାଧ୍ୟ ହୋଇପାରୁନି ସାଧାରଣ ଲୋକଙ୍କ କ୍ଷେତ୍ରରେ । ଏହିଭଳି ଅନେକ ବିଷୟକୁ ନେଇ ଅଜସ୍ର ସଂଶୟ ମନରେ ସୃଷ୍ଟି ହେଉଥାଇ ଅନ୍ଧ ଭଳି ଗ୍ରହଣ ଯୋଗ୍ୟ ଆଦୌ ନୁହେଁ । ଅତଏବ ସାଧାରଣ ମଣିଷ ବ୍ୟବସ୍ଥା ସହିତ ନିଜକୁ ସମାନ୍ତରାଳ ନକରି ଯେକୌଣସି ପ୍ରଚାରପ୍ରସାରକୁ ଅନ୍ଧଭଳି ଗ୍ରହଣ ନକରି ସମାଲୋଚନାତ୍ମକ, ତର୍ଜମା କରି ସତ୍ୟାସତ୍ୟ ନଜାଣିବା ପର୍ଯ୍ୟନ୍ତ କେତେବଡ଼ ଲୋକ ହେଉକି ସଂସ୍ଥାନ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନ, କାହାର ପ୍ରରୋଚନାରେ ଭେଳିକି ନଯାଇ ଉପଯୁକ୍ତ ଭାବଧାରା ଅନ୍ତର୍ଭୁକ୍ତ ହୋଇ କାର୍ଯ୍ୟକଲେ କୌଣସି ମିଥ୍ୟା / ଷଡ଼ଯାନ୍ତ୍ରୀକ କଥାରେ ପଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଜକୁ ପ୍ରତାରଣାରୁ ମୁକ୍ତ ରଖିପାରିବେ ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବା ପାଇଁ ଅନୁରୋଧ ପୂର୍ବକ ରହିଲି ................ ! !

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ.
ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଫଗୁଣର ଫୁଲବନ

ସବୁ ପରେ ବି ଆମେ ପ୍ରାଚ୍ୟବାସୀ ପାଶ୍ଚାତ୍ୟ ମୁହାଁ । ଚାହିଁଲେ ବି ସେଥିରୁ ନିଜକୁ ଦୂରେଇ ରଖି ପାରୁନାହାନ୍ତି ଆଉ ନ ଚାହୁଁଥିଲେ ବି ସେ ଯେମିତି ଆମ ସହ ଗୁଡେଇ ହେଇଯାଉଛି । ସେ ପାଶ୍ଚାତ୍ୟ ନୃତ୍ୟ ସଙ୍ଗୀତ ହେଉ କି ପାଶ୍ଚାତ୍ୟ ବେଶଭୂଷା ହେଉ କି ଚାଲିଚଳନ ଆଚାର ବ୍ୟବହାର ହେଉ ସେ ସବୁ ଶହେରୁ ଶହେ ନହେଲେ ବି ଅଧିକାଂଶ ଭାବରେ ଆପଣେଇଛନ୍ତି ଉଣା ଅଧିକେ ସମସ୍ତେ । ସେ ସବୁ ଆମର ସଂସ୍କୃତି ହୋଇ ନପାରେ ତଥାପି ଅନକେ କ୍ଷେତ୍ରରେ ସେ ସବୁକୁ ଛାଡି ଆମେ ଆଗକୁ ବଢିପାରିବା ବୋଧହୁଏ ସମ୍ଭବ ନୁହେଁ । ଆମେ ଏତେ ଅଙ୍ଗାଙ୍ଗୀ ଭାବେ ଜଡିତ ଯେ ତାହା ଆମର ଅବିଚ୍ଛିନ୍ନ ଅଙ୍ଗ ପାଲଟି ଯାଇଛି । ଏଇ ନିକଟରେ ଆମେ ପାଳନ କରିଛନ୍ତି ଭାଲେଣ୍ଟାଇନ୍‌ସ ଡେ ଅର୍ଥାତ୍ ପ୍ରେମ ଦିବସ । ଇଏ ଆମର ସଂସ୍କୃତି ନୁହେଁ ଆଉ ଏହା ପାଳନ କରିବାରେ କିଛି ଯଥାର୍ଥତା ନାହିଁ ବୋଲି ଅନେକ ସ୍ୱର ଉଠାଉଛନ୍ତି । ଯେମିତି କୁହାଯାଇଛି ଏଭ୍ରିଥିଙ୍ଗ ଇଜ୍ ଫେୟାର୍ ଇନ୍ ଲଭ୍ ଏଣ୍ଡ ୱାର୍ । ତେବେ ଏହାକୁ କାହିଁ ବାଦ୍ ଦେବା- ଆମେ ପ୍ରେମ କରୁଛୁ ପ୍ରେମ ଦିବସ ପାଳନ କରୁଛୁ । ଡିଣ୍ଡିମ ବଜାଇ ଆମେ ଦୁନିଆକୁ ଜଣାଉଛୁ ଆମେ ପ୍ରେମୀ ଯୁଗଳ । ତେବେ ଇଏ କଣ ପ୍ରେମର ପରିଭାଷା । କାହା ପାଇଁ କଣ କାହା ଅନୁସାରେ କିପରି



ଅଭିମନ୍ୟୁ ବେହେରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମର ପରିଭାଷା ହେବା ଉଚିତ୍ କେବଳ ସେଇ ଅନୁଭବୀ ମାନେ ହିଁ କହିପାରିବେ । ପ୍ରତ୍ୟେକ ପ୍ରତ୍ୟେକଙ୍କ କ୍ଷେତ୍ରରେ ଠିକ୍ ବୋଲି ଭାବିଥାନ୍ତି । ହିନ୍ଦୀରେ କୁହା ଯାଇଥିବା ପ୍ୟାର କିୟା ନେହିଁ ଯାତା ହୋ ଯାତା ହୈ....... ମାତ୍ର ଆଜିର ପ୍ରେମ ପ୍ରସଙ୍ଗ କିଛିଟା ବିପରୀତ ଭଳି ଅନୁଭବ ହୁଏ କାରଣ ପ୍ରେମ ଦିବସ ପାଳନରେ ପ୍ରପୋଜ୍ ଡ଼େ୍ ବୋଲି ଏକ ସ୍ୱତନ୍ତ୍ର ଦିନ ଅଛି । ଯେମିତି ଏଇ ଦିବସ ଆମକୁ ଏକ ସପ୍ତାହବ୍ୟାପୀ ଯାତ୍ରା ଭଳି ଅନୁଭବ ହୋଇଥାଏ । ପ୍ରତ୍ୟେକ ଦିନ ଏକ ସ୍ୱତନ୍ତ୍ର ଦିନ ନାମରେ ନାମିତ ହୋଇଥାଏ ଏଇ ଯେମିତି ରୋଜ୍ ଡେ, ହଗ୍ ଡ଼େ୍, ଚକଲେଟ୍ ଡେ, ଇତ୍ୟାଦି । ପ୍ରେମ କେବେ ଗୋଟାଏ ମୂହୁର୍ତ୍ତ ବା ଆଖିର ପଲକ ମାତ୍ରେ ସୃଷ୍ଟି ହୋଇଥାଏ ପୁଣି କେବେ ବର୍ଷ ବର୍ଷ ବିତିଗଲେ ବି ପ୍ରେମର ସୃଷ୍ଟି ଅସମ୍ଭବ ହୋଇପଡିଥାଏ । ତେବେ ଏପରି ସ୍ଥଳେ ଏକ ସପ୍ତାହ ମଧ୍ୟରେ ପ୍ରେମର ଆତ୍ମପ୍ରକାଶରେ କଣ ନିଶ୍ଚିତତା ଥାଏ, ଯାହାକି ଆମେ ଏଇ ଦିବସରେ ପାଳନ କରୁଛନ୍ତି । ଏଠାରେ ଭାଲେଣ୍ଟାଇନ୍ସ ଡେ'କୁ ବିଦ୍ରୁପ କରାଯାଉ ନାହିଁ କେବଳ ଏଇ ସାତ ଦିନର ସମୟ ସୀମାକୁ ସାତ ଜନ୍ମର ସମୟ ସୀମା ବୋଲି ଭାବି ନେବା ଯୁକ୍ତିଯୁକ୍ତ କି !

ପ୍ରତୀକ୍ଷାର ଚୋରା ପ୍ରୀତି ବହୁତ ମିଠା ବୋଲି ସମସ୍ତେ କୁହନ୍ତି ମାତ୍ର ଆଜିର ଯୁବପିଢୀ ମାନଙ୍କର ଖୋଲା ପ୍ରୀତି ବେଶ ଆଦୃତ ହୋଇପାରିଛି । ମୂଲ୍ୟହୀନ ହୋଇ ପଡିଛି- ପ୍ରଥମେ ଖାଲି ଆଖିର ଦେଖା ତାପରେ ପରିଚୟ, ସେ ପରିଚୟ ହେଲେ ନିବିଡ ପ୍ରେମର ବିନିମୟ । ପହାଚ ପରେ ପହାଚ ଚଢି ପ୍ରେମର ଶୀର୍ଷରେ ପହଞ୍ଚିବାର ଧୈର୍ଯ୍ୟ ଏବେକା ପିଢୀଙ୍କ ପାଖରେ ପରିଲକ୍ଷିତ ହେଉନାହିଁ । ଏଥିରୁ ସ୍ପଷ୍ଟ ଜାଣିହେଉଛି ଯେ ଆମେ ପାଶ୍ଚାତ୍ୟ ମୁହାଁ । ପ୍ରେମ ଏତେଟା ଖୋଲା ଖୋଲିରେ ସଂସ୍କୃତି ଡୁବୁଛି ସତ ନା ଏ ପ୍ରେମରେ ଅଛି ମାଦକତା ନା ଅଛି ମାଧୂର୍ଯ୍ୟତା । ଜଣେ ଜଣକୁ ମୁହଁ ଖୋଲି ନ କହିଲେ ବି ପରସ୍ପର ପରସ୍ପରକୁ ଭଲ ପାଆନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଲି ଜାଣି ପାରନ୍ତି ଆଉ ଅନୁଭବ କରିପାରନ୍ତି । ଦିନେ ତ ଦୁନିଆ ଜାଣିବ ପ୍ରେମକୁ ସାର୍ଥକତା ମିଳିବ କିନ୍ତୁ ଆଜିର ସମାଜରେ ପ୍ରେମର ସଂଜ୍ଞା ପ୍ରେମର ପରିଭାଷା ସମ୍ପୂର୍ଣ୍ଣ ଭିନ୍ନ । ଏଠି ତୁ ତୁମେ ଆପଣ ସବୁ କିଛି ଗୋଟାଏ ଇଂରାଜୀ ଶବ୍ଦ 'ୟୁ' (You) ପରି ପ୍ରତ୍ୟକ୍ଷ ଅନୁଭୁତ । ଏଠାରେ ପ୍ରେମ ପ୍ରଣୟର କବି ଡକ୍ଟର ମାୟାଧର ମାନସିଂହଙ୍କ ଭାଷାରେ – ସେଇ ପଦଟିକୁ ଉଦ୍ଧାର କରାଯାଇପାରେ – ସମସ୍ତେ ଡାକନ୍ତି ତମେ ତମେ ବୋଲି ସେ ତମେର ମାନେ ନାହିଁ, ତମେ ଯଦି ଥରେ ତମେ ବୋଲି ଡାକ ଏତେ ମିଠା କାହିଁ ପାଇଁ । ଯାହା ଏକ ଅକୁହା କଥା, ଅକୁହା ଭାଷା, ପବନ ପରି ଯାହାକୁ ଦେଖି ହୁଏନା କେବଳ ଅନୁଭବ କରିହୁଏ, ଯିଏ ଲୁଚି ରହିଥାଏ ଅଗ୍ନାଅଗ୍ନି ବନର ସାତତାଳ ପାଣି ସାତତାଳ ପଙ୍କପୋଖରୀ ଭିତରେ ରାଜ ନଅରର ବୁଢୀ ଅସୁରୁଣୀ କୁହୁକ ପେଡିରେ କଳା ଭଅଁର ପରି ସାଇତା ସେଇ ବୋଧେ ପ୍ରେମ । ମନ ହୃଦୟର କେତେ ଆବରଣ ଖୋଳପା ଭିତରେ ସାଇତା ଅଙ୍କୁରୋଦ୍ଗମ ପରି ପ୍ରେମ କେବେ ଆତ୍ମପ୍ରକାଶ କରିବାକୁ ବାଟ ଖୋଜୁଥାଏ । ତେବେ ପ୍ରେମ କଣ ଏତେ ଲଜ୍ୟାହୀନ ! ପ୍ରେମର ପରିଭାଷା କଣ କେବଳ କାମନା, ବାସନାରେ ସୀମିତ । ପ୍ରେମ କଣ ସଂକୀର୍ଣ୍ଣତା ମନର ଭଙ୍ଗା କାଚଘର । ପ୍ରେମ କଣ ଭୀରୁ କାପୁରୁଷ ପରି ପଳାୟନ ପନ୍ଥିର ପରିଚୟ ନା ଇଏ ଏକ ଏମିତି ତଟିନୀ ଟିଏ ଯିଏ ସାଗରକୁ ଛୁଇଁବାର ପରିକଳ୍ପନା କରିପାରିବନି ! ପ୍ରେମର ବିଶ୍ଳେଷଣ ସଂଶ୍ଳେଷଣ ଠାରୁ ଅନେକ ଉର୍ଦ୍ଧ୍ୱରେ ସେଇ କବି ଡକ୍ଟର ମାୟାଧର ମାନସିଂହଙ୍କ ମତରେ –

ପ୍ରେମ ନୁହେଁ ଦେହ ଦେହଁ ଭୋଗ ଅନ୍ୱେଷଣ,

ପ୍ରେମ ଏକ ଆତ୍ମା ପ୍ରତି ଅନ୍ୟର ବନ୍ଧନ ।

ପ୍ରେମପୂର୍ଣ୍ଣ ସମର୍ପଣ ଏକ ଅନ୍ୟ ପାଇଁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମ ଆନ ପାଇଁ ଦେବା ନିଜକୁ ହଜାଇ ।

ନୈରାଶ୍ୟ , କଷଣ, ଅଶ୍ରୁ, ସାଥୀ ପ୍ରଣୟର,

ପ୍ରେମିକ, ପ୍ରେମିକା ପୋଛେ ଅଶ୍ରୁ ଅନ୍ୟୋନ୍ୟର ।

ମହାନ ମାନସିଂହଙ୍କ ଏଇ ପଂକ୍ତି ଗୁଡିକୁ ଅନୁଧ୍ୟାନ କଲେ ମନକୁ ଆସେ ଶହ ଶହ ବର୍ଷ ବିତିଗଲେ ବି କେଦାର – ଗୌରୀ, ଲୈଲା – ମଜନୁ, ରୋମିଓ – ଜୁଲିଏଟ୍, ହୀର – ରାଞ୍ଝା ପ୍ରେମୀ ଯୁଗଳ କାହାଣୀ ଆଜି ବି ସମାଜରେ ଲୋକ ମୁଖରେ ଉଜ୍ଜୀବିତ ହୋଇରହିଛି ତାର କାରଣ ସେମାନଙ୍କ ପ୍ରେମରେ ଭୋଗ ଠାରୁ ତ୍ୟାଗ ବେଶୀ ଥିଲା । ତଥା କଥିତ ସମାଜର ଏବର ପ୍ରେମୀ ଯୁଗଳଙ୍କୁ ଦୁନିଆ କେତେ ଦିନ ମନେ ରଖିବ ତାହା ସମୟ କହିବ । ସତରେ କଣ ପ୍ରେମର ଋତୁ ଅଛି ନା ମାସ ଅଛି ନା ଦିନ ଅଛି ନା ଲଗ୍ନ । କେବେ ସିଏ ଫଗୁଣର ଫୁଲବନ ତ କେବେ ଭିଜା ଶ୍ରାବଣ କେବେ ସେ ଶୀତଳ ଜହ୍ନ ଆଲୁଅ ତ କେବେ ପୁଣି ଧୁ ଧୁ ଖରା କେବେ ସେ ସ୍ୱର୍ଗର ଅମରାବତୀ ତ କେବେ ସେ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ପୁଣି କେବେ ଅପାସରା ଅଭୁଲା ସ୍ମୃତି । ସେ ଋତୁ ପାର୍ବଣର ହେଉ କି ଏବେର ଋତୁ ଫଗୁଣ ହେଉ ପ୍ରେମ ସର୍ବଦା ସତ୍ୟ ଶିବ ସୁନ୍ଦର । ଜନନୀ, ଜାୟା , ଭଗିନୀ ପରେ ବୋଧ ହୁଏ ନାରୀ ଆଉ ଗୋଟିଏ ସ୍ୱତନ୍ତ୍ର ରୂପ ପ୍ରେମିକା । ପିତା, ଭ୍ରାତା, ସ୍ୱାମୀ ପରେ ଯେମିତି ପୁରୁଷର ଆଉ ଗୋଟିଏ ରୂପ ପ୍ରେମିକ । ସମାଜରେ ଗୋଟିଏ ଗୋଟିଏ ଅନାମ ଧେୟ ସ୍ୱତନ୍ତ୍ରତା । କେହି କେବେ ସମାଜରେ ପ୍ରେମିକଟିଏ ବା ପ୍ରେମିକାଟିଏ ବୋଲି ସହଜରେ ନିଜକୁ ସାବ୍ୟସ୍ତ କରିପାରେ ନାହିଁ । କାରଣ ଲାଜ ଆଉ ଭୟ । ଯାହାକୁ ସାମାଜିକ ସ୍ୱୀକୃତି ମିଳିବାରେ କୌଣସି ନିଶ୍ଚିତତା ନାହିଁ । କିନ୍ତୁ ସମାଜର ଆକ୍ଷେପ ପ୍ରେମକୁ ଏକ ବାଟବଣା ରାସ୍ତା ବୋଲି ରୂପ ଦେଇଥାଏ । ଜୀବନର ଲମ୍ବା ଲମ୍ବା ରାସ୍ତା ଅତିକ୍ରମ କରିବାକୁ ଥିବାବେଳେ ଜୀବନର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲକ୍ଷ୍ୟ ସ୍ଥଳରେ ପାଦ ଦେବାକୁ ଥିବା ବେଳେ ପାଦ ଖସଡି ପ୍ରେମରେ ପଡିଗଲେ ଜୀବନର ଲକ୍ଷ୍ୟ ପୂରଣ ହୋଇପାରେନି ବୋଲି କୁହାଯାଏ । ଯୋଗ ଭିତରେ ଭୋଗ ପ୍ରବେଶ କଲେ ପ୍ରେମ ଏକ ବାଟବଣା ରାସ୍ତା ପ୍ରେମ ଏକ ଖସଡା ରାସ୍ତା ପାଲଟିଯାଏ । ସତରେ ଏହା କେତେ ଦୂର ଯୁକ୍ତିଯୁକ୍ତ ! ସେଇଥିପାଇଁ ବୋଧେ କେତେ ବର୍ଷ ପୂର୍ବରୁ ଓଡିଶା ସରକାରଙ୍କ ଦଶମ ଶ୍ରେଣୀ ଇଂରାଜୀ ପାଠ୍ୟ ପୁସ୍ତକରେ 'ସିଫର୍ଡସ୍ ଡଟର୍' ବୋଲି ଗୋଟିଏ ବିଷୟ ଥିଲା । ଯୋଉଥିରେ ଏକ ରାଜପୁତ୍ର ଏକ ମେଷ ପାଳକ ଝିଅ ପ୍ରେମରେ ପଡି ଯାଇଥିଲା ଏବଂ ତାକୁ ବିବାହ କରିବା ପାଇଁ ଏକାନ୍ତ ଜିଦ୍ ଧରି ବସିଥିଲା । ମାତ୍ର ମେଷପାଳକ ଝିଅ ଗୋଟିଏ ସର୍ତ୍ତରେ ବିବାହ କରିବାକୁ ରାଜି ହୋଇଥିଲା । ତାହା ଥିଲା ସେ ରାଜା ପୁଅ ବୋଲି ତାକୁ ବିବାହ କରିବନି ରାଜା ପୁଅ ଯଦି କୌଣସି କାର୍ଯ୍ୟ କରି ରୋଜଗାର କରି ଦେଖାଇ ପାରିବେ ସେ ତାଙ୍କ କଥାରେ ରାଜି ହେବ । ଏଠାରେ ଜଣେ ଅନ୍ୟକୁ ଆତ୍ମନିର୍ଭରଶୀଳ ରୋଜଗାରକ୍ଷମ ସ୍ୱାବଲମ୍ବୀ କରିବାକୁ ଚେଷ୍ଟା କରୁଛି । ଅନ୍ୟ ପକ୍ଷରେ ଯୁକ୍ତ ଦୁଇ ଇଂରାଜୀ ପାଠ୍ୟ ପୁସ୍ତକରେ ଆଉ ଗୋଟିଏ ଉଦାହରଣକୁ ନିଆ ଯାଇପାରେ । ବିଷୟଟି ହେଲା 'ଦ ନାଇଟିଙ୍ଗେଲ ଏଣ୍ଡ ଦ ରୋଜ୍' ଯୋଉଥିରେ ଜଣେ କଲେଜ୍ ଛାତ୍ର ତାଙ୍କ କଲେଜର ଜଣେ ପ୍ରଫେସର ଝିଅଙ୍କୁ ପ୍ରେମ କରୁଥିଲା ଯୋଉଥିରେ ଝିଅଟି ସର୍ତ୍ତ ରଖିଥିଲା ତାକୁ ନାଲି ଗୋଲାପ ଦେଲେ ସେ ପାର୍ଟିରେ ତା ସହିତ ନାଚିବ । କଲେଜ ଛାତ୍ର ଜଣକ ନାଲି ଗୋଲାପ ଖୋଜିବାକୁ ଚେଷ୍ଟା କରିଥିଲା ମାତ୍ର ସେତେ ବେଳେ ବହୁତ ବରଫ ପଡୁଥିବାରୁ ନାଲି ଗୋଲାପ ଫୁଟୁ ନଥିଲା । ଗୋଟିଏ ଧଳା ଗୋଲାପକୁ ନାଲି ଗୋଲାପ କରିବା ପାଇଁ ପ୍ରେମର ସଙ୍ଗୀତ ଗାଉଥିବା ନାଇଟିଙ୍ଗେଲ ଗୋଲାପ କଣ୍ଟାରେ ନିଜ ଦେହରୁ ସବୁ ରକ୍ତ ଝରାଇ ଧଳା ଗୋଲାପଟିକୁ ନାଲି ଗୋଲାପରେ ପରିଣତ କରିଥିଲା ଏବଂ ପିଲାଟିକୁ ଉପହାର ଦେଇଥିଲା କାରଣ ସେ ଚାହୁଁଥିଲା ତା ଜୀବନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଛେ ଯାଉ ପ୍ରେମ ବଞ୍ଚିରହୁ । ପିଲାଟି ନାଲି ଗୋଲାପଟିକୁ ନେଇ ଝିଅଟିକୁ ଦେବା ପରେ ଝିଅଟି କିନ୍ତୁ ରାଜି ହୋଇ ନଥିଲା ସେ କହିଥିଲା ଇଏ ଏକ ସମାନ୍ୟ ଗୋଲାପ ମୋତେ ମୁକ୍ତାରେ ତିଆରି ଗୋଲାପ ଦେଇପାରିବ । ପିଲାଟି  ନିରାଶ ହୋଇ ଫେରି ଆସିଥିଲା ଆଉ ଝିଅ ଗୁଡାଙ୍କ ହୃଦୟ କେମିତି ବୋଲି ଜାଣିବାକୁ ଚେଷ୍ଟା କରିଥିଲା । ଯୋଉଠି ପ୍ରେମ ଥିଲା ସ୍ୱର୍ଗୀୟ ଗଢିବାର ଭାବନା ସେଠି ପ୍ରେମ ଆଜି ଛଳନା, ସ୍ୱାର୍ଥପରତା, ପ୍ରତାରଣାର ରୂପ ଆଜିର ଏଇ ବସ୍ତୁବାଦୀ ଦୁନିଆରେ ଯେଉଁ ପ୍ରେମରେ ସତ ନାହିଁ ବିଶ୍ୱାସ ନାହିଁ ସେଥିରେ କେବଳ ଭରିଛି ସୁନା ଗହଣା ବ୍ୟାଙ୍କ ବାଲାନ୍ସ କୋଠା ଘର ଭଳି ବସ୍ତୁର ମୋହ । ଏଠାରେ ସେ ସ୍ଲୋଗାନ ନାହିଁ ଅତୀତର ପ୍ରେମୀ ଯୁଗଳଙ୍କ ପରି ଜୀବନ ପଛେ ଯାଉ ପ୍ରେମ ବଞ୍ଚିରହୁ । ତା ହୋଇନଥିଲେ କେମିତି କାନାଡାର ଝିଅ ଓଡିଶାର ବୋହୂ ହୋଇପାରିଥାନ୍ତା । ଇଏ ଏକ ପ୍ରେମର ଝଲକ ନୁହେଁତ ଆଉ କଣ !

ଶେଷରେ ପଦଟିଏ ନ ଲେଖି ରହିପାରୁନାହିଁ । ସେ ଫଗୁଣର ଫଗୁବୋଳା ସନ୍ଧ୍ୟା ଜୀବନରେ ପୁଣି କେବେ ଆସିଲାନି । ପ୍ରକୃତିର ନିୟମ ତାଳରେ ତାଳ ଦେଇ ଅନେକ ଫଗୁଣ ଆସିଲା ଆଉ ଚାଲିଗଲା । କିନ୍ତୁ ସେ ବିଗତ ଫଗୁଣ ପରି ସେଥିରେ ମଜା ନଥିଲା । ସେଠି ଫଗୁଣର ଫୁଲବନ ଥିଲା ନା ତମେ ଥିଲ ନା ମୁଁ ଥିଲି ସବୁଥିଲା ଫିକା ଯୋଉ ଫଗୁଣରେ ତମେ ନାହଁ ସେଠି ଫଗୁଣର ଫୁଲବନ ଆସିବ କୋଉଠି ସେ ମଜା ମିଳିବ କୋଉଠି ........

ଅଭିମନ୍ୟୁ ବେହେରା

ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ

ସ୍ୱାମପାଟଣା,କେନ୍ଦୁଝର


ମୋ - ୯୯୩୮୯୬୦୬୯

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୁଁ ସେଇଠି

ମୁଁ ସେଇଠି ଯେଉଁଠି ମୋର ପ୍ରକୃତି ସହ ମୁଁ ଜଡିତ ଏବଂ ମୁଁ ସେଇଠି ଯେଉଁଠି ପାହାଡ, ଝରଣା, ଗଛ, ତରୁ, ପକ୍ଷୀ, ପଶୁ, ଓ ମନୁଷ୍ୟର ସ୍ୱର ଶବ୍ଦହୀନ । ସେ ହେଉଛି କୋରାପୁଟ ଜ଼ିଲ୍ଲା । ଯେଉଁଠି ପ୍ରକୃତିର ସୌନ୍ଦର୍ଯ୍ୟ ଅତୁଳନୀୟ । ଯେଉଁଠି ମୁଁ ପ୍ରତିଦିନ ସେହି ଝରକା ଫାଙ୍କରେ ବସି ପ୍ରକୃତିକୁ ଅନୁଭବ କରି ବସେ ଏବଂ ମୁଁ ମୋର ପ୍ରକୃତି ସହ ଭାବର ଆଦାନ ପ୍ରଦାନ କରେ ଏବଂ ତାରି କୋଳରେ ପ୍ରତିଦିନ ମୁଁ ମୋର ଦିନଟିକୁ ଅତିବାହିତ କରିଦିଏ ଏବଂ ଭାବର ଭାବପ୍ରବଣତାର ସହ ବୁଡ଼ିଯାଏ । ମୋତେ ଯେପରି ଲଗେ ପ୍ରକୃତି ଆଉ ମୁଁ ଅନ୍ତରଙ୍ଗ ବନ୍ଧୁ ସ୍ଥାପନ କରିସାରିଛୁ । ଆଉ ମଧ୍ୟ ସେ ମୋତେ ବଞ୍ଚିବାର ନିୟମ ଅବଗତ କରାଇ ଦେଉଛି ପରି ମୁଁ ଅନୁଭବ କରିବସେ ।



ସାଧନା ମହାଲିକ

କୋରାପୁଟ ଅଞ୍ଚଳର ସେହି ସନ୍ଧ୍ୟାର ଦୃଶ୍ୟପଟ ମୋ ମନରୂପକ ଚିତ୍ରପଟରେ ଅଙ୍କିତ ହୋଇଯାଏ ଏବଂ ସେହି ଦୃଶ୍ୟ ଅତି ମନୋହର ଏବଂ ସେହି ପ୍ରକୃତିର ଅତି ସୁନ୍ଦରର ଅତି ସୁନ୍ଦରତାର ଦୃଶ୍ୟ ସୂର୍ଯ୍ୟ ଉଦୟ ସମୟରେ ନିଜର ସୌନ୍ଦର୍ଯ୍ୟ ତାକୁ ଲୁଚାଇ ଦିଏ ଯେତେବେଳେ ତାର ଆଉ ଜଣେ ବନ୍ଧୁ ରଜନୀ /ସନ୍ଧ୍ୟା ଆସିଯାଏ । ସେତେବେଳେ ବର୍ଷାରାଣୀ ତାରି କୋଳକୁ ପହଞ୍ଚି ଯାଏ, ସେ ଖୁସିରେ ସଂଗୀତର ମୂର୍ଚ୍ଛନା ଗାନ କରିବସେ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ସେହି ସୌନ୍ଦର୍ଯ୍ୟମୟୀ ନିଜକୁ ଏତେ ମାତ୍ରାରେ ନିଜକୁ ସଜିତ କରି ସୌନ୍ଦର୍ଯ୍ୟରେ ଭରପୁର କରିଦେଇଛି ଯେ ତା ଆଗରେ ମଣିଷର ସୌନ୍ଦର୍ଯ୍ୟ ମଧ୍ୟ ଫିକା ପଡ଼ିଯିବ ଏବଂ ତାର ସୌନ୍ଦର୍ଯ୍ୟ ଅତୁଳନୀୟ.... ।

ସେହିପରି କବିବର ରାଧାନାଥ ରାୟଙ୍କ ଭାଷାରେ....

*ସୌନ୍ଦର୍ଯ୍ୟେ ତୃପ୍ତିର ଅବସାଦ ନାହିଁ*

*ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।*

ମୁଁ ଜଣେ ରାଧାନାଥଙ୍କ ଭଳି କବି ନ ହୋଇପାରିଲେ ମଧ୍ୟ ତାଙ୍କ ଦ୍ୱାରା ଅନୁପ୍ରାଣିତ ଅଟେ ।

ସୋସିଆଲ୍ ୱାର୍କରେ ସ୍ନାତକ ଛାତ୍ରୀ
କେନ୍ଦୁଆପଦା, ଭଦ୍ରକ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅପ୍ରେଲ୍ ୨୦୨୧

ଲେଖା ପଠାଇବାର ଶେଷ ତାରିଖ : ୩ ଅପ୍ରେଲ୍ ୨୦୨୧

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୂନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ । ଆଜିକାଲି ମୋବାଇଲ୍‌ରେ ମଧ୍ୟ ସହଜରେ ଓଡ଼ିଆରେ ଟାଇପ୍ କରିବା ସମ୍ଭବ ହେଲାଣି, ଚେଷ୍ଟା କରିଦେଖନ୍ତୁ ।

ହ୍ୱାଟ୍‌ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି କେବଳ Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan